# ଉତ୍କଳ ପ୍ରସଙ୍ଗ

Bhubaneswar
Research & Reference Library

ଅଷ୍ଟାଦଶ ଭାଗ—ତୃତୀୟ ସଂଖ୍ୟା

ଅକ୍ଟୋବର ୧୯୬୧ | କାର୍ତ୍ତିକ ୧୮୮୩ ଶକାବ୍ଦ

ସଂପାଦକ
ଶ୍ରୀ ସୁଧୀରଚନ୍ଦ୍ର ଘୋଷ
ସହଯୋଗୀ ସଂପାଦକ
ଶ୍ରୀ ରାମପ୍ରସାଦ ସିଂହ

ସ୍ୱରାଷ୍ଟ୍ର (ଲୋକସମ୍ପର୍କ) ବିଭାଗ, ଓଡ଼ିଶା
ଭୁବନେଶ୍ୱର

ଟେଲିଗ୍ରାମ—ପବ୍ଲିସିଟି
ଟେଲିଫୋନ—୧୯ ଓ ୪୦ ଭୁବନେଶ୍ୱର

ବାର୍ଷିକ ମୂଲ୍ୟ—ଦୁଇ ଟଙ୍କା
ପ୍ରତିଖଣ୍ଡର ମୂଲ୍ୟ ୧୨ ନୂ: ପ:

# ସୂଚୀପତ୍ର


| ବିଷୟ | ପୃଷ୍ଠାଙ୍କ |
|---|---|
| ୧ । ସମ୍ପତ୍ତି-ବଣ୍ଟନ ସମ୍ବନ୍ଧରେ ଗାନ୍ଧୀଙ୍କ ବିଚାରଧାରା ... ... ... | ୧ |
| ୨ । ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷା-କେନ୍ଦ୍ର, ପଣ୍ଡିଚେରୀ ... ... ... | ୪ |
| ୩ । ସ୍ୱାଧୀନ-ଭାରତରେ ଟେକ୍‌ନିକାଲ୍ ଶିକ୍ଷା ... ... ... | ୯ |
| ୪ । ଗାଁଗହଳ ଉନ୍ନତି ଯୋଜନା ... ... ... ... | ୧୪ |
| ୫ । ଓଡ଼ିଶାରେ ବାସଗୃହ ନିର୍ମାଣ ଯୋଜନାର ଅଗ୍ରଗତି ... ... ... | ୨୯ |
| ୬ । ଶିଳ୍ପକ୍ଷେତ୍ରରେ ଓଡ଼ିଶାର ଅଗ୍ରଗତି ... ... ... | ୩୩ |
| ୭ । ଭାରତର ଜାତୀୟ ଐକ୍ୟ ... ... ... | ୩୫ |
| ୮ । ଓଡ଼ିଶାର ପଲ୍ଲୀ ଉନ୍ନୟନ ଯୋଜନା ... ... ... | ୪୧ |
| ୯ । କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ହିନ୍ଦୀ ତାଲିମ ଦେବା ବ୍ୟବସ୍ଥା ... ... | ୪୨ |
| ୧୦ । କୃଷିକ୍ଷେତ୍ରରେ ଓଡ଼ିଶାର ଅଗ୍ରଗତି ... ... ... | ୪୪ |
| ୧୧ । ଓଡ଼ିଶା କ୍ଷୁଦ୍ରଶିଳ୍ପ କର୍ପୋରେସନ ... ... | ୪୬ |
| ୧୨ । ଓଡ଼ିଶାରେ ଶ୍ରମ-ସମବାୟ ସମିତି ... ... ... | ୫୦ |
| ୧୩ । ଅଖ୍ୟାତ ପଲ୍ଲୀରେ ନବଜାଗରଣ ... ... ... | ୫୧ |
| ୧୪ । ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ ... ... ... | ୫୩ |
| ୧୫ । ଓଡ଼ିଆ ସୃଷ୍ଟି ଗଢ଼ଣରେ ସ୍ୱତନ୍ତ୍ର ଚଳଚ୍ଚିତ୍ର ... ... ... | ୫୬ |
| ୧୬ । ଆମ ରାଜ୍ୟ ... ... ... ... | ୫୮ |
| ୧୭ । ତୃତୀୟ ଯୋଜନାର କେତୋଟି ବିଶିଷ୍ଟ ଶିଳ୍ପ ... ... ... | ୬୬ |
| ୧୮ । ଆକାଶ ବାଣୀ କଟକ ... ... ... ... | ୮୪ |
| ୧୯ । ମାସ-ପଞ୍ଜି ... ... ... ... | ୯୩ |



ମୁଦ୍ରାକର
ପଣ୍ଡିତ ଅନସୂୟା ପ୍ରସାଦ ପାଠକ
ମାତୃଭାଷା ସମବାୟ ପ୍ରେସ, କଟକ-୨.



# ଜାତୀୟ ସଂଗୀତ

ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା !
ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭନାମେ ଜାଗେ ତବ ଶୁଭ
ଆଶିଷ ମାଗେ
ଗାଏ ତବ ଜୟଗାଥା ।
ଜନ-ଗଣ-ମଙ୍ଗଳ-ଦାୟକ ଜୟହେ !
ଭାରତ-ଭାଗ୍ୟ-ବିଧାତା !
ଜୟହେ, ଜୟହେ, ଜୟହେ,
ଜୟ ଜୟ ଜୟ ଜୟହେ !

# ଆମ ଜାତୀୟ ସଙ୍ଗୀତ (ଜନଗଣମନ)ର ସ୍ୱରଲିପି

ପ ଗ
ସା ରେ ଗ ଗ । ଗ ଗ ଗ ଗ । ଗ - ଗ ଗ । ରେ ଗ ମ -
ଜ ନ ଗ ଣ ମ ନ ଅ ଧି ନା ଽ ୟ କ ଜ ୟ ହେ ଽ

ମ ସା
ଗ - ଗ ଗ । ରେ - ରେ ରେ । ନି ରେ ସା - । - - ସା - ° ।
ଭା ଽ ର ତ ଭା ଽ ଗ୍ୟ ବି ଧା ଽ ତା ଽ ଽ ଽ ତା° ଽ

ପ ପେ ମେ ଧ
ସା - ପ ପ । - ପ ପ - । ପ - ପ ମ । ପ ମେ ପ - ।
ପା ଽ ବ ସିଂ ଽ ଧୁ ଗୁଜ ଽ ରା ଽ ଟ ମ ରା ଽ ଠା ଽ

ଗ
ମ - ମ ମ । ମ - ମ ଗ । ରେ ମ ଗ - । - - - - ।
ଦ୍ରା ଽ ବି ଡ଼ ଉତ୍ ଽ କ ଳ ବଙ୍ ଽ ଗ ଽ ଽ ଽ ଽ ଽ

ସା ରେ ପ
ଗ - ଗ ଗ । ଗ - ଗ ରେ । ପ ପ ପ ମ । ମ - ମ - ।
ବିଂ ଽ ଧ୍ୟ ହି ମା ଽ ଚ ଳ ଯ ମୁ ନା ଽ ଗଂ ଽ ଗା ଽ

ଗ ସା
ଗ - ଗ ଗ । ରେ ରେ ରେ ରେ । ନି ରେ ସା - । - - - - ।
ଉ ଽ ଚ୍ଛ ଳ ଜ ଳ ଧି ତ ରଂ ଽ ଗ ଽ ଽ ଽ ଽ ଽ

ମ
ଗ ଗ ଗ ଗ । ଗ - ଗ ମ । ରେ ଗ ମ - । - - - - ।
ତ ବ ଶୁ ଭ ନା ଽ ମେ ଽ । ଜା ଽ ଗେ ଽ ଽ ଽ ଽ ଽ

ମ ମ ଗ
ଗ ମ ପ ପ । ପ - ମ ଗ । ରେ ମ ଗ - । - - - -
ତ ବ ଶୁ ଭ ଆ ଽ ଶି ଷ ମା ଽ ଗେ ଽ ଽ ଽ ଽ ଽ

ସା ଗ ରେ
ଗ - ଗ - । ରେ ରେ ରେ ରେ ନି ରେ ସା - । । - - -
ଗା ଽ ହେ ଽ ତ ବ ଜ ୟ ଗା ଽ ଥା ଽ ଽ ଽ ଽ ଽ

ସା ପେ ଧ
ପ ପ ପ ପ । ପ - ପ ମ । ପ - ପ ପ । ମ ଧ ପ - ।
ଜ ନ ଗ ଣ ମଂ ଽ ଗ ଳ ଦା ଽ ୟ କ ଜ ୟ ହେ ଽ

ମ ଗ ମ
ମ - ମ ମ । ଗ - ଗ ଗମ । ରେ ମ ଗ - । - - ନି ନି ।
ଭା ଽ ର ତ ଭା ଽ ଗ୍ୟ ବି ଧା ଽ ତା ଽ ଽ ଽ ଜ ୟ

ପ ସାଁ ଧ
ସାଁ - - - । - - ନି ଧ । ନି - - - । - - ପ ପ ।
ହେ ଽ ଽ ଽ ଽ ଽ ଜ ୟ । ହେ ଽ ଽ ଽ ଽ ଽ ଜ ୟ

ପ ଧ ଗ
ଧ - - - । - - - - । ସା ସା ରେ ରେ । ଗ ଗ ରେ ମ
ହେ ଽ ଽ ଽ ଽ ଽ ଽ ଽ ଜ ୟ ଜ ୟ ଜ ୟ ଜ ୟ

ମ - - ° । - - - - ।
ହେ ଽ ଽ ଽ ଽ ଽ ଽ ଽ

# ଉତ୍କଳ ପ୍ରସଙ୍ଗ

ଅଷ୍ଟାଦଶ ଭାଗ  
ତୃତୀୟ ସଂଖ୍ୟା

କାର୍ତ୍ତିକ  
୧୮୮୩ ଶକାବ୍ଦ

ଅକ୍ଟୋବର ୧୫,  
୧୯୬୧

## ସମ୍ପତ୍ତି-ବଣ୍ଟନ ସମ୍ବନ୍ଧରେ ଗାନ୍ଧୀଜୀଙ୍କ ଚିନ୍ତାଧାରା

ମୋର ମତରେ ଦୁଏ—ଧର ବସିଲେ ଆମେ ସମସ୍ତେ ଚୋର । ନିଜର ପ୍ରୟୋଜନ ନ ଥାଇ ଆମେ ଯଦି କୌଣସି ଜିନଷ ଗ୍ରହଣ କରୁ ଓ ତାକୁ ରଖୁ, ତେବେ ସେହି ଜିନଷଟିକୁ ଆମେ କାହାରଠାରୁ ଚୋରେଇ ରଖିଲୁ ବୋଲି ବୁଝିବାକୁ ହେବ । ମୁଁ ସାହସର ସହିତ କହିପାରେ ଯେ ଆମର ଦୈନିକ ଆବଶ୍ୟକତାକୁ ଯୁହିଁ ପ୍ରକୃତି ଯଥେଷ୍ଟ ଉତ୍ପାଦନ କରେ । ଏହା ପ୍ରକୃତିର ନିୟମ । ଆମେ ଯଦି ଠିକ୍ ଯେତିକି ପ୍ରୟୋଜନ ସେତିକି ଗ୍ରହଣ କରୁ, ତେବେ ପୃଥିବୀରେ ଅଭାବ ବୋଲି ଗୋଟିଏ ଜିନଷ ରହିବ ନାହିଁ କି କେହି ଉପବାସରେ ମରିବ ନାହିଁ । କିନ୍ତୁ ଯେତେ ଦିନପର୍ଯ୍ୟନ୍ତ ପୃଥିବୀପୃଷ୍ଠରେ ଏହି ଅସମତା ତିଷ୍ଠି ରହିଥିବ, ସେତେ ଦିନପର୍ଯ୍ୟନ୍ତ ଚୋରି ଲାଗିରହିଥିବ । ମୁଁ ସାମ୍ୟବାଦୀ ନୁହେଁ । ତେଣୁ ମୁଁ କାହାକୁ ତାହାର ସମ୍ପତ୍ତିରୁ ବଞ୍ଚିତ କରିବାକୁ ଚାହେଁ ନାହିଁ । କିନ୍ତୁ ଆମ୍ଭମାନଙ୍କ ମଧ୍ୟରୁ ଯେଉଁମାନେ ଏହି ଅନ୍ଧକାର ଭିତରେ ଆଲୋକର ସନ୍ଧାନ ପାଇବାକୁ ଆଗ୍ରହୀ, ସେମାନେ ଏହି ମତକୁ ଗ୍ରହଣ କରିବେ । ମୁଁ କାହାର ଅଧିକାରରୁ ତାକୁ ବଞ୍ଚିତ କରିବାକୁ ଚାହେଁ ନାହିଁ । ଏହାଦ୍ୱାରା ମୁଁ ଅହିଂସ ମାର୍ଗରୁ ଚ୍ୟୁତ ହେବ । ଯଦି ମୋଠାରୁ କେହି ବେଶି ସମ୍ପତ୍ତି ରଖିଥାଏ, ସେ ତାହା ରଖୁ । କିନ୍ତୁ ମୋର ଜୀବନର ଗତିକୁ ମୁଁ ବରାବର ନିୟନ୍ତ୍ରଣ କରିବ । ମୋର ଯେତିକି ଦରକାର ମୁଁ ସେତିକି ରଖିବ; ତହିଁରୁ ବେଶି ମୁଁ ରଖିବ ନାହିଁ । ଆମ ଭାରତବର୍ଷରେ ୩୦ ଲକ୍ଷ ଲୋକ ଅଛନ୍ତି, ଯେଉଁମାନେ କି ଦିନଭିତରେ ଥରେ ମାତ୍ର ଖାଇବାକୁ ପାଆନ୍ତି; ସେ ପୁଣି କେବଳ ଚମୁଟାଏ ଲୁଣ ଦେଇ ରୁଟି କେଇ ଖଣ୍ଡ । ତହିଁରେ ଚିକ୍କଣିଆ ଜିନଷର ଲେଶମାତ୍ର ନ ଥାଏ । ଏ ପରିସ୍ଥିତିରେ ଏହି ୩୦ ଲକ୍ଷ ଲୋକଙ୍କୁ ଆଉ ଟିକିଏ ସୁବିଧାରେ ଖାଇବା ପିନ୍ଧିବାକୁ ଓ

ଗଣ୍ଡାଏ ଖାଇବାକୁ ନ ଦେବା ପର୍ଯ୍ୟନ୍ତ ଆମର କୌଣସି କଥା କହିବାର ଅଧିକାର ନାହିଁ । ଆପଣ ବା ମୁଁ ଯେଉଁମାନେ ଏ କଥା ଶୁଣୁ ବୁଝୁ, ଆମେ ନିଜ ନିଜର ଅଭାବକୁ ଟିକେଇ ନେଇପାରିବା ବା ଆମେ ସେମାନଙ୍କର ସେବା, ଭୋଜନ ଓ ବସ୍ତ୍ରପାଇଁ ଦରକାର ହେଲେ ସ୍ୱେଚ୍ଛାରେ ଉପବାସ କରିପାରିବା ବା କିଛି ତ୍ୟାଗ କରିପାରିବା ।

ଯଦି ସମସ୍ତେ ସେବାର ତାତ୍ପର୍ଯ୍ୟ ବୁଝନ୍ତି, ତେବେ ଧନ ଜମେଇବାକୁ ସେମାନେ ପାପ ବୋଲି ମନେ କରିବେ । ତାହାହେଲେ ସମାଜରେ ଅସମତା ଆଉ ରହିବ ନାହିଁ । ଫଳରେ ଦେଶରୁ ଦୁର୍ଭିକ୍ଷ ଓ ଅନାହାର ଲୋପ ପାଇବ ।

ସମ୍ପତ୍ତିର ମାଲିକ ନ ହେବା ଓ ଚୋରି କରିବା, ଏ ଦୁଇଟି କଥା ପରସ୍ପର ସଂଶ୍ଳିଷ୍ଟ । ଯଦି କୌଣସି ପଦାର୍ଥ ଚୋରିରେ ଅଣାଯାଇ ନ ଥାଏ; କିନ୍ତୁ ଅନ୍ୟ ଜଣେ ତାକୁ ନିଜର ଆବଶ୍ୟକ ନ ଥିବା ସତ୍ତ୍ୱେ ରଖିଥାଏ, ତେବେ ସେ ପଦାର୍ଥକୁ ଚୋରି ପଦାର୍ଥ ବୋଲି କହିଲେ ଅନ୍ୟାୟ ହେବ ନାହିଁ । ସଂଚୟ କରିବା ଅର୍ଥ ଭବିଷ୍ୟତ ପାଇଁ ସମ୍ବଳ ରଖିବା । ଜଣେ ସତ୍ୟର ଉପାସକ, ଜଣେ ପ୍ରେମର ପୂଜାରୀ ଆସନ୍ତା କାଲି ପାଇଁ କୌଣସି ଜିନିଷ ସଂଚୟ କରି ରଖେ ନାହିଁ । କାଲି ପାଇଁ ଈଶ୍ୱର କେବେ ହେଲେ ସଂଚୟ କରନ୍ତି ନାହିଁ । ଠିକ୍ ସେପରିକି ଆବଶ୍ୟକ ତା'ଠାରୁ ବେଶି ସେ କେବେହେଲେ ସୃଷ୍ଟି କରନ୍ତି ନାହିଁ । ତେଣୁ ଆମେ ଯଦି ତାଙ୍କ ଦୟା ଉପରେ ସମ୍ପୂର୍ଣ୍ଣ ଭରସା କରି ବସିରହୁ, ତେବେ ଆମର ଯାହା ଦରକାର ସେ ତାହା ନିଶ୍ଚୟ ଦେବେ । ଯେଉଁ ସାଧୁସନ୍ନ୍ୟାସୀମାନେ ଏହି କଥାରେ ବିଶ୍ୱାସ କରନ୍ତି, ସେମାନେ ଏହାର ସତ୍ୟତା ଉପଲବ୍ଧି କରିଛନ୍ତି । ଭଗବାନ ସମସ୍ତଙ୍କପାଇଁ ତାହାର ଦୈନିକ ଖାଦ୍ୟପେୟର ବ୍ୟବସ୍ଥା କରିଛନ୍ତି । ଏହି ପରମ ସତ୍ୟ ଉପଲବ୍ଧି କରିବାରେ ଆମର ଅଜ୍ଞତାଯୋଗୁଁ ଆମକୁ ବହୁ ଦୁଃଖ କଷ୍ଟର ସମ୍ମୁଖୀନ ହେବାକୁ ପଡୁଛି । ଧନୀ ଲୋକମାନେ ସେମାନଙ୍କର ଆବଶ୍ୟକରୁ ଅଧିକ ରଖି-ଥିବାରୁ ତାହାର ଉଚିତ ରକ୍ଷଣାବେକ୍ଷଣପାଇଁ ଯତ୍ନବାନ ହୁଅନ୍ତି ନାହିଁ । ଫଳରେ ତାହା ନଷ୍ଟ ହୁଏ; ଅଥଚ ଅନ୍ୟପକ୍ଷରେ ଲକ୍ଷ ଲକ୍ଷ ଲୋକ ଅନାହାରରେ ବା ଅର୍ଦ୍ଧାହାରରେ ମରନ୍ତି । ଯଦି ସମସ୍ତେ ନିଜର ପ୍ରୟୋଜନକୁ ବୃଦ୍ଧି ସଂକ୍ଷିପ୍ତ କରନ୍ତେ, କାହାରି ଅଭାବ ରହନ୍ତା ନାହିଁ, ସମସ୍ତେ ଆନନ୍ଦରେ କାଳାତିପାତ କରନ୍ତେ । ବର୍ତ୍ତମାନ ଧନୀଲୋକମାନେ ଗରିବଙ୍କଠାରୁ କୌଣସିଗୁଣରେ ଶାନ୍ତିରେ ଜୀବନଯାପନ କରୁ ନାହାନ୍ତି । ଗରିବ ହଠାତ ଲକ୍ଷପତି ହୋଇପାରେ, ଲକ୍ଷପତି କୋଟି-ପତି ହୋଇପାରେ । କିନ୍ତୁ ବିଶ୍ୱର ସର୍ବୋତ୍କୃଷ୍ଟ ମନ୍ତ୍ରର ପ୍ରସାରପାଇଁ ଧନକୁବେରଙ୍କ ତରଫରୁ ସମ୍ପତ୍ତି ବର୍ଣ୍ଣନର ଆହ୍ୱାନ ପ୍ରଥମେ ଆସିବା ଦରକାର । ସେମାନେ ଯଦି ସେମାନଙ୍କର ସମ୍ପତ୍ତିକୁ ଗୋଟିଏ ସାଧାରଣ ସୀମାଭିତରେ ରଖନ୍ତି, ତେବେ କେହି ଅଭୁକ୍ତ ବା ଅନାହାରରେ ରହିବେ ନାହିଁ । ସେମାନେ ଧନୀ ମଧ୍ୟ ଲୋକମାନଙ୍କ ସହିତ ତୃପ୍ତିଜନିତ ସନ୍ତୋଷଲାଭ କରିପାରିବେ ।

## ସ୍ୱେଚ୍ଛାକୃତ ଦାରିଦ୍ର୍ୟ

ଦାରିଦ୍ର୍ୟ ସୃଷ୍ଟି ଦ୍ୱାରା ନୈତିକ ଅଧଃପତନ ଯେ ଅବଶ୍ୟମ୍ଭାବୀ, ଏହାର ସୂଚନା କେହି କେବେହେଲେ ଦେଇ ନାହିଁ । ପ୍ରତ୍ୟେକ ବ୍ୟକ୍ତିର ବଞ୍ଚିରହିବାର ଅଧିକାର ଅଛି । ସେଥିପାଇଁ ତାକୁ ଖାଦ୍ୟର ବ୍ୟବସ୍ଥା କରିବାକୁ ହେବ, ଦରକାର ହେଲେ ବସ୍ତ୍ର ଓ ବାସଗୃହର ମଧ୍ୟ ବ୍ୟବସ୍ଥା କରିବାକୁ ହେବ । ଏ ସାମାନ୍ୟ କାର୍ଯ୍ୟ ନିମନ୍ତେ ଆମକୁ ଅର୍ଥନୀତିଜ୍ଞ ବା ସେମାନଙ୍କ ନିୟମସୂତ୍ରର ସାହାଯ୍ୟ ନେବା ଦରକାର ନାହିଁ ।

“କାଲିକାପାଇଁ ଚିନ୍ତା କର ନାହିଁ”—ଏହି ପୃଥିବୀର ସମସ୍ତ ଧର୍ମଶାସ୍ତ୍ରର ବାଣୀ । ସୁସଂଗଠିତ ସମାଜରେ ନିଜର ଖାଦ୍ୟ-ସଂସ୍ଥାନ କରିବା ସହଜ

ପୃଥିବୀରେ ସହଜସାଧ୍ୟ କାର୍ଯ୍ୟ । ବାସ୍ତବରେ ଦେଖିବାକୁ ଗଲେ ଗୋଟିଏ ଦେଶର ସମୃଦ୍ଧିର ପରିମାପକ ତାହାର କୋଟିପତିଙ୍କ ସଂଖ୍ୟାରୁ ଜଣାପଡ଼ିବ ନାହିଁ,— ଜଣାପଡ଼ିବ ସେ ଦେଶର ଜନସାଧାରଣଙ୍କ ମଧ୍ୟରୁ ଅଳ୍ପବସ୍ତ୍ର, ଅନାହାରକ୍ଲିଷ୍ଟ ବ୍ୟକ୍ତିଙ୍କ ସଂଖ୍ୟାରୁ । ଆର୍ଥିକ ଅଗ୍ରଗତି କହିଲେ ନୈତିକ ଅଗ୍ରଗତିକୁ ବୁଝାଇବ । ଏହି ସତ୍ୟ ବିଶ୍ୱର ସର୍ବଜନ-ଅନୁମୋଦିତ ମତ ହିସାବରେ କେତେଦୂର କାର୍ଯ୍ୟକାରୀ ହେଉଛି, ପ୍ରଥମେ ବିଚାର କରିବାକୁ ହେବ ।

ବର୍ତ୍ତମାନ କେତୋଟି ଉଦାହରଣ ନିଆଯାଉ । ରୋମ ଯେତେବେଳେ ତାହାର ଆର୍ଥିକ ପ୍ରାଚୁର୍ଯ୍ୟର ଶୀର୍ଷଦେଶରେ ଉପସ୍ଥିତ ହେଲା, ସେତେବେଳେ ତାହାର ନୈତିକ ଅଧଃପତନ ଆରମ୍ଭ ହେଲା । ମିଶର ଓ ଅନ୍ୟାନ୍ୟ ସମସ୍ତ ଦେଶ, ଯାହାର କି ଇତିହାସ ଲିପିବଦ୍ଧ ହୋଇପାରିଛି, ସେମାନଙ୍କର ମଧ୍ୟ ଏହି ଦଶା ହୋଇଥିଲା । ଶ୍ରୀକୃଷ୍ଣଙ୍କ ବଂଶଧର ଓ ତାଙ୍କର ଜ୍ଞାତି-ବନ୍ଧୁମାନେ ଯେତେବେଳେ ଭୋଗର ଚରମ ସୀମାରେ ପହଞ୍ଚିଲେ, ସେତେବେଳେ ସେମାନଙ୍କର ପତନ ହେଲା । ରକ୍‌ଫେଲର ବା କାର୍ଣ୍ଣେଗିମାନଙ୍କର ନୈତିକତା ଭୂରିଭୂରି ନାହିଁ ବୋଲି କହି ହେବ ନାହିଁ; କିନ୍ତୁ ସେମାନଙ୍କ କଥା ଟିକିଏ ହାଲୁକାଭାବରେ ବିଚାର କରିବାକୁ ହେବ । ସେମାନେ ଯେ ନୈତିକତାର ସର୍ବୋଚ୍ଚ ମାନରେ ପହଞ୍ଚିବେ, ଏହା ଆଶା କରିବା ବୃଥା । ସେମାନଙ୍କ ପକ୍ଷରେ ଆର୍ଥିକ ଅଗ୍ରଗତି ଯେ ନୈତିକ ଅଗ୍ରଗତି ସହିତ ସମାନ ସ୍ତରରେ ଗତି କରିବ, ଏହା ନୁହେଁ । ଦକ୍ଷିଣ-ଆଫ୍ରିକାରେ ମୁଁ ଆମର ସହସ୍ର ସହସ୍ର ଦେଶବାସୀଙ୍କ ସହିତ ଅତି ଅନ୍ତରଙ୍ଗଭାବରେ ମିଶିବାର ସୁଯୋଗ ପାଇଥିଲି । ମୁଁ ଲକ୍ଷ୍ୟ କରିଛି ଯେ ଯାହାର ସମ୍ପତ୍ତିର ପରିମାଣ ଯେତେ ବେଶି, ତାହାର ନୈତିକ ଭ୍ରଷ୍ଟଚରିତା ସେତେ ଅଧିକ । ଆମର ଦରିଦ୍ର ଜନସାଧାରଣ ଯେଉଁ ପରିମାଣରେ ଅସହଯୋଗପର ନୈତିକ ସ୍ତରରେ ଆଗଭର ହୋଇଥିଲେ, ଧନିକମାନେ ସେ ପରିମାଣରେ ଆଗଭର ହୋଇ ନ ଥିଲେ । ଦରିଦ୍ର ଲୋକମାନଙ୍କର ଆତ୍ମ-ସମ୍ମାନରେ ଯେପରି ସ୍ୱଭାବରେ ଆଘାତ ଲାଗିଥାଏ, ବଡ଼ଲୋକଙ୍କର ସେପରି ହୋଇ ନ ଥାଏ । କାହାରିପ୍ରତି କୌଣସି ଆଘାତ ନ ଦେଇ ମୁଁ ସାବଧାନତା ସହିତ କହୁଛି ଯେ ଆମ ଦେଶରେ ଲୋକଙ୍କ ହାତରେ ଧନବୃଦ୍ଧି ଦେଶର ପ୍ରକୃତ ଅଗ୍ରଗତି ପଥରେ ଅନ୍ତରାୟ ହୋଇଛି । ମୁଁ ଭାବୁଛି, ପୃଥିବୀର ସବୁ ଦେଶର ଧର୍ମଶାସ୍ତ୍ରଗୁଡ଼ିକ ଆମର ଆଧୁନିକ ପାଠ୍ୟ ପୁସ୍ତକ ଅପେକ୍ଷା ଅର୍ଥନୀତିର ଗୂଢ଼ ତତ୍ତ୍ୱଗୁଡ଼ିକୁ ଅଧିକ ପ୍ରାଞ୍ଜଳଭାବରେ ବ୍ୟାଖ୍ୟାନ କରିଛନ୍ତି ।

# ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷା-କେନ୍ଦ୍ର, ପଣ୍ଡିଚେରୀ

୧୯୧୦ ସାଲରେ ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ପଦାର୍ପଣ କରିଥିଲେ ।

୧୯୪୩ ସାଲ ଡିସେମ୍ବର ମାସ ୨ ତାରିଖବେଳକୁ ୨୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ପଣ୍ଡିଚେରୀଠାରେ ପ୍ରଥମେ ଆଶ୍ରମ ସ୍କୁଲ ଖୋଲାଗଲା । ଏହି ସ୍କୁଲ କେବଳ ଆଶ୍ରମର ସାଧକମାନଙ୍କ ସଙ୍ଗରେ ଆସିଥିବା ଛୋଟ ଛୋଟ ଶିଶୁ ବା ବୟସ୍କମାନଙ୍କପାଇଁ ସୀମାବଦ୍ଧ ଥିଲା । କିନ୍ତୁ କ୍ରମଶଃ ଏହି ସ୍କୁଲ ବୃଦ୍ଧି ପାଇବାକୁ ଲାଗିଲା ଏବଂ ମାଧ୍ୟମିକ ଶିକ୍ଷାପରେ ଏକ ବିଶ୍ୱ-ବିଦ୍ୟାଳୟ ସ୍ଥାପନା କରିବାର ଆବଶ୍ୟକତା ଅନୁଭୂତ ହେଲା ।

୧୯୫୧ ସାଲ ଅପ୍ରେଲ ୨୪ ତାରିଖରେ ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ (୧୯୫୦ ସାଲ, ଡିସେମ୍ବର) ପରେ ତାଙ୍କର ଯଥାର୍ଥ ସ୍ମୃତିରକ୍ଷାର୍ଥେ ଦେଶର ବହୁ ବିଜ୍ଞ ପଣ୍ଡିତଙ୍କୁ ନେଇ ବିଶ୍ୱ-ବିଦ୍ୟାଳୟ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେଲା । ଏହି ଅଧିବେଶନରେ ଦେଶ-ବିଦେଶରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ । ଏହାର ଫଳସ୍ୱରୂପ ୧୯୫୨ ସାଲ ଜାନୁୟାରି ୬ ତାରିଖରେ ମାଧ୍ୟମିକ ଶିକ୍ଷାସ୍ତର ପରେ ଉଚ୍ଚ ବିଶ୍ୱ-ବିଦ୍ୟାଳୟ ଶ୍ରେଣୀମାନ ଉଦ୍‌ଘାଟିତ ହୋଇଥିଲା । ଏହି ସମୟଠାରୁ ବିଶ୍ୱ-ବିଦ୍ୟାଳୟ ସ୍ତରରେ ଉଚ୍ଚ ଶିକ୍ଷା ଯଥାର୍ଥରେ ଆରମ୍ଭ ହେଲା ।

ଏହି ଶିକ୍ଷାନୁଷ୍ଠାନ ଶିକ୍ଷାର ଆଦର୍ଶ ଓ ପଦ୍ଧତି ପୂର୍ଣ୍ଣାଙ୍ଗ ଶିକ୍ଷା (Integral Education) ନାମରେ ଖ୍ୟାତ । ଏହି ଶିକ୍ଷାର ଲକ୍ଷ୍ୟ ହେଲା ମାନବ-ଜୀବନରେ ସର୍ବାଙ୍ଗୀନ ବିକାଶ । ମନୁଷ୍ୟ ଦେହ-ପ୍ରାଣ-ମନ ଓ ଆତ୍ମାବିଶିଷ୍ଟ ଏକ ଜଟିଳ ସତ୍ତା ଏବଂ ତାହାର ପରିପୂର୍ଣ୍ଣ ବିକାଶର ଅର୍ଥ ହେଲା ତାହା ମଧ୍ୟସ୍ଥ ଭଗବତ ସତ୍ୟ ଓ ଐଶ୍ୱର୍ଯ୍ୟର ବିକାଶ କରି ଦେହ-ପ୍ରାଣ-ମନ ଆଦି ସତ୍ତାର ଯଥାର୍ଥ ପୂର୍ଣ୍ଣତା ପ୍ରଦାନ କରିବା । ଶିକ୍ଷା-କେନ୍ଦ୍ରର ଏହି ଲକ୍ଷ୍ୟର ଏକ ସ୍ପଷ୍ଟ ସୂଚନା ଏଠା ଛାତ୍ରମାନଙ୍କ ନିତ୍ୟ-ବ୍ୟବହୃତ ନୋଟ୍ ଖାତା ଉପରେ ଦେଖିବାକୁ ମିଳେ—

" The children should be helped to grow up into straight forward, frank, upright and honourable human beings ready to develop into divine nature. "

ଅର୍ଥାତ୍ "ଶିଶୁମାନଙ୍କୁ ସରଳ, ନିଷ୍କପଟ ଏବଂ ସତ୍‌ଗୌରବପୂର୍ଣ୍ଣ ବ୍ୟକ୍ତିରୂପେ ଗଢ଼ିବାର ସହାୟତା କରିବାକୁ ହେବ; ଯେପରି କି ସେମାନେ ଠିକ୍ ତା ପରେ ଦିବ୍ୟ ପ୍ରକୃତିରେ ଗଢ଼ିଉଠିବାକୁ ପ୍ରସ୍ତୁତ ହୋଇଯିବେ ।" ବସ୍ତୁତଃ ଏଠାରେ ଯେଉଁ ଶିକ୍ଷା ଅନୁସୃତ ହୁଏ, ତାହାର ମୁଖ୍ୟତଃ ଚାରୋଟି ଅଙ୍ଗ ଅଛି:—

( ୧ ) ଶାରୀରିକ ଶିକ୍ଷା—ଶରୀରର ପୂର୍ଣ୍ଣ ଅଭିବୃଦ୍ଧି-ସାଧନ ଓ ବିକାଶ ।

( ୨ ) ପ୍ରାଣିକ ଶିକ୍ଷା—ବ୍ୟକ୍ତିର ପୂର୍ଣ୍ଣ ବିକାଶ ନିମିତ୍ତ ପ୍ରାଣର ଅସୀମ ଶକ୍ତିକୁ ଯଥାର୍ଥ ବାଟରେ ଉପଯୋଗ କରି ଚରିତ୍ର ଗଠନ କରିବା ।

( ୩ ) ମାନସିକ ଶିକ୍ଷା—ମାନସିକ ସ୍ତରରେ ବିଜ୍ଞାନ ଓ କଳାର ଶିକ୍ଷାଦ୍ୱାରା ମନର ପୂର୍ଣ୍ଣ ଉତ୍କର୍ଷ ସାଧନ କରିବା ।

( ୪ ) ଚୈତ୍ୟ ଓ ଆଧ୍ୟାତ୍ମିକ ଶିକ୍ଷା—ଏହି ଆଧ୍ୟାତ୍ମିକ ପ୍ରଭାବ ଓ ବାତାବରଣ ଅଧୀନରେ ରହି ଅନ୍ତରାତ୍ମାର ବିକାଶ କରାଇବା; ଯେଉଁଥିରେ ତାହା ପୂର୍ଣ୍ଣରୂପେ ବିକଶିତ ହୋଇ ପ୍ରକୃତିର ରୂପାନ୍ତର ସାଧନ କରିପାରେ ।

ଏହି ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ନିମିତ୍ତ ନିମ୍ନଲିଖିତ ଉପାୟମାନ ଶିକ୍ଷା-କେନ୍ଦ୍ରରେ ଗ୍ରହଣ କରାଯାଇଛି ।

## (୧) ଶାରୀରିକ ଶିକ୍ଷାର କାର୍ଯ୍ୟକ୍ରମ

ଶିକ୍ଷା-କେନ୍ଦ୍ରର ଶାରୀରିକ ଶିକ୍ଷାର କାର୍ଯ୍ୟକ୍ରମ ଓ ଶରୀର ଚର୍ଚ୍ଚାର ବିବିଧ ଉପାୟ ବର୍ଣ୍ଣନା କଲେ ଗୋଟିଏ ସ୍ୱତନ୍ତ୍ର ପ୍ରବନ୍ଧ ହେବ । ଶରୀରଚର୍ଚ୍ଚା ନିମିତ୍ତ ଏଠାରେ ଏପରି ବିପୁଳ, ବିସ୍ତୃତ, ସୁଚିନ୍ତିତ ଓ ବିଧିବଦ୍ଧ ଆୟୋଜନ କରାଯାଇଛି, ତାହାର ତୁଳନା ଭାରତବର୍ଷର ଅନ୍ୟ କୌଣସି ବିଶ୍ୱ-ବିଦ୍ୟାଳୟରେ ନାହିଁ କହିଲେ ଚଳେ । କେବଳ ଶିକ୍ଷା-କେନ୍ଦ୍ରର ଛାତ୍ରଛାତ୍ରୀଙ୍କପାଇଁ ନୁହେଁ, ବରଂ ଆଶ୍ରମର ସକଳ ସାଧକ-ସାଧିକା ନିମିତ୍ତ ଏହି ଶାରୀରିକ ଶିକ୍ଷାର ବିଭିନ୍ନ ବିଭାଗ ସବୁ ସମୟରେ ଖୋଲା । ଏଠାରେ କେବଳ ଶିକ୍ଷା-କେନ୍ଦ୍ରର ବିଭିନ୍ନ ଶାରୀରିକ ପଦ୍ଧତି ବିଷୟ ଆଲୋଚନା ହୋଇଛି । ଶିକ୍ଷା-କେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କୁ ବୟସାନୁସାରେ ବିଭିନ୍ନ ଶ୍ରେଣୀରେ (ଗ୍ରୁପ୍) ବିଭକ୍ତ କରାହୋଇଛି; ଯଥା— ଗ୍ରୁପ୍ 'A' (ଗ୍ରୀନ୍ ବା ସବୁଜ ବର୍ଣ୍ଣର ପାଣ୍ଟ), 'B' ଗ୍ରୁପ୍ (ରେଡ୍ ବା ଲାଲ ପାଣ୍ଟ), 'C' ଗ୍ରୁପ୍ ('ଗ୍ରେ' ବା ଧୂସର ବର୍ଣ୍ଣ ପାଣ୍ଟ), 'D' ଗ୍ରୁପ୍ (ଖାକି ପାଣ୍ଟ ଓ ବ୍ଲୁ ପାଣ୍ଟ) 'E' ଗ୍ରୁପ୍ (ଧଳା ପାଣ୍ଟ, ସ୍ତ୍ରୀଲୋକମାନଙ୍କର ଗ୍ରୁପ୍) । 'D' ଓ 'E' ଗ୍ରୁପ୍‌ରେ ବେଶି ଭାଗ ଆଶ୍ରମର ସାଧକ-ସାଧିକା । ସ୍କୁଲ ଓ ବିଶ୍ୱ-ବିଦ୍ୟାଳୟ ଛାତ୍ରମାନେ ସାଧାରଣତଃ 'A' 'B' ଓ 'C' ରେ ସୀମାବଦ୍ଧ । 'A' 'B' ଏବଂ 'C' ଓ 'E' ଗ୍ରୁପ୍‌ର ନିୟମିତଭାବେ ସନ୍ଧ୍ୟା ପାଞ୍ଚଟାଠାରୁ ଛଟା ବା ସାଢ଼େ ଛଟା ପର୍ଯ୍ୟନ୍ତ ଖେଳା-ଧୂଳା କରିବାର ବିଭିନ୍ନ କ୍ଲାସ ରହିଛି । ପ୍ରତ୍ୟହ ସନ୍ଧ୍ୟା ୭।୧୫ ବେଳକୁ ମାର୍ଚ୍ଚପାଷ୍ଟ ଓ ସାଧାରଣ ସ୍ୱାସ୍ଥ୍ୟର ଅନୁକୂଳ ଡ୍ରିଲ୍ କରାହୁଏ । ଏହାଛଡ଼ା ପ୍ରତ୍ୟେକ ଗ୍ରୁପ୍ ନିମିତ୍ତ ବିଭିନ୍ନ ପ୍ରକାରର ବ୍ୟାୟାମ, ଜିମ୍ନାଷ୍ଟିକସ୍, ଆଥେଲଟିକସ୍, ମଲ୍ଲଯୁଦ୍ଧ, ସନ୍ତରଣ, ଜିଦାମୁଦ୍‌ଗର ଓ ଲାଠିଚାଳନା ଇତ୍ୟାଦି ଶିକ୍ଷା ଦିଆଯାଏ । ପୁନଶ୍ଚ ବିଭିନ୍ନ ପ୍ରକାର ଖେଳ (games) ମଧ୍ୟରେ ଫୁଟବଲ, ଟେନିସ୍, କ୍ରିକେଟ୍, ହକି, ବାସ୍କେଟବଲ୍, ସଫ୍ଟ ବଲ୍ ପ୍ରଭୃତିର ମଧ୍ୟ ଖେଳ ହୁଏ । ଡ୍ରିଲ, ଭାର-ଉତ୍ତୋଳନ, ବାର୍ ଏକସରସାଇଜ୍ ପ୍ରଭୃତି ମଧ୍ୟ ନିୟମିତ କରାହୁଏ । ବର୍ଷସାରା ନାନାବିଧ ଟୁର୍ଣ୍ଣାମେଣ୍ଟର ବ୍ୟବସ୍ଥା ରହିଛି । ବର୍ଷର ପ୍ରଥମ ଦୁଇମାସ ମଧ୍ୟରେ ମୁଷ୍ଟିଯୁଦ୍ଧ (Boxing) ଓ ମଲ୍ଲଯୁଦ୍ଧ (Wrestling)ର ପ୍ରତିଯୋଗିତା ହୁଏ । ଏହି ଆଥେଲେଟିକସ ପ୍ରତିଯୋଗିତା ପ୍ରାୟ ପୂର୍ଣ୍ଣ ଦୁଇମାସ ଧରି ( ଜୁଲାଇ ପ୍ରଥମ ସପ୍ତାହରୁ ଅଗଷ୍ଟ ଶେଷ ଅବଧି) ହୁଏ । ଏହା ମଧ୍ୟରେ 'ଡେକଥାଲେନ୍' ଚାମ୍ପିଆନ୍‌ସିପ୍ ମଧ୍ୟ ହୁଏ । ବର୍ଷର ଶେଷ ଦୁଇମାସ ମଧ୍ୟରେ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା ହୁଏ । ଏହିସବୁ ପ୍ରତିଯୋଗିତା ଛଡ଼ା ବିଭିନ୍ନ କ୍ରୀଡ଼ାର ଓ ଶରୀର-ବିଦ୍ୟାର ଉଚ୍ଚାଧରଣର ବାର୍ଷିକୋତ୍ସବ ପ୍ରତିବର୍ଷ ଡିସେମ୍ବର ଦୁଇ ତାରିଖରେ ଅନୁଷ୍ଠିତ ହୁଏ । ଶିକ୍ଷା-କେନ୍ଦ୍ରର ବିଭିନ୍ନ ସମୟର ଏହି କ୍ରୀଡ଼ାନୁଷ୍ଠାନର ବାର୍ଷିକ କ୍ରୀଡ଼ୋତ୍ସବ ଯେଉଁମାନେ ଦେଖିଛନ୍ତି ସେମାନେ ନିଶ୍ଚୟ ଆଶ୍ଚର୍ଯ୍ୟ ହେବେ ଯେ କି ମହାନ୍ ଶୃଙ୍ଖଳା, ନିୟମନ ଓ ସୁଚିନ୍ତିତ ବିଧାନ ମଧ୍ୟଦେଇ ଏସବୁର ଚାଳନା ହେଉଛି । ଶରୀର ଚର୍ଚ୍ଚାର ଯଥାଯଥ ସଂଗଠନ ଓ ସମୃଦ୍ଧି ଓ ବିକାଶ ନିମିତ୍ତ ଉତ୍ତରୋତ୍ତର ଚେଷ୍ଟା ଚାଲିଛି ଏବଂ ଏହି ସମ୍ପର୍କରେ ଆଶ୍ରମରୁ ପ୍ରକାଶିତ ଶିକ୍ଷା କେନ୍ଦ୍ର ବୁଲେଟିନ ପତ୍ରିକା ଦ୍ରଷ୍ଟବ୍ୟ । ଏହି ଶରୀର-ଶିକ୍ଷଣ ବିଭାଗର (Department of Physical Education) ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟଙ୍କ କଠୋର ଉଦ୍ୟମ ଓ ଏକନିଷ୍ଠ ସଂଗଠନ ଫଳରେ ଏହା ଆଶ୍ରମ ଓ ଶିକ୍ଷାକେନ୍ଦ୍ରର ଏକ ବିଶିଷ୍ଟ ଅଙ୍ଗ ହୋଇଉଠିଛି । ଶରୀର-ଚର୍ଚ୍ଚା ସମ୍ବନ୍ଧରେ ଏକ ବିସ୍ତୃତ ପାଠାଗାର ମଧ୍ୟ ରହିଛି । ଶରୀର ପରିଚାଳନା ନିମିତ୍ତ ଖେଳ, କ୍ରୀଡ଼ା ବିବିଧ ପ୍ରଣାଳୀର ବ୍ୟାୟାମ ନିମିତ୍ତ ବିଭିନ୍ନ ଦେଶରୁ ପ୍ରକାଶିତ ପତ୍ରପତ୍ରିକା ଓ

ସ୍ୱୟଂବାଦ ଏଠାକୁ ଆସେ । ଭାରତବର୍ଷ ତଥା ଭାରତର ବାହାରୁ ସମୟ ସମୟରେ ବିଶିଷ୍ଟ କ୍ରୀଡ଼ାବିତ୍ ବା ଶିକ୍ଷକମାନେ ଆଶ୍ରମ ଛାତ୍ରମାନଙ୍କୁ ଖେଳ, କସରତ୍ ଏବଂ ଆଥେଲେଟିକ୍ସ ସମ୍ବନ୍ଧ ଶିକ୍ଷା ଦିଅନ୍ତି । ୧୯୬୭ ସାଲରେ ପୃଥିବୀବିଖ୍ୟାତ ସୋଭିଏଟ୍ ଜିମ୍ନାଷ୍ଟିକ-ଦଳ ଆଶ୍ରମରେ ଏକ ସପ୍ତାହ ଅବସ୍ଥାନ କରି ବିଭିନ୍ନ କ୍ରୀଡ଼ା ପ୍ରଦର୍ଶନ କରିଥିଲେ ଏବଂ ଏଠା ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ ଧରଣର ଜିମ୍ନାଷ୍ଟିକ ଶିକ୍ଷା ଦେଇଥିଲେ । ୧୯୬୮ ସାଲରେ ପଶ୍ଚିମ ଜର୍ମାନୀର ଜଣେ ବିଶିଷ୍ଟ ଶରୀର-ଶିକ୍ଷାବିତ୍ ଆଶ୍ରମରେ ପ୍ରାୟ ଛ'ମାସକାଳ ରହି ଆଶ୍ରମରେ ବିଭିନ୍ନ ଧରଣର ଖେଳ ଓ ସନ୍ତରଣ ବିଦ୍ୟା ଓ ଆଥେଲେଟିକ୍ସ ଶିକ୍ଷା ଦେଇଥିଲେ । ମୋର ମନେ ହୁଏ, ଭାରତବର୍ଷରେ ସରକାରୀ ବା ବେସରକାରୀ ଏପରି ଖୁବ୍ କମ୍ ଅନୁଷ୍ଠାନ ଅଛି, ଯେଉଁଠି ଶାରୀରିକ ଅଭିବୃଦ୍ଧି, ପୂର୍ଣ୍ଣତା ଓ ସୌସାମ୍ୟପ୍ରତି ଏପରି ଦୃଷ୍ଟି ଦିଆଯାଉଛି । ଛାତ୍ରଛାତ୍ରୀମାନେ ମଧ୍ୟ ସୁନ୍ଦର, ସରଳ, ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟ ନିମିତ୍ତ ଖୁବ୍ ଆଗ୍ରହୀ ଓ ସଂକଳ୍ପବାନ୍ ।

ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଶରୀର-ଶିକ୍ଷା ନିମିତ୍ତ ଏହି ଯେଉଁ ବିଭିନ୍ନ କ୍ରୀଡ଼ାର ବିପୁଳ ଆୟୋଜନ ରହିଛି, ତାହା ଭାରତର ଯେକୌଣସି ବିଶ୍ୱବିଦ୍ୟାଳୟପକ୍ଷେ ଅବଶ୍ୟ ଅନୁକରଣୀୟ ।

## (୨) ପ୍ରାଣିକ ଶିକ୍ଷା (Vital Education)

ପ୍ରାଣଶକ୍ତିର ଯଥାଯଥ ନିୟନ୍ତ୍ରଣ, ସଙ୍ଗଠନ, ଉପଯୁକ୍ତ ତଥା ସଞ୍ଚାଳନାର୍ଥ ଚରିତ୍ରଗଠନର ମୂଳଭିତ୍ତି । ଏହି ଶିକ୍ଷାର ସାଧାରଣତଃ ଦୁଇଟି ଦିଗ ଅଛି । ପ୍ରଥମତଃ ଇନ୍ଦ୍ରିୟମାନଙ୍କର ଯଥାଯଥ ଅନୁଶୀଳନ, ସଂଶୋଧନ ଓ ପ୍ରୟୋଗ; ଦ୍ୱିତୀୟତଃ ଆତ୍ମଚେତନାର ଉନ୍ନତ ଓ ବିଶ୍ଳେଷଣଦ୍ୱାରା ଚରିତ୍ର ଗଠନ, ନିଜ ଉପରେ କର୍ତ୍ତୃତ୍ୱ ପ୍ରତିଷ୍ଠା ଓ ପରିଶେଷରେ ଦିବ୍ୟ-ଭାବବତ ଜ୍ୟୋତିଦ୍ୱାରା ପ୍ରକୃତିର ରୂପାନ୍ତର । ବିଶ୍ୱବିଦ୍ୟାଳୟ କେନ୍ଦ୍ରରେ, ଏପରିକି ଆଶ୍ରମର ସାଧାରଣ ବାତାବରଣରେ ଇନ୍ଦ୍ରିୟ (senses) ଗୁଡ଼ିକର ଯଥାର୍ଥ ସଞ୍ଚାଳନା, ପରିପୁଷ୍ଟି ଓ ଅନୁଶୀଳନ ନିମିତ୍ତ ରୁଚିବୋଧ ଓ ସୌନ୍ଦର୍ଯ୍ୟବୋଧର ବିସ୍ତୃତ ପରିସର ରହିଛି । କଠୋରତା, କୃତ୍ରିମତା, ବିକୃତ ଓ ପାଶବିକ ଦୁର୍ଦ୍ଦାନ୍ତତା, ଅପବିତ୍ରତା ବା ଦୁର୍ନୀତିପରାୟଣତା ଶିକ୍ଷାକେନ୍ଦ୍ର ଓ ଆଶ୍ରମର ସାଧାରଣ ବାୟୁମଣ୍ଡଳ ମଧ୍ୟରେ ଅତ୍ୟନ୍ତ ବିରଳ । ବାଲ୍ୟକାଳରୁ ଶିଶୁମାନଙ୍କ ସମ୍ମୁଖରେ ଏକ ପବିତ୍ର, ଶୁଭ୍ର ତଥା ନିଷ୍କପଟ ଆଚରଣର ଉଦାହରଣ ରଖିଲେ ଶିଶୁର ଚରିତ୍ରଗଠନରେ ବିଶେଷ ସହାୟକ ହୁଏ । ପୁନଶ୍ଚ ଏଠାରେ ଛାତ୍ରମାନଙ୍କୁ ନାନାପ୍ରକାର କ୍ରୀଡ଼ା-କୌତୁକ ଓ କସରତ୍ ମଧ୍ୟରେ ନେତୃତ୍ୱର ଭାର ଦେଇ ସେମାନଙ୍କର ଶକ୍ତି, ସାମର୍ଥ୍ୟ, ବୀରତ୍ୱ ଓ ସାହସିକତାର ପରିଚୟ ଦେବାକୁ ସୁଯୋଗ ଦିଆଯାଏ । ଏଠାରେ ଛାତ୍ରମାନଙ୍କର ସ୍ପଷ୍ଟବାଦିତା ଓ ସରଳତା ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ଏହାସବୁ ସଙ୍ଗେ ସଙ୍ଗେ ସୂକ୍ଷ୍ମକଳାର ଅନୁଶୀଳନଦ୍ୱାରା ପ୍ରାଣର ବିଭିନ୍ନ ପ୍ରବୃତ୍ତିର ପରିଚାଳନା କରାଯାଏ । ସଙ୍ଗୀତ-କଳା, ନୃତ୍ୟବିଦ୍ୟା (ପାଶ୍ଚାତ୍ୟ ଓ ଭାରତୀୟ), ଚିତ୍ରାଙ୍କନ ଓ ଫଟୋଗ୍ରାଫି, ଖନନ, ଶିଳ୍ପ ଇତ୍ୟାଦି ଶିକ୍ଷାର ବହୁବିଧ ବ୍ୟବସ୍ଥା ବିଶିଷ୍ଟ ଶିଳ୍ପୀମାନଙ୍କର ତତ୍ତ୍ୱାବଧାନରେ କରାଯାଇଛି । ଏହାଛଡ଼ା ସାମୟିକ ରୂପେ ବିଭିନ୍ନ କଳାର ପ୍ରଦର୍ଶନୀ ବା ସାଧାରଣ ଅନୁଷ୍ଠାନ କରାଇ ଛାତ୍ରମାନଙ୍କର ସୃଜନୀ-ପ୍ରତିଭାକୁ (Creative Power) ଖୁବ୍ ଉନ୍ନତ, ମାର୍ଜିତ ଓ ବୁଦ୍ଧିମନ୍ତ କରାଯାଏ । ଶିକ୍ଷା କେନ୍ଦ୍ରର ବାର୍ଷିକ ନାଟକୋତ୍ସବ ପ୍ରତିବର୍ଷ ଡିସେମ୍ବର ପହିଲା ତାରିଖରେ ହୁଏ ଏବଂ ଏହା ଏକ ଅତ୍ୟନ୍ତ ମାର୍ଜିତ ରୁଚିସମ୍ପନ୍ନ ଓ ଉନ୍ନତ କଳାର ଅନୁଷ୍ଠାନ ହୋଇଥାଏ ।

ପ୍ରାଣିକ ଶିକ୍ଷାର ଏଠାରେ କୌଣସି ବାନ୍ଧ ଉପରର ବା ଉଦ୍ଧତ ନାହିଁ । କିନ୍ତୁ ପ୍ରାଣର କ୍ଷେତ୍ରରେ

ଛାତ୍ରଛାତ୍ରୀମାନଙ୍କର ପ୍ରବୃତ୍ତିର ପରିଶୁଦ୍ଧି, ନିୟନ୍ତ୍ରଣ ଓ ସୁପରିଚାଳନା ଦେଖିଲେ କୌଣସି ଜ୍ୟୋତିର୍ମୟ ଦିବ୍ୟ-ବିଧାନରେ ଅବଶ୍ୟ ବିଶ୍ୱାସ କରିବାକୁ ପଡ଼େ । ପ୍ରାୟ ଅଧିକାଂଶ ଛାତ୍ରଙ୍କର ଜୀବନ-ଯାପନ ପ୍ରଣାଳୀ ଅତ୍ୟନ୍ତ ସରଳ ଓ ନିର୍ମଳ; ଆଉ ସେମାନଙ୍କର ଦାବି, କାମନା-ବାସନା, ଝଗଡ଼ାଝାଟି ବା ଉଦଣ୍ଡ ମନୋଭାବ ଖୁବ୍ ବିରଳ । ଚରିତ୍ର ଗଠନ ଓ ଛାତ୍ରର ଶୃଙ୍ଖଳାଜ୍ଞାନ ବୃଦ୍ଧି ଏବଂ ତାକୁ ନିର୍ମଳ ଶୁଦ୍ଧ ଉନ୍ନତ ମାନବ କରି ଗଢ଼ିବାଦିଗରେ ଏହି ଶିକ୍ଷା-କେନ୍ଦ୍ର ଅଳ୍ପକାଳ ମଧ୍ୟରେ ଯେପରି ଆଶ୍ଚର୍ଯ୍ୟଜନକ ଫଳ ଲାଭ କରିଛି, ତାହା ଦେଖିଲେ ଯେ କୌଣସି ଶିକ୍ଷାବିତ୍ ବିସ୍ମିତ ହେବେ । ଭାରତୀୟ ବିଶ୍ୱ-ବିଦ୍ୟାଳୟମାନଙ୍କରେ ଛାତ୍ର-ବିଶୃଙ୍ଖଳା ଓ ଧର୍ମ-ଘଟ ଇତ୍ୟାଦି ବ୍ୟାପାର ଆଜି ଭାରତୀୟ ଶିକ୍ଷାବିତ୍ ଓ ନେତୃବୃନ୍ଦଙ୍କୁ ବିଶେଷଭାବେ ବିଚଳିତ କରିଛି । ଜାତିର ଓ ଦେଶର ଶିକ୍ଷା-ସମସ୍ୟା ସମାଧାନ ଦିଗରେ ଶ୍ରୀଅରବିନ୍ଦ ଶିକ୍ଷା-କେନ୍ଦ୍ର ଯେପରି ଏହି କ୍ଷେତ୍ରରେ ଗୋଟିଏ ଆହ୍ୱାନ ଦେଉଛି !

## (ଗ) ମାନସିକ ଶିକ୍ଷା

ମାନସିକ ଶିକ୍ଷାର ପୂର୍ଣ୍ଣ ସୁଯୋଗ ନିମିତ୍ତ ପ୍ରାଇମେରୀ, ମାଧ୍ୟମିକ ଓ ବିଶ୍ୱ-ବିଦ୍ୟାଳୟ ସ୍ତରରେ ନାନାବିଧ ଭାଷା, ଦର୍ଶନ, ମନସ୍ତତ୍ତ୍ୱ, ଗଣିତ, ଇତିହାସ, ଭୂଗୋଳ ଓ ସାଧାରଣ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ରସାୟନ ଶାସ୍ତ୍ର, ପଦାର୍ଥ ବିଜ୍ଞାନ, ଇଞ୍ଜିନିୟରିଂ ଇତ୍ୟାଦି ଶିକ୍ଷାର ବ୍ୟବସ୍ଥା ରହିଛି । ପ୍ରାଚୀନ ଭାଷା ଭିତରେ ସଂସ୍କୃତ, ଲାଟିନ, ଗ୍ରୀକ୍, ପରସିଆନ ଓ ଆଧୁନିକ ଇଂରାଜୀ, ଫ୍ରାନ୍ସ ଓ ଜର୍ମାନ ପ୍ରଭୃତି ଶିକ୍ଷାର ବ୍ୟବସ୍ଥା ସଙ୍ଗେ ସଙ୍ଗେ ଆଧୁନିକ ଭାରତୀୟ ଓ ଇଉରୋପୀୟ ଭାଷାମାନଙ୍କର ଶିକ୍ଷାର ବିଧାନ ରହିଛି । ଏହି ପ୍ରତ୍ୟେକ ଭାଷାରେ ମଧ୍ୟ ଆଶ୍ରମ ପ୍ରେସ୍‌ରେ ବିଭିନ୍ନ ବହିମାନ ଛପାହୁଏ ଓ ପ୍ରତ୍ୟେକ ବିଭାଗରେ ନିଜ ନିଜ ପତ୍ରିକା ଓ ପୁସ୍ତକ ପ୍ରକାଶିତ ହୁଏ । ଆଶ୍ରମରୁ ପ୍ରକାଶିତ ପତ୍ରିକା ମଧ୍ୟରେ ହିନ୍ଦୀରେ "ଅଦିତି", ବଙ୍ଗଳାରେ "ବର୍ତ୍ତିକା", ଗୁଜୁରାଟୀରେ "ଦକ୍ଷିଣା", ମରହଟ୍ଟୀରେ "ସଞ୍ଜୀବନୀ", କନ୍ନାଡ଼ୀରେ "ଦୀପ୍ତି", ଓଡ଼ିଆରେ "ନବଜ୍ୟୋତି", ତେଲୁଗୁରେ "ଅର୍କ", ଇଂରେଜୀରେ "Mother India" (ମାସିକ) ଓ "Advent" (ତ୍ରୈମାସିକ) ଏବଂ ଫ୍ରେଞ୍ଚ, ଇଂରାଜୀ ଓ ହିନ୍ଦୀରେ ପ୍ରକାଶିତ "Bulletin of Sri Aurobindo Center of Education" (ତ୍ରୈମାସିକ) ପ୍ରଧାନ ।

ବିଶ୍ୱ-ବିଦ୍ୟାଳୟର ଗ୍ରନ୍ଥାଗାର ଏକ ବିଶିଷ୍ଟ ଦର୍ଶନୀୟ ବସ୍ତୁ । ଏଠାରେ ପ୍ରାୟ ବିଭିନ୍ନ ଭାଷାରେ ବହୁ ଉପାଦେୟ ଛଅଟିର ହଜାରରୁ ଊର୍ଦ୍ଧ୍ୱ ପୁସ୍ତକ ଓ ପ୍ରଖ୍ୟାପିତ ପତ୍ରପତ୍ରିକା ସଞ୍ଚିତ ରହିଛି । ପୁସ୍ତକାଗାରକୁ ଦେଶବିଦେଶରୁ ପ୍ରାୟ ଅନେକ ପାକ୍ଷିକ, ମାସିକ ଓ ତ୍ରୈମାସିକ ପତ୍ରପତ୍ରିକା ଆସେ । ଅଳ୍ପବୟସ୍କ ଛାତ୍ରମାନଙ୍କୁ ନାନାପ୍ରକାର ପୁସ୍ତକ ଓ ପତ୍ରପତ୍ରିକା ପଢ଼ିବାରେ ଉପଯୁକ୍ତ ଶିକ୍ଷକମାନେ ସହାୟତା କରନ୍ତି । କୁରୁଚିସମ୍ପନ୍ନ ପତ୍ରପତ୍ରିକା, କଦର୍ଯ୍ୟ ଓ ଉନ୍ମାଦକାରୀ ଉପନ୍ୟାସ ଏଠା ପୁସ୍ତକାଗାରରୁ ବହିଷ୍କୃତ କରି ବାଦ ଦିଆଯାଏ । ଏହାଛଡ଼ା ସାମୟିକଭାବେ ଛାତ୍ରମାନଙ୍କୁ ନାନାପ୍ରକାର ତଥ୍ୟମୂଳକ ଶିକ୍ଷାପ୍ରଦ ଚଳଚ୍ଚିତ୍ର, ଏପରିକି ଉପଯୁକ୍ତ ଓ ସୁବିବେଚିତ କଥାଚିତ୍ରମାନ ଦେଖିବାକୁ ବହୁବାର ସୁଯୋଗ ଦିଆଯାଏ । ଆଶ୍ରମର ନିଜର ପ୍ରୋଜେକ୍ଟର ଇତ୍ୟାଦି ଥିବାରୁ ଚଳଚ୍ଚିତ୍ର ଆଣାଯାଇ ଏଠାରେ ଛାତ୍ରମାନଙ୍କୁ ଦେଖାଇଦିଆଯାଏ । ଏଥିପାଇଁ ଛାତ୍ରମାନଙ୍କୁ କୌଣସି ବାହାର ପ୍ରେକ୍ଷାଳୟକୁ ଯିବାକୁ ପଡ଼େ ନାହିଁ । କହିବା ବାହୁଲ୍ୟ ଯେ ଆଶ୍ରମର ସମସ୍ତ ବାତାବରଣ ଏପରି ଏକ ଶୁଦ୍ଧ, ଆନନ୍ଦମୟ ଯେ ତାହା ଯେକୌଣସି ବ୍ୟକ୍ତିକୁ ଅଳ୍ପ ଦିନ ମଧ୍ୟରେ ଅଭିଭୂତ କରିପକାଏ ।

## ଶିକ୍ଷାକେନ୍ଦ୍ରରେ ଆନ୍ତର୍ଜାତିକ ସ୍ୱରୂପ

ଶ୍ରୀଅରବିନ୍ଦ ଶିକ୍ଷା-କେନ୍ଦ୍ର ଏକ ଅନ୍ତଃରାଷ୍ଟ୍ରୀୟ ବା ଆନ୍ତର୍ଜାତିକ ଅନୁଷ୍ଠାନ । ଏଠାରେ କେବଳ ଯେ ପୃଥିବୀର ବିଭିନ୍ନ ଦେଶର ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି ବା ବାସ କରନ୍ତି ତାହା ନୁହେଁ, ପ୍ରତ୍ୟେକ ଜାତି ବା ଦେଶର ବାସିନ୍ଦାମାନଙ୍କୁ ସ୍ୱୀୟ ଦେଶର ସଂସ୍କୃତି, ପ୍ରକୃତି ଓ ପରମ୍ପରା ରକ୍ଷା କରିବାକୁ ସବୁମତେ ସୁଯୋଗ ଦିଆଯାଏ । ସାମୟିକଭାବେ ବିଭିନ୍ନ ଦେଶର ସାଂସ୍କୃତିକ ଉତ୍ସବମାନ ପ୍ରତିଷ୍ଠିତ ହୋଇ ସେହି ଦେଶର କଳା, ବିଜ୍ଞାନ, ଶିଳ୍ପ, ଦର୍ଶନ ଓ ସଂସ୍କୃତି ସମ୍ବନ୍ଧରେ ବକ୍ତୃତା ହୁଏ । ଶ୍ରୀଅରବିନ୍ଦ ମାନବ-ଜାତିର ଯେଉଁ ବୃହତ୍ତର ଐକ୍ୟର ଆଦର୍ଶ ପ୍ରଚାର କରିଛନ୍ତି, ବିଶ୍ୱ-ବିଦ୍ୟାଳୟ ତାହାକୁ ରୂପ ଦେବାକୁ ଚେଷ୍ଟା କରୁଛି । ଏଠାରେ ଏକ ଉଲ୍ଲେଖଯୋଗ୍ୟ ଘଟଣା ଏହି ଯେ ଭାରତର ବହୁ ବିଭିନ୍ନ ପ୍ରଦେଶ ତଥା ପୃଥିବୀର ବିଭିନ୍ନ ଦେଶରୁ ଇଂଲଣ୍ଡ, ଜର୍ମାନୀ, ଫ୍ରାନ୍ସ, ସ୍ୱିଜରଲାଣ୍ଡ, ଅଷ୍ଟ୍ରିଆ, ସ୍ୱିଡେନ, ଆମେରିକା, ଜାପାନ, ସିଂହଳ ପ୍ରଭୃତି ଦେଶରୁ ଛାତ୍ରଛାତ୍ରୀମାନେ ଥିଲେ ସୁଦ୍ଧା ପରସ୍ପର ମଧ୍ୟରେ କୌଣସି ଭିନ୍ନତା ବା ବିଭେଦ ଦେଖାଯାଏ ନାହିଁ । ଆନ୍ତର୍ଜାତିକତାର ଯେଉଁ ଯଥାର୍ଥ ମନସ୍ତାତ୍ତ୍ୱିକ ଭିତ୍ତି ଆବଶ୍ୟକ, ତାହା ବାସ୍ତବରେ ଶ୍ରୀଅରବିନ୍ଦ ଆଶ୍ରମରେ ଓ ଶିକ୍ଷା-କେନ୍ଦ୍ରରେ ଦେଖିବାକୁ ମିଳେ ।

## ଶିକ୍ଷାକେନ୍ଦ୍ରର ପାଠ୍ୟକ୍ରମ ଓ ପାଠ୍ୟ ପ୍ରଣାଳୀ

ଏଠାରେ ମୁଖ୍ୟତଃ ଶିକ୍ଷା-ବିଧାନର ତିନୋଟି ସ୍ତର ଅଛି—ପ୍ରାଇମେରୀ, ସେକେଣ୍ଡାରୀ ଓ ବିଶ୍ୱ-ବିଦ୍ୟାଳୟର ଉଚ୍ଚଶିକ୍ଷା । ପ୍ରାଇମେରୀ ଶିକ୍ଷା ଆରମ୍ଭ ହେବା ପୂର୍ବରୁ କିଣ୍ଡରଗାର୍ଟେନ ବା ଶିଶୁ-ଶିକ୍ଷାର ବ୍ୟବସ୍ଥା ରହିଛି । କୌଣସି ଛାତ୍ର ଆଶ୍ରମରେ ନିଜ ଆତ୍ମୀୟ ସ୍ୱଜନଙ୍କ ସହ ରହି ଚାରିବର୍ଷ ବୟସରେ ଏହି ଶିଶୁ-ଶ୍ରେଣୀରେ ଯୋଗଦାନ କରିପାରେ । ଆଶ୍ରମରେ ଛାତ୍ରଛାତ୍ରୀମାନଙ୍କ ରହିବା ସକାଶେ ସୁନ୍ଦର ସୁନ୍ଦର ଗ୍ରୁପ୍ ଗ୍ରୁପ୍ ବୋର୍ଡିଂ ବା ହଷ୍ଟେଲ ସୁଯୋଗ୍ୟ ତତ୍ତ୍ୱାବଧାରକଙ୍କ ଅଧୀନରେ ରହିଛି, ମାତ୍ର କୌଣସି ଛାତ୍ରକୁ ସାତବର୍ଷ ନ ହେଲେ ବୋର୍ଡିଂରେ ଗ୍ରହଣ କରାଯାଏ ନାହିଁ । କିଣ୍ଡରଗାର୍ଟେନ ଶିକ୍ଷା ସମାପ୍ତ ହେବା ପରେ ଶିଶୁ ପ୍ରାଇମେରୀ ଶ୍ରେଣୀରେ ଚାରିବର୍ଷ ଅଧ୍ୟୟନ କରେ । ଏହି ଶ୍ରେଣୀଗୁଡ଼ିକ P1, P2, P3, P4 ନାମରେ ନାମିତ । ତା ପରେ ଛାତ୍ର ସେକେଣ୍ଡାରୀ ସ୍ତରରେ ପ୍ରବେଶ କରେ । ଏତେବେଳକୁ ତାର ବୟସ ଦଶ କିମ୍ବା ଏଗାର । ଏଥିପୂର୍ବରୁ ତାକୁ ଦୁଇବର୍ଷ ବା ତିନିବର୍ଷ କିଣ୍ଡରଗାର୍ଟେନ ଶିକ୍ଷା ନେବାକୁ ହୋଇଥାଏ । ଯଦି ଛାତ୍ର ଏଠାରେ ସାତବର୍ଷରେ ସ୍କୁଲରେ ପ୍ରବେଶ କରେ, ତେବେ ଯୋଗ୍ୟତାନୁସାରେ ସିଧା ସେ P1, ଅଥବା P2, P3ରେ ଯୋଗଦାନ କରେ । ସେକେଣ୍ଡାରୀ ଶିକ୍ଷାର ଆରମ୍ଭ ହୁଏ S5 ଏବଂ ଛଅ ବର୍ଷ ପର୍ଯ୍ୟନ୍ତ ଏହା ଚାଲେ । ଏହି ଶ୍ରେଣୀଗୁଡ଼ିକର ନାମ ହେଲା S5, S6, S7, S8, S9, S10 । ଏହି ସେକେଣ୍ଡାରୀ ଶିକ୍ଷାସ୍ତରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ମଧ୍ୟ ସମାପ୍ତ ହୁଏ; ଅର୍ଥାତ୍ ଛାତ୍ର ଇଣ୍ଟର ମିଡ଼ିଏଟ୍ ପାଠ ଶେଷ କରି ଉଚ୍ଚ ବିଶ୍ୱ-ବିଦ୍ୟାଳୟ ଡିଗ୍ରୀ ଶିକ୍ଷାପାଇଁ ପ୍ରସ୍ତୁତ ହୁଏ । ଅନ୍ୟ କଥାରେ ଏଠାରେ S9 ଶ୍ରେଣୀର ଛାତ୍ରକୁ ମାଟ୍ରିକ୍ ପାସ୍ କରିଛି ବୋଲି ଧରାଯାଏ । ଅବଶ୍ୟ ଏଠାରେ ଶିକ୍ଷାର ସ୍ତର ଏତେ ଉଚ୍ଚ ଯେ ବାହାରୁ ମାଟ୍ରିକ୍ ପାସ୍ କରି ଆସୁଥିବା ଛାତ୍ରମାନେ S7 ଓ S8ରେ ପଢ଼ି ବି ଏଠା ଛାତ୍ରଙ୍କ ସଙ୍ଗେ ସମକକ୍ଷ ହୋଇପାରନ୍ତି ନାହିଁ । ଯାହା ହେଉ, ସେକେଣ୍ଡାରୀ ଉଚ୍ଚ ମାଧ୍ୟମିକ ଶିକ୍ଷା ପରେ ବାହାରର ତିନିବର୍ଷିଆ ଉଚ୍ଚ ଶିକ୍ଷା ଆରମ୍ଭ ହୁଏ । ଏହି ତିନିବର୍ଷିଆ ପାଠ ଶେଷ କଲେ ଛାତ୍ର ପ୍ରାୟ ବି. ଏ. ବା ବି. ଏ. (ଅନର୍ସ) ପାଠ ଶେଷ କରେ । ତିନିବର୍ଷିଆ ଉଚ୍ଚଶିକ୍ଷା ପରେ ପୁଣି ଦୁଇବର୍ଷ ସ୍ନାତକୋତ୍ତର ଶିକ୍ଷାର ବ୍ୟବସ୍ଥା ରହିଛି ।

( ୨୫ ପୃଷ୍ଠା ଦେଖନ୍ତୁ )

# ସ୍ୱାଧୀନ-ଭାରତରେ ଟେକ୍‌ନିକାଲ ଶିକ୍ଷା

**ଶ୍ରୀ ହୁମାୟୁନ କବିର**

( କେନ୍ଦ୍ର ବୈଜ୍ଞାନିକ ଗବେଷଣା ଓ ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ )

ସ୍ୱାଧୀନତାପରେ ବିଶେଷତଃ ଗତ ଦଶବର୍ଷ ମଧ୍ୟରେ ଭାରତରେ ସବୁ ସ୍ତରରେ ଟେକ୍‌ନିକାଲ ଶିକ୍ଷାର ବ୍ୟାପକ ସମ୍ପ୍ରସାରଣ ହୋଇଛି । ୧୯୫୦ରେ ଇଂଜିନିଅରିଂ ଓ ଶିଳ୍ପବିଦ୍ୟା ଡିଗ୍ରୀ ପାଠ୍ୟକ୍ରମପାଇଁ ମାତ୍ର ୪୦ଟି ପ୍ରତିଷ୍ଠାନ ଏବଂ ଡିପ୍ଲୋମା ପାଠ୍ୟକ୍ରମ-ପାଇଁ ମାତ୍ର ୮୬ଟି ପ୍ରତିଷ୍ଠାନ ଥିଲା । ଡିଗ୍ରୀ ପାଠ୍ୟକ୍ରମ ୪,୧୨୦ ଜଣ ଏବଂ ଡିପ୍ଲୋମା ପାଠ୍ୟକ୍ରମ ପାଇଁ ୫୦୦୦ ଛାତ୍ରଙ୍କ ନାମ ଲେଖାଇବାର ବ୍ୟବସ୍ଥା ଥିଲା । ୧୯୬୧ ମସିହା ସୁଦ୍ଧା ଡିଗ୍ରୀ କଲେଜସଂଖ୍ୟା ୧୦୦କୁ ବୃଦ୍ଧି ପାଇଲା ଏବଂ ଡିପ୍ଲୋମା ପାଠ୍ୟକ୍ରମ ପଢ଼ାଯାଉଥିବା ପ୍ରତିଷ୍ଠାନସଂଖ୍ୟା ୧୯୬କୁ ବୃଦ୍ଧି ପାଇଲା । ଏହି ପ୍ରତିଷ୍ଠାନମାନଙ୍କରେ ଅଧିକ ଛାତ୍ରଙ୍କ ନାମଲେଖାର ସୁବିଧା କରାଗଲା । ଡିଗ୍ରୀ ପାଠ୍ୟକ୍ରମ ପଢ଼ାଯାଉଥିବା ପ୍ରତିଷ୍ଠାନମାନଙ୍କରେ ୧୩ ହଜାର ୮ ଶହ ୫୦ ଜଣ ଏବଂ ଡିପ୍ଲୋମା ପାଠ୍ୟକ୍ରମ ପଢ଼ାଯାଉଥିବା ପ୍ରତିଷ୍ଠାନ-ମାନଙ୍କରେ ୨୫ ହଜାର ୫ ଶହ ୬୦ ଜଣ ଛାତ୍ର ନାମ ଲେଖାଇ ପାରିଲେ ।

ଦେଶର ଶିଳ୍ପ, ବାଣିଜ୍ୟ, ବିଦ୍ୟୁତ୍ ଉତ୍ପାଦନ, ଯୋଗାଯୋଗ ଓ ପ୍ରତିରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିବା-ପାଇଁ ଅଧିକ ସଂଖ୍ୟକ ଟେକ୍‌ନିକାଲ କର୍ମଚାରୀ ଆବଶ୍ୟକ । ତେଣୁ ଟେକ୍‌ନିକାଲ ବିଦ୍ୟାରେ ତାଲିମ ଦେବାର ଯଥେଷ୍ଟ ସୁବିଧା କରିବାପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ସକ୍ରିୟ ଓ ଆନ୍ତରିକ ଉଦ୍ୟମ କରୁଛନ୍ତି । ଟେକ୍‌ନିକାଲ ଶିକ୍ଷା ବ୍ୟବସ୍ଥାର ଯେଉଁ ସଂପ୍ରସାରଣ ପରିଲକ୍ଷିତ ହୋଇଛି, ତାହା ସେମାନଙ୍କ ଉଦ୍ୟମରହିଁ ପରିଣାମ । ନୂଆ ନୂଆ ଟେକ୍‌ନିକାଲ ଶିକ୍ଷା ପ୍ରତିଷ୍ଠାନ ସ୍ଥାପନ କରିବା ଓ ପ୍ରତିଷ୍ଠିତ ଅନୁଷ୍ଠାନ-ଗୁଡ଼ିକର ସଂପ୍ରସାରଣ କରିବା ଦିଗରେ ସରକାର ଯେଉଁସବୁ କାର୍ଯ୍ୟ କରିଛନ୍ତି, ତାହା ପ୍ରଥମ ଓ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରତିଫଳିତ ହୋଇଛି । କେବଳ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଭାରତର ବିଭିନ୍ନ ଅଞ୍ଚଳରେ ୨୭ଟି ଇଂଜିନିଅରିଂ କଲେଜ୍ ଓ ୮୪ଟି ପଲିଟେକ୍‌ନିକ୍ ପ୍ରତିଷ୍ଠାନ ସ୍ଥାପିତ ହୋଇଛି । ଆହୁରି ମଧ୍ୟ ପ୍ରଥମ ଓ ଦ୍ୱିତୀୟ ଯୋଜନାକାଳରେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କଦ୍ୱାରା ଟେକ୍‌ନିକାଲ ଶିକ୍ଷାପାଇଁ ୯୦ କୋଟି ଟଙ୍କା ବରାଦ କରାଯାଇଛି ।

ଭାରତରେ ବହୁସଂଖ୍ୟକ ଡିପ୍ଲୋମାଧାରୀ କର୍ମଚାରୀ ଆବଶ୍ୟକ ହେଉଥିବାରୁ ଡିପ୍ଲୋମା ପାଠ୍ୟକ୍ରମର ବିଶେଷ ଗୁରୁତ୍ୱ ରହିଛି । ଡିପ୍ଲୋମାଧାରୀମାନେହିଁ ଜୁନିଅର ଇଂଜିନିଅର, ଇଂଜିନିଅର-ଫୋରମ୍ୟାନ୍, ସୁପରଭାଇଜର ଏବଂ ଓଭରସିଅରରୂପେ ବିଭିନ୍ନ ତତ୍ତ୍ୱାବଧାନମୂଳକ କାର୍ଯ୍ୟରେ ନିଯୁକ୍ତ ହେବେ । ମାଟ୍ରିକୁ୍ୟଲେସନ୍ ପାଶ୍ କରିଥିବା ଛାତ୍ରମାନେ ତିନିବର୍ଷ-ପାଇଁ ଏହି ଡିପ୍ଲୋମା ପାଠ୍ୟକ୍ରମ ପଢ଼ନ୍ତି । ଏଥିରେ ବ୍ୟାବହାରିକ ଜ୍ଞାନ ମଧ୍ୟ ହାସଲ କରନ୍ତି । କିନ୍ତୁ ବ୍ୟାବହାରିକ ଜ୍ଞାନ ହାସଲପାଇଁ ଏହି ତିନିବର୍ଷିଆ ପାଠ୍ୟକ୍ରମ ଉପଯୁକ୍ତ ବିବେଚିତ ହେଉ ନ ଥିବାରୁ ନିଖିଳ ଭାରତ ଟେକ୍‌ନିକାଲ ଶିକ୍ଷା ପରିଷଦ ଏକ ପୃଥିବର୍ଷିଆ ପାଠ୍ୟକ୍ରମ ପ୍ରସ୍ତୁତ କରିଛନ୍ତି । ବିଭିନ୍ନ

ଶିଳ୍ପପ୍ରତିଷ୍ଠାନ ସହଯୋଗରେ ଦେଶର କେତେକ ବଡ଼ ବଡ଼ ସ୍ଥାନରେ ଏହି ପାଠ୍ୟକ୍ରମ ପ୍ରବର୍ତ୍ତନ କରାଯାଇଛି । ବ୍ୟାବହାରିକ ତାଲିମର ଅଧିକ ସୁବିଧା-ସୁଯୋଗ ମିଳିଲେ ଏହି ପାଠ୍ୟକ୍ରମ ଟେକ୍‌ନିକାଲ ଶିକ୍ଷାକ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପାଠ୍ୟକ୍ରମରୂପେ ପରିଗଣିତ ହେବ ।

ଇଂଜିନିଅରିଂ କଲେଜ ଓ ଉଚ୍ଚ ଶିଳ୍ପବିଦ୍ୟା ପ୍ରତିଷ୍ଠାନମାନଙ୍କରେ ପ୍ରଥମ ଡିଗ୍ରୀ ପାଠ୍ୟକ୍ରମ ଶିକ୍ଷା ଦିଆଯାଏ । ଡିଗ୍ରୀଧାରୀ କର୍ମିବୃନ୍ଦମାନେ ସ୍ନାତକୋତ୍ତର ଅଧ୍ୟୟନ ପରି ଅଥବା କର୍ମକ୍ଷେତ୍ରରେ ଅଭିଜ୍ଞତା ଅର୍ଜନ କରି ଡିଜାଇନର, ଗବେଷକ, ଇଂଜିନିଅର ଅଥବା ପରିଚାଳକ ହୋଇପାରିବେ । ଶିଳ୍ପ-କ୍ଷେତ୍ରରେ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟପାଇଁ ଏହି ପାଠ୍ୟକ୍ରମ ପ୍ରସ୍ତୁତ ହୋଇ ନ ଥାଏ । ଶିଳ୍ପବିଦ୍ୟା ସଂକ୍ରାନ୍ତ ବୈଜ୍ଞାନିକ ପାଠ ଓ ପ୍ରୟୋଗ ସମ୍ପର୍କରେ ସମ୍ୟକ୍ ଜ୍ଞାନ ଅର୍ଜନ ଏହି ପାଠ୍ୟକ୍ରମର ଉଦ୍ଦେଶ୍ୟ । ଅନ୍ତତଃ ଆଇ. ଏସ୍‌ସି. ପାଶ୍ କରିଥିବା ଛାତ୍ରମାନଙ୍କୁ ଏହି ପାଠ୍ୟକ୍ରମ ଚାରିବର୍ଷ-ପାଇଁ ଶିକ୍ଷା ଦିଆଯାଏ । ମାଧ୍ୟମିକ ଶିକ୍ଷା ବ୍ୟବସ୍ଥାର ପୁନର୍ଗଠନ ଅନୁସାରେ ଇଣ୍ଟରମିଡ଼ିଏଟ୍ ପାଠ୍ୟକ୍ରମ ଉଠାଇ ଦିଆଯାଉଛି । ଫଳରେ ମାଧ୍ୟମିକ ସ୍କୁଲରେ ୧୧ ବର୍ଷ ଅଧ୍ୟୟନପରେ ଛାତ୍ର-ଛାତ୍ରୀମାନେ ତିନିବର୍ଷିଆ ବି. ଏ. ବା ବି. ଏସ୍‌ସି. ଡିଗ୍ରୀ ପାଠ୍ୟକ୍ରମରେ ନାମ ଲେଖାଇପାରିବେ । ଏହି ପରିବର୍ତ୍ତନଫଳରେ ପ୍ରଥମ ଇଂଜିନିଅରିଂ ଡିଗ୍ରୀ ପାଠ୍ୟକ୍ରମ ଉଚ୍ଚତର ମାଧ୍ୟମିକ ଶିକ୍ଷାପରେ ୫ ବର୍ଷପାଇଁ ପଢ଼ାଯିବ । ବର୍ତ୍ତମାନ ସିଭିଲ୍ ଇଂଜିନିଅରିଂ, ମେକାନିକାଲ୍ ଇଂଜିନିଅରିଂ, ଇଲେକ୍‌ଟ୍ରିକାଲ୍ ଇଂଜିନିଅରିଂ, ଇଲେକ୍‌ଟ୍ରିକାଲ୍ ଯୋଗାଯୋଗ ଇଂଜିନିଅରିଂ, ରାସାୟନିକ ଇଂଜିନିଅରିଂ, ଖଣିବିଦ୍ୟା, ଧାତୁବିଦ୍ୟା, ବସ୍ତ୍ରଶିଳ୍ପବିଦ୍ୟା, କୃଷି ଇଂଜିନିଅରିଂ, ଚମଡ଼ା ଶିଳ୍ପବିଦ୍ୟା, ବିମାନ ଇଂଜିନିଅରିଂ, ସ୍ଥାପତ୍ୟ, ମୋଟରଗାଡ଼ି ଇଂଜିନିଅରିଂ ଓ ଉତ୍ପାଦନ ଇଂଜିନିଅରିଂ ସମ୍ପର୍କରେ ଡିଗ୍ରୀ ପାଠ୍ୟକ୍ରମ ଶିକ୍ଷା ଦିଆଯାଉଛି ।

କେବଳ ଟେକ୍‌ନିକାଲ୍ ଶିକ୍ଷାକ୍ଷେତ୍ରରେ ଯେ ଅଧିକ ଛାତ୍ରଙ୍କୁ ତାଲିମ ଦେବାର ବ୍ୟବସ୍ଥା ହୋଇଛି, ତାହା ନୁହେଁ; ସେମାନଙ୍କ ଶିକ୍ଷାର ଗୁଣ ମଧ୍ୟ ଉନ୍ନତ ହୋଇଛି । ଶିକ୍ଷାର ମାନ ଉନ୍ନତ ହେବାପାଇଁ ତିନୋଟି ଆବଶ୍ୟକତା ରହିଛି—ଶିକ୍ଷକ, ସରଞ୍ଜାମ ଓ ସୌଧ । ନିଖିଳ ଭାରତ ଟେକ୍‌ନିକାଲ୍ ଶିକ୍ଷା ପରିଷଦ ପ୍ରତ୍ୟେକ ଶିକ୍ଷା ପ୍ରତିଷ୍ଠାନ ସମ୍ପର୍କରେ ଏକ ବ୍ୟାପକ ସମୀକ୍ଷା କରି ଏହିସବୁ ପ୍ରତିଷ୍ଠାନର ଉନ୍ନତିପାଇଁ ଏକ ଯୋଜନା କରିଛନ୍ତି । ଏହି ଯୋଜନା ଅନୁସାରେ ଶିକ୍ଷା ପ୍ରତିଷ୍ଠାନମାନଙ୍କୁ ଯେପରି ଆବଶ୍ୟକୀୟ ସରଞ୍ଜାମ ଓ ଶିକ୍ଷକ ଆଦି ଯୋଗାଇଦିଆଯାଏ, ତାହାର ବ୍ୟବସ୍ଥା ହେବ । ପରିଷଦର ସୁପାରିଶ ଅନୁସାରେ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକର କୋଠା ତିଆରି, ଶିକ୍ଷକ ନିଯୁକ୍ତି ଓ ସରଞ୍ଜାମ କ୍ରୟପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ବିଶ୍ୱବିଦ୍ୟାଳୟ ଗ୍ରାଣ୍ଟ କମିଶନଦ୍ୱାରା ଅନେକ ଟଙ୍କା ସାହାଯ୍ୟ କରାଯାଉଛି ।

## ସ୍ନାତକୋତ୍ତର ଶିକ୍ଷା

ସର୍ବଭାରତୀୟ କ୍ଷେତ୍ରରେ ଇଂଜିନିଅରିଂ ଶିକ୍ଷାକୁ ସଫଳ ଓ ସକ୍ରିୟ କରାଇବାକୁ ହେଲେ ଏହି ଶିକ୍ଷା ସଂକ୍ରାନ୍ତ ଯୋଜନାଟିକୁ ପ୍ରଗତିଶୀଳ କରିବାକୁ ହେବ । ଶିଳ୍ପବିଦ୍ୟାକ୍ଷେତ୍ରରେ ଯେଉଁସବୁ ପରିବର୍ତ୍ତନ ଘଟିଯାଇଛି, ସେଥିସହିତ ଏହି ଯୋଜନାଟିକୁ ପ୍ରତ୍ୟକ୍ଷ ସମ୍ପର୍କ ରଖିବାକୁ ହେବ ଏବଂ ସେହି ଅନୁସାରେ ଯୋଜନାରେ ଆବଶ୍ୟକୀୟ ପରିବର୍ତ୍ତନ କରିବାକୁ ହେବ । ଭାରତରେ କେବଳ ଯେ କୁଶଳୀ କର୍ମଚାରୀ ଆବଶ୍ୟକ, ତାହା ନୁହେଁ; ଡିଜାଇନ୍ ଇଂଜିନିଅର୍ ଓ ଇଂଜିନିଅରିଂ ବୈଜ୍ଞାନିକ ମଧ୍ୟ ଆବଶ୍ୟକ । ୧୯୪୭ ମସିହା ପୂର୍ବରୁ ଇଂଜିନିଅରିଂରେ ସ୍ନାତକୋତ୍ତର ଶିକ୍ଷା ଅଥବା ଗବେଷଣାପାଇଁ ଭାରତରେ କୌଣସି ପ୍ରତିଷ୍ଠାନ ନ ଥିଲା, କହିଲେ ଚଳେ । ଉଚ୍ଚ ଶିକ୍ଷାପାଇଁ ଭାରତୀୟ ଛାତ୍ରମାନଙ୍କୁ ବିଦେଶ ଯିବାକୁ ପଡୁଥିଲା । ବର୍ତ୍ତମାନ

ଭାରତର ୧୬ଟି ପ୍ରତିଷ୍ଠାନରେ ସ୍ନାତକୋତ୍ତର ଶିକ୍ଷା ଦିଆଯାଉଛି । ପ୍ରାୟ ପାଞ୍ଚହଜାର ଛାତ୍ର ଏହାର ସୁଯୋଗ ନେଉଛନ୍ତି । ସ୍ନାତକୋତ୍ତର ଶିକ୍ଷା ଓ ଗବେଷଣା ବ୍ୟବସ୍ଥା ଆହୁରି ସମ୍ପ୍ରସାରଣ କରିବାପାଇଁ ଉଦ୍ୟମ କରାଯାଉଛି । ବିଭିନ୍ନ ବିଷୟରେ ଏହି ସ୍ନାତକୋତ୍ତର ଶିକ୍ଷା ଦିଆଯାଉଛି । ଆଗାମୀ ପାଞ୍ଚବର୍ଷ ମଧ୍ୟରେ ପ୍ରାୟ ଦୁଇ ହଜାର ଛାତ୍ରଙ୍କ ସ୍ନାତକୋତ୍ତର ଶିକ୍ଷା ଓ ଗବେଷଣାପାଇଁ ବ୍ୟବସ୍ଥା କରାଯିବ ।

ଦେଶରେ ଉଚ୍ଚ ଟେକ୍‌ନିକାଲ ଶିକ୍ଷାର ଉନ୍ନତି ଉଦ୍ଦେଶ୍ୟରେ ଭାରତ ସରକାର ଚାରିଗୋଟି ଉଚ୍ଚ ଶିଳ୍ପ-ବିଦ୍ୟା ପ୍ରତିଷ୍ଠାନ ସ୍ଥାପନ କରିବାକୁ ସ୍ଥିର କରିଥିଲେ । ୧୯୫୧ ମସିହାରେ ଖଡ଼ଗପୁରରେ ପ୍ରଥମ ପ୍ରତିଷ୍ଠାନଟି ସ୍ଥାପିତ ହୋଇଥିଲା । ଏହି ପ୍ରତିଷ୍ଠାନଟିର ଅନେକ ଉନ୍ନତି ହେଲାଣି । ବମ୍ବେ, ମାଡ୍ରାଜ ଓ କାନପୁର-ଠାରେ ଅନ୍ୟ ତିନୋଟି ଶିକ୍ଷା ପ୍ରତିଷ୍ଠାନ ସ୍ଥାପିତ ହୋଇଛି । ବମ୍ବେ ପ୍ରତିଷ୍ଠାନ ୧୯୫୮ରେ ଏବଂ ମାଡ୍ରାଜ ଓ କାନପୁର ପ୍ରତିଷ୍ଠାନ ଯଥାକ୍ରମେ ୧୯୫୯ ଓ ୧୯୬୦ରେ କାର୍ଯ୍ୟକାରୀ ହୋଇଛି । ଏହି ଚାରୋଟିଯାକ ପ୍ରତିଷ୍ଠାନ ପୂର୍ଣ୍ଣାଙ୍ଗ ହୋଇଗଲେ ଦେଶରେ ଟେକ୍‌ନିକାଲ ଶିକ୍ଷାର ସ୍ତର ଅନେକ ଉପରକୁ ଉଠିଯିବ । ପ୍ରତ୍ୟେକ ପ୍ରତିଷ୍ଠାନରେ ଛାତ୍ର ଓ ଅଧ୍ୟାପକଙ୍କ ରହିବାର ବ୍ୟବସ୍ଥା ହୋଇଛି । ପ୍ରତ୍ୟେକ ପ୍ରତିଷ୍ଠାନରେ ଅଣ୍ଡର-ଗ୍ରାଜୁଏଟ୍ ପାଠ୍ୟକ୍ରମରେ ୧୫୦୦ ଜଣ ଓ ପୋଷ୍ଟ-ଗ୍ରାଜୁଏଟ୍ (ସ୍ନାତକୋତ୍ତର) ଓ ଗବେଷଣା ପାଠ୍ୟକ୍ରମରେ ୫୦୦ ଜଣ ଲେଖାଏଁ ଛାତ୍ରଙ୍କ ଅଧ୍ୟୟନର ବ୍ୟବସ୍ଥା କରାଯାଉଛି । ଏହି ପ୍ରତିଷ୍ଠାନଗୁଡ଼ିକର କାର୍ଯ୍ୟକାରିତାପାଇଁ ବୈଦେଶିକ ସାହାଯ୍ୟ ଗ୍ରହଣ କରାଯାଉଛି । ବମ୍ବେ ପ୍ରତିଷ୍ଠାନକୁ ସୋଭିଏଟ୍ ରୁଷ, ମାଡ୍ରାଜ ପ୍ରତିଷ୍ଠାନକୁ ପଶ୍ଚିମ ଜର୍ମାନୀ ଏବଂ କାନପୁର ପ୍ରତିଷ୍ଠାନକୁ ଆମେରିକା ଯୁକ୍ତରାଷ୍ଟ୍ର ସାହାଯ୍ୟ କରୁଛନ୍ତି । ବ୍ରିଟେନ୍‌ର ସାହାଯ୍ୟକ୍ରମେ ଦିଲ୍ଲୀରେ ମଧ୍ୟ ଏକ ନୂଆ ଇଂଜିନିଅରିଂ ଶିଳ୍ପବିଦ୍ୟା କଲେଜ ସ୍ଥାପନ କରାଯାଉଛି । ବାଙ୍ଗାଲୋରସ୍ଥିତ ବିଜ୍ଞାନ ପ୍ରତିଷ୍ଠାନରେ ମଧ୍ୟ ଇଂଜିନିଅରିଂରେ ସ୍ନାତକୋତ୍ତର ଶିକ୍ଷା ଓ ଗବେଷଣାର ବ୍ୟବସ୍ଥା କରାଯାଇଛି ।

## ବୃତ୍ତିଗତ ଶିକ୍ଷା

ଦେଶର ଦ୍ରୁତ ଶିଳ୍ପ-ପ୍ରଗତିପାଇଁ କେବଳ ଯେ ଇଂଜିନିଅର ଓ ଶିଳ୍ପବିଦ୍ୟାବିତ୍ ଆବଶ୍ୟକ, ତାହା ନୁହେଁ; ବହୁ ସଂଖ୍ୟାରେ କୁଶଳୀ କର୍ମୀଗୋଷ୍ଠୀ ମଧ୍ୟ ଆବଶ୍ୟକ । ଏହି ଆବଶ୍ୟକତାକୁ ଚାହିଁ ଟେକ୍‌ନିକାଲ ଶିକ୍ଷାର ପୂର୍ଣ୍ଣାଙ୍ଗ ଯୋଜନା ପ୍ରସ୍ତୁତ କରାଯିବା ଉଚିତ । ଟେକ୍‌ନିକାଲ ଲୋକଶକ୍ତିର ଭିତ୍ତି ହେଉଛି ଦକ୍ଷ କୁଶଳୀ କର୍ମୀଗୋଷ୍ଠୀ । ତେଣୁ ନିଖିଳ ଭାରତ ଟେକ୍‌ନିକାଲ ଶିକ୍ଷା-ପରିଷଦ ଓ କେନ୍ଦ୍ର ବୈଜ୍ଞାନିକ ଗବେଷଣା ଓ ସାଂସ୍କୃତିକ ବ୍ୟାପାର ମନ୍ତ୍ରାଳୟ କୁଶଳୀ କର୍ମୀଗୋଷ୍ଠୀମାନଙ୍କ ବୃତ୍ତିଗତ ତାଲିମପ୍ରତି ବିଶେଷ ଦୃଷ୍ଟି ଦେଇଛନ୍ତି । ବର୍ତ୍ତମାନ ବିଭିନ୍ନ ବୟସ-ସୀମା ମଧ୍ୟରେ ଥିବା ଏହି କୁଶଳୀ କର୍ମୀଗୋଷ୍ଠୀମାନେ ବିଭିନ୍ନ କ୍ଷେତ୍ରରେ ଯେଉଁ-ତାଲିମ ପାଉଛନ୍ତି, ତାହା ସମ୍ପୂର୍ଣ୍ଣ ସନ୍ତୋଷଜନକ ନୁହେଁ । ମାଧ୍ୟମିକ ଶିକ୍ଷାପରେ ଛାତ୍ରମାନେ ନୂତନ ଜୀବନର ସମ୍ମୁଖୀନ ହୋଇଥାଆନ୍ତି । ତେଣୁ ମାଧ୍ୟମିକ ଶିକ୍ଷାପରେ ଅଧିକାଂଶ ଛାତ୍ର ଯେପରି ଜୀବିକା ଅର୍ଜନ କରିବାକୁ ପ୍ରସ୍ତୁତ ହେବେ, ସେ ଦିଗରେ ବ୍ୟବସ୍ଥା କରିବା ଉଚିତ । ଏଥିପ୍ରତି ଦୃଷ୍ଟି ଦିଆଯାଇ ନିମ୍ନ ଟେକ୍‌ନିକାଲ ବିଦ୍ୟାଳୟମାନ ସ୍ଥାପନ କରାଯାଉଛି । ଯେଉଁମାନେ ଶିଳ୍ପ-କାରଖାନାରେ କାମ କରିବାକୁ ଚାହାଁନ୍ତି, ସେମାନଙ୍କପାଇଁ ଏହି ସ୍କୁଲମାନଙ୍କରେ ଏକ ବିଶେଷ ଧରଣର ମାଧ୍ୟମିକ ଟେକ୍‌ନିକାଲ ଶିକ୍ଷାର ବ୍ୟବସ୍ଥା କରାଯାଇଛି । ଏହି ସ୍କୁଲର ତିନିବର୍ଷିଆ ପାଠ୍ୟକ୍ରମ ମଧ୍ୟରେ ସାଧାରଣ ଶିକ୍ଷା, ଟେକ୍‌ନିକାଲ ଶିକ୍ଷା ଓ ବିଭିନ୍ନ ଇଂଜିନିଅରିଂ ବିଷୟରେ ଟେକ୍‌ନିକାଲ

ଟ୍ରେନିଂ ଦିଆଯାଏ । ଏପର୍ଯ୍ୟନ୍ତ ଏହି ଶ୍ରେଣୀର ୩୮ଟି ସ୍କୁଲ ସ୍ଥାପିତ ହେଲାଣି ।

## ଶିକ୍ଷକମାନଙ୍କ ତାଲିମ

ଟେକ୍ନିକାଲ ଶିକ୍ଷାର ଦ୍ରୁତ ସମ୍ପ୍ରସାରଣଫଳରେ ଶିକ୍ଷକଙ୍କ ଅଭାବ ବିଶେଷ ଅନୁଭୂତ ହେଉଛି । ଏହି ଅଭାବ ଦୂର କରିବା ଉଦ୍ଦେଶ୍ୟରେ ଦେଶର ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଏହି ଯୋଜନା ଅନୁସାରେ ମେଧାବୀ ତରୁଣ ଗ୍ରାଜୁଏଟ୍‌ମାନଙ୍କୁ ନିର୍ବାଚନ କରାଯାଇ ତିନି ବର୍ଷପର୍ଯ୍ୟନ୍ତ ସେମାନଙ୍କୁ ତାଲିମ ଦିଆଯାଏ । ଏହି ଶ୍ରେଣୀର ପ୍ରାୟ ୧୯୫ ଜଣ ଶିକ୍ଷକଙ୍କୁ ବର୍ତ୍ତମାନ ଶିକ୍ଷା ଦିଆଯାଉଛି । କେତେକ ଶିକ୍ଷକଙ୍କୁ ଉଚ୍ଚ ଶିକ୍ଷା-ପାଇଁ ବିଦେଶକୁ ମଧ୍ୟ ପଠାଯାଇଛି । ସେମାନଙ୍କ ମଧ୍ୟରୁ ଅନେକ ଫେରିଆସି ନିଜ ନିଜ ଶିକ୍ଷା ପ୍ରତିଷ୍ଠାନରେ କାର୍ଯ୍ୟ କଲେଣି । ତୃତୀୟ ଯୋଜନାର ଆବଶ୍ୟକତା ପୂରଣ ଉଦ୍ଦେଶ୍ୟରେ ଶିକ୍ଷକ-ତାଲିମ ଯୋଜନାର ଅଧିକ ସମ୍ପ୍ରସାରଣ କରାଯିବ । ଅଭିଜ୍ଞ ଓ ବିଶେଷ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତିଙ୍କୁ ଶିକ୍ଷକ-ବୃତ୍ତିକୁ ଆକୃଷ୍ଟ କରିବାପାଇଁ ଶିକ୍ଷକମାନଙ୍କ ଦରମାହାର ପରିବର୍ତ୍ତନ କରାଯାଇଛି ।

ଦରିଦ୍ର ଅଥଚ ମେଧାବୀ ଛାତ୍ରମାନଙ୍କୁ ଟେକ୍ନିକାଲ ଶିକ୍ଷାରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏକ ବୃତ୍ତି ଯୋଜନା କାର୍ଯ୍ୟକାରୀ ହେଉଛି । ଏହି ଯୋଜନା ଅନୁସାରେ ଦେଶର ବିଭିନ୍ନ ଟେକ୍ନିକାଲ ପ୍ରତିଷ୍ଠାନରେ ଡିଗ୍ରୀ ଓ ଡିପ୍ଲୋମା ପାଠ୍ୟକ୍ରମ ଅଧ୍ୟୟନ କରୁଥିବା ଛାତ୍ରମାନଙ୍କୁ ଦୁଇ ହଜାରଟି ବୃତ୍ତି ଦିଆଯାଇ ପାରିଲାଣି । ଏହା ଛଡ଼ା ଗବେଷଣାପାଇଁ ମଧ୍ୟ ୮୦୦ଟି ବୃତ୍ତି ଦିଆଯାଉଛି । ଉଚ୍ଚ ଧରଣର ଗବେଷଣାପାଇଁ ୮୦ଟି ଜାତୀୟ ଗବେଷଣା ବୃତ୍ତି ଦେବାର ବ୍ୟବସ୍ଥା ହୋଇଛି ।

ନିଖିଳ ଭାରତ ଟେକ୍ନିକାଲ ଶିକ୍ଷା ପରିଷଦର ସୁପାରିଶକ୍ରମେ ଭାରତ ସରକାର ଦୂରଦର୍ଶିତା-ସହକାରେ ବିଭିନ୍ନ ବ୍ୟବସ୍ଥା ଅବଲମ୍ବନ କରିଥିବାରୁ ଟେକ୍ନିକାଲ ଶିକ୍ଷା-କ୍ଷେତ୍ରରେ ଏହି ଉନ୍ନତି ଆଜି ସମ୍ଭବ ହୋଇପାରିଛି । ସବୁ ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରାଳୟ, ପାର୍ଲିଆମେଣ୍ଟ ଓ ଶିଳ୍ପ-ବାଣିଜ୍ୟ କ୍ଷେତ୍ରର ପ୍ରତିନିଧିମାନେ ଏହି ପରିଷଦର ସଭ୍ୟ ଅଛନ୍ତି । ବୈଜ୍ଞାନିକ ଗବେଷଣା ଓ ସାଂସ୍କୃତିକ ବ୍ୟାପାର ମନ୍ତ୍ରାଳୟ ମନ୍ତ୍ରୀ ଏହାର ଚେୟାରମ୍ୟାନ । ସର୍ବଭାରତୀୟ ସ୍ତରରେ ଟେକ୍ନିକାଲ ଶିକ୍ଷାର ଉନ୍ନତି-ପାଇଁ କି ବ୍ୟବସ୍ଥା କରାଯିବ, ପରିଷଦ ସେ ସମ୍ପର୍କରେ ସୁପାରିଶ କରନ୍ତି । ସାଧାରଣତଃ ପରିଷଦର ସୁପାରିଶ କେନ୍ଦ୍ର ଓ ରାଜ୍ୟ ସରକାର-ମାନଙ୍କଦ୍ୱାରା ଗୃହୀତ ହୋଇଥାଏ ।

ଟେକ୍ନିକାଲ ଶିକ୍ଷାର ମାନ ଉନ୍ନତ କରିବାହିଁ ବର୍ତ୍ତମାନ ଏକ ପ୍ରଧାନ ସମସ୍ୟା । ସ୍ୱାଧୀନତା ପୂର୍ବରୁ ଇଞ୍ଜିନିଅରିଂ ଶିକ୍ଷା କହିଲେ ପ୍ରଧାନତଃ ସିଭିଲ୍ ଇଞ୍ଜିନିଅରିଂକୁ ବୁଝାଉଥିଲା । କିନ୍ତୁ ଦଶ ବର୍ଷ ମଧ୍ୟରେ ଅନ୍ୟାନ୍ୟ ଅନେକ ଇଞ୍ଜିନିଅରିଂ ବିଦ୍ୟାରେ ଶିକ୍ଷା ଦିଆଯାଉଛି । ଦେଶରେ ଇଂଜିନିଅରିଂ ଗ୍ରାଜୁଏଟ୍‌ଙ୍କ ତୁଳନାରେ ଇଞ୍ଜିନିଅରିଂ ଡିପ୍ଲୋମାଧାରୀଙ୍କ ସଂଖ୍ୟା ଖୁବ କମ୍ ଥିଲା । ସାଧାରଣତଃ ଶିଳ୍ପୋନ୍ନତ ଦେଶରେ ଡିଗ୍ରୀଧାରୀ ଓ ଡିପ୍ଲୋମାଧାରୀଙ୍କ ଅନୁପାତ ୧:୪ ହେବା ସ୍ଥଳେ ଭାରତରେ ଏହି ଅନୁପାତ ଥିଲା ମାତ୍ର ୧:୧ । ଫଳରେ ଗ୍ରାଜୁଏଟ୍ ଓ ଡିପ୍ଲୋମାଧାରୀମାନଙ୍କ ଉପଯୁକ୍ତ ସହଯୋଗ ସମ୍ଭବ ହେଉ ନ ଥିଲା । ଦ୍ୱିତୀୟ ଯୋଜନା ସୁଦ୍ଧା ପ୍ରତି ଡିଗ୍ରୀଧାରୀ ତୁଳନାରେ ଡିପ୍ଲୋମାଧାରୀ ସଂଖ୍ୟା ଦୁଇ (୧:୨)ହୋଇଛି । ଫଳରେ ଏହି ଅସୁବିଧା କେତେକାଂଶରେ ଦୂର କରାଯାଇ-ପାରିଛି । ମାତ୍ର ଏହା ଯଥେଷ୍ଟ ନୁହେଁ । ଦେଶରେ ଡିପ୍ଲୋମାଧାରୀଙ୍କ ସଂଖ୍ୟା ବୃଦ୍ଧି କରିବାକୁ ଅଧିକ ଉଦ୍ୟମ କରିବାକୁ ହେବ ।

# ଉତ୍କଳ ପ୍ରସଙ୍ଗ



ଇଂଜିନିଅରିଂ ଓ ଟେକ୍‌ନିକାଲ ପାଠ୍ୟକ୍ରମମାନଙ୍କରେ ଉନ୍ନତ ବୈଜ୍ଞାନିକ ବିଷୟ ସ୍ଥାନ ପାଇବା ଉଚିତ । ଅତୀତରେ ଆମ ଇଂଜିନିଅର ଓ ଶିଳ୍ପ ବିଦ୍ୟାବିତ୍‌ମାନେ କେବଳ କାର୍ଯ୍ୟ-ନିର୍ବାହକରୂପେ କାର୍ଯ୍ୟ କରିଛନ୍ତି । ଡିଜାଇନ ପ୍ରସ୍ତୁତକାରକରୂପେ ଅଥବା ପଥପ୍ରଦର୍ଶକରୂପେ କାର୍ଯ୍ୟ କରିବାର ସୁଯୋଗ ସେମାନଙ୍କୁ ମିଳି ନ ଥିଲା । କିନ୍ତୁ ଦେଶର ଟେକ୍‌ନିକାଲ ଲୋକଶକ୍ତି ପ୍ରତିଷ୍ଠିତ ବୈଜ୍ଞାନିକ ପଦ୍ଧତି କାର୍ଯ୍ୟକାରୀ କରିବା ସଙ୍ଗେ ସଙ୍ଗେ ନୂତନ ବୈଜ୍ଞାନିକ ପଦ୍ଧତିର ଉଦ୍‌ଭାବନ କରିବା ଉଚିତ । ତା'ହେଲେ ଆଧୁନିକ ଦୁନିଆରେ ଦେଶର ପ୍ରଗତି ସାଧିତ ହୋଇପାରିବ । ସୁତରାଂ ଇଂଜିନିଅରିଂ ପାଠ୍ୟକ୍ରମମାନଙ୍କରେ ଅଧିକ ବୈଜ୍ଞାନିକ ବିଷୟ ଯୋଗ କରିସାରି ଶିକ୍ଷା-ମାନର ଉନ୍ନତି ଦିଗରେ ବିଶେଷ ଉଦ୍ୟମ କରାଯାଉଛି । ଏହା ସଙ୍ଗେ ସଙ୍ଗେ ଟେକ୍‌ନିକାଲ ପାଠ୍ୟକ୍ରମରେ କଳା ବିଷୟ ମଧ୍ୟ ଯୋଗ କରାଯାଉଛି । ଆଧୁନିକ ଶିଳ୍ପ-ବିଦ୍ୟାବିତ୍ କେବଳ ଜଣେ କାରିଗର ନୁହେଁ; ସେ ପ୍ରଶାସକ ମଧ୍ୟ । ସେ ବରାବର ଜନତାର ସମ୍ପର୍କରେ ଆସୁଛି । ତେଣୁ ଲୋକସମ୍ପର୍କ ବିଷୟରେ ତାର ସମ୍ୟକ୍ ଜ୍ଞାନ ନ ରହିଲେ ସେ ନିଜ କର୍ତ୍ତବ୍ୟ-ପଥରେ ସାଫଲ୍ୟ ଅର୍ଜନ କରିପାରିବ ନାହିଁ । ଏ ଯୁଗର ବୈଜ୍ଞାନିକ ଓ ଶିଳ୍ପ-ବିଦ୍ୟାବିତ୍‌ମାନଙ୍କୁ ସୌହାର୍ଦ୍ଦ୍ୟ ଓ ସହାନୁଭୂତିର ମହାମୂଲ୍ୟ ଗୁଣ ମଧ୍ୟ ଅର୍ଜନ କରିବାକୁ ହେବ । ତା ନ ହେଲେ ମନୁଷ୍ୟ ଯେଉଁ ଉନ୍ନତ ବୈଜ୍ଞାନିକ ଟେକ୍‌ନିକାଲ ଜ୍ଞାନର ଅଧିକାରୀ ହୋଇଛି, ତାହା ଏକ ଆଶୀର୍ବାଦ ନ ହୋଇ ଅଭିଶାପରେ ପରିଣତ ହେବ ।

---

"ମୁଁ କେବଳ ଆଦର୍ଶବାଦୀ ନୁହେଁ—ସ୍ୱପ୍ନ-ରାଜ୍ୟରେ ବସିବାର ବ୍ୟକ୍ତି ନୁହେଁ । ଆଦର୍ଶବାଦୀ ହେଲେହେଁ ମୁଁ କାର୍ଯ୍ୟକାରୀ ହେବାଭଳି କଳ୍ପନା କରେ । ଅହିଂସା କେବଳ ଯୋଗୀଋଷିଙ୍କର ଧର୍ମ ନୁହେଁ । ସାଧାରଣ ସଂସାରୀ ଲୋକ ମଧ୍ୟ ଅହିଂସା ଆଚରଣ କରିପାରିବେ । ପଶୁମାନଙ୍କ ପକ୍ଷରେ ହିଂସା ଯେପରି, ମନୁଷ୍ୟମାନଙ୍କ ପକ୍ଷରେ ଅହିଂସା ସେହିପରି ସ୍ୱାଭାବିକ ଧର୍ମ । ପଶୁଠାରେ ଆତ୍ମା ନିଷ୍କ୍ରିୟ ହୋଇଥାଏ । ଶାରୀରିକ ଶକ୍ତିଠାରୁ ବଳି ଅନ୍ୟ କିଛି ଗୋଟିଏ ଶକ୍ତି ଅଛି ବୋଲି ପଶୁ ଜାଣେ ନାହିଁ । କିନ୍ତୁ ମନୁଷ୍ୟ ଶାରୀରିକ ଶକ୍ତିଠାରୁ ମହତ୍ତର ଆତ୍ମିକ ଶକ୍ତିଦ୍ୱାରା ପରିଚାଳିତ; ସେହି ଆତ୍ମିକ ଶକ୍ତି ହେଉଛି ମନୁଷ୍ୟର ଗୌରବ ।

"ତେଣୁ ଭାରତ ଆଗରେ ମୁଁ ପୁରାଣ-ଯୁଗର ଆତ୍ମତ୍ୟାଗର ପନ୍ଥା ଉପସ୍ଥାପିତ କରୁଛି । ସତ୍ୟାଗ୍ରହରୁ ଅସହଯୋଗ ଓ ନିଷ୍କ୍ରିୟ ପ୍ରତିରୋଧ ବାହାରିଛି । ପୁରାଣ-ଯୁଗର ଯୋଗୀଋଷିମାନେ ନିଜ ଶରୀରକୁ ଦୁଃଖକଷ୍ଟ ଦେଇ ସତ୍ୟାଗ୍ରହ, ଅସହଯୋଗ ଓ ନିଷ୍କ୍ରିୟ ପ୍ରତିରୋଧଦ୍ୱାରା ଲକ୍ଷ୍ୟ ସିଦ୍ଧି କରୁଥିଲେ । ସେହି ପୁରୁଣା ପନ୍ଥାକୁ ମୁଁ ନୂଆ କରି ଭାରତ ଆଗରେ ରଖୁଅଛି । ଚତୁର୍ଦ୍ଦିଗରେ ହିଂସାର ରାଜତ୍ୱ ବ୍ୟାପିଥିଲେ ମଧ୍ୟ ଯୋଗୀଋଷିମାନେ ତନ୍ମଧ୍ୟରେ ଅହିଂସାର ସନ୍ଧାନ ପାଇଥିଲେ । ତେଣୁ ନିଉଟନଙ୍କଠାରୁ ସେମାନେ ଆହୁରି ବଡ଼ ଆବିଷ୍କାରକ ଓ ୱେଲିଂଟନଙ୍କଠାରୁ ଆହୁରି ବଡ଼ ଯୋଦ୍ଧା । ଅସ୍ତ୍ରଶସ୍ତ୍ରର ମହିମା ସେମାନଙ୍କୁ ଯେ ଅଜଣା ଥିଲା, ତାହା ନୁହେଁ; କିନ୍ତୁ ତାକୁ ସେମାନେ ନିରର୍ଥକ ବୋଲି ଜ୍ଞାନ କରିଥିଲେ । ତେଣୁ ହିଂସା-ପ୍ରପୀଡ଼ିତ ସଂସାରକୁ ସେମାନେ ଶିକ୍ଷା ଦେଇଥିଲେ ଯେ 'ଅହିଂସାରେ ତାର ରକ୍ଷା—ହିଂସାରେ ତାର ବିନାଶ' ।"

—ଗାନ୍ଧୀଜୀ

---

# ଗାଁଗହଳ ରେଡ଼ିଓ ଯୋଜନା

ପଞ୍ଚବାର୍ଷିକ ଯୋଜନାଗୁଡ଼ିକୁ ସଫଳ କରିବାକୁ ହେଲେ ଜାତୀୟ ଜୀବନର ସବୁ ସ୍ତରରେ ବିପୁଳ ପ୍ରଚେଷ୍ଟା କରାଯିବା ଆବଶ୍ୟକ । ତେଣୁ ଯୋଜନାର ଲକ୍ଷ୍ୟ ହାସଲ ନିମନ୍ତେ ଲୋକଙ୍କର ସ୍ୱେଚ୍ଛାକୃତ ସହଯୋଗ ଉପରେ ପ୍ରଭୂତ ଗୁରୁତ୍ୱ ଦିଆଯାଉଛି । ଲୋକମାନଙ୍କ ମଧ୍ୟରେ ଏକ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ନିମନ୍ତେ ସେମାନଙ୍କୁ ଯୋଜନାର ବିଭିନ୍ନ ଦିଗ ସମ୍ପର୍କରେ ଠିକଣାକ ଶିକ୍ଷା ଦିଆଯିବା ଏବଂ ଏହି ଭାବରେ ସୃଷ୍ଟି ହେଉଥିବା ପ୍ରେରଣାକୁ ଯୋଜନାର ଲକ୍ଷ୍ୟ ହାସଲ ଦିଗରେ ଉପଯୋଗ କରାଯିବା ଆବଶ୍ୟକ । ଯେଉଁ ଦେଶରେ ସାକ୍ଷରତାର ଅନୁପାତ ଖୁବ୍ କମ୍, ସେ ଦେଶର ଲୋକସାଧାରଣଙ୍କୁ ଶିକ୍ଷା ଦେବା ଓ ସେମାନଙ୍କ ମଧ୍ୟରେ ଯୋଗାଯୋଗ ରକ୍ଷା କରିବାର ସର୍ବାଧିକ ଫଳପ୍ରଦ ମାଧ୍ୟମ ହେଉଛି "ଦର୍ଶନ ଓ ଶ୍ରବଣ ।" ତେଣୁ ଲୋକସାଧାରଣଙ୍କୁ କିପରି ଶିକ୍ଷା ଦିଆଯିବ—ଏହି ପ୍ରଶ୍ନର ସମାଧାନ ନିମନ୍ତେ ଆଭିମୁଖ୍ୟକୁ ତଦନୁଯାୟୀ ପରିକଳ୍ପିତ କରିବାକୁ ପଡ଼ିବ ।

ଏ ସମ୍ପର୍କରେ ବେତାରବାର୍ତ୍ତାର ଯେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ତାହା ସମସ୍ତେ ସ୍ୱୀକାର କରୁଥାଉଛନ୍ତି । କେତେକ କ୍ଷେତ୍ରରେ ଗୋଟାଏ ସନ୍ଦେହ ରହିଥିଲା ଯେ ରେଡ଼ିଓ-ଯୁଗର ଠିକ୍ ପୂର୍ବବର୍ତ୍ତୀ କାଳରେ ସମ୍ବାଦପତ୍ରଗୁଡ଼ିକ ବାର୍ତ୍ତା-ପରିବେଷଣର ସବୁଠାରୁ ପ୍ରକୃଷ୍ଟ ମାଧ୍ୟମ ଥିଲେ ମଧ୍ୟ ବେତାରବାର୍ତ୍ତାର କେତେକ ସୁବିଧା ରହିଥିବାଯୋଗୁଁ ସେଗୁଡ଼ିକ କେବେ ନା କେବେ ସଙ୍କୁଚିତ ହେବେ । ସମ୍ବାଦପତ୍ର-ଗୁଡ଼ିକର ଦ୍ରୁତ ପରିବହନପକ୍ଷେ ଗାଁ-ଗହଳରେ ରାସ୍ତାଘାଟର ଅଭାବହିଁ ଏକପ୍ରଧାନ ଅସୁବିଧା । ଘଟନା ଘଟିବାର ଦିନକପରେ ମଧ୍ୟ ତାଙ୍କ ପାଖରେ ସମ୍ବାଦ ପହଞ୍ଚିବାପାଇଁ ଲୋକେ ଅପେକ୍ଷା କରିବାକୁ ରାଜି ନାହାନ୍ତି; କିନ୍ତୁ ସମ୍ବାଦପତ୍ରର କିଛି କ୍ଷତି ହୋଇ ନାହିଁ । ଏ ଭଳି ଦେଶର ପ୍ରତ୍ୟେକ ଲୋକର ଜୀବନକୁ ବେତାର ସଂସ୍ଥା ସ୍ପର୍ଶ ନ କରିବା ପର୍ଯ୍ୟନ୍ତ ସମ୍ବାଦପତ୍ରପାଇଁ ଏକ ସ୍ୱତନ୍ତ୍ର କ୍ଷେତ୍ର ଅବ୍ୟାହତ ରହିଥିବ ।

ଦୁଇଟି ଦିଗରୁ ବେତାର ସଂସ୍ଥାର ଦକ୍ଷତା ନିର୍ଦ୍ଧାରଣ କରାଯାଏ । ପ୍ରଥମଟି ହେଉଛି ବେତାର ପ୍ରେରଣ ଦିଗ ଓ ଅନ୍ୟଟି ବେତାର ଶ୍ରବଣ ଦିଗ । ଦେଶରେ ଏ ମୁଣ୍ଡରୁ ସେମୁଣ୍ଡଯାଏ ସବୁଠାରେ ବହୁସଂଖ୍ୟକ ବେତାର ପ୍ରେରକ ଯନ୍ତ୍ର ରହି ସବୁ ଭାଷାର କାର୍ଯ୍ୟକ୍ରମ ପ୍ରଚାର କରିବା ଆବଶ୍ୟକ । ଅନ୍ୟ ପକ୍ଷରେ ପ୍ରତ୍ୟେକ ଘର ଓ ପ୍ରତ୍ୟେକ ସାଧାରଣ ସ୍ଥାନରେ ବେତାରବାର୍ତ୍ତା ଗ୍ରହଣ କେନ୍ଦ୍ର (ରେଡ଼ିଓ ଯନ୍ତ୍ର) ରହିବା ମଧ୍ୟ ଦରକାର ।

ବାର୍ତ୍ତା-ପ୍ରେରଣ ଦିଗରେ ଭାରତର ଆକାଶବାଣୀ ଦ୍ରୁତ ଅଗ୍ରଗତି ହାସଲ କରିଛି । ୧୯୪୭ରେ ରେଡ଼ିଓ ଷ୍ଟେସନସଂଖ୍ୟା ଥିଲା ୬ଟି ମାତ୍ର; ୧୯୬୧ରେ ତାହା ୨୮କୁ ବୃଦ୍ଧି ପାଇଛି । ଆଜି ଭାରତରେ ୬୯ଟି ରେଡ଼ିଓ ଷ୍ଟେସନ ଅଧୀନରେ ୭୦ଟି ବେତାର୍-ପ୍ରେରକ ଯନ୍ତ୍ର ଓ ୩୩ଟି ଷ୍ଟୁଡ଼ିଓ ରହିଛି ଏବଂ ପ୍ରଧାନ ପ୍ରଧାନ ୧୭ଟି ଭାଷା (କେବଳ ଆଭ୍ୟନ୍ତରୀଣ ସେବାପାଇଁ) କାର୍ଯ୍ୟକ୍ରମ ପ୍ରଚାର କରୁଛନ୍ତି । ନିକଟରେ ଆଉରି ୩ଟି ରେଡ଼ିଓ ଷ୍ଟେସନ ଓ ୬୫ଟି ବେତାର୍-ପ୍ରେରକ ଯନ୍ତ୍ର ପ୍ରତିଷ୍ଠା କରାଯିବ । ଏହାଛଡ଼ା "ବିବିଧ ଭାରତୀ"ର ଉନ୍ନତି କରିବାପାଇଁ ଆଉରି ୬୩ଟି ଅଳ୍ପ ଶକ୍ତିବିଶିଷ୍ଟ ପ୍ରେରକ ଯନ୍ତ୍ରର (ଟ୍ରାନ୍ସମିଟର)ର ବ୍ୟବସ୍ଥା କରାଯିବ । ୬ଟି ଜାଗାରେ ବର୍ତ୍ତମାନ ଥିବା ଅଳ୍ପ ଶକ୍ତିବିଶିଷ୍ଟ ପ୍ରେରକ ଯନ୍ତ୍ର

ସ୍ଥାନରେ ଉଚ୍ଚ ଶକ୍ତିବିଶିଷ୍ଟ ପ୍ରେରକ ଯନ୍ତ୍ର ଖଞ୍ଜାଯିବ । ଏହାଫଳରେ ଦେଶର ଶତକଡ଼ା ୭୪ ଭାଗରୁ ଅଧିକ ଲୋକଙ୍କୁ ଭାରତ ଆକାଶବାଣୀର ପରିସର ମଧ୍ୟକୁ ଅଣାଯାଇପାରିବ ।

ପ୍ରଥମ ପଞ୍ଚବାର୍ଷିକ ଯୋଜନାକାଳ ମଧ୍ୟରେ ବିଦ୍ୟୁତ୍ ସରବରାହ ଥିବା ସହରର ସଂଖ୍ୟା ବୃଦ୍ଧି, ଗ୍ରାମାଞ୍ଚଳରେ ବ୍ୟବହାରପାଇଁ ଶୁଖିଲା ବ୍ୟାଟେରୀର ଉତ୍ପାଦନ ବୃଦ୍ଧି ଏବଂ ଆମଦାନି ଓ ଆଭ୍ୟନ୍ତରୀଣ ଉତ୍ପାଦନ ବୃଦ୍ଧି ଫଳରେ ରେଡ଼ିଓ ସେଟ୍‌ର ମୂଲ୍ୟ ଶତକଡ଼ା ୫୦ ଭାଗ କମିଗଲା । ସେତେବେଳେ ମନେ କରାଯାଉଥିଲା ଯେ ବ୍ୟବହୃତ ରେଡ଼ିଓ ସେଟ୍‌ର ସଂଖ୍ୟା ମଧ୍ୟ ଦ୍ରୁତ ଦ୍ରୁତ ବଢ଼ିଯିବ । କିନ୍ତୁ ଦେଖାଗଲା ଯେ ଯଦିଓ ଦେଶର ପ୍ରଧାନ ପ୍ରଧାନ ଅଞ୍ଚଳ ଭାରତ ଆକାଶବାଣୀ-ଦ୍ୱାରା ଉପକୃତ, ହେଉଛନ୍ତି ତଥାପି ଶ୍ରୋତାମାନଙ୍କର ସଂଖ୍ୟା ସନ୍ତୋଷଜନକଭାବେ ବଢ଼ୁନାହିଁ । ୧୯୪୭ରେ ସମଗ୍ର ଦେଶରେ ଏହି ସଂଖ୍ୟା ୨,୭୫,୯୫୫ ଥିବା ସ୍ଥଳେ ୧୯୫୭ ବେଳକୁ ତାହା ୧୧,୭୭,୫୨୦କୁ ବୃଦ୍ଧି ପାଇଥିଲା । ଏଣୁ ଦେଶର ପ୍ରତ୍ୟେକ ପରିବାର ଅନ୍ତତଃ ଗୋଟିଏ ହିସାବରେ ରେଡ଼ିଓ ରଖିପାରିବା ଭଳି ଅବସ୍ଥାକୁ ଆସିବାପାଇଁ ଆହୁରି କେତୋଟି ଦଶନ୍ଧି ଲାଗିଯାଇପାରେ ।

ଭାରତ ଯେତେବେଳେ ଗୋଟିଏ ଜନମଙ୍ଗଳ ରାଷ୍ଟ୍ର ହେବାକୁ ଯୋଜନା କରୁଛି, ସେତେବେଳେ ଆମୋଦ-ପ୍ରମୋଦ, ଶିକ୍ଷା ଓ ସଂସ୍କୃତିର ଏହି ଫଳପ୍ରଦ ମାଧ୍ୟମକୁ ଅବହେଳା କରାଯାଇ ନ ପାରେ । ଏ ସମସ୍ୟାର ସମାଧାନ କରିବାକୁ ହେବହିଁ ହେବ । ପ୍ରଥମେ ଅଳ୍ପ ମୂଲ୍ୟର ରେଡ଼ିଓ ପ୍ରଚଳନ ଓ ଗ୍ରାମାଞ୍ଚଳରେ ସାହାଯ୍ୟ-ପ୍ରାପ୍ତ ରେଡ଼ିଓ ସେଟ୍ ଯୋଗାଣ—ଏହି ଦୁଇଟି ବାଟରୁ ଏଥିପାଇଁ ଚେଷ୍ଟା କରାଯାଇଥିଲା । ବଜାରରେ ଗୋଟାଏ ପ୍ରକାର ଜନତା ସେଟ୍‌ର ବନ୍ଦସ୍ତ ବ୍ୟବସ୍ଥା କରିବା ଭାର ରେଡ଼ିଓ ନିର୍ମାତାମାନଙ୍କ ଇଚ୍ଛା ଉପରେ ଛାଡ଼ି ଦିଆଗଲା । ଜନତା ସେଟ୍ ତିଆରି କରି ବଜାରକୁ ଆଣିବାପାଇଁ ୫ ବର୍ଷ ଲାଗିଯାଇଥିଲା । ବର୍ତ୍ତମାନ ଜନତା ସେଟ୍ ବଜାରରେ ଟ୧୨୫ରେ ମିଳୁଛି । ଲାଇସେନ୍ସ ଫିସ୍ ଟ୭.୫୦ ନ:ପ: କୁ କମାଇ ଦିଆଯାଇଥିବାରୁ ଓ ମଧ୍ୟମ ତରଙ୍ଗର ( ମିଡ଼ିୟମ୍ ଓ୍ୱେଭ୍ ) ପରିସର ବଢ଼ାଇ ଦିଆଯାଇଥିବାରୁ ଜନତା ରେଡ଼ିଓ ଖରିଦ କରିବାପାଇଁ ସାଧାରଣ ଲୋକେ ଉତ୍ସାହିତ ହେଉଛନ୍ତି ।

ଭାରତ ସରକାରଙ୍କ ସୂଚନା ଓ ପ୍ରଚାର ମନ୍ତ୍ରାଳୟ ଭାରତୀୟ ଆକାଶବାଣୀର ସମ୍ପ୍ରସାରଣ କାର୍ଯ୍ୟକ୍ରମର ଅଂଶରୂପେ ଗ୍ରାମାଞ୍ଚଳରେ ସାହାଯ୍ୟପ୍ରାପ୍ତ ହାରରେ ରେଡ଼ିଓ ସେଟ୍ ଯୋଗାଇବା ଭାର ରାଜ୍ୟଙ୍କୁ ଦେଲେ । ଏହାଫଳରେ ସାମୁଦାୟିକ ବେତାର ଶ୍ରବଣ ପରିକଳ୍ପନା ୧୯୫୫-୫୬ରେ ସ୍ଥିର କରାଗଲା । ଗ୍ରାମାଞ୍ଚଳରେ ସାହାଯ୍ୟପ୍ରାପ୍ତ ରେଡ଼ିଓ ସେଟ୍‌ମାନ ସ୍ଥାପନ କରିବାପାଇଁ ଏହି ପରିକଳ୍ପନାରେ ବ୍ୟବସ୍ଥା ଅଛି । ଏଭଳି ରେଡ଼ିଓ ସେଟ୍ ଯେପରି ସହଜରେ ଚଳାଇ ହେବ, ହଲଚଲ ହେଲେ ବି ଖରାପ ନ ହେବା ଭଳି ମଜବୁତ୍ ହେବ, ଆର୍ଦ୍ରତା ଓ ଧୂଳିରୁ ସୁରକ୍ଷିତ ହେବ, ସେଥିପାଇଁ ଭାରତୀୟ ମାନକ ଭବନ, ଭାରତୀୟ ଆକାଶବାଣୀର ପରାମର୍ଶକ୍ରମେ ଗୋଟିଏ ନିର୍ଦ୍ଦିଷ୍ଟ ଧରଣର ରେଡ଼ିଓପାଇଁ ନକ୍ସା ପ୍ରସ୍ତୁତ କଲେ । ରେଡ଼ିଓ ନିର୍ମାତା ଓ ରେଡ଼ିଓ ବ୍ୟବହାରକାରୀ ଉଭୟଙ୍କର ଉପକାର ହେବାଭଳି ଏକ ବ୍ୟବସ୍ଥା ବାହାର କରିବାପାଇଁ ବିଭିନ୍ନ ରାଜ୍ୟ ସରକାର ଓ ଶିଳ୍ପ-ସଂସ୍ଥାମାନଙ୍କ ମତାମତ ରାଜ୍ୟଙ୍କୁ ନିଆଗଲା । ଉକ୍ତ ଧରଣର ରେଡ଼ିଓ ବିଶେଷ ଉପଯୋଗୀ ହେବାର ଦେଖାଯିବାରୁ ଏହାକୁ "ସାମୁଦାୟିକ ବେତାର ଯନ୍ତ୍ର" (କମ୍ୟୁନିଟି ରିସିଭର) ବୋଲି ନାମ ଦିଆଗଲା ।

କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ଗ୍ରାମବାସୀ—ଏହି ତିନୋଟି ପକ୍ଷର ସମ୍ମିଳିତ

ଉଦ୍ଦେଶ୍ୟରେ ଉକ୍ତ ପରିକଳ୍ପନା ଗୃହୀତ ହୋଇଛି । କେନ୍ଦ୍ର ସରକାର ରେଡ଼ିଓ ସେଟ୍ ସଂଗ୍ରହ କରନ୍ତି, ରାଜ୍ୟ ସରକାର ସେଗୁଡ଼ିକୁ ନିର୍ଦ୍ଦିଷ୍ଟ ସ୍ଥାନରେ ବସାଇ ତାହାର ରକ୍ଷଣାବେକ୍ଷଣ କାର୍ଯ୍ୟରେ ଗ୍ରାମବାସୀମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ବୈଷୟିକ କର୍ମଚାରୀ ଯୋଗାନ୍ତି ଏବଂ ଗ୍ରାମବାସୀମାନେ ରେଡ଼ିଓ ସେଟ୍‌ର ରକ୍ଷଣାବେକ୍ଷଣ କରନ୍ତି । ପ୍ରତି ରେଡ଼ିଓ ସେଟ୍‌ର ଓ ତାହାର ଉପକରଣର ମୂଲ୍ୟ ତିନିପକ୍ଷଯାକ ବାଣ୍ଟି କରି ଦିଅନ୍ତି । ପ୍ରତି ସେଟ୍‌ପାଇଁ କେନ୍ଦ୍ର ସରକାର ଟ୧୨୫୯ ଓ ଗ୍ରାମବାସୀମାନେ ଟ୭୫୯ ଦିଅନ୍ତି ଏବଂ ଅବଶିଷ୍ଟତକ ରାଜ୍ୟ ସରକାର ବହନ କରନ୍ତି । ଏଥିରୁ ମିଳୁଥିବା ଲାଭ ସମସ୍ତେ ଉପଭୋଗ କରନ୍ତି ।

ରେଡ଼ିଓ ସେଟ୍ କିଣିବାର ସୁବିଧା କରିବାପାଇଁ ନୂଆ ଦିଲ୍ଲୀସ୍ଥ ଭାରତୀୟ ଆକାଶବାଣୀର ଡିରେକ୍ଟର ଜେନେରାଲ୍ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ତରଫରୁ ଯୋଗାଣ ଓ ବ୍ୟବସ୍ଥାର ଡିରେକ୍ଟର ଜେନେରାଲଙ୍କ (ଡିରେକ୍ଟର ଜେନେରାଲ୍ ଅଫ୍ ସପ୍ଲାଇଜ ଆଣ୍ଡ୍ ଡିସ୍‌ପୋଜାଲ) ନିକଟକୁ ଗୋଟିଏ ସମ୍ମିଳିତ ବରାଦ ପଠାଇ ଦିଅନ୍ତି । ଯୋଗାଣ ଓ ବ୍ୟବସ୍ଥାର ଡିରେକ୍ଟର ଜେନେରାଲ୍ ଟେଣ୍ଡର ମଗାନ୍ତି ଓ ନିର୍ମାତାମାନଙ୍କୁ ନମୁନା ଦାଖଲ କରିବା ନିମନ୍ତେ ନିର୍ଦ୍ଦେଶ ଦିଅନ୍ତି । ଜାତୀୟ ପଦାର୍ଥିକ ପରୀକ୍ଷାଗାର (ନ୍ୟାସନାଲ ଫିଜିକାଲ୍ ଲାବୋରେଟରି) ଭାରତୀୟ ମାନକ ଭବନର ନିର୍ଦ୍ଧାରଣ ଅନୁସାରେ ଏସବୁ ନମୁନା ପରୀକ୍ଷା କରନ୍ତି ଓ ସେଥିମଧ୍ୟରୁ ଯେଉଁଗୁଡ଼ିକ ସନ୍ତୋଷଜନକ ଦେଖାଯାଏ ସେଗୁଡ଼ିକର ମୂଲ୍ୟ ସ୍ଥିର କରନ୍ତି । କିଣିବାପାଇଁ ଯେଉଁ ଟେଣ୍ଡରର ନମୁନା ଗୃହୀତ ହୋଇଥାଏ, ତାହାକୁ ଜିଲ୍‌ମୁଦ ଦେଇ ରଖାଯାଏ । ପରେ ନିର୍ମାଣକାରୀ ପ୍ରତିଷ୍ଠାନ ଠିକ୍ ଉକ୍ତ ଜିଲ୍‌ମୁଦଦିଆ ନମୁନା ଅନୁସାରେ ମାଲ ଯୋଗାଇବାପାଇଁ ସରକାରଙ୍କ ସଙ୍ଗେ ଚୁକ୍ତି କରନ୍ତି । ଯଦି ଉକ୍ତ ମାଲ ଓ ତହିଁର କେତେକାଂଶ ମାନକ ଭବନର ନିର୍ଦ୍ଧାରଣ ଅନୁଯାୟୀ ହୋଇ ନ ଥାଏ ତାହାହେଲେ ଖରାପ ମାଲଗୁଡ଼ିକୁ ବଦଳାଇଦେବା-ପାଇଁ ସେମାନେ ଦାୟିତ୍ୱ ନିଅନ୍ତି ଏବଂ ଏକ ନିର୍ଦ୍ଧାରିତ ସମୟ ମଧ୍ୟରେ ମାଲ ଦାଖଲ କରିବାପାଇଁ ଚୁକ୍ତି କରନ୍ତି । ପ୍ରତ୍ୟେକ ଜିନିଷ ଠିକ୍ ରହିଛି କି ନାହିଁ, ତାହା ଜାତୀୟ ପଦାର୍ଥିକ ପରୀକ୍ଷାଗାର ଯେକୌଣସି ସମୟରେ ପରୀକ୍ଷା କରିପାରନ୍ତି । କାରଖାନାରୁ ମାଲ ଗ୍ରହଣ କରାଯିବା ପୂର୍ବରୁ ଯୋଗାଣ ଓ ବ୍ୟବସ୍ଥାର ଡିରେକ୍ଟର ଜେନେରାଲଙ୍କ ପରିଦର୍ଶନକାରୀ ଅଫିସରମାନେ ସେଗୁଡ଼ିକୁ ଯାଞ୍ଚ କରନ୍ତି । ଭବିଷ୍ୟତରେ ଯେପରି କୌଣସି ଅସୁବିଧା ନ ଘଟେ ସେଥିପାଇଁ ସବୁମାଲରେ ମୁଦ ଓ ମୋହର ଦିଆଯାଏ । ରାଜ୍ୟ ସରକାରମାନେ ଏସବୁ ମାଲ ପାଇବାମାତ୍ରେ ସେଗୁଡ଼ିକର ନିର୍ମାଣ ଓ କାର୍ଯ୍ୟକାରିତା ସମ୍ପର୍କୀୟ ଦୋଷାଦୋଷ ପରୀକ୍ଷା କରିବାପାଇଁ ପୁଣି ଥରେ ପ୍ରତ୍ୟେକ ମାଲ ଯାଞ୍ଚ କରନ୍ତି । ଯେଉଁଗୁଡ଼ିକ ଦୋଷଯୁକ୍ତ ଦେଖାଯାଏ କିମ୍ବା ଭଲ କାମ ଦେଇ ନ ପାରେ, ସେଗୁଡ଼ିକୁ ନିର୍ମାତାମାନେ ବିନା ମୂଲ୍ୟରେ ବଦଳାଇ ଦିଅନ୍ତି । ଏହା ଛଡ଼ା ସେଥିରୁ ଯେଉଁତକ ଦେଶୀୟ ଯନ୍ତ୍ରପାତି ଯୋଗାଣ-ବ୍ୟବସ୍ଥାରୁ ବର୍ଷକ ଭିତରେ ଅକାମୀ ହୋଇଯିବ, ସେଗୁଡ଼ିକୁ ମାଗଣା ବଦଳାଇ ଦେବାକୁ ଉକ୍ତ ପ୍ରତିଷ୍ଠାନ ଚୁକ୍ତିବଦ୍ଧ ହୁଅନ୍ତି । କିଛି କ୍ଷତି ହୋଇନାହିଁ ବୋଲି ଉଲ୍ଲେଖ କରି ରାଜ୍ୟ ସରକାର ପ୍ରମାଣପତ୍ର ଦେଲେ ଯାଇ ମାଲ ଯୋଗାଇଥିବା ପ୍ରତିଷ୍ଠାନ ଭାରତ ସରକାରଙ୍କଠାରୁ ତାଙ୍କ ବିଲ୍ ବାବଦ ଟଙ୍କା ପାଆନ୍ତି । ହିସାବ ହସ୍ତାନ୍ତର ନିୟମ ( ଆକାଉଣ୍ଟ ଟ୍ରାନ୍ସଫର ) ଏସବୁ ମାଲର ମୂଲ୍ୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଭରଣାପୂରଣ କରାଯାଏ ।

ସାମୁଦାୟିକ ରେଡ଼ିଓ ସେଟ୍ ଓ ତହିଁର ଆନୁଷଙ୍ଗିକ ଯନ୍ତ୍ରପାତି ମିଳିବାର ସମୟ ହେଉଛି ଅକ୍ଟୋବରରୁ

# ଉତ୍କଳ ପ୍ରସଙ୍ଗ



ଜାନୁଆରୀ ମାସ । ତତ୍ପରେ ସେଗୁଡ଼ିକୁ ବିଭିନ୍ନ ସ୍ଥାନରେ ସ୍ଥାପନ କରାଯିବାପାଇଁ ଜିଲ୍ଲା ଲୋକସମ୍ପର୍କ ଅଫିସରମାନଙ୍କ ନିକଟକୁ ପଠାଯାଏ । ରେଡ଼ିଓ ସେଟ୍ ବସାଯିବାପାଇଁ ପୁସ୍ତକାଗାର, ସ୍କୁଲ, ପଞ୍ଚାୟତ ଓ ଗ୍ରାମ୍ୟ ବିନୋଦନ କେନ୍ଦ୍ର ପ୍ରଭୃତି ସାଧାରଣ ଅନୁଷ୍ଠାନମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଏ । ଘରୋଇ ବ୍ୟବହାରପାଇଁ ନିର୍ଦ୍ଦିଷ୍ଟ କୌଣସି ସ୍ଥାନରେ ରେଡ଼ିଓ ସେଟ୍ ରଖିବାକୁ ଦିଆଯାଏ ନାହିଁ । ଏହି ଦରଖାସ୍ତରେ ଗ୍ରାମର ଲୋକସଂଖ୍ୟା, ଗ୍ରାମରେ କେତୋଟି ସାମୁଦାୟିକ ବେତାର ସେଟ୍ ରହିଛି—ଇତ୍ୟାଦି କେତୋଟି ବିଷୟ ପୂରଣ କରାଯାଇ ତାହାକୁ ବ୍ଲକ୍ ଉନ୍ନୟନ ଅଫିସର, ସବ୍‌ଡିଭିଜନ ଅଫିସର କିମ୍ବା ଅନ୍ୟ କୌଣସି ଗେଜେଟେଡ୍ ଅଫିସର, ସରପଞ୍ଚ, ବିଧାନସଭା କିମ୍ବା ପାର୍ଲିଆମେଣ୍ଟ ସଭ୍ୟଙ୍କ ନିକଟରେ ସୁପାରିଶପାଇଁ ଦାଖଲ କରାଯାଏ । ସେମାନେ ଦରଖାସ୍ତ ବିଷୟ ଠିକ୍ ଥିବା ଓ ରେଡ଼ିଓ ସେଟ୍ ରକ୍ଷଣାବେକ୍ଷଣପାଇଁ ସମ୍ପୃକ୍ତ ଅନୁଷ୍ଠାନ ସମର୍ଥ ଥିବା ଦର୍ଶାଇ ସ୍ୱାକ୍ଷର କରନ୍ତି । ଅନୁଷ୍ଠାନର ସଭ୍ୟ ଗ୍ରାମବାସୀମାନଙ୍କୁ ସେହି ଅନୁଷ୍ଠାନର ଜଣେ ସଭ୍ୟ ବା ସମ୍ପାଦକ ବା ସଭାପତିଙ୍କୁ ରେଡ଼ିଓ ସେଟ୍ ହେପାଜତରେ ରହିବାପାଇଁ ଓ ଆବଶ୍ୟକ ଚୁକ୍ତିପତ୍ର ସମ୍ପାଦନ କରିବାପାଇଁ ବାଛିବାକୁ ପଡ଼େ । ଏହି ନିର୍ବାଚିତ ବ୍ୟକ୍ତି ପୂର୍ବୋକ୍ତ ସୁପାରିଶ କରାଯାଇଥିବା ଦରଖାସ୍ତ ଓ ଟ ୭୫୲ ନେଇ ଜିଲ୍ଲା ଲୋକସମ୍ପର୍କ ଅଫିସରଙ୍କୁ ଭେଟନ୍ତି । ଏହି ଟ ୭୫୲ ହିଁ ରେଡ଼ିଓ ସେଟ୍ ଓ ତହିଁର ଅନ୍ୟାନ୍ୟ ଉପକରଣର ମୂଲ୍ୟ ବାବଦକୁ ଗ୍ରାମବାସୀମାନଙ୍କର ଦେୟ । ତାହା ଆଉ ଫେରସ୍ତ ମିଳେ ନାହିଁ ।

ସାମୁଦାୟିକ ରେଡ଼ିଓ ସେଟର ପୂର୍ଣ୍ଣ ଦାୟିତ୍ୱ ନେବାପାଇଁ ତଥା ତହିଁର ମରାମତି ଓ ରକ୍ଷଣାବେକ୍ଷଣ କରିବା, ସାନ ଲାଇସେନ୍ସ କରିବା ଏବଂ ଜାତି ଓ ଲିଙ୍ଗନିର୍ବିଶେଷରେ ସବୁ ଶ୍ରେଣୀର ଲୋକଙ୍କୁ ଅବାଧରେ ରେଡ଼ିଓ ଶୁଣିବାର ସୁବିଧା କରିଦେବାପାଇଁ ହେପାଜତକାରୀ ବ୍ୟବସ୍ଥା କରନ୍ତି । ଏହି ଉଦ୍ଦେଶ୍ୟରେ ରାଜ୍ୟସରକାରଙ୍କ ସହିତ ତାଙ୍କୁ ଗୋଟିଏ ଚୁକ୍ତି କରିବାକୁ ପଡ଼ିଥାଏ । ଦୁଇ ଜଣ ସାକ୍ଷୀଙ୍କ ଉପସ୍ଥିତିରେ ଟ ୧.୧୨ ନୂ: ପ: ମୂଲ୍ୟର (ଦୁଇ ଫର୍ଦ୍ଦ) ଷ୍ଟାମ୍ପ କାଗଜରେ ଏହି ଚୁକ୍ତିପତ୍ର ସମ୍ପାଦିତ ହୁଏ । ତାହାଙ୍କୁ ରେଡ଼ିଓ ସେଟ୍ ଦିଆଯିବାପୂର୍ବରୁ ସେ ପୋଷ୍ଟ ଅଫିସରୁ ଗୋଟିଏ ଲାଇସେନସ୍ ନେବା ଦରକାର ପଡ଼େ । ଜିଲ୍ଲା ଲୋକସମ୍ପର୍କ ଅଫିସରଙ୍କଠାରୁ ଗୋଟିଏ କ୍ଷମତାପତ୍ର ନେଲେ ତାଙ୍କୁ ବାର୍ଷିକ ଟ ୧୦୲ ଲାଇସେନ୍ସ ଫି ଦେବାକୁ ପଡ଼େ ଓ ଉକ୍ତ ଲାଇସେନସ୍ ସେହି ବର୍ଷର ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହେ । ଗୋଟିଏ ସ୍କୁଲପାଇଁ ଲାଇସେନ୍ସ ଫି ଟ ୩୲ ମାତ୍ର ।

ପ୍ରତ୍ୟେକ କମ୍ୟୁନିଟି ରେଡ଼ିଓ ସେଟ୍ ସହିତ ଗୋଟିଏ ଡାକବାଜ ଯନ୍ତ୍ର ( ଲାଉଡସ୍ପିକର ) ତଥା ଓ ଆନୁସଙ୍ଗିକ ଉପକରଣ, ୫୦ ଫୁଟ କପ୍ୟାଡ଼୍ ତମ୍ବାର ତାର ( ଏରିଅଲ ), ୫୦ ଫୁଟ ସୀସା ତାର, ଦୁଇଟି ଶନାମାଟି (ପୋର୍ସିଲିନ୍), ଆଚ୍ଛାଦକ (ଇନ୍‌ସୁଲେଟର), ଦୁଇଟି ପେଚକଣ୍ଟା (ସ୍କ୍ରୁଆଇଜ୍) ୬ ଫୁଟ ଭୂଗର୍ଭବାହୀ ଧାତବ ନଳ ( ଆର୍ଥ ପାଇପ୍ ) ଓ ୬୦ ଗଜ ତାର ( ଲାଉଡସ୍ପିକର ପାଇଁ ) ମଧ୍ୟ ଦିଆଯାଏ । ଶୁଷ୍କ ଡ୍ରାଇ ବ୍ୟାଟେରି ସେଟ୍ ହୋଇଥିଲେ ଗୋଟିଏ ଶୁଷ୍କ ବ୍ୟାଟେରି ମଧ୍ୟ ଯୋଗାଇ ଦିଆଯାଏ । ଅନୁଷ୍ଠାନମାନେ ଯେଉଁ କାଳପର୍ଯ୍ୟନ୍ତ କମ୍ୟୁନିଟି ରେଡ଼ିଓ ସେଟ୍‌ର ରକ୍ଷଣାବେକ୍ଷଣ କରିପାରୁଥିବେ, ସେପର୍ଯ୍ୟନ୍ତ ସେମାନଙ୍କୁ ତାହା ବ୍ୟବହାର କରିବାକୁ ଦିଆଯାଏ । କେବଳ ଯେଉଁଠାରେ ଅନୁଷ୍ଠାନମାନେ ରେଡ଼ିଓ ସେଟ୍‌ର ରକ୍ଷଣାବେକ୍ଷଣ କରି ନ ପାରନ୍ତି, ଚୁକ୍ତିପତ୍ରର ସର୍ତ୍ତର ଖିଲାପ୍ କରନ୍ତି କିମ୍ବା ତାହାର ଅପବ୍ୟବହାର କରନ୍ତି, ସେଇଠାରେ ରେଡ଼ିଓ ସେଟ୍ ଫେରାଇ ନିଆଯାଏ; ଅନ୍ୟ ଅବସ୍ଥାରେ ନିଆଯାଏ ନାହିଁ । କିନ୍ତୁ ରେଡ଼ିଓ ସେଟ୍ ଓ

ତନ୍ତ୍ରିର ଉପକରଣମାନ ରାଜ୍ୟ ସରକାରଙ୍କ ସମ୍ପତ୍ତି ହୋଇ ରହେ । ଡାକ ଓ ତାର ଆଇନ୍‌ରେ ଉଲ୍ଲେଖ ରହିଛି ଯେ କେବଳ ନିର୍ଦ୍ଦିଷ୍ଟ ଭାରତୀୟ ଆକାଶ-ବାଣୀରୁ ପ୍ରସାରିତ କାର୍ଯ୍ୟକ୍ରମମାନ ଗ୍ରହଣ କରିବ—ଏହି ସର୍ତ୍ତରେ କମ୍ୟୁନିଟି ରେଡ଼ିଓ ସେଟ୍‌କୁ ଲାଇସେନ୍‌ସ୍ ଫିସ୍‌ରୁ କେତେକାଂଶ ଛାଡ଼ି ଦିଆଯାଉଛି । ତେଣୁ ଅନୁଷ୍ଠାନଗୁଡ଼ିକୁ ଦିଆଯିବା ପୂର୍ବରୁ ରେଡ଼ିଓ ସେଟ୍-ମାନ ଯେପରି ୪ଟି ଭାରତୀୟ ଆକାଶ-ବାଣୀ କେନ୍ଦ୍ରରୁ ପ୍ରସାରିତ କାର୍ଯ୍ୟକ୍ରମ ଗ୍ରହଣ କରିପାରିବେ, ସେହି-ଭାବରେ ସେଗୁଡ଼ିକରେ ସ୍ୱରବନ୍ଧା ହୁଏ (ଓଡ଼ିଶାରେ ଚାଲୁଥିବା ରେଡ଼ିଓ ସେଟରେ ଦିଲ୍ଲୀ, କଲିକତା, ବିବିଧ ଭାରତୀ ଓ କଟକର କାର୍ଯ୍ୟକ୍ରମ ଶୁଣାଯାଏ )। ଏହି ବ୍ୟବସ୍ଥାଫଳରେ ରେଡ଼ିଓଗୁଡ଼ିକୁ ଚଳାଇବା ଗ୍ରାମବାସୀମାନଙ୍କ ପକ୍ଷେ ସହଜସାଧ୍ୟ ହୁଏ । କେବଳ ବୈଷୟିକ କର୍ମଚାରୀମାନେ ଏଭଳି ସ୍ୱର ବଦଳାଇ ( ପ୍ରି-ଟିଉନିଙ୍ଗ୍ ) ପାରନ୍ତି । ଫଳତଃ ଅନାଡ଼ି ହାତରେ ଏହାକୁ ସଜାଡ଼ିବାର ଚେଷ୍ଟା କଲେ ରେଡ଼ିଓ ସେଟ୍‌ଟି ଖରାପ ହୋଇଯିବା ସ୍ୱାଭାବିକ କଥା । ରେଡ଼ିଓ ସେଟ୍‌ର ଭିତରେ ଥିବା ଯନ୍ତ୍ରପାତି-ଗୁଡ଼ିକ ଅତି ସୂକ୍ଷ୍ମ ଓ କୋମଳ । ତେଣୁ ଅଳ୍ପ ଜ୍ଞାନ ଥିବା ଲୋକ ଏହାକୁ ସଜାଡ଼ିବାପାଇଁ ଚେଷ୍ଟା କଲେ ବରଂ ଅଧିକ ଖରାପ କରିପକାନ୍ତି, ଯାହା କି ସେମାନେ ଆଉ ସୁଧାରିପାରନ୍ତି ନାହିଁ । ଏଣୁ ରେଡ଼ିଓ ହେପାଜତ୍‌କାରୀମାନେ ଯେଉଁଥିଲାଗି ରେଡ଼ିଓ ସେଟ୍‌ର ମୂଳରେ ହାତ ଦିଅନ୍ତି ନାହିଁ । ହିସାବ କଲେ ଦେଖାଯିବ ଯେ ଏଭଳି ରେଡ଼ିଓ ସେଟ୍‌ମାନ ଖୁବ୍ କମ୍ ଅସୁବିଧା ସୃଷ୍ଟି କରିଥାନ୍ତି । ଏଭଳି ସୀମିତ ସୁବିଧା କେବଳ ଗ୍ରାମ୍ୟ ଲୋକଙ୍କ ହିତପାଇଁ କରାଯାଇଛି । କାରଣ ଗ୍ରାମ୍ୟ ଲୋକମାନଙ୍କର ରେଡ଼ିଓ ସେଟ୍ ସମ୍ପର୍କରେ ବିଶେଷ ବୈଷୟିକ ଜ୍ଞାନ ନାହିଁ । ପୂର୍ବରୁ ଯାହାସବୁ କୁହାଗଲା, ସେଥିପାଇଁ ଏବଂ ଗ୍ରାମବାସୀ-ମାନଙ୍କୁ ରେଡ଼ିଓପାଇଁ ମାତ୍ର ଟ ୭୫୍ ଦେବାକୁ ପଡ଼ୁଥିବା ଯୋଗୁଁ କେତେକ କ୍ଷେତ୍ରରେ ଗୋଟାଏ ସନ୍ଦେହ ରହିଛି ଯେ ଏହି କମ୍ୟୁନିଟି ରେଡ଼ିଓ ସେଟ୍-ଗୁଡ଼ିକ ବାଜେଧରଣର, ସୁତରାଂ ଭଲ ବାଜିବ ନାହିଁ । କିନ୍ତୁ ପ୍ରକୃତରେ ମୂଲ୍ୟ-ଚୁକ୍ତି ଅନୁଯାୟୀ ଛାଡ଼ ମିଳି ସୁଦ୍ଧା ସରକାରଙ୍କୁ ଗୋଟିଏ କମ୍ୟୁନିଟି ସେଟ୍‌ର ମୂଲ୍ୟ ବାବଦରେ ଟ୨୭୫୍ରୁ ଟ୩୦୦୍ ପର୍ଯ୍ୟନ୍ତ ଦେବାକୁ ପଡ଼ୁଛି (ସବୁ ଯନ୍ତ୍ରପାତି ସମେତ) । ତେଣୁ ଏହି ରେଡ଼ିଓ ସେଟ୍‌ର ବଜାରଦର ନିଶ୍ଚୟ ତଦପେକ୍ଷା ଅଧିକ । ଏହା ଗ୍ରାମବାସୀମାନଙ୍କୁ ଅଳ୍ପ ଦରରେ ମିଳୁଛି ବୋଲି ସେଥିରୁ ବୁଝିବାକୁ ହେବ ନାହିଁ ଯେ ଏହାର ମୂଲ୍ୟ ଟ୭୫୍ ଓ ଉକ୍ତ ରେଡ଼ିଓ ସେଟ୍ ଖୁବ୍ ଶସ୍ତା ଓ କେବଳ ସ୍ଥାନୀୟ କାର୍ଯ୍ୟକ୍ରମ ଗ୍ରହଣ କରିବାପାଇଁ ଉଦ୍ଦିଷ୍ଟ ।

ଟଙ୍କା ଦାଖଲ କରିବା, ଲାଇସେନ୍‌ସ୍ ନେବା ଓ ଚୁକ୍ତିପତ୍ର ସମ୍ପାଦନ କରିବା ପ୍ରଭୃତି ଆନୁଷ୍ଠାନିକ କାର୍ଯ୍ୟମାନ ସରିଯିବା ପରେ ପରେ ଭଣ୍ଡାରରୁ ରେଡ଼ିଓ ସେଟ୍ ପାଇବାପାଇଁ ହେପାଜତ୍‌କାରୀଙ୍କୁ କ୍ଷମତା ଦିଆଯାଏ । ତାପରେ ରେଡ଼ିଓ ସେଟ୍ ଓ ତନ୍ତ୍ରିର ଆନୁଷଙ୍ଗିକ ଉପକରଣମାନ ଭଲ କାମ ଦେବ କି ନାହିଁ ଓ ସେଥିରେ କିଛି ଦୋଷ ରହିଛି କି ନାହିଁ ଜାଣିବା ନିମନ୍ତେ ସେଗୁଡ଼ିକୁ ଆଉ ଥରେ ପରୀକ୍ଷା କରାଯାଏ । ଯେତେବେଳେ ରେଡ଼ିଓ ଷ୍ଟେସନମାନ ଚାଲୁଥାଏ, ସାଧାରଣତଃ ସେହି ସମୟରେ ରେଡ଼ିଓ ଇନସ୍‌ପେକ୍ଟର ଏଭଳି ପରୀକ୍ଷା କରନ୍ତି । ଯଦି ରେଡ଼ିଓର କୌଣସି ଯନ୍ତ୍ର ବା ଅଂଶ ଭଲ କାମ ଦେଉ ନ ଥିବାର ଦେଖାଯାଏ, ତେବେ ତାହା ବଦଳାଇ ଭଲ ଯନ୍ତ୍ରପାତି ଯୋଗାଇ ଦିଆଯାଏ । କିନ୍ତୁ ସମଗ୍ର ରେଡ଼ିଓ ସେଟ୍‌ଟି ବଦଳାଇ ଦିଆଯାଇ ନ ପାରେ । ଏହି ଅସୁବିଧା ଦୂର କରିବାପାଇଁ ରେଡ଼ିଓ ସେଟ୍ କୌଣସି ଅନୁଷ୍ଠାନକୁ ଦିଆଯିବା ପୂର୍ବରୁ ସାବଧାନତା-ସହକାରେ ପରୀକ୍ଷା କରାଯାଏ । ତାହାପରେ ରେଡ଼ିଓ କିପରି ବଜାଇବାକୁ ହେବ ଓ କିପରି ଚଳାଇବାକୁ

ହେବ, ସେ ବିଷୟ ହେପାଜତ୍‌କାରୀଙ୍କୁ ଭଲଭାବେ ଦେଖାଇ ଦିଆଯାଏ । ପ୍ରତ୍ୟେକ ଅଂଶର କିଭଳି ଯତ୍ନ ନେବାକୁ ହେବ, ସେ ବିଷୟରେ ମଧ୍ୟ ତାଙ୍କୁ ଧାରଣା ଦିଆଯାଏ । ସବୁପ୍ରକାର ଆନୁଷ୍ଠାନିକ କାର୍ଯ୍ୟ ଶେଷ କରି ରେଡ଼ିଓ ସେଟ୍ ନେବାପାଇଁ ହେପାଜତ୍‌କାରୀଙ୍କୁ ୪ରୁ ୮ ଘଣ୍ଟାପର୍ଯ୍ୟନ୍ତ ଲାଗେ । ଅବଶ୍ୟ ଜିଲ୍ଲା ଲୋକସମ୍ପର୍କ ଅଫିସ, ଡାକଘର, କଚେରୀର ( ଷ୍ଟାମ୍ପ କାଗଜପାଇଁ ) ଅବସ୍ଥାନ ନେଇ ଏହି ସମୟର ତାରତମ୍ୟ ଘଟେ । ଯାହା ହେଉ, ମୋଟକଥା ହେଉଛି ଯେ ହେପାଜତ୍‌କାରୀଙ୍କୁ ନିମ୍ନଲିଖିତ ବିଷୟଗୁଡ଼ିକ ସଙ୍ଗରେ ନେଇ ଆସିବାକୁ ପଡ଼େ:—ପୂରଣ କରା-ଯାଇଥିବା ଦରଖାସ୍ତ, ଜମା ଦେବାପାଇଁ ଆବଶ୍ୟକ ଅର୍ଥ, ଷ୍ଟାମ୍ପ କାଗଜ ଓ ଲାଇସେନ୍‌ସ୍ ବାବଦ ଖର୍ଚ୍ଚ ।

କମ୍ୟୁନିଟି ରେଡ଼ିଓ ସେଟ୍ ଗ୍ରାମକୁ ନିଆଯିବା ପରେ ତାହାକୁ କେଉଁଠାରେ କିପରି ବସାଇବାକୁ ହେବ, ସେ ପ୍ରଶ୍ନ ଉଠେ । ହେପାଜତ୍‌କାରୀ ଜିଲ୍ଲା ଲୋକ-ସମ୍ପର୍କ ଅଫିସ ତ୍ୟାଗ କରିବା ପୂର୍ବରୁ ଏ ସମ୍ପର୍କରେ ନିର୍ଦ୍ଦେଶ ପାଇଥାନ୍ତି । ତେଣୁ ରେଡ଼ିଓ ବସାଇବା କାର୍ଯ୍ୟ ତାହାଙ୍କଦ୍ୱାରା ସମ୍ପାଦିତ ହୁଏ । ରେଡ଼ିଓ କିପରି ଚଳାଇବାକୁ ହେବ ଓ ତଦାରଖ କରିବାକୁ ହେବ, ସେ ସମ୍ପର୍କରେ ଶବ୍ଦ ଓ ଟିକିନିଖି ବିବରଣୀ ବିଶିଷ୍ଟ ପୁସ୍ତିକା ମଧ୍ୟ ସେମାନଙ୍କୁ ଯୋଗାଇ ଦିଆଯାଏ । ଏହା ପରେ ସେ ଅଞ୍ଚଳର ରେଡ଼ିଓ ଇନ୍‌ସ୍‌ପେକ୍ଟର ତାଙ୍କ ପ୍ରଥମ ପରିଦର୍ଶନ ସମୟରେ ଗ୍ରାମରେ ସ୍ଥାପିତ ହୋଇ-ଥିବା ରେଡ଼ିଓ ପରୀକ୍ଷା କରନ୍ତି ଓ ଦୋଷତ୍ରୁଟି ଦେଖାଗଲେ ସୁଧାରି ଦିଅନ୍ତି । ସେହି ସମୟରେ ରେଡ଼ିଓ ଇନ୍‌ସପେକ୍ଟର ବିଦ୍ୟୁତ୍-ନିରୋଧକ ( ଲାଇଟ୍‌ନିଙ୍ଗ ଆରେଷ୍ଟର ) ମଧ୍ୟ ବସାନ୍ତି ।

ରେଡ଼ିଓ ସେଟ୍ ନିଆଯିବା ସମୟରେ ଯେଉଁ ଲାଇସେନ୍‌ସ କରାଯାଇଥାଏ, ତାହାର ମିଆଦ ଡିସେମ୍ବର ୩୧ ତାରିଖ ଦିନ ପୂରିଯାଏ । ଜାନୁଆରୀ ମାସଟି ଅନୁଗ୍ରହକାଳ (ଗ୍ରେସ ପିରିଅଡ଼) ଏବଂ ସେହି ମାସ ମଧ୍ୟରେ ଯାକ ଲାଇସେନ୍‌ସ କରିବାକୁ ପଡ଼େ । ଯେଉଁମାନେ ସେହି ମାସ ଭିତରେ ଲାଇସେନ୍‌ସ ନ କରନ୍ତି, ସେମାନେ ଜାନୁଆରୀ ପରେ ଯେତେ ମାସପର୍ଯ୍ୟନ୍ତ ଲାଇସେନ୍‌ସ କରୁ ନ ଥିବେ, ସେତେ ମାସପାଇଁ ମାସିକ ଟ୧୧ ହାରରେ ଦଣ୍ଡ ଦିଅନ୍ତି । ବିନା ଲାଇସେନ୍‌ସ ନ ଥାଇ ରେଡ଼ିଓ ରଖିବା ଏକ ଅପରାଧ ଏବଂ ଡାକ ଓ ତାର ଆଇନ୍ ଅନୁସାରେ ଦଣ୍ଡନୀୟ । ତେଣୁ ଯଥାସମୟରେ ଯାକ ଲାଇସେନ୍‌ସ କରିବାପାଇଁ ହେପାଜତ୍‌କାରୀମାନେ ବରାବର ମନେ ରଖିଥିବା ଦରକାର । ଠିକ୍ ଅକ୍ଟୋବର ମାସଠାରୁ ଡାକଘରମାନଙ୍କରେ ଯାକ ଲାଇସେନ୍‌ସପାଇଁ ଦରଖାସ୍ତ ଗ୍ରହଣ କରାଯାଏ ।

ତା'ପରେ ଆସେ ରକ୍ଷଣାବେକ୍ଷଣ ପ୍ରଶ୍ନ । ରେଡ଼ିଓ ସଙ୍ଗରେ ପ୍ରଥମେ ଯେଉଁ ବ୍ୟାଟେରୀ ଦିଆଯାଇଥାଏ, ତାହା ଖତମ ହେବାପରେ ଏହି ପ୍ରଶ୍ନ ଆରମ୍ଭ ହୁଏ । ଯେତେବେଳେ ରେଡ଼ିଓରେ ସ୍ୱର ବଢ଼ାଇବା ଆବଶ୍ୟକ ହୁଏ, ସେତେବେଳେ ଜଣାଯାଏ ଯେ ବ୍ୟାଟେରୀ ବଦଳାଇବା ଦରକାର । ତେଣୁ ସେତେ-ବେଳେ ହେପାଜତ୍‌କାରୀ ସଙ୍ଗେ ସଙ୍ଗେ ଗୋଟିଏ ନୂଆ ବ୍ୟାଟେରୀ କିଣିବାର ବ୍ୟବସ୍ଥା କରିବା ଉଚିତ । ଦୁଇଟି ବ୍ୟାଟେରୀ ବଦଳାଇ ସାରିବାପରେହିଁ ଗୋଟିଏ ବ୍ୟାଟେରୀ ହାରାହାରି କେତେ ଦିନ କାମ ଦେଉଛି, ତାହା ହେପାଜତକାରୀ ଜାଣିପାରିବେ ଓ ସେହି ଅନୁସାରେ ପାଣ୍ଠିର ବ୍ୟବସ୍ଥା କରିବେ । ଏହାଛଡ଼ା ମରାମତି ଖର୍ଚ୍ଚ ତ ଅଛି । ତେଣୁ ରେଡ଼ିଓ ନେଇଥିବା ଅନୁଷ୍ଠାନର ସେଥିପାଇଁ ନିୟମିତ ଆୟର କିଛି ହେଲେ ପନ୍ଥା ଥିବା ଦରକାର । ଅନୁଷ୍ଠାନ ଏଥିର ବ୍ୟବସ୍ଥା କରିବା ଉଚିତ । କେତେକ ଗ୍ରାମରେ ଏଥିପାଇଁ ଭଡ଼ମାଇଲ ପୋଖରୀ ବା ବଗିଚା ବା ଜମି ଛାଡ଼ ଦିଆଯାଇଥାଏ । ଏହାର ଆୟରୁ ରେଡ଼ିଓ ଚଳାଇବା ଖର୍ଚ୍ଚ ତୁଲାଯାଏ ।

କେତେକ ଗ୍ରାମରେ ଧର୍ମ କେନ୍ଦ୍ରେ ଅନୁଷ୍ଠାନରେ ସକ୍ରିୟ ହୋଇଥାନ୍ତି। ସେମାନଙ୍କଠାରୁ ମିଳୁଥିବା ସ୍ୱେଚ୍ଛା-ସେବା ରେଡ଼ିଓର ରକ୍ଷଣାବେକ୍ଷଣ ପକ୍ଷେ ଯଥେଷ୍ଟ ହୁଏ। ପଞ୍ଚାୟତମାନଙ୍କର ନିଜର ଆୟ ପନ୍ଥା ରହିଛି। ବିଦ୍ୟାଳୟମାନେ ନିଜ ନିଜର ପାଣ୍ଠିରୁ ଏହି ଖର୍ଚ୍ଚ ତୁଲାନ୍ତି।

ରେଡ଼ିଓ ସେଟ୍ ତିଆରିରେ ଟ୍ରାନ୍ସଫର୍ମର ଓ କଣ୍ଡେନ୍ସର ଭଳି କେତେକ ଅଂଶ ଏ ଦେଶରେ ତିଆରି ହୁଏ। ତେଣୁ ନିର୍ମାତାମାନେ ରେଡ଼ିଓ ସେଟ୍ ଯୋଗାଇଦେବା ଦିନଠାରୁ ବର୍ଷକ ପର୍ଯ୍ୟନ୍ତ ଏହିସବୁ ଅଂଶ ଓ ଭାଲବାଲ ଯନ୍ତ୍ରପାଇଁ ଗ୍ୟାରେଣ୍ଟି ଦେଇଥାନ୍ତି। ଅର୍ଥାତ୍ ଯଦି ଉକ୍ତ ଦ୍ରବ୍ୟ ମଧ୍ୟରୁ କୌଣସି ଗ୍ୟାରେଣ୍ଟି ସମୟ ମଧ୍ୟରେ ଖରାପ ହୋଇଯାଏ, ତେବେ ତାହାକୁ ବିନା ଖର୍ଚ୍ଚରେ ବଦଳାଇ ଦେବାପାଇଁ ହେପାଜତ୍‌କାରୀ ଦାବୀ କରି ପାରିବେ। ଅବଶ୍ୟ ଏଥିପାଇଁ ହେପାଜତ୍‌କାରୀଙ୍କୁ ଖରାପ ହୋଇଥିବା ଅଂଶଟିକୁ ନିର୍ମାତାଙ୍କ ନିକଟକୁ ପଠାଇବାକୁ ପଡ଼ିବ। କିନ୍ତୁ ଯଦି ହେପାଜତ୍‌କାରୀଙ୍କ ଅସାବଧାନତା ହେତୁ କୌଣସି ଅଂଶ ଭାଙ୍ଗି ଛିଡ଼ି ଯାଏ ତେବେ ତାହା ବଦଳାଯାଇ ପାରିବ ନାହିଁ। ଅନ୍ୟ ସବୁ କ୍ଷେତ୍ରରେ ହେପାଜତ୍‌କାରୀ ଖୁଚୁରା ଅଂଶ କିଣି ମରାମତ କରିବେ ଓ ତାହାର ସମୁଦାୟ ମୂଲ୍ୟ ତାଙ୍କୁ ବହନ କରିବାକୁ ପଡ଼ିବ। ଚୁକ୍ତି ଅନୁସାରେ ରେଡ଼ିଓ ସେଟ୍‌କୁ ଭଲ ଚାଲୁ ଅବସ୍ଥାରେ ରଖିବାପାଇଁ ଏକା ହେପାଜତ୍‌କାରୀହିଁ ଦାୟୀ ଅଟନ୍ତି।

ହେପାଜତ୍‌କାରୀମାନେ ସ୍ୱଇଚ୍ଛାରେ ଯେକୌଣସି ବେସରକାରୀ କାରଖାନାରେ ମଧ୍ୟ ରେଡ଼ିଓ ସେଟ୍ ମରାମତ କରାଇପାରିବେ। କିନ୍ତୁ ସାଧାରଣତଃ ବେସରକାରୀ କାରଖାନାଗୁଡ଼ିକରେ ହେପାଜତ୍‌କାରୀଙ୍କ ଅଜ୍ଞତାର ଅଯଥା ସୁବିଧା ନେବାର ସମ୍ଭାବନା ଥାଏ। ସେମାନଙ୍କ କବଳରୁ ହେପାଜତ୍‌କାରୀଙ୍କୁ ରକ୍ଷା କରି କେତେକ ପରିମାଣରେ ସାହାଯ୍ୟ ଦେବା ଉଦ୍ଦେଶ୍ୟରେ ସରକାର ଏକ ସଂସ୍ଥା ବସାଇଛନ୍ତି। ଏହି ସଂସ୍ଥା ରେଡ଼ିଓ ସେଟ୍‌ଗୁଡ଼ିକର ଯତ୍ନ ନିଅନ୍ତି ଓ ସେଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି ବାବଦରେ ହେପାଜତ୍‌କାରୀଙ୍କୁ ବୈଷୟିକ ସାହାଯ୍ୟ ଦିଅନ୍ତି। ଏହି ସଂସ୍ଥା ଅଧୀନରେ ପ୍ରତି ୮୦ରୁ ୧୦୦ଟି ରେଡ଼ିଓ ସେଟ୍‌ପାଇଁ ଜଣେ ରେଡ଼ିଓ ଇନ୍‌ସପେକ୍ଟର ଓ ତାଙ୍କ ଅଧୀନରେ ସମ୍ପୂର୍ଣ୍ଣ ଯନ୍ତ୍ରପାତିସୁସଜ୍ଜିତ ଗୋଟିଏ ମରାମତି କାରଖାନା ଥାଏ। ଜିଲ୍ଲା ସ୍ତରରେ ଗୋଟିଏ ମରାମତି କାରଖାନା ଏବଂ ରାଜ୍ୟର ସଦର ମହକୁମାରେ ଜଣେ ସରକାରୀ ରେଡ଼ିଓ ଇଞ୍ଜିନିୟରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋଟିଏ କାରଖାନା ତଥା ପରୀକ୍ଷାଗାର ରହିଛି। ଗ୍ରାମବାସୀମାନେ ଏହି ସଂସ୍ଥାରୁ ବିନା ଖର୍ଚ୍ଚରେ ସାହାଯ୍ୟ ପାଆନ୍ତି ଏବଂ ତାହାର ସମୁଦାୟ ଖର୍ଚ୍ଚ ରାଜ୍ୟ ସରକାର ବହନ କରନ୍ତି। କେବଳ ରେଡ଼ିଓ ଭାଙ୍ଗିରୁଜିଯିବା ବ୍ୟତୀତ ଅନ୍ୟ ସବୁ କ୍ଷେତ୍ରରେ ଜଣେ ରେଡ଼ିଓ ଇନ୍‌ସପେକ୍ଟରଙ୍କୁ ପ୍ରତି ୬ ମାସରେ ଥରେ ରେଡ଼ିଓ ସେଟ୍‌ଗୁଡ଼ିକୁ ପରିଦର୍ଶନ କରିବାକୁ ପଡ଼େ। ଯେତେବେଳେ କୌଣସି ସେଟ୍ ଖରାପ ହୋଇଯାଏ, ସେତେବେଳେ ତାହାର ହେପାଜତ୍‌କାରୀ ସେହି ବିଷୟ ଗୋଟିଏ ପୋଷ୍ଟ-କାର୍ଡ଼ରେ ଲେଖି ନିଜ ଅଞ୍ଚଳର ରେଡ଼ିଓ ଇନ୍‌ସପେକ୍ଟରଙ୍କୁ ଜଣାଇବା ଦରକାର ପଡ଼େ। ଏହି ପତ୍ରରେ ରେଡ଼ିଓର କ'ଣ ଖରାପ ହୋଇଛି ଓ କି କି ଦୋଷାଦୋଷ ଦେଖାଯାଉଛି, ତାହାର ବିବରଣୀ ଦେବାକୁ ହେବ। ଯଦି ରେଡ଼ିଓ ଇନ୍‌ସପେକ୍ଟର ନ ଆସନ୍ତି, ତେବେ ସେ ବିଷୟ ଜିଲ୍ଲା ଲୋକସମ୍ପର୍କ ଅଫିସକୁ ଜଣାଇବା ଦରକାର। ଯଦି ସୁବିଧା ଥାଏ, ଆବଶ୍ୟକ ମରାମତିପାଇଁ ସେଟ୍‌କୁ ରେଡ଼ିଓ ଇନ୍‌ସପେକ୍ଟରଙ୍କ କାରଖାନାକୁ ନିଆଯାଇପାରେ।

ପ୍ରତ୍ୟେକ କମ୍ୟୁନିଟୀ ସେଟ୍ ସହିତ ଗୋଟିଏ ଇତିହାସ ଚିଠା (ହିଷ୍ଟ୍ରି କାର୍ଡ଼) ଯୋଗାଇ ଦିଆଯାଏ।

ସେଥିରେ ରେଡ଼ିଓ ଇନ୍‌ସପେକ୍ଟରଙ୍କ ପରିଦର୍ଶନ ଓ ମରାମତି ସମ୍ପର୍କୀୟ ବିବରଣୀ ଲେଖା ହୋଇ ରହେ । ଏହା ଏକ ମୂଲ୍ୟବାନ ରେକର୍ଡ଼ ହୋଇଥିବାରୁ ତାହାକୁ ଯତ୍ନସହକାରେ ସାଇତି ରଖିବା ଦରକାର । ରେଡ଼ିଓ ସେଟ୍ କପରି ଅବସ୍ଥାରେ ଅଛି ଓ କିପରି କାମ ଦେଉଛି, ସେ ସମ୍ପର୍କରେ ଏକ ଧାରଣା କରିବା ଦିଗରେ ଏହି ରେକର୍ଡ଼ ରେଡ଼ିଓ ଇନ୍‌ସପେକ୍ଟର ଓ ଜିଲ୍ଲା ଲୋକସମ୍ପର୍କ ଅଫିସରଙ୍କୁ ସାହାଯ୍ୟ କରେ । କୌଣସି ରେଡ଼ିଓ ସେଟ୍ କେତେ ଦିନ କାମ ଦେଲା, ତାହାର ହିସାବ ପରେ କରାଯାଇପାରେ ।

ପଲ୍ଲୀ ବେତାର-ଶ୍ରୋତାମଣ୍ଡଳୀଙ୍କ କମ୍ୟୁନିଟୀ ରେଡ଼ିଓ ସେଟ୍‌ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଏ । ରେଡ଼ିଓ ସେଟ୍‌ର ଦୋଷତ୍ରୁଟି ଦେଖାଗଲେ ସେମାନେ ଯଦି ଖବର ଦିଅନ୍ତି, ତେବେ ଆଗେ ତାଙ୍କ କାର୍ଯ୍ୟ ତ୍ୱରାନ୍ୱିତ କରାଯାଏ । ରେଡ଼ିଓ ସେଟ୍‌ରେ ବଡ଼ ଧରଣର ଦୋଷତ୍ରୁଟି ଘଟିଥିଲେ ସମଗ୍ର ସେଟ୍ ବଦଳରେ ଅସ୍ଥାୟୀଭାବେ ଅନ୍ୟ ସେଟ୍ ଯୋଗାଇ ଦିଆଯାଏ ।

ଗତ ୫ ବର୍ଷ ହେଲା ଓଡ଼ିଶାରେ ଉକ୍ତ ସାମୁଦାୟିକ ବେତାର ଶ୍ରବଣ ପରିକଳ୍ପନା ସ୍ଥିର କରାଗଲାଣି । ଏଥିପାଇଁ ରାଜ୍ୟ ସରକାର ଏପର୍ଯ୍ୟନ୍ତ ୨୪.୦୫ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି । ଏଥିରୁ ୯.୮ ଲକ୍ଷ ଟଙ୍କା କେନ୍ଦ୍ର ସରକାରଙ୍କଠାରୁ ଓ ୬.୯୭ ଲକ୍ଷ ଟଙ୍କା ଗ୍ରାମବାସୀଙ୍କଠାରୁ ମିଳିଛି । ସୁତରାଂ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକାଳରେ ରେଡ଼ିଓ ସେଟ୍‌ଗୁଡ଼ିକର ମୂଲ୍ୟ ବାବଦରେ ୬.୨୦ ଲକ୍ଷ ଟଙ୍କା ଓ ସେଗୁଡ଼ିକର ରକ୍ଷଣାବେକ୍ଷଣ ବାବଦରେ ୨ ଲକ୍ଷ ଟଙ୍କା ରାଜ୍ୟ ରାଜସ୍ୱରୁ ଖର୍ଚ୍ଚ କରାଯାଇଛି । ଏପର୍ଯ୍ୟନ୍ତ କିଣାଯାଇଥିବା ୨,୯୨୦ଟି ରେଡ଼ିଓ ସେଟ୍‌ରୁ ୨,୨୦୦ ସେଟ୍ ବିଭିନ୍ନ ସ୍ଥାନରେ ବସାଯାଇଛି । ଏହି ୨,୨୦୦ ସେଟ୍‌ର ତତ୍ତ୍ୱାବଧାନ ପାଇଁ ୩୧ ଜଣ ରେଡ଼ିଓ ଇନ୍‌ସପେକ୍ଟର ନିଯୁକ୍ତ ହୋଇଛନ୍ତି ଏବଂ ୨୭ଟି ଜାଗାରେ ସମ୍ପୂର୍ଣ୍ଣ ଯନ୍ତ୍ରପାତିଯୁକ୍ତ ମରାମତି କାରଖାନା ଖୋଲାଯାଇଛି । ବର୍ତ୍ତମାନ ପ୍ରତ୍ୟେକ ୨୩୨ଟି କମ୍ୟୁନିଟୀ ରେଡ଼ିଓ ସେଟ୍ ପିଛା ଜଣେ ହିସାବରେ ରେଡ଼ିଓ ଇନ୍‌ସପେକ୍ଟର ଅଛନ୍ତି । ଏତେଗୁଡ଼ିଏ ସେଟ୍‌ର ତତ୍ତ୍ୱ ନେବା ଜଣେ ଇନ୍‌ସପେକ୍ଟରଙ୍କ ପକ୍ଷେ ସମ୍ଭବ ନୁହେଁ । ତେଣୁ ସେଟ୍‌ଗୁଡ଼ିକୁ ବାରମ୍ବାର ପରୀକ୍ଷା କରିବା ସମ୍ଭବ ହୋଇନାହିଁ । ଖୁଚୁରା ଅଂଶ ଓ ଶୁଷ୍କ ବ୍ୟାଟେରୀ ସ୍ଥାନୀୟ ବଜାରରେ ମିଳୁନାହିଁ । ଯେଉଁ କେତେ ଜଣ ରେଡ଼ିଓ ବେପାରୀ ସହରରେ ଅଛନ୍ତି, ସେମାନେ ଏହାର ସୁଯୋଗ ନେଉଛନ୍ତି ଓ ଫଳରେ ଗ୍ରାମବାସୀମାନଙ୍କ ପକ୍ଷେ ରେଡ଼ିଓ ରକ୍ଷଣାବେକ୍ଷଣର ଖର୍ଚ୍ଚ ଅତିରିକ୍ତ ହୋଇପଡ଼ୁଛି । ସେଥିପାଇଁ ଆମେ ଦେଖୁଛୁ ଯେ ଅନେକଗୁଡ଼ିଏ କମ୍ୟୁନିଟୀ ସେଟ୍ ଅକାମୀ ହୋଇ ପଡ଼ିରହୁଛି । ସେଟ୍‌ଗୁଡ଼ିକ ଯେ ଶସ୍ତା ଓ ନିକୃଷ୍ଟ ଧରଣର, ତାହା କହିବା ଠିକ୍ ନୁହେଁ । ବହୁ କ୍ଷେତ୍ରରେ ହୁଏ ତ ହେପାଜତକାରୀ ଗ୍ରାମବାସୀମାନଙ୍କଠାରୁ ସହଯୋଗ ପାଇପାରୁ ନାହାନ୍ତି ଓ ଲୋକଙ୍କଠାରୁ ସାଧାରଣ ପାଣ୍ଠିକୁ ଚାନ୍ଦା ମିଳିବା ବନ୍ଦ ହୋଇଯାଇଛି । କେତେକ କ୍ଷେତ୍ରରେ "ସବୁ ଜାଣତା" ଲୋକେ ରେଡ଼ିଓଗୁଡ଼ିକୁ ବିଗାଡ଼ି ଦେଉଛନ୍ତି ଓ ଗ୍ରାମବାସୀମାନେ ଏହି କ୍ଷତିପୂରଣ ଦେବାକୁ ସମର୍ଥ ହେଉ ନାହାନ୍ତି ।

ଏସବୁ ଅସୁବିଧାସତ୍ତ୍ୱେ ସାମୁଦାୟିକ ବେତାର ଶ୍ରବଣ କେନ୍ଦ୍ରର ସଂଖ୍ୟା ସର୍ବଦା ବଢ଼ିଚାଲିଛି । କଟକରେ ଆକାଶବାଣୀର ଅଳ୍ପ ଶକ୍ତିବିଶିଷ୍ଟ ଯେଉଁ ବାର୍ତ୍ତାପ୍ରେରକ ଯନ୍ତ୍ର ( ଟ୍ରାନ୍‌ସମିଟର ) ଥିଲା, ତା ବଦଳରେ ୧୯୫୮ ମସିହାରୁ ଗୋଟିଏ ଉଚ୍ଚ ଶକ୍ତି-ବିଶିଷ୍ଟ ଟ୍ରାନ୍‌ସମିଟର ବସାଯାଇଛି । ଓଡ଼ିଶାରେ ୨,୦୦୦ଟି କମ୍ୟୁନିଟୀ ସେଟ୍ ଅର୍ଥାତ୍ ସମଗ୍ର ଭାରତରେ

ମୋଟ କମ୍ୟୁନିଟୀ ରେଡ଼ିଓ ସେଟ୍‌ର ଶତକଡ଼ା ୧୦ ଭାଗ ସ୍ଥାପିତ ହୋଇଥିବାରୁ ଜୟପୁର (କୋରାପୁଟ) ଓ ସମ୍ବଲପୁରଠାରେ ଆଉ ଦୁଇଟି ଉଚ୍ଚ ଶକ୍ତିସମ୍ପନ୍ନ ଟ୍ରାନ୍‌ସମିଟର ସ୍ଥାପିତ ହେବାକୁ ଯାଉଛି । ଚଳିତ ବର୍ଷ ମଧ୍ୟରେ ଉକ୍ତ ଦୁଇ କେନ୍ଦ୍ରରୁ କାର୍ଯ୍ୟକ୍ରମ ପ୍ରସାର କରାଯିବ । ଏଥିରୁ ଦେଖାଯିବ ଯେ ଏକ ପକ୍ଷରେ ଯୋଜନାକାରୀ, ଯୋଜନା ସମ୍ପାଦନକାରୀ, ବିଶେଷଜ୍ଞ ଓ ଗବେଷଣା କର୍ମୀ ଓ ଅନ୍ୟ ପକ୍ଷରେ ସାଧାରଣ ଗ୍ରାମବାସୀଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବାପାଇଁ ଆକାଶବାଣୀ କାର୍ଯ୍ୟକ୍ରମ ଓଡ଼ିଶାରେ ଧାରାବାହିକ ଉଦ୍ୟମ ଚଳାଇଛି । ଗ୍ରାମ୍ୟ ଲୋକଙ୍କ ଦୈନନ୍ଦିନ ଜୀବନରେ "ଗାଁଗହଳପାଇଁ" ଓ "ପଲ୍ଲୀଶ୍ରୋତା ମଣ୍ଡଳୀ"—ଏହି ଦୁଇଟି କାର୍ଯ୍ୟକ୍ରମ ଶୁଣିବା ଏକ ନିୟମିତ ବ୍ୟାପାର ହୋଇପଡ଼ିଛି । ବେତାର ସବୁ ଗ୍ରାମବାସୀମାନଙ୍କ ହୃଦୟ ଜୟ କରିବା ଦିଗରେ କାର୍ଯ୍ୟ ଆରମ୍ଭ କରିଛି ଏବଂ ଗ୍ରାମ୍ୟ ପରିବେଶ ମଧ୍ୟରେ ବିପ୍ଳବାତ୍ମକ ପରିବର୍ତ୍ତନ ଘଟାଉଛି । ଏହା ଫଳରେ ଗାଁଗହଳର ରୂପ ବଦଳିଯାଉଛି । ତଥାପି ଆହୁରି କିଛି କାର୍ଯ୍ୟ କରିବାକୁ ରହିଛି । ଚତୁର୍ଥ ଯୋଜନା-କାଳରେ ଆହୁରି ୩୦୦୦ଟି ସାମୂହିକ ଶ୍ରବଣ କେନ୍ଦ୍ର ଖୋଲାଯିବ । ଏପର୍ଯ୍ୟନ୍ତ ଯେଉଁସବୁ ରେଡ଼ିଓ ସେଟ୍ ବସାଗଲାଣି ତାହାର ରକ୍ଷଣାବେକ୍ଷଣ ଉପରେ ଜୋର ଦିଆଯିବ । ହେପାଜତକାରୀମାନଙ୍କୁ ନ୍ୟାଯ୍ୟ ମୂଲ୍ୟରେ ଖୁଚୁରା ଅଂଶ ଓ ଶୁଷ୍କ ବ୍ୟାଟେରୀ ଯୋଗାଇ ଦିଆଯିବ । ଏ ସମ୍ପର୍କୀୟ ନିୟମକାନୁନ୍ ପ୍ରଭୃତି ଆନୁଷ୍ଠାନିକ ବ୍ୟାପାର ଅନୁମୋଦିତ ହେବାମାତ୍ରେ ଉକ୍ତ ପରିକଳ୍ପନା କାର୍ଯ୍ୟକାରୀ କରାଯିବ । ତଥାପି ଜନସାଧାରଣଙ୍କ ମଧ୍ୟରେ ଏ ସମ୍ପର୍କୀୟ ଟିକିନିଖି ବିବରଣ ପ୍ରଚାରିତ ହେବାପର୍ଯ୍ୟନ୍ତ ହେପାଜତକାରୀ-ମାନେ ଖୋଲା ବଜାରରୁ ଖୁଚୁରା ଅଂଶ ଓ ଶୁଷ୍କ ବ୍ୟାଟେରୀ କିଣି ରେଡ଼ିଓ ସେଟ୍‌ର ରକ୍ଷଣାବେକ୍ଷଣ କରିବେ । ସେମାନେ ସରକାରଙ୍କଦ୍ୱାରା ପ୍ରତିଷ୍ଠିତ ମରାମତି କାରଖାନାରେ ରେଡ଼ିଓ ସେଟ୍‌ଗୁଡ଼ିକୁ ମରାମତି କରାଇବେ ଏବଂ ତହିଁର ଆଭ୍ୟନ୍ତରୀଣ ଯନ୍ତ୍ରପାତିରେ ହସ୍ତକ୍ଷେପ କରିବେ ନାହିଁ । ଏ ଦିଗରେ ତାଲିମ ଦେବାପାଇଁ ଗ୍ରାମପଞ୍ଚାୟତ ସେକ୍ରେଟେରୀ ତାଲିମ ଅନୁଷ୍ଠାନରେ ବ୍ୟବସ୍ଥା କରାଯାଇଛି । କମ୍ୟୁନିଟୀ ରେଡ଼ିଓ ସେଟ୍‌ର ପରିଚାଳନା ଓ ଯତ୍ନ ସମ୍ପର୍କରେ ପଞ୍ଚାୟତ ସେକ୍ରେଟେରୀମାନଙ୍କୁ ତାଲିମ ଦିଆଯାଏ । ଏହି ପରିକଳ୍ପନାରେ କି କି ସୁବିଧା ରହିଛି, କି କି ସୁଯୋଗ ମିଳୁଛି ଓ ସରକାର କି କି ସୁବିଧା ଖଞ୍ଜି-ଦେଇଛନ୍ତି, ତାହା ସେମାନଙ୍କୁ ଜଣାଇ ଦିଆଯାଏ ।

ସରକାର ନିଜର ସୀମିତ ସମ୍ବଳ ନେଇ ଲୋକ-ମାନଙ୍କୁ ଅଧିକତର ସୁବିଧା ଯୋଗାଇବା ନିମନ୍ତେ ସର୍ବଦା ଚେଷ୍ଟା କରିବେ । କିନ୍ତୁ ଲୋକଙ୍କ ଆନ୍ତରିକ ସହଯୋଗ ବ୍ୟତୀତ କିଛି ହୋଇପାରିବ ନାହିଁ । ଯଦି ଲୋକେ କମ୍ୟୁନିଟୀ ରେଡ଼ିଓର ଯତ୍ନ ନିଅନ୍ତି, ତେବେ ସେ ମଧ୍ୟ ଲୋକଙ୍କର ଯତ୍ନ ନେବ । ଗତ ବନ୍ୟା ସମୟରେ ଏହା ଓଡ଼ିଶାରେ ବାର୍ତ୍ତା ଆଦାନପ୍ରଦାନର ଏକମାତ୍ର ମାଧ୍ୟମ ଥିଲା । ବନ୍ୟାଗ୍ରସ୍ତ ଲୋକମାନଙ୍କୁ ଖାଦ୍ୟ, ବାସ ଓ ଔଷଧ ଦେବାପାଇଁ ସରକାର ତଥା ବେସରକାରୀ ସଂସ୍ଥାମାନେ କି ବ୍ୟବସ୍ଥା କରିଛନ୍ତି, ତାହାର ଖବର ରେଡ଼ିଓ ସେଟ୍‌ହିଁ ଲୋକମାନଙ୍କୁ ଯୋଗାଇଥିଲା । ଏହା ଫଳରେ ଲୋକେ ସାନ୍ତ୍ୱନା ପାଇଥିଲେ ଓ ରିଲିଫ୍‌ପାଇଁ ଧୈର୍ଯ୍ୟ ଧରି ଅପେକ୍ଷା କରିଥିଲେ । ଏବେ ନିକଟରେ ଯେଉଁ ବନ୍ୟା ହୋଇଥିଲା, ସେତେବେଳେ ରେଡ଼ିଓ ଯୋଗୁଁ ଲୋକ-ମାନେ ବହୁ ଆଗରୁ ସାବଧାନ ହୋଇପାରିଥିଲେ ଏବଂ ସାହସର ସହିତ ଅବସ୍ଥାର ସମ୍ମୁଖୀନ ହେବା-ପାଇଁ ସୁଯୋଗ ପାଇଥିଲେ । ସବୁଆଡ଼ୁ ବିଚ୍ଛିନ୍ନ ହୋଇପଡ଼ିଥିବା ଗ୍ରାମଗୁଡ଼ିକ ଜାଣିପାରିଥିଲେ ଯେ ବଢ଼ିପାଣି ନ କମିବା ପର୍ଯ୍ୟନ୍ତ ଓ ରିଲିଫ୍‌ଦଳ ସେମାନଙ୍କ ନିକଟରେ ପହଞ୍ଚିବା ପର୍ଯ୍ୟନ୍ତ

ଉଡ଼ାଜାହାଜରୁ ସେମାନଙ୍କୁ ଖାଦ୍ୟ ଓ ଔଷଧ ଯୋଗାଇ ଦିଆଯିବ । କୃଷୀ ଜାଣିପାରିଲେ ଯେ ବଢ଼ିପାଣି ଛାଡ଼ି ଯିବା ପରେ ପରେ ଜମିରେ ବୁଣିବା ପାଇଁ ତାଙ୍କୁ ସାନ ଧାନତଳି ଯୋଗାଇ ଦିଆଯିବ । ତେଣୁ ସର୍ବସ୍ୱ ହରାଇଥିବା ସତ୍ତ୍ୱେ ସେ ପୁଣି ମନରେ ଦମ୍ଭ ରଖିଲା ଯେ ଫସଲ ଉଠା ଯାଏଁ ସେ ଓ ତାହାର ପରିବାର ଉପବାସ ରହିବେ ନାହିଁ ।

କମ୍ୟୁନିଷ୍ଟ ରେଡିଓ ସେଣ୍ଟରଗୁଡ଼ିକ ଅଭାବ ସମସ୍ୟାର ବନ୍ଧୁ—ତେଣୁ ସେଗୁଡ଼ିକ ପ୍ରକୃତ ବନ୍ଧୁ ଅଟନ୍ତି ।

"ମୋ କଥାର କେହି ଭୁଲ ଅର୍ଥ ନ କରନ୍ତୁ । ଶାରୀରିକ ସାମର୍ଥ୍ୟରୁ ଶକ୍ତି ଜାତ ହୁଏ ନାହିଁ; ଅଦମ୍ୟ ଇଚ୍ଛାରୁ ଶକ୍ତିର ଜନ୍ମ । ଜୁଲୁ-ଜାତିର ଯେ କୌଣସି ଲୋକର ଶାରୀରିକ ସାମର୍ଥ୍ୟ ସାଧାରଣ ଇଂରେଜର ଶାରୀରିକ ସାମର୍ଥ୍ୟରୁ ଯଥେଷ୍ଟ ଅଧିକ । କିନ୍ତୁ ଇଂରେଜ ବାଳକଟିଏ ଦେଖିଲେ ମାତ୍ରେ ଜୁଲୁ ପଳାଇଯାଏ, କାରଣ ବାଳକ ବା ତା ଶୁଭଚିନ୍ତକର ହାତରେ ଥିବା ରିଭଲଭର ବନ୍ଧୁକକୁ ତାର ଭୟ । ଜୁଲୁର ହୃଷ୍ଟପୁଷ୍ଟ ଶରୀର ଥିଲେ କଣ ହେବ; ମରଣକୁ ତାର ଖୁବ୍ ଭୟ । ତିରିଶ କୋଟି ଭାରତୀୟଙ୍କୁ ମୋଟେ କେତେ ଜଣ ଇଂରେଜ ଯେ ଡରେଇ ଧରେଇ ରଖିବା ଅସମ୍ଭବ, ଏ କଥା ବୁଝିବାକୁ ଭାରତୀୟମାନଙ୍କୁ ମୁହୂର୍ତ୍ତେ ମାତ୍ର ଲାଗିବ ନାହିଁ । ନିଜର ଶକ୍ତିକୁ ନ ବୁଝିଲେ ପର୍ଯ୍ୟନ୍ତ ଭାରତୀୟମାନେ କ୍ଷମା କରିବେ କିପରି । ଭାରତୀୟମାନେ ଯେତେବେଳେ ନିଜର ଶକ୍ତିକୁ କଳନା କରିନେବେ, ସେତେବେଳେ ମାନସିକ ଶକ୍ତିବଳରେ ସେମାନେ ଦୁର୍ଦ୍ଧର୍ଷ ହୋଇଉଠିବେ । ସେମାନଙ୍କ ଦଣ୍ଡିବା ଓ କ୍ଷମିବା ଉଭୟ ଶକ୍ତି ଆସିଯିବ । ସେନାପତି ଡାୟାର୍ ବା ଫ୍ରାଙ୍କ୍ ଜନସନ୍ ସେତେବେଳେ ସେମାନଙ୍କୁ ଅପମାନ ଦେବା ଅସମ୍ଭବ ହୋଇପଡ଼ିବ । ମୋ କଥାର ମର୍ମ ଯଦି ଲୋକେ ଠିକ୍ ଧରିପାରୁ ନ ଥିବେ, ମୁଁ ଅଧୈର୍ଯ୍ୟ ହେବି ନାହିଁ । ବ୍ରିଟିଶ-ଜାତି ଆମମାନଙ୍କୁ ଏପରି ମାତ୍ରାନକଟ କାବୁ କରି ରଖିଅଛି ଯେ ଆମ୍ଭେମାନେ ସହିବା ବା ପ୍ରତିହିଂସା ନେବାକଥା ଭାବିପାରୁ ନାହିଁ; ତଥାପି ମୁଁ କହିବି ଯେ ଦୋଷୀଙ୍କୁ ଦଣ୍ଡ ନ ଦେଇ କ୍ଷମା କଲେ ପରିଣାମରେ ଭାରତ ଲାଭବାନ୍ ହେବ । ଭାରତର ଗୋଟାଏ ମହତ୍ତ୍ୱର କାର୍ଯ୍ୟ କରିବାକୁ ଅଛି । ଜଗତକୁ ଭାରତ ଗୋଟାଏ ମହତ୍ ଶିକ୍ଷା ଦେବ ।

—ଗାନ୍ଧୀଜୀ

# ସଞ୍ଚୟ ଯୋଜନା ସିକ୍ୟୁରିଟିରେ ଅର୍ଥ ସଂଚୟ

# ଓ

# ବିନିଯୋଗ କରନ୍ତୁ

୧। ବାରବର୍ଷିଆ ଜାତୀୟ ଯୋଜନା ସାର୍ଟିଫିକେଟ—ବାର୍ଷିକ ସୁଧ ଶତକଡ଼ା ୭.୪୧ (ମାଚ୍ୟୁରିଟିରେ)।

୨। ଦଶବର୍ଷିଆ ଟ୍ରେଜେରି ସେଭିଂସ୍ ଡିପୋଜିଟ୍—ବର୍ଷକୁ ସୁଧ ଶତକଡ଼ା ୪ (ବର୍ଷକୁ ବର୍ଷ ଦିଆଯିବ)।

୩। ପନ୍ଦରବର୍ଷିଆ ଆନ୍ୟୁଇଟି—ନିୟମିତ ମାସକୁ ମାସ ୧୫ ବର୍ଷଯାଏ ଟଙ୍କା ପାଉଥିବେ। ବାର୍ଷିକ ଶତକଡ଼ା ୩॥ ଚକ୍ରବୃଦ୍ଧି ହାରରେ ସୁଧ।

୪। ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କ ଡିପୋଜିଟ୍—ବାର୍ଷିକ ସୁଧ ଶତକଡ଼ା ୨॥; ୨୫ ଟଙ୍କାରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଏବଂ ତଦୁର୍ଦ୍ଧ୍ୱ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ସୁଧ ଶତକଡ଼ା ୨ ଟଙ୍କା। କୌଣସି କ୍ଷେତ୍ରରେ ସୁଧ ଉପରେ ଆୟ-କର ଦେବାକୁ ପଡ଼ିବ ନାହିଁ।

**ସ୍ମରଣ ରଖନ୍ତୁ :**

ଆପଣ ଯେଉଁ ସଞ୍ଚୟ କରିବେ, ତାହା ଉପରେ ଆପଣଙ୍କ ନିରାପତ୍ତା ଓ ଆପଣଙ୍କ ସନ୍ତାନସନ୍ତତିଙ୍କ ସମୃଦ୍ଧି ନିର୍ଭର କରେ। ଆପଣାର ସଞ୍ଚୟକୁ ଜାତିଗଠନ କାର୍ଯ୍ୟରେ ବିନିଯୋଗ କରନ୍ତୁ।

ବିଶେଷ ବିବରଣପାଇଁ—

**ଦି ରିଜିଓନାଲ ନ୍ୟାସନାଲ ସେଭିଂସ ଅଫିସର**, ଓଡ଼ିଶା ସେକ୍ରେଟେରିଏଟ୍, କଟକ କିମ୍ବା ନିଜ ନିଜ ଜିଲାର **ଡିଷ୍ଟ୍ରିକ୍ଟ ସେଭିଂସ ଅର୍ଗାନାଇଜରଙ୍କ** ନିକଟକୁ ଲେଖନ୍ତୁ।

( ୮ମ ପୃଷ୍ଠାର ଅବଶିଷ୍ଟାଂଶ )

ଏହା କେବଳ ଗବେଷଣା ଓ ବିଶେଷ ଅଧ୍ୟୟନ ସକାଶେ ରହିଛି । ଏପର୍ଯ୍ୟନ୍ତ ଏଠାରେ ବିଶ୍ୱ-ବିଦ୍ୟାଳୟର ପାଠ୍ୟକ୍ରମର ଶେଷ ସ୍ତର ଆସିନାହିଁ ।

ବର୍ତ୍ତମାନ ସ୍କୁଲ ଓ ଉଚ୍ଚଶିକ୍ଷାର ପାଠ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିବା । କିଣ୍ଡରଗାର୍ଟେନ ଶ୍ରେଣୀମାନଙ୍କରେ ନାନାପ୍ରକାର ଖେଳ, କୌତୁକ ଓ ଶିଶୁ-ଚିତ୍ତରଞ୍ଜକ ଉପାୟଦ୍ୱାରା ଶିକ୍ଷା ଦିଆଯାଏ । ଏହି ଶିକ୍ଷା ଦେବାପାଇଁ ବିଶେଷ ଟ୍ରେନିଂପ୍ରାପ୍ତ ଶିକ୍ଷୟିତ୍ରୀ ବା ଆଶ୍ରମ-ସାଧିକାମାନେ ରହିଛନ୍ତି । ପ୍ରାଇମେରୀ ଶ୍ରେଣୀରେ ମଧ୍ୟ ନାନା ସ୍ୱତନ୍ତ୍ର ଉପାୟରେ ଗଣିତ, ଇତିହାସ, ଭୂଗୋଳ, ପ୍ରକୃତିପର୍ଯ୍ୟବେକ୍ଷଣ, ଚିତ୍ରାଙ୍କନ ଓ କିଛି କିଛି ସରଳ ବିଜ୍ଞାନ ଶିକ୍ଷା ଦିଆଯାଏ । ତା ପରେ ଆସେ ସେକେଣ୍ଡାରୀ ଶିକ୍ଷା । ଏହି ଶିକ୍ଷାର ଶ୍ରେଣୀ ବିଭାଗ ବାହାର ପରି ନୁହେଁ । ଏଠାରେ ପ୍ରତ୍ୟେକ ବିଷୟ ଗୋଟିଏ ସ୍ୱତନ୍ତ୍ର କୋର୍ସରୂପେ ଧରାଯାଏ ଏବଂ ସେହି ଅନୁପାତରେ ଛାତ୍ରର ଶ୍ରେଣୀ ନିର୍ଣ୍ଣୟ କରାଯାଏ । କୌଣସି କୌଣସି ଛାତ୍ର ଗୋଟିଏ ବିଷୟରେ ଫେଲ୍ ହେଲେ, ସେହି ବିଷୟକୁ ଛାଡ଼ି ଅନ୍ୟ ବିଷୟରେ ଉପର ଶ୍ରେଣୀକୁ ଚାଲିଯାଏ । ଉଦାହରଣସ୍ୱରୂପ, କୌଣସି ଛାତ୍ର ଗଣିତରେ ପଞ୍ଚମ ଶ୍ରେଣୀ ହେଲେ ଇଂରାଜୀରେ ଅଷ୍ଟମ ଶ୍ରେଣୀ, ଇତିହାସରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରନ୍ତି । ଏତଦ୍ୱାରା ଛାତ୍ରର କୌଣସି ବିଷୟରେ ଅପାରଗତା ଯୋଗୁ ଅନ୍ୟ ବିଷୟରେ ଅଗ୍ରଗତି ବ୍ୟାହତ ହୁଏ ନାହିଁ । କିନ୍ତୁ ସେକେଣ୍ଡାରୀରୁ ବିଶ୍ୱ-ବିଦ୍ୟାଳୟ ସ୍ତରକୁ ଗଲାବେଳକୁ ଛାତ୍ରକୁ ଅନ୍ୟୂନ କେତେକ ବିଷୟରେ ଦକ୍ଷତା ଅର୍ଜନ କରିବାକୁ ହୁଏ । ସେତେବେଳକୁ ସେ ବିଶ୍ୱ-ବିଦ୍ୟାଳୟରେ ପଢ଼ି ପୁଣି ସ୍କୁଲରେ ପଢ଼େ ନାହିଁ ।

ସ୍କୁଲ ପାଠ୍ୟକ୍ରମ ମଧ୍ୟରେ ଇଂରେଜୀ, ଫ୍ରେଞ୍ଚ, ବିଜ୍ଞାନ ( ଫ୍ରେଞ୍ଚ ମାଧ୍ୟମରେ ), ଗଣିତ, ପଦାର୍ଥ-ବିଜ୍ଞାନ, ରସାୟନ-ଶାସ୍ତ୍ର, ପ୍ରାଣୀବିଦ୍ୟା ଏବଂ ଇତିହାସ, ଭୂଗୋଳ, ମାତୃଭାଷା, ହିନ୍ଦୀ ଓ ସଂସ୍କୃତ ଭାଷା ପଢ଼ାହୁଏ । ଏହାଛଡ଼ା ଚିତ୍ରାଙ୍କନ, ଶିଳ୍ପକଳା, ସଙ୍ଗୀତ,ନୃତ୍ୟ,ବୟନ-ଶିଳ୍ପ, କୁଟୀର-ଶିଳ୍ପ, ଫଟୋଗ୍ରାଫି, ବଢ଼େଇ କାମ, ପ୍ରିଣ୍ଟିଙ୍ଗ୍ ପ୍ରେସ୍, ଫାଉଣ୍ଡ୍ରି ଇତ୍ୟାଦି ନାନାବିଧ ବିଷୟମୂଳକ ଶିକ୍ଷାର ମଧ୍ୟ ଏଠାରେ ବ୍ୟବସ୍ଥା ରହିଛି । ଅଳ୍ପ କେତେକ ବିଷୟ କେବଳ ବାଧ୍ୟତାମୂଳକ; ବାକି ଛାତ୍ରର ଇଚ୍ଛାଧୀନ ବିଷୟରୂପେ ପରିଗଣିତ ହୁଏ । ଉଚ୍ଚଶିକ୍ଷାର ପାଠ୍ୟକ୍ରମ ଦୁଇଭାଗରେ ବିଭକ୍ତ—ବିଜ୍ଞାନ ଓ କଳା । ବିଜ୍ଞାନ ବିଭାଗ ଛାତ୍ର ପଦାର୍ଥ-ବିଜ୍ଞାନ, ରସାୟନ-ଶାସ୍ତ୍ର ଓ ଗଣିତ ନେବାକୁ ବାଧ୍ୟ ହୁଏ । ଏହାଛଡ଼ା ପ୍ରାଣୀ-ବିଜ୍ଞାନ ଏକ ବିଶେଷ ବିଷୟରୂପେ ଶିକ୍ଷା ଦିଆଯାଏ । କଳା ବିଭାଗରେ ଇଂରେଜୀ ଓ ଫ୍ରେଞ୍ଚ ପ୍ରତ୍ୟେକ ଛାତ୍ର ନେବାକୁ ବାଧ୍ୟ ହୁଏ । ଏହାଛଡ଼ା ପ୍ରତ୍ୟେକ କଳା ଓ ବିଜ୍ଞାନର ଛାତ୍ରକୁ ଏକ କମନ୍ କୋର୍ସ (Common Course) ନେବାକୁ ହୁଏ । ଏହି ଶିକ୍ଷା-କେନ୍ଦ୍ରର ବିଶେଷତ୍ୱ, କମନ୍ କୋର୍ସର ବିଷୟଗୁଡ଼ିକରେ ଶ୍ରୀଅରବିନ୍ଦଙ୍କର ବିଶିଷ୍ଟ ଗ୍ରନ୍ଥମାନଙ୍କର ଅଧ୍ୟୟନ ମାତ୍ର । ଏହି ବିଭାଗରେ ପ୍ରଥମ ବର୍ଷ ପୃଥିବୀର ଇତିହାସ, ବିଭିନ୍ନ ଦେଶର ଶାସନ-ବିଧାନ, ରାଜନୀତି ଓ ଶ୍ରୀଅରବିନ୍ଦଙ୍କ ମାନବ-ସମାଜର ଐକ୍ୟ ପୁସ୍ତକ ପଢ଼ା ହୁଏ । ଏହା ସଙ୍ଗେ ଭାରତୀୟ ଦର୍ଶନ ଓ ଭାରତୀୟ ସଂସ୍କୃତି ବିଷୟରେ ପଢ଼ା ହୁଏ । ଦ୍ୱିତୀୟ ବର୍ଷ ସମାଜ-ବିଜ୍ଞାନ, ଅର୍ଥନୀତି, ସମାଜ-ତନ୍ତ୍ର ଏବଂ ଶ୍ରୀଅରବିନ୍ଦଙ୍କର ମାନବ-ସମାଜର ବିକାଶ ପୁସ୍ତକ ପଢ଼ା ହୁଏ । ଏହା ସଙ୍ଗେ ସଙ୍ଗେ ପାଶ୍ଚାତ୍ୟ ଦର୍ଶନ, ପାଶ୍ଚାତ୍ୟ ସଂସ୍କୃତି ଓ ଧର୍ମ ଇତ୍ୟାଦି ପଢ଼ା ହୁଏ । ତୃତୀୟ ବର୍ଷ ଶ୍ରୀଅରବିନ୍ଦଙ୍କ ଦିବ୍ୟ-ଜୀବନ ଗ୍ରନ୍ଥ ଓ ମନସ୍ତତ୍ତ୍ୱ ଶାସ୍ତ୍ର ପଢ଼ା ହୁଏ । ଏହିପରି ତିନିବର୍ଷ ଶିକ୍ଷା ପରେ କୌଣସି ଛାତ୍ର ଇଚ୍ଛାକଲେ ପୁଣି ଦୁଇବର୍ଷ ବିଶେଷ ଉଚ୍ଚଶିକ୍ଷା ଗ୍ରହଣ କରେ ।

ସ୍କୁଲ ଓ ଉଚ୍ଚଶିକ୍ଷା ସ୍ତରରେ ପାଠ୍ୟପୁସ୍ତକ ନିର୍ଦ୍ଧାରଣ ଇତ୍ୟାଦି ସବୁକିଛି ଶିକ୍ଷକଙ୍କ ଉପରେ ନିର୍ଭର କରେ। କୌଣସି ଗତାନୁଗତିକ ଧରାବନ୍ଧା ପାଠ୍ୟ-ପୁସ୍ତକ ଏଠାରେ ନାହିଁ। ଉଚ୍ଚଶିକ୍ଷା ସ୍ତରରେ ଛାତ୍ର-ମାନେ ଶିକ୍ଷକଙ୍କ ନିର୍ଦ୍ଦେଶ ଓ ପରିଚାଳନାଦ୍ୱାରା ବିଭିନ୍ନ ପୁସ୍ତକ ପାଠ କରନ୍ତି। ଏଠାରେ ବାର୍ଷିକ ପରୀକ୍ଷା ବୋଲି କିଛି ନାହିଁ। ହୋମ ୱାର୍କ, କ୍ଲାସ ଟେଷ୍ଟ, ତ୍ରୈମାସିକ ଟେଷ୍ଟ ଇତ୍ୟାଦି ଦୁଇ ସ୍ତର ପ୍ରକାରର ସାଧାରଣ ପରୀକ୍ଷା ଅଛି। ତାହାଦ୍ୱାରା ଛାତ୍ରର ଉନ୍ନତି କରିବାର ନିର୍ଣ୍ଣୟ କରାଯାଏ। ପରୀକ୍ଷାର ଗୁରୁତ୍ୱର, ଭୟ ଓ ବ୍ୟସ୍ତବ୍ୟସ୍ତତା ଏଠାରେ ଆଦୌ ନାହିଁ କହିଲେ ଚଳେ। ଛାତ୍ରମାନଙ୍କ ସମ୍ବନ୍ଧେ ଶିକ୍ଷକଙ୍କର ସମସ୍ତ ଜ୍ଞାନ ଛାତ୍ରର ଉନ୍ନତି ଓ ଅଗ୍ରଗତି ସମ୍ବନ୍ଧରେ ଶେଷ ନିଷ୍ପତ୍ତି ବୋଲି ଗୃହୀତ ହୁଏ।

ସ୍କୁଲର କୌଣସି ଶ୍ରେଣୀର ଛାତ୍ରସଂଖ୍ୟା ବାର ବା ଚୌଦରୁ ବେଶୀ ନୁହେଁ। ଛାତ୍ରସଂଖ୍ୟା ବେଶି ହେଲେ ଶ୍ରେଣୀକୁ ଦୁଇ ଭାଗରେ ବିଭକ୍ତ କରାଯାଏ। ଉଚ୍ଚଶିକ୍ଷା ସ୍ତରରେ ମଧ୍ୟ କୌଣସି ଶ୍ରେଣୀରେ ୫୦ ଜଣ ଛାତ୍ରରୁ ବେଶି ରହନ୍ତି ନାହିଁ। ଏହାଦ୍ୱାରା ଶିକ୍ଷକଙ୍କ ପକ୍ଷରେ ଛାତ୍ରକୁ ସହାୟତା କରିବାକୁ ସୁଯୋଗ ମିଳେ। ଏଠାରେ ସ୍କୁଲ ପ୍ରତ୍ୟହ ଦୁଇ ବେଳା ହୁଏ—ସକାଳ ୭।୪୫ଟାରୁ ୧୧।୩୦ ପର୍ଯ୍ୟନ୍ତ ଓ ଅପରାହ୍ନବେଳା ୨।୧୫ଟାରୁ ୪ଟା ପର୍ଯ୍ୟନ୍ତ। ସକାଳବେଳା ୪ଟି ପିରିୟଡ୍ ଏବଂ ଅପର ବେଳା ଦୁଇଟି ପିରିୟଡ୍। ବିଶ୍ୱବିଦ୍ୟାଳୟ ସ୍ତରରେ ଅପରାହ୍ନବେଳା କୌଣସି ପଢ଼ା ବା କ୍ଲାସ ରହେ ନାହିଁ।

ଏସବୁ ପରୀକ୍ଷା ବା ପାଠ୍ୟକ୍ରମ ଶେଷ ପରେ ଛାତ୍ରକୁ କୌଣସି ଡିଗ୍ରୀ, ଡିପ୍ଲୋମା ଇତ୍ୟାଦି ଦିଆଯାଏ ନାହିଁ ବା ଦେବାର ବ୍ୟବସ୍ଥା ନାହିଁ। ଅବଶ୍ୟ ସାର୍ଟିଫିକେଟ ଦେବାର ବନ୍ଦୋବସ୍ତ ବିଚାରାଧୀନ ଅଛି। ଏପର୍ଯ୍ୟନ୍ତ ଏହି ଶିକ୍ଷା-କେନ୍ଦ୍ର ସରକାରଙ୍କଦ୍ୱାରା ଅନୁମୋଦିତ ହୋଇନାହିଁ ବା କୌଣସି ସରକାରୀ ସାହାଯ୍ୟ ପାଇନାହିଁ। ଛାତ୍ରଛାତ୍ରୀମାନେ ଶ୍ରୀମା'ଙ୍କ ଦ୍ୱାରା ବଛା ହୋଇଥାନ୍ତି।

ବର୍ତ୍ତମାନ ସମଗ୍ର ଅନୁଷ୍ଠାନର ଛାତ୍ରସଂଖ୍ୟା ୪୦୩। ଏଥିରୁ ଶିଶୁ ଶ୍ରେଣୀରେ ୩୫, ପ୍ରାଇମେରୀ ୧୪୫, ସେକେଣ୍ଡାରୀ ୧୧୦ ଏବଂ ଉଚ୍ଚ ଶିକ୍ଷାସ୍ତରରେ ୮୦ଜଣ ଓ ବିଭିନ୍ନ ବିଷୟର ଛାତ୍ର ୩୩ ଜଣ ଅଛନ୍ତି। ଏହା ସଙ୍ଗକୁ ଶିକ୍ଷକଙ୍କର ସଂଖ୍ୟା ହେଲା ୧୬୦। ଏତେ ଅଳ୍ପସଂଖ୍ୟକ ଛାତ୍ରଙ୍କପାଇଁ ଏତେଗୁଡ଼ିଏ ଶିକ୍ଷକ ଥିବା କମ ଆଶ୍ଚର୍ଯ୍ୟର କଥା ନୁହେଁ। ପ୍ରାୟ ସମସ୍ତ ଶିକ୍ଷକ ଆଶ୍ରମର ସାଧକ ଓ ସାଧିକା; କେହି ଦରମା ନେଇ ଏଠାରେ ଶିକ୍ଷକତା କରନ୍ତି ନାହିଁ। ଛାତ୍ରର ଏଠାରେ ଅବଶ୍ୟ ରହଣି ଓ ଅନ୍ୟାନ୍ୟ ଖର୍ଚ୍ଚ ସକାଶେ ମାସକୁ ଏକ ଶହ ଟଙ୍କା ଦେବାକୁ ପଡ଼େ। ଶିକ୍ଷକଙ୍କ ମଧ୍ୟରୁ ବହୁ ବ୍ୟକ୍ତି ଶିକ୍ଷକତା କରିବା ସଙ୍ଗେ ସଙ୍ଗେ ବିଶ୍ୱବିଦ୍ୟାଳୟର ଉଚ୍ଚଶିକ୍ଷା ଶ୍ରେଣୀରେ ଅଧ୍ୟୟନ କରନ୍ତି। ଆଶ୍ରମରେ ସାଧକମାନଙ୍କ ସକାଶେ ମଧ୍ୟ ସାନ୍ଧ୍ୟ ଓ ରାତ୍ରିକ୍ଲାସର ବନ୍ଦୋବସ୍ତ ଅଛି।

## ସାଧାରଣ ଫଳାଫଳ

ଏହି ଶିକ୍ଷା-କେନ୍ଦ୍ରର ଫଳାଫଳ ବିଚାର କରିବାର ସମୟ ଏପର୍ଯ୍ୟନ୍ତ ଆସିନାହିଁ; ତେବେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଯେଉଁସବୁ ସୁସ୍ପଷ୍ଟ ପରିଣାମ ଦେଖାଦେଇଛି, ତାହା ପ୍ରତ୍ୟେକ ଶିକ୍ଷାବିତ୍‌ଙ୍କ ପକ୍ଷରେ ଏକ ଅନୁସନ୍ଧାନର ବିଷୟ। ପ୍ରଥମତଃ ଏଠାରେ ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ଏକ ଗଭୀର ସୌହାର୍ଦ୍ଦ୍ୟ ଓ ଆନ୍ତରିକ ସମ୍ବନ୍ଧ ରହିଛି। ଦ୍ୱିତୀୟତଃ ପାଠ ପଢ଼ିବା ପାଇଁ ଯେଉଁ ଯଥାର୍ଥ ବାୟୁମଣ୍ଡଳ ଓ ପରିସ୍ଥିତି ଦରକାର, ସେଥିପାଇଁ ଯେଉଁ ସ୍ୱାଧୀନ ମନୋଭାବ ଦରକାର ତାହା ଏଠାରେ ରହିଛି। ଉଭୟ ଛାତ୍ର ଓ ଶିକ୍ଷକଙ୍କର ପ୍ରଚୁର ସ୍ୱାଧୀନତା ରହିଛି। ତୃତୀୟତଃ

ଛାତ୍ରମାନଙ୍କ ମଧ୍ୟରେ ଗୋଟିଏ ସ୍ୱାଭାବିକ ଆତ୍ମ-ଶୁଦ୍ଧି, ପବିତ୍ର ଚରିତ୍ରବତ୍ତା, ମାନବିକତା ଓ ଭ୍ରାତୃତ୍ୱର ମୂଲ୍ୟବୋଧ ରହିଛି । ଚତୁର୍ଥତଃ ଛାତ୍ରମାନେ ଏଠାରେ ରାଜନୀତି ଓ ଧର୍ମଘଟ ବା ଶ୍ରମିକ-ସମସ୍ୟା ନେଇ ମୁଣ୍ଡ ଖେଳାଇ ନିଜର ସମୟର ଅପଚୟ କରନ୍ତି ନାହିଁ । ପଞ୍ଚମତଃ ଛାତ୍ରମାନେ ବଡ଼ ସିଗାରେଟ ପିଇବା ବା ସିନେମାପାଇଁ ପାଗଳ ହେବା ଓ ଉଦ୍‌ଭ୍ରାନ୍ତ ଉତୋନ୍ମାଦ ଓ ଉଦ୍ଦାମ ହେବାର ଦେଖାଯାଏ ନାହିଁ । ବରଂ ଏଠାରେ ଛାତ୍ରମାନଙ୍କ ହର୍ଷୋତ୍‌ଫୁଲ୍ଲ ଚିତ୍ତ, ସୁନ୍ଦର ଓ ସବଳ ସ୍ୱାସ୍ଥ୍ୟ, ଆଶାବାଦୀ ମନୋଭାବ, ଉତ୍ସାହ ଉଦ୍ଦୀପନାରେ ମୁଖରିତ ସଂଘବଦ୍ଧ ଜୀବନ, ଚୈତ୍ୟ ଓ ଆଧ୍ୟାତ୍ମିକତା ପୂର୍ଣ୍ଣରେ ଏକ ଅପୂର୍ବ ଶାନ୍ତ, ସ୍ନିଗ୍ଧ, ସମଭାବାପନ୍ନ ଦୃଷ୍ଟିକୋଣ ଯେକୌଣସି ଅଭ୍ୟାଗତଙ୍କୁ ହଠାତ୍ ମୁଗ୍ଧ କରେ । ନୂତନ ସମାଜ ଓ ନୂତନ ଜୀବନ ଗଠନରେ ହୁଏତ ଏହି ଛାତ୍ରମାନେ ଦିନେ ଅଗ୍ରଣୀ ହେବେ ।

ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ( ଲୋକସମ୍ପର୍କ ) ବିଭାଗର ଅଭିନବ ଇଂରାଜୀ ପ୍ରକାଶନ

## VISIT ORISSA

ପ୍ରତିବର୍ଷ ଓଡ଼ିଶାର କୀର୍ତ୍ତି-ସମ୍ଭାର, ଶିଳ୍ପ-ସମୃଦ୍ଧ ଓ ପ୍ରାକୃତିକ ଦୃଶ୍ୟ-ବୈଭବ ଦେଖିବାକୁ ଯେଉଁ ପର୍ଯ୍ୟଟକମାନେ ସହସ୍ର ସହସ୍ର ସଂଖ୍ୟାରେ ଆସୁଛନ୍ତି, ସେମାନଙ୍କ ହାତରେ ଏ ବହିଟି ଖଣ୍ଡେ ଖଣ୍ଡେ ରହିଲେ ସେମାନେ ଓଡ଼ିଶା ବିଷୟରେ ଯାବତୀୟ ପ୍ରୟୋଜନୀୟ ତଥ୍ୟ ଏଥିରୁ ଅବଗତ ହେବେ ଓ ଏଥିରେ ସନ୍ନିବିଷ୍ଟ ଚିତ୍ରାବଳୀରୁ ଦର୍ଶନୀୟ ସ୍ଥାନ ଓ ସାମଗ୍ରୀମାନଙ୍କ ବିଷୟରେ ସମ୍ୟକ୍ ଧାରଣା କରିପାରିବେ । ଓଡ଼ିଶାରେ ମଧ୍ୟ ସାଧାରଣ ପାଠକପାଠିକାଙ୍କ ଜ୍ଞାନବର୍ଦ୍ଧନ ଓ ମନୋରଞ୍ଜନ ନିମନ୍ତେ ଏଥିରେ ଅନ୍ୟତ୍ର-ଅପ୍ରାପ୍ୟ ବହୁତ ବିଷୟ ରହିଅଛି ।

ମୂଲ୍ୟ—ପ୍ରତିଖଣ୍ଡ ଟ୫୯ ମାତ୍ର ( ରେଜିଷ୍ଟ୍ରି ଡାକରେ ନେଲେ ମାସୁଲ ଅଧିକା ପଡ଼ିବ )

ନିମ୍ନ ଠିକଣାରେ ପତ୍ର ଲେଖନ୍ତୁ—

( ୧ ) **ସ୍ୱରାଷ୍ଟ୍ର ( ଲୋକସମ୍ପର୍କ ) ବିଭାଗ ଅଫିସ**
ପୋ: ଅ: ନିଉକାପିଟାଲ ଭୁବନେଶ୍ୱର, ପୁରୀ
ଓଡ଼ିଶା

( ୨ ) ଆପଣଙ୍କ ଜିଲ୍ଲାର **ଲୋକସମ୍ପର୍କ ଅଫିସ**

# କମ୍ୟୁନିଟି ରେଡ଼ିଓ ରଖିଥିବା

# ଅନୁଷ୍ଠାନମାନଙ୍କର ଜାଣିବା କଥା

ଓଡ଼ିଶା ସରକାରଙ୍କ **ସ୍ୱରାଷ୍ଟ୍ର (ଲୋକସମ୍ପର୍କ)** ବିଭାଗପକ୍ଷରୁ ଦିଆଯାଉଥିବା କମ୍ୟୁନିଟି ରେଡ଼ିଓଗୁଡ଼ିକ ଯେଉଁ ଅନୁଷ୍ଠାନମାନଙ୍କ ନିକଟରେ ରହିଛି ବା ଭବିଷ୍ୟତରେ ଯେଉଁମାନଙ୍କ ନିକଟରେ ରହିବ, ସେମାନଙ୍କ ସୁବିଧାପାଇଁ ସ୍ୱରାଷ୍ଟ୍ର ( ଲୋକସମ୍ପର୍କ ) ବିଭାଗପକ୍ଷରୁ ପ୍ରତି ଜିଲ୍ଲାପାଇଁ ରେଡ଼ିଓ ଇନ୍‌ସପେକ୍ଟର ନିଯୁକ୍ତ ହୋଇଛନ୍ତି । ସେମାନେ ରେଡ଼ିଓ ଠିକ୍ କରିଦେବେ ଏବଂ ଦରକାରବେଳେ ରେଡ଼ିଓଗୁଡ଼ିକ ବିନା ଫିସ୍‌ରେ ମରାମତି କରିଦେବେ । ଆବଶ୍ୟକୀୟ ରେଡ଼ିଓ ପାର୍ଟସ୍ ମାଉଫରଦାରଙ୍କୁ ଯୋଗାଇବାକୁ ପଡ଼ିବ । ରେଡ଼ିଓ ଇନ୍‌ସ୍‌ପେକ୍ଟରଙ୍କ ନାମ ଓ ହେଡ଼୍-କ୍ୱାର୍ଟର୍ସ 'ଉତ୍କଳ ପ୍ରସଙ୍ଗ'ରେ ଆଗରୁ ଜଣାଇ ଦିଆଯାଇଛି । ରେଡ଼ିଓ କିଛି ଖରାପ ହେଲେ ଜିଲ୍ଲା ଲୋକସମ୍ପର୍କ ବିଭାଗ ଅଫିସରଙ୍କୁ ଜଣାଇଲେ ସେମାନେ ଆସି ମରାମତି କରିଦେବେ । ରେଡ଼ିଓ ସମ୍ପର୍କୀୟ ଆବଶ୍ୟକୀୟ ସମ୍ବାଦ ରେଡ଼ିଓ ଇନସ୍‌ପେକ୍ଟରମାନଙ୍କଠାରୁ ମିଳିପାରିବ ।

ଯେଉଁମାନେ ରେଡ଼ିଓପାଇଁ ଆଗରୁ ଟଙ୍କା ପଠାଇବାକୁ ଚାହାନ୍ତି, ସେମାନେ ଆସେମ୍ବ୍ଲି ସଭ୍ୟ, ସ୍ଥାନୀୟ ପଞ୍ଚାୟତର ସରପଞ୍ଚ କିମ୍ବା କୌଣସି ଗେଜେଟେଡ୍ ଅଫିସରଙ୍କର ଏବଂ ଅନ୍ୟାନ୍ୟ ସ୍ଥାନୀୟ ସୁପାରିଶ ସହ ଟ୨୫୯ ଜିଲ୍ଲା ଲୋକସମ୍ପର୍କ ଅଫିସରଙ୍କଠାରେ ଜମା ଦେଇପାରନ୍ତି । ପ୍ରତି ରେଡ଼ିଓପାଇଁ ବର୍ଷକୁ ୬ଟି ବ୍ୟାଟେରୀ ଦରକାର ହେବ ଓ ତାର ଦାମ ଆନୁମାନିକ ଟ୧୦୦୯ ହେବ ଓ ଲାଇସେନ୍‌ସପାଇଁ ଟ୧୦୯ ପଡ଼ିବ—**ଏହିପରି ବାର୍ଷିକ ଟ୧୧୦୯ ଦେବାଭଳି ଯେଉଁ ଅନୁଷ୍ଠାନମାନଙ୍କର ଶକ୍ତି ଥିବ, କେବଳ ସେହିମାନେ ରେଡ଼ିଓପାଇ ଟଙ୍କା ଜମା କରି ଦରଖାସ୍ତ କରିବା ଦରକାର ।**

**ସ୍ୱରାଷ୍ଟ୍ର ( ଲୋକସମ୍ପର୍କ ) ବିଭାଗ, ଓଡ଼ିଶା**

# ଓଡ଼ିଶାରେ ବାସଗୃହ ନିର୍ମାଣ ଯୋଜନାର ଅଗ୍ରଗତି

## ଗ୍ରାମାଞ୍ଚଳରେ ବାସଗୃହ ନିର୍ମାଣ ପରିକଳ୍ପନା

୧୯୫୮-୫୯ ମସିହାଠାରୁ ଏହି ରାଜ୍ୟର ଗାଁ-ଗହଳରେ ବାସଗୃହ ଯୋଜନା କାର୍ଯ୍ୟକାରୀ କରାଯାଉଛି । ସମଗ୍ର ରାଜ୍ୟରେ ବଛାଯାଇଥିବା ଗ୍ରାମମାନଙ୍କରେ କେତେଗୁଡ଼ିଏ ବାସଗୃହ ନିର୍ମାଣ ନିମନ୍ତେ ବ୍ୟବସ୍ଥା କରିବା ଏହି ପରିକଳ୍ପନାର ଲକ୍ଷ୍ୟ । ଏହି ପରିକଳ୍ପନାଦ୍ୱାରା ବଛାଯାଇଥିବା ଗ୍ରାମମାନଙ୍କରେ ବହୁ ସଂଖ୍ୟାରେ ବାସଗୃହ ନିର୍ମାଣର ସୁବିଧା ଓ ଅନ୍ୟାନ୍ୟ ସୁବିଧାମାନ ଯୋଗାଇ ଦିଆଯିବ । ଏହି ଗ୍ରାମଗୁଡ଼ିକ ଆଖପାଖ ଅଞ୍ଚଳମାନଙ୍କରେ ଏ ଦିଗରେ ଉତ୍ସାହିତ କରିବ । ଗୋଟିଏ ନିର୍ଦ୍ଦିଷ୍ଟ ଗ୍ରାମରେ ବାସଗୃହଗୁଡ଼ିକର ଉନ୍ନତିବିଧାନ କରିବା ହେଉଛି ଗୋଟିଏ ସୁଦୂରପ୍ରସାରୀ କାର୍ଯ୍ୟକ୍ରମ । ଏଥିପାଇଁ ୮।୧୦ ବର୍ଷ ଲାଗିଯିବ ।

ଗ୍ରାମସ୍ଥ ଉତ୍ସାହକୁ କାର୍ଯ୍ୟରେ ଲଗାଇବା ଏବଂ ବାସଗୃହ ନିର୍ମାଣ କରିବାରେ ଗ୍ରାମସ୍ଥ ସମ୍ବଳର ସର୍ବାଧିକ ବ୍ୟବହାର କରିବା ଉଦ୍ଦେଶ୍ୟରେ ଋଣର ପରିମାଣକୁ ନ୍ୟୂନତମ କରାଯାଇଛି । ଋଣ ଆକାରରେ ଦିଆଯାଉଥିବା ଆର୍ଥିକ ସାହାଯ୍ୟର ପରିମାଣ ଗୃହ-ନିର୍ମାଣ ଖର୍ଚ୍ଚର ଶତକଡ଼ା ୬୬⅔ ଭାଗଠାରୁ ଅଧିକ କରାଯିବ ନାହିଁ । ଗୋଟିଏ ଗୃହ ନିର୍ମାଣ ନିମନ୍ତେ ସର୍ବାଧିକ ୨୦୦୦ଟଙ୍କା ଋଣ ଦିଆଯିବ । ଗୃହ ନିର୍ମାଣ ଖର୍ଚ୍ଚର ଅବଶିଷ୍ଟ ଶତକଡ଼ା ୩୩⅓ ଭାଗ ଋଣକାରୀ ଅର୍ଥ, ମାଲ କିମ୍ବା ଶ୍ରମ ଆକାରରେ ନିଜ ସମ୍ବଳରୁ ଦାନ କରିବେ ।

ନିର୍ମାଣ ସାମଗ୍ରୀର ସମ୍ଭାବ୍ୟ ଖର୍ଚ୍ଚ କିମ୍ବା ନିର୍ମାଣ-କାର୍ଯ୍ୟର ଅଗ୍ରଗତିକୁ ନେଇ ଉପଯୁକ୍ତ କିସ୍ତି-ମାନଙ୍କରେ ଋଣ ଦିଆଯିବ । ଏହି ଋଣକୁ ବାର୍ଷିକ ଶତକଡ଼ା ୫ଟଙ୍କା ସୁଧରେ ୨୦ଟି ବାର୍ଷିକ ସମାନ କିସ୍ତିରେ ପରିଶୋଧ କରିବାକୁ ହେବ । ପ୍ରଥମ ଦଫାରେ ଋଣ ମିଳିବାର ୧୮ ମାସ ପରେ ଋଣ ପରିଶୋଧ ଆରମ୍ଭ କରାଯିବ । ଅନୁମୋଦିତ କରାଯାଇଥିବା ନକ୍‌ସା ଓ ବ୍ୟୟ ଅନୁଯାୟୀ ବାସଗୃହମାନ ନିର୍ମାଣ କରାଯିବ ।

୧୯୫୮-୫୯ ମସିହା ମଧ୍ୟରେ ବଛାଯାଇଥିବା ଗ୍ରାମଗୁଡ଼ିକର ଇଚ୍ଛୁକ ଥିବା ବ୍ୟକ୍ତିମାନଙ୍କୁ ଋଣ ମଞ୍ଜୁର କରିବା ନିମନ୍ତେ ୨୦ଟି ବ୍ଲକକୁ ୨,୭୩,୯୦୦ ଟଙ୍କା ଶେଷଥରପାଇଁ ଦିଆଯାଇଥିଲା । ୧୯୫୮-୫୯ ମସିହାର ୨୦ଟି ବ୍ଲକ ସମେତ ୪୦ଟି ବ୍ଲକକୁ ୧୯୫୯-୬୦ ମସିହା ମଧ୍ୟରେ ଶେଷ ଥରପାଇଁ ୧୨,୦୬,୦୭୩ ଟଙ୍କା ଦିଆଯାଇଛି । ୧୯୫୯-୬୦ ମସିହାର ୪୦ଟି ବ୍ଲକ ସମେତ ୭୭ ବ୍ଲକରୁ ବଛା ହୋଇଥିବା ଗ୍ରାମଗୁଡ଼ିକର ଗ୍ରାମବାସୀମାନଙ୍କୁ ଋଣ ମଞ୍ଜୁର କରିବା ନିମନ୍ତେ ୧୯୬୦-୬୧ ମସିହା ମଧ୍ୟରେ କଲେକ୍ଟରମାନଙ୍କ ମାରଫତରେ ୧୩,୯୭,୪୩୦ ଟଙ୍କା ଦିଆଯାଇଥିଲା । ଦ୍ୱିତୀୟ ଯୋଜନାର ଶେଷ ସୁଦ୍ଧା ପ୍ରାୟ ୨୮,୦୦ ବାସଗୃହ ନିର୍ମାଣ ହୋଇଥିବ ବୋଲି ଆଶା କରାଯାଇଛି ।

## ବସ୍ତି ସଫେଇ ପରିକଳ୍ପନା

ସହର ଓ ନଗରମାନଙ୍କରେ ଥିବା କଦର୍ଯ୍ୟ ବସ୍ତିମାନଙ୍କୁ ନିର୍ମୂଳ କରିବାପାଇଁ ଏହି ପରିକଳ୍ପନାଟି ଉଦ୍ଦିଷ୍ଟ । ରାଜ୍ୟର ନୋଟିଫାଏଡ଼ ଏରିଆ କାଉନସିଲ ଓ ମ୍ୟୁନିସିପାଲିଟିମାନଙ୍କ ଜରିଆରେ ଏହି ପରିକଳ୍ପନାଟି କାର୍ଯ୍ୟକାରୀ କରାଯାଉଅଛି । ଏହି ପରିକଳ୍ପନାନୁଯାୟୀ ଭାରତ ସରକାରଙ୍କଠାରୁ ୫୦% ଋଣ ଓ ୨୫%

ସାହାଯ୍ୟ ଓ ରାଜ୍ୟ ସରକାରଙ୍କଠାରୁ ୨୫% ସାହାଯ୍ୟ ମିଳୁଛି ।

ଗତବର୍ଷ ଋଣ ସାହାଯ୍ୟ ନିମନ୍ତେ ୩.୪୦ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଥିଲା । ନିମ୍ନଲିଖିତ ୪ଟି ଯୋଜନାକୁ ମଞ୍ଜୁର ମିଳିଛି ।

| | ବଖରା ସଂଖ୍ୟା | ମଞ୍ଜୁର କରାଯାଇ-ଥିବା ଅର୍ଥର ପରିମାଣ (ଟଙ୍କା) |
|---|---|---|
| ୧ । ଭୁବନେଶ୍ୱର ଏନ୍. ଏ. ସି. ... | ୧୨୭ | ୨,୦୮,୦୦୦ |
| ୨ । ବାଲେଶ୍ୱର ମ୍ୟୁନିସିପାଲିଟୀ ... | ୧୦ | ୩୩,୦୦୦ |
| ୩ । ସମ୍ବଲପୁର ମ୍ୟୁନିସିପାଲିଟୀ ... | ୧୫ | ୪୯,୫୦୦ |
| ୪ । ବଲାଙ୍ଗିର ମ୍ୟୁନିସିପାଲିଟୀ ... | ୧୫ | ୪୯,୫୦୦ |

## ଶିଳ୍ପ-ଶ୍ରମିକଙ୍କପାଇଁ ସାହାଯ୍ୟପ୍ରାପ୍ତ ବାସଗୃହ ପରିକଳ୍ପନା

( କ ) ବେ-ସରକାରୀ କର୍ମଚାରୀଙ୍କପାଇଁ ପରିଯୋଜନା :— ୧୯୫୯-୬୦ ମସିହା ମଧ୍ୟରେ ବେସରକାରୀ କର୍ମଚାରୀଙ୍କପାଇଁ ଉଦ୍ଦିଷ୍ଟ ଥିବା ଦୁଇଟି ପରିଯୋଜନାର ଅଗ୍ରଗତି ଘଟିଛି । ମୁଖ୍ୟତଃ ପ୍ରଜାତନ୍ତ୍ର ପ୍ରେସର ସମିତିଦ୍ୱାରା ୧୦ଟି ବଖରା ଓ ଜୟପୁର ଚିନି କମ୍ପାନୀଙ୍କଦ୍ୱାରା ରାୟଗଡ଼ାଠାରେ ୫୦ଟି ବଖରା ନିର୍ମାଣ କରାଯାଇଅଛି । ୧୯୫୯-୬୦ ମସିହା ମଧ୍ୟରେ ପ୍ରଥମ ପରିଯୋଜନାଟିପାଇଁ ମୋଟ ୩୯,୨୨୪ ଟଙ୍କା ଋଣ ମଞ୍ଜୁର କରାଯାଇଥିଲା । ଗତବର୍ଷ ମଧ୍ୟରେ ଋଣ ଶେଷ କିସ୍ତିରେ ୧୯,୮୭୨ ଟଙ୍କା ମିଳିଥିଲା । ଏହି ପରିଯୋଜନାରେ ଗୃହରେ ଛାତ ପକାଯିବା ସ୍ତର ପର୍ଯ୍ୟନ୍ତ କାର୍ଯ୍ୟ ହୋଇଗଲଣି ଓ ଚଳିତ ବର୍ଷ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଆଶା କରାଯାଏ । ଚଳିତ ବର୍ଷ ମଧ୍ୟରେ ୧୯,୮୭୨ ଟଙ୍କା ପର୍ଯ୍ୟନ୍ତ (ସବ୍‌ସିଡ଼ି) ସାହାଯ୍ୟ ଦିଆଯିବ ।

ଦ୍ୱିତୀୟ ପରିଯୋଜନା ସମ୍ପର୍କରେ ଜୟପୁର ଚିନି କମ୍ପାନୀକୁ ୧୯୫୯-୬୦ ଓ ୧୯୬୦-୬୧ ମସିହା ମଧ୍ୟରେ ୬୩,୯୩୭ ଟଙ୍କା ଋଣ ଦିଆଯାଇଛି । ଛାତ ପଡ଼ିବା ସ୍ତରଯାଏ ନିର୍ମାଣ କାର୍ଯ୍ୟ ହୋଇଅଛି ଏବଂ ସବ୍‌ସିଡ଼ି ପ୍ରାୟ ୪୨,୬୨୫ ଟଙ୍କା ଦିଆଗଲେ ଦୁଇ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଆଶା କରାଯାଏ ।

ଏହି ଉଦ୍ଦେଶ୍ୟପାଇଁ ଚଳିତ ବର୍ଷ ବଜେଟ୍‌ରେ ୫ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି । ସେଥିରୁ ଉପରେ ଦିଆଯାଇଥିବା ସୂଚନାପାଇଁ ୬୨,୩୮୭ ଟଙ୍କା ଦିଆଯାଇଛି । ଅବଶିଷ୍ଟ ଟଙ୍କାତକ ବେ-ସରକାରୀ କର୍ମଚାରୀଙ୍କ ନୂତନ ପରିଯୋଜନାକୁ ମଞ୍ଜୁର କରାଯାଇ ସେଥିରେ ବ୍ୟୟ କରାଯିବ ।

୧୯୫୯-୬୦ ମସିହା ଦ୍ୱିତୀୟ ଯୋଜନା ଶେଷ ସୁଦ୍ଧା ୨୧୪ଟି ବଖରା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଏବଂ ଗତବର୍ଷ ମଧ୍ୟରେ ୬୬୮ଟି ବଖରାର ନିର୍ମାଣ କାର୍ଯ୍ୟ ଚାଲିଛି । ସମସ୍ତ ପରିଯୋଜନାର ନିର୍ମାଣ କାର୍ଯ୍ୟ ସନ୍ତୋଷଜନକଭାବେ ଚାଲିଛି ଏବଂ ନିକଟରେ ସେଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ ହୋଇଯିବ ବୋଲି ଆଶା କରାଯାଏ ।

ଚଳିତ ବର୍ଷପାଇଁ ୫ ଲକ୍ଷ ଟଙ୍କା ବ୍ୟୟର ପ୍ରସ୍ତାବ ରଖାଯାଇଛି । ୧୩୨ଟି ବଖରା ନିର୍ମାଣ ନିମନ୍ତେ ପ୍ରସ୍ତୁତ କରାଯାଇଥିବା କାର୍ଯ୍ୟକ୍ରମ ନିମ୍ନରେ ପ୍ରଦତ୍ତ କରାଗଲା :—

| | | |
|---|---|---|
| ୧। ଜୟପୁର | ... | ୧୨ |
| ୨। ଚୌଦ୍ୱାର | ... | ୨୮ |
| ୩। ବଡ଼ବିଲ | .. | ୧୨ |
| ୪। ଜୋଡ଼ା | ... | ୧୨ |
| ୫। ଟିଟିଲାଗଡ଼ | ... | ୧୦ |
| ୬। କେସିଙ୍ଗା | ... | ୧୦ |
| ୭। ରାଉରକେଲା | ... | ୪୮ |
| | ମୋଟ | ୧୩୨ |

## ସ୍ୱଳ୍ପ-ଆୟକାରୀ ବାସଗୃହ ପରିକଳ୍ପନା

ସ୍ୱଳ୍ପ-ଆୟକାରୀ ବ୍ୟକ୍ତିମାନଙ୍କୁ ନୂଆ ଘର ତିଆରି କରିବା ଉଦ୍ଦେଶ୍ୟରେ ଋଣ ଯୋଗାଇଦେବା ଏହି ପରିକଳ୍ପନାର ପ୍ରଧାନ ଲକ୍ଷ୍ୟ । ଯେଉଁ ବ୍ୟକ୍ତିମାନଙ୍କର ସମସ୍ତ ବାଟରୁ ବାର୍ଷିକ ଆୟ ୬୦୦୦ ଟଙ୍କାରୁ ଅଧିକ ହୋଇ ନ ଥିବ ଏବଂ ରହିବାପାଇଁ ଆଗରୁ ବାସଗୃହ ନ ଥିବ, ସେମାନଙ୍କୁ ସାହାଯ୍ୟ ଦେବାପାଇଁ ମୁଖ୍ୟତଃ ଏହି ପରିକଳ୍ପନାଟି ଉଦ୍ଦିଷ୍ଟ । ସ୍ୱଳ୍ପ ଆୟକାରୀ ଦଳଭୁକ୍ତ କୌଣସି ବ୍ୟକ୍ତିର ଯଦି ଆଗରୁ ବାସଗୃହ ଥିବ ଓ ବର୍ତ୍ତମାନ ରହିବା ଉଦ୍ଦେଶ୍ୟରେ ପ୍ରକୃତରେ ଯଦି ତାହାଙ୍କୁ ବାସଗୃହ ନିହାତି ଆବଶ୍ୟକ ହେଉଥିବ, ତେବେ ସେହିଭଳି ବ୍ୟକ୍ତିଙ୍କୁ ସରକାର ଋଣ ଅଗ୍ରିମ ଦେବେ । ଏହି ସାହାଯ୍ୟ ପରିକଳ୍ପନାନୁଯାୟୀ ଜମି-କିଣା ଖର୍ଚ୍ଚ ସମେତ ଗୃହ ନିର୍ମାଣର ମୋଟ ଖର୍ଚ୍ଚର ଶତକଡ଼ା ୮୦ ଭାଗରୁ ଅଧିକ ସାହାଯ୍ୟ ଦିଆଯିବ ନାହିଁ । ପ୍ରକାଶ ଥାଉକି, ଗୋଟିଏ ବାସଗୃହର ନିର୍ମାଣ ଖର୍ଚ୍ଚ ଜମିକିଣା ଖର୍ଚ୍ଚ ସମେତ ସର୍ବାଧିକ ମୋଟ ଖର୍ଚ୍ଚ ୮୦୦୦ ଟଙ୍କା ଭିତରେ ରଖିବାକୁ ହେବ । ଅନ୍ୟ ଶବ୍ଦରେ କହିବାକୁ ଗଲେ, ଯେଉଁ ବ୍ୟକ୍ତିମାନେ ଗୃହ ନିର୍ମାଣ କରୁଛନ୍ତି, ସେମାନଙ୍କୁ ଅନ୍ୟୂନ ଶତକଡ଼ା ୨୦ ଭାଗ ଖର୍ଚ୍ଚ ନିଜ ନିଜର ଆର୍ଥିକ ସମ୍ବଳରୁ ଖର୍ଚ୍ଚ କରିବାକୁ ପଡ଼ିବ । ସାହାଯ୍ୟପାଇଁ ଦରଖାସ୍ତ ଦେଇଥିବା ବ୍ୟକ୍ତିମାନଙ୍କର ଶତକଡ଼ା ୨୦ଭାଗ ଖର୍ଚ୍ଚ ହିସାବ କରାଗଲାବେଳେ ଜମିକିଣା ଖର୍ଚ୍ଚ ସେଥିରେ ଅନ୍ତର୍ଭୁକ୍ତ କରାଯିବ ।

୧୯୫୫-୫୬ ମସିହା ମଧ୍ୟରେ ଏ ରାଜ୍ୟରେ ପ୍ରଥମେ ଏହି ପରିକଳ୍ପନାଟି କାର୍ଯ୍ୟକାରୀ କରା-ଯାଇଥିଲା । ପ୍ରଥମେ ଏହି ପରିକଳ୍ପନାର ପରିସର ଜିଲ୍ଲା ସଦର ମହକୁମା ଓ ଅନ୍ୟାନ୍ୟ ସହରାଞ୍ଚଳ ମଧ୍ୟରେ ଆବଦ୍ଧ ଥିଲା; କିନ୍ତୁ ୧୯୬୦-୬୧ ମସିହାଠାରୁ ଏହାର ପରିସର ଗ୍ରାମାଞ୍ଚଳରେ ମଧ୍ୟ ପ୍ରସାର କରାଯାଇଅଛି ।

ବର୍ତ୍ତମାନ ଏହି ପରିକଳ୍ପନାଟି ଜିଲ୍ଲା କଲେକ୍ଟର ଓ ରାଜ୍ୟ ସମବାୟ ଗୃହ ନିର୍ମାଣ କର୍ପୋରେସନଙ୍କ ଜରିଆରେ କାର୍ଯ୍ୟକାରୀ କରାଯାଉଛି । ସ୍ୱଳ୍ପ-ଆୟକାରୀ ଦଳଭୁକ୍ତ ବ୍ୟକ୍ତିଙ୍କୁ ମୁଖ୍ୟତଃ କମ୍ ଭଡ଼ା ସୂତ୍ରରେ ଦେବା ଉଦ୍ଦେଶ୍ୟରେ ନୂଆ ରାଜଧାନୀ ଅଞ୍ଚଳରେ ରାଜ୍ୟ ସରକାର ୬୨ଟି ବାସଗୃହ ନିର୍ମାଣ କରିଛନ୍ତି । ୧୯୬୦ ମସିହା ସେପ୍ଟେମ୍ବର ଶେଷ ସୁଦ୍ଧା ୫୬୩ଟି ବାସଗୃହ ନିର୍ମାଣ ନିମନ୍ତେ କଲେକ୍ଟରମାନଙ୍କ ଜରିଆରେ ୨୩, ୪୪, ୬୪୦ ଟଙ୍କା ବଣ୍ଟନ କରାଯାଇଛି । ସେଥିମଧ୍ୟରୁ ୩୬୮ଟି ବାସଗୃହର ନିର୍ମାଣକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଓ ଅବଶିଷ୍ଟ ୧୯୫ଟି ବାସଗୃହର ନିର୍ମାଣକାର୍ଯ୍ୟ ଚାଲିଛି । ୧୯୬୦ ମସିହା ସେପ୍ଟେମ୍ବର ଶେଷସୁଦ୍ଧା ୩୫୦ଟି ଗୃହ ନିର୍ମାଣ ନିମନ୍ତେ ରାଜ୍ୟ ସମବାୟ ଗୃହନିର୍ମାଣ କର୍ପୋରେସନଙ୍କ ଜରିଆରେ ୧୯,୬୫,୬୫୩ ଟଙ୍କା ବଣ୍ଟନ କରାଯାଇଛି । ସେଥିମଧ୍ୟରୁ ୩୦୨ଟି ଗୃହର ନିର୍ମାଣକାର୍ଯ୍ୟ ଶେଷ ହୋଇଛି ଓ ଅବଶିଷ୍ଟ ୪୮ଟି ଗୃହର ନିର୍ମାଣକାର୍ଯ୍ୟ ଚାଲିଛି ।

ଏହି ପରିକଳ୍ପନାଟି ସମଗ୍ର ରାଜ୍ୟରେ ଖୁବ୍ ଲୋକପ୍ରିୟ ହୋଇପାରିଛି । ତୃତୀୟ ଯୋଜନାକାଳ ମଧ୍ୟରେ ଏହି ପରିକଳ୍ପନା ବାବଦରେ ୭୫ଲକ୍ଷ ଟଙ୍କା ଖର୍ଚ୍ଚ ହେବାଲାଗି ପ୍ରସ୍ତାବ ରଖାଯାଇଛି ।

## ଭଡ଼ାଗୃହ ପରିକଳ୍ପନା

ରାଜ୍ୟ ସରକାରୀ ବାସଗୃହ ନିର୍ମାଣପାଇଁ ଏହି ପରିକଳ୍ପନାଟି ଉଦ୍ଦିଷ୍ଟ । ଏହି ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଭାରତ ସରକାରଙ୍କ ପୂର୍ତ୍ତ, ଗୃହନିର୍ମାଣ ଓ ଯୋଗାଣ ମନ୍ତ୍ରାଳୟ ଜରିଆରେ ସୁଧ ଭିତ୍ତିରେ ଭାରତ ଜୀବନ ବୀମା କର୍ପୋରେସନ ଅଗ୍ରିମ ଅର୍ଥ ଯୋଗାଉଛନ୍ତି । ୧୯୫୯-୬୦ ମସିହା ମଧ୍ୟରେ ନୂଆ ରାଜଧାନୀଠାରେ ୪୬୦ଟି ବାସଗୃହ ନିର୍ମାଣ କରିବା ନିମନ୍ତେ ଗୋଟିଏ ପରିଯୋଜନା ହାତକୁ ନିଆଯାଇଅଛି ଏବଂ ସେହି ବର୍ଷ ମଧ୍ୟରେ ୫.୦୭ ଲକ୍ଷ ଟଙ୍କା ବ୍ୟୟ କରାଯାଇଅଛି । ୧୯୬୦-୬୧ ମସିହାରେ ଏହି ପରିଯୋଜନା ଚାଲୁ ରଖାଯାଇଅଛି । ଏହି ପରିଯୋଜନାରେ ୬୧,୯୩,୦୦୦ ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି । ୧୯୬୦-୬୧ ମସିହାରେ ଅଟକଳ କରାଯାଇଥିବା ୧୮,୩୧,୪୪୦ ଟଙ୍କା ବ୍ୟୟରେ ୪୩୦ଟି ବାସଗୃହ ନିର୍ମାଣ ଉଦ୍ଦେଶ୍ୟରେ ଅନ୍ୟ ଗୋଟିଏ ପରିଯୋଜନାକୁ ଶାସନର ଅନୁମୋଦନ ମିଳିଛି । ୩୧-୩-୬୧ ପର୍ଯ୍ୟନ୍ତ ଆନୁମାନିକ ଖର୍ଚ୍ଚ ୬୦,୪୨,୬୯୭ ଟଙ୍କା ହୋଇଛି ।

ଚଳିତ ବର୍ଷରେ ଉପଯୁକ୍ତ ଦୁଇଟି ପରିଯୋଜନାର କାର୍ଯ୍ୟ ଚାଲୁ ରଖାଯିବ ଏବଂ ଏହିସବୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାପାଇଁ ପ୍ରାୟ ୧୫ ଲକ୍ଷ ଟଙ୍କା ଆବଶ୍ୟକ ପଡ଼ିବ । ଏହା ବ୍ୟତୀତ ନୂଆରାଜଧାନୀରେ ୧୫ ଲକ୍ଷ ଟଙ୍କା ବ୍ୟୟରେ ନୂତନ ବାସଗୃହ ନିର୍ମାଣ କରିବା ନିମନ୍ତେ ଗୋଟିଏ କାର୍ଯ୍ୟକ୍ରମ ହାତକୁ ନିଆଯିବ । ଏହି ବର୍ଷ ମଧ୍ୟରେ କଟକ, ରାଉରକେଲା, ବ୍ରହ୍ମପୁର ପ୍ରଭୃତିରେ ଗୃହ ନିର୍ମାଣ କରିବା ନିମନ୍ତେ ସ୍ଥିର କରାଯାଇଅଛି ।

"ମୋ ମତରେ ଯଦି ଗାଁ ସବୁ ଲୋପ ପାଆନ୍ତି, ଭାରତ ମଧ୍ୟ ଲୋପ ପାଇବ; ଭାରତ ଆଉ ଭାରତ ହୋଇ ରହିବ ନାହିଁ । ଜଗତପାଇଁ ଭାରତ ଯାହା କରନ୍ତା, ତାହା ବ୍ୟର୍ଥ ହେବ । ଭାରତର ଗାଁମାନଙ୍କରେ ନବଜୀବନ ସଞ୍ଚାର କରି ହେବ, ଯେତେବେଳେ ଗାଁମାନେ ଆଉ ଶୋଷିତ ହେବେ ନାହିଁ । ଗାଁମାନେ ଯେପରି ଆତ୍ମନିର୍ଭରଶୀଳ ହୁଅନ୍ତି, ନିଜ ନିଜର ପ୍ରୟୋଜନୀୟ ଜିନିଷ ନିଜେ ତିଆରି କରନ୍ତି, ସେଥିପାଇଁ ଚେଷ୍ଟିତ ହେବାକୁ ହେବ । ଏହି ଆତ୍ମନିର୍ଭରଶୀଳତା ଲକ୍ଷ୍ୟ ହୋଇ ରହି ଗାଁମାନଙ୍କରେ ଆଧୁନିକ ଯନ୍ତ୍ରପାତି ବ୍ୟବହୃତ ହେଲେ ଆପତ୍ତି କରିବାର କାରଣ ନ ଥିବ । ଏସବୁ ଯନ୍ତ୍ରପାତି ଅନ୍ୟମାନଙ୍କର ଶୋଷଣ କାର୍ଯ୍ୟରେ ନ ଲଗିଲେ ହେଲା ।

—ଗାନ୍ଧୀଜୀ



ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଡକ୍ଟର ପରିଜା
ବଲାଙ୍ଗୀର ଶିଶୁକଳା ପ୍ରଦର୍ଶନୀ ଉଦ୍‌ଘାଟନ କରୁଅଛନ୍ତି




ବଲାଙ୍ଗୀର ଶିଶୁକଳା ପ୍ରଦର୍ଶନୀର ତୋରଣ

# ଶିଳ୍ପକ୍ଷେତ୍ରରେ ଓଡ଼ିଶାର ଅଗ୍ରଗତି

## କାରିଗରୀ ତାଲିମ ବ୍ୟବସ୍ଥା

ଦେଶର ଶିଳ୍ପ ବିକାଶ ସଙ୍ଗେ ସଙ୍ଗେ ତାଲିମପ୍ରାପ୍ତ କାରିଗରମାନଙ୍କ ଚାହିଦା ବି ବହୁ ପରିମାଣରେ ବୃଦ୍ଧି ପାଉଛି । ତେଣୁ ଏହାର ସମକକ୍ଷ ହେବାପାଇଁ ଦେଶର ପ୍ରତ୍ୟେକ ଅଞ୍ଚଳରେ ତାଲିମ ବ୍ୟବସ୍ଥାକୁ ବଢ଼ାଇବାକୁ ପ୍ରସାରିତ କରାଯାଉଛି ।

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ଓଡ଼ିଶାରେ କେବଳ ଦୁଇଟି ମାତ୍ର ଶିଳ୍ପ ତାଲିମ-କେନ୍ଦ୍ର ରହିଥିଲା । ତନ୍ମଧ୍ୟରୁ ଗୋଟିଏ ହେଉଛି "ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂ" ସହିତ ସଂଶ୍ଳିଷ୍ଟ ରହିଥିବା ଶିଳ୍ପ ତାଲିମ କେନ୍ଦ୍ର ଓ "ଓଡ଼ିଶା ପୁଅର୍ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍, କଟକ" ସହିତ ସଂଶ୍ଳିଷ୍ଟ ରହିଥିବା ଅନ୍ୟଟି ବୃତ୍ତିମୂଳକ ତାଲିମ କେନ୍ଦ୍ର । ଏ ଦୁଇଟି ତାଲିମ କେନ୍ଦ୍ରରେ ଯଥାକ୍ରମେ ୨୮୦ଟି ଓ ୯୮ଟି ସ୍ଥାନ ରହିଥିଲା ।

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକାଳ ମଧ୍ୟରେ ନିମ୍ନଲିଖିତ ଶିଳ୍ପ ତାଲିମ ଅନୁଷ୍ଠାନମାନ ପ୍ରତିଷ୍ଠା କରାଯାଇଛି । ପ୍ରତ୍ୟେକ ଅନୁଷ୍ଠାନର ସ୍ଥାନସଂଖ୍ୟା ଡାହାଣ ପାର୍ଶ୍ୱରେ ଦର୍ଶାଯାଇଛି:—

| | |
|---|---|
| ୧ । ଶିଳ୍ପ ତାଲିମ ଅନୁଷ୍ଠାନ, ହୀରାକୁଦ ... | ୨୦୮ଟି ସ୍ଥାନ |
| ୨ । ଶିଳ୍ପ ତାଲିମ ଅନୁଷ୍ଠାନ, ବ୍ରହ୍ମପୁର ... | ୨୦୦ଟି ସ୍ଥାନ |
| ୩ । ଶିଳ୍ପ ତାଲିମ ଅନୁଷ୍ଠାନ, ରାଉରକେଲା ... | ୩୦୪ଟି ସ୍ଥାନ |
| ୪ । ଶିଳ୍ପ ତାଲିମ ଅନୁଷ୍ଠାନ, ବାଲେଶ୍ୱର ... | ୯୬ଟି ସ୍ଥାନ |
| ୫ । ଶିଳ୍ପ ତାଲିମ ଅନୁଷ୍ଠାନ, ଜୁନାଗଡ଼ ... | ୧୦୪ଟି ସ୍ଥାନ |

ଏହା ବ୍ୟତୀତ "ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂ, କଟକ" ସହିତ ସଂଶ୍ଳିଷ୍ଟଥିବା ଶିଳ୍ପ ତାଲିମ କେନ୍ଦ୍ରର ସ୍ଥାନସଂଖ୍ୟା ୨୮୨ରୁ ୨୮୮କୁ ବୃଦ୍ଧି କରାଯାଇଛି । ଅଣବାସୀ ଶିକ୍ଷାର୍ଥୀଙ୍କୁ ତାଲିମ ଦେବା ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲାର ତଖତପୁରଠାରେ ୯୬ଟି ସ୍ଥାନ-ବିଶିଷ୍ଟ ଆଉ ଗୋଟିଏ ଶିଳ୍ପ ତାଲିମ ଅନୁଷ୍ଠାନ ଖୋଲା ହୋଇଛି । ଯୋଜନାବଦ୍ଧଭାବେ ଦକ୍ଷ କାରିଗର ତାଲିମ ବ୍ୟବସ୍ଥାକୁ ପ୍ରସାରିତ କରାଯିବା ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି । ତୃତୀୟ ଯୋଜନା-କାଳ ମଧ୍ୟରେ ବର୍ତ୍ତମାନ ଥିବା ତାଲିମ ଅନୁଷ୍ଠାନଗୁଡ଼ିକୁ ପ୍ରସାରିତ କରାଯାଇ ଓ ନୂତନଭାବେ ଗୋଟିଏ ବୃତ୍ତିମୂଳକ ତାଲିମ ଅନୁଷ୍ଠାନ ଏବଂ ୩ ଗୋଟି ଶିଳ୍ପ ତାଲିମ ଅନୁଷ୍ଠାନ ପ୍ରତିଷ୍ଠା କରାଯାଇ ଅଧିକା ୧,୦୭୨ଟି ସ୍ଥାନର ବ୍ୟବସ୍ଥା କରାଯିବାକୁ ଚିନ୍ତା କରାଯାଉଛି । ଏହି ଅଧିକା ସ୍ଥାନର ବ୍ୟବସ୍ଥା ୧୯୬୧-୬୨ ମସିହାରୁ ଆରମ୍ଭ କରାଯାଇ ୩ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ ।

୧୯୬୧-୬୨—୨୦୦ଟି ସ୍ଥାନ
୧୯୬୨-୬୩—୫୦୪ଟି ,,
୧୯୬୩-୬୪—୩୬୮ଟି ,,

ବର୍ତ୍ତମାନ ଖୋଲାଯାଇଥିବା ତାଲିମ ଅନୁଷ୍ଠାନଗୁଡ଼ିକୁ ପ୍ରସାରିତ କରାଯାଇ ଉପରେ ଦର୍ଶାଯାଇଥିବା ସ୍ଥାନ-ସଂଖ୍ୟାର ଅର୍ଦ୍ଧେକ ସ୍ଥାନର ବ୍ୟବସ୍ଥା କରାଯିବ ଓ ନୂଆ ଅନୁଷ୍ଠାନ ପ୍ରତିଷ୍ଠା କରାଯାଇ ଆଉ ଅର୍ଦ୍ଧେକ ସ୍ଥାନର ବ୍ୟବସ୍ଥା କରାଯିବ । କଟକ, ବାଲେଶ୍ୱର, ହୀରାକୁଦ ଓ ବ୍ରହ୍ମପୁରରେ ଥିବା ଅନୁଷ୍ଠାନଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟିରେ ଅଧିକା ୧୦୦ ଗୋଟି ସ୍ଥାନର ବ୍ୟବସ୍ଥା କରାଯିବ ଓ ଜୁନାଗଡ଼ ତାଲିମ ଅନୁଷ୍ଠାନରେ ଅଧିକା ୧୦୪ ଗୋଟି ସ୍ଥାନ ରଖାଯିବ । ଏହା ବ୍ୟତୀତ ତୃତୀୟ

ଯୋଜନାରେ ଉକ୍ତପ୍ରକାରସ୍ଥ ତାଲିମ ଅନୁଷ୍ଠାନର ସ୍ଥାନ-ସଂଖ୍ୟାକୁ ବୃଦ୍ଧି କରାଯାଇ ଅଧିକା ୧୨୦ଟି ସ୍ଥାନର ବ୍ୟବସ୍ଥା କରାଯିବ ।

## ନୂତନ ତାଲିମ ଅନୁଷ୍ଠାନ ସ୍ଥାପନ

କେନ୍ଦୁଝର, ଖୋର୍ଦ୍ଧାରୋଡ଼ ଓ ଅନୁଗୋଳଠାରେ ନୂଆରେ ତିନିଗୋଟି ଶିଳ୍ପ ତାଲିମ ଅନୁଷ୍ଠାନ ଖୋଲାଯିବ ଏବଂ ଏହି ଅନୁଷ୍ଠାନମାନଙ୍କରେ ତାଲିମ ପାଇବାପାଇଁ ଯଥାକ୍ରମେ ୨୦୦, ୨୦୦ ଓ ୧୦୦ଟି ସ୍ଥାନ ରଖାଯିବ । ପ୍ରତ୍ୟେକ ଅନୁଷ୍ଠାନରେ ୧୦୦ ଜଣ ଶିକ୍ଷାର୍ଥୀଙ୍କୁ ନେଇ ଏହି ୩ଟି ତାଲିମ ଅନୁଷ୍ଠାନ ଆରମ୍ଭ କରାଯିବ । କେନ୍ଦୁଝର ଓ ଖୋର୍ଦ୍ଧାରୋଡ଼ସ୍ଥ ଅନୁଷ୍ଠାନ ଆରମ୍ଭ କରାଯିବାର ଦ୍ୱିତୀୟ ବର୍ଷରେ ସ୍ଥାନ-ସଂଖ୍ୟାକୁ ଦ୍ୱିଗୁଣ କରାଯିବ । ଏହି ତିନୋଟି ଶିଳ୍ପ ତାଲିମ ଅନୁଷ୍ଠାନ ବ୍ୟତୀତ ପୁରୀଠାରେ ୬୮ଟି ସ୍ଥାନ-ବିଶିଷ୍ଟ ଗୋଟିଏ ବୃତ୍ତିମୂଳକ ତାଲିମ ଅନୁଷ୍ଠାନ ୧୯୬୩ ମସିହାରେ ପ୍ରତିଷ୍ଠା କରାଯିବ ।

ଏ ଦୁଇ ଧରଣର ତାଲିମ ବ୍ୟବସ୍ଥାରେ କେବଳ ଏତିକିମାତ୍ର ପ୍ରଭେଦ ରହିଛି ଯେ ଶିଳ୍ପ ତାଲିମ ଅନୁଷ୍ଠାନରେ ଇଞ୍ଜିନିୟରିଂ ବ୍ୟବସାୟରେ ତାଲିମ ଦିଆଯାଏ ଓ ବୃତ୍ତିମୂଳକ ତାଲିମ ଅନୁଷ୍ଠାନରେ ଅଣ-ଇଞ୍ଜିନିୟରିଂ ବ୍ୟବସାୟରେ ତାଲିମ ଦିଆଯାଏ ।

## ଶିଳ୍ପ ଶ୍ରମିକମାନଙ୍କପାଇଁ ନୈଶଶ୍ରେଣୀ

ବିଭିନ୍ନ ଶିଳ୍ପରେ ନିଯୁକ୍ତ ହୋଇଥିବା ଶ୍ରମିକ-ମାନଙ୍କ ତାତ୍ତ୍ୱିକ ଜ୍ଞାନର ବିକାଶ ଉଦ୍ଦେଶ୍ୟରେ ନୈଶ ଶ୍ରେଣୀମାନ ଖୋଲାଯାଇ ଶିକ୍ଷାପ୍ରଦାନ କରାଯିବ । "ଡିରେକ୍ଟର ଜେନେରାଲ ଅଫ୍ ଏମ୍ପ୍ଲୟମେଣ୍ଟ ଆଣ୍ଡ ଟ୍ରେନିଙ୍ଗ୍"ଙ୍କ ଆନୁକୂଲ୍ୟରେ ଏ ପରିକଳ୍ପନାଟି ପ୍ରସ୍ତୁତ କରାଯାଇଛି । ବର୍ତ୍ତମାନ ଚଉଦ୍ୱାରଠାରେ ଏପରି ଗୋଟିଏ ଶ୍ରେଣୀ ଆରମ୍ଭ କରାଯାଇଛି । ତୃତୀୟ ଯୋଜନାକାଳ ମଧ୍ୟରେ ୨୦୦ ଶ୍ରମିକଙ୍କୁ ଶିକ୍ଷାଦେବା ଉଦ୍ଦେଶ୍ୟରେ ବିଭିନ୍ନ ଶିଳ୍ପାଞ୍ଚଳରେ ଏପରି କେତେ-ଗୁଡ଼ିଏ ଶ୍ରେଣୀ ଖୋଲାଯିବାପାଇଁ ପ୍ରସ୍ତାବ ରଖାଯାଇଛି ।

## ଜାତୀୟ ଶିକ୍ଷାନବୀଶ ତାଲିମ ପରିକଳ୍ପନା

ଏହି ପରିକଳ୍ପନା ଅନୁଯାୟୀ ତୃତୀୟ ଯୋଜନାରେ ପ୍ରାୟ ୧୦୦ ଜଣ ଶିକ୍ଷାନବୀଶଙ୍କୁ ତାଲିମ ଦେବା ଉଦ୍ଦେଶ୍ୟରେ ବ୍ରଜରାଜନଗର, ହୀରାକୁଦ, ଚଉଦ୍ୱାର ଇତ୍ୟାଦି ବିଭିନ୍ନ ଶିଳ୍ପ ଷ୍ଟାଉନମାନଙ୍କରେ କେତେଗୁଡ଼ିଏ ତାଲିମ କେନ୍ଦ୍ର ଖୋଲାଯିବାପାଇଁ ପ୍ରସ୍ତାବ କରାଯାଇଛି ।



# ଭାରତର ଜାତୀୟ ଐକ୍ୟ

## ଶ୍ରୀ ହୁମାୟୁନ୍ କବିର

ଭାରତର ଇତିହାସପ୍ରତି ଦୃଷ୍ଟିପାତ କଲେ ଦେଖାଯିବ ଯେ ଜନସାଧାରଣଙ୍କ ମଧ୍ୟରେ ଏକ ପକ୍ଷରେ ଧର୍ମ ଓ ସଂସ୍କୃତି ଭିତ୍ତିରେ ଏକୀକରଣପ୍ରତି ଏବଂ ଅନ୍ୟ ପକ୍ଷରେ ଭାଷା, ଆଚାରବ୍ୟବହାର ଏବଂ ରାଜନୈତିକ ଓ ଅର୍ଥନୈତିକ ବୈଷମ୍ୟ ଯୋଗୁ ବିଭକ୍ତୀକରଣର ମନୋଭାବ ଦେଖାଦେଇଛି । ଭୂମି ଓ ଜଳବାୟୁରେ ବହୁ ପାର୍ଥକ୍ୟ ବିଶିଷ୍ଟ ଭାରତବର୍ଷପରି ଏକ ବିରାଟ ଦେଶରେ ବୈଷମ୍ୟ ରହିବା ଅବଶ୍ୟମ୍ଭାବୀ । ଇତିହାସର ବିଭିନ୍ନ ସମୟରେ ବିଭିନ୍ନ ଜାତିର ଲୋକେ ଭାରତକୁ ଆସିଥିବାରୁ ଏହି ଜଟିଳତା ଆହୁରି ବୃଦ୍ଧି ପାଇଛି । ଏପରିକି ଆର୍ଯ୍ୟମାନେ ମଧ୍ୟ ଏକ ଐକ୍ୟବଦ୍ଧ ଜାତି ହିସାବରେ ଭାରତକୁ ଆସି ନ ଥିଲେ । ଶହ ଶହ ବର୍ଷ ଧରି ସେମାନେ କ୍ଷୁଦ୍ର କ୍ଷୁଦ୍ର ଦଳରେ ଭାରତରେ ପ୍ରବେଶ କରୁଥିଲେ । ପରବର୍ତ୍ତୀ ଯୁଗରେ ମଧ୍ୟ ଅନ୍ୟମାନେ ଏହିଭଳିଭାବେ ଭାରତକୁ ଆସିଥିଲେ । ଏପରିକି ଏ ଯୁଗର ଆରମ୍ଭ ପର୍ଯ୍ୟନ୍ତ ବାହାର ଲୋକଙ୍କ ଭାରତ ଆଗମନ ଲାଗିରହିଥିଲା ।

ଭାରତର ସଂସ୍କୃତିରେ ମୌଳିକ ଏକତା ଥିବା-ସତ୍ତ୍ୱେ ଦେଶ ଅନେକଗୁଡ଼ିଏ ରାଜ୍ୟରେ ବିଭକ୍ତ ହୋଇଥିଲା । ପରସ୍ପରବିରୋଧୀ କଥା ହେଲେ ସୁଦ୍ଧା ଏହା ସତ୍ୟ । ବିଭିନ୍ନ ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହେବା ଫଳରେ ଦେଶଭିତରେ ଉପଜାତୀୟ ମନୋଭାବ ମୁଣ୍ଡଟେକି ଉଠିଲା ଏବଂ ଗୋଟିଏ ଗୋଟିଏ ରାଜ୍ୟ ଅନ୍ୟ ରାଜ୍ୟଠାରୁ ସମ୍ପୂର୍ଣ୍ଣ ପୃଥକ୍ ହୋଇପଡ଼ିଲା । ଅତୀତରେ ଯୋଗାଯୋଗର ସୁବିଧା ନ ଥିବାରୁ ଏହା ସ୍ଥାନୀୟ ବିଭେଦ ସୃଷ୍ଟିରେ ସାହାଯ୍ୟ କଲା ଏବଂ ସଙ୍ଗେ ସଙ୍ଗେ ବିଭିନ୍ନ ଅଞ୍ଚଳ ମଧ୍ୟରେ ସଂଘର୍ଷ ଲାଗିବାରେ ବାଧା ସୃଷ୍ଟି କଲା । ଯୋଗାଯୋଗ ଓ ପରିବହନ ବ୍ୟବସ୍ଥାର ଉନ୍ନତି ଫଳରେ ବିଭିନ୍ନ ଅଞ୍ଚଳ ବାସ୍ତବ କ୍ଷେତ୍ରରେ ପରସ୍ପରର ନିକଟବର୍ତ୍ତୀ ହୋଇଛନ୍ତି । କିନ୍ତୁ ଏହା ଫଳରେ ବିଭିନ୍ନ ଅଞ୍ଚଳ ମଧ୍ୟରେ ଥିବା ବୈଷମ୍ୟ ଯୋଗୁଁ ସଂଘର୍ଷ ସୃଷ୍ଟିରେ ମଧ୍ୟ ସାହାଯ୍ୟ କରିଛି । ଜନସଂଖ୍ୟା ବୃଦ୍ଧି ହେଲା; କିନ୍ତୁ ଏହା ସଙ୍ଗେ ସଙ୍ଗେ ସେହି ଅନୁପାତରେ ଜାତୀୟ ସମ୍ପଦ ବୃଦ୍ଧି ନ ହେବାରୁ ସ୍ଥାନୀୟ ସଂଘର୍ଷ ଅଧିକ ପ୍ରଖର ଓ ଉଗ୍ର ଆକାର ଧାରଣ କଲା । ଭାଷା, ଧର୍ମ, ଜାତି ଅଥବା ସଂପ୍ରଦାୟଗତ ବିଭେଦ ଯୋଗୁ ଆଜି ଅନେକ ଲୋକ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି । କିନ୍ତୁ ଆମେ ଯଦି କେତୋଟି ମୌଳିକ ବିଷୟ ସ୍ୱୀକାର କରୁ, ତେବେ ଏହି ବିଭେଦ ଦୂର କରାଯାଇପାରିବ ଏବଂ ଜାତୀୟ ଐକ୍ୟ ହାସଲ କରାଯାଇ ପାରିବ ।

ବିଭିନ୍ନ ସମୟରେ ଯେଉଁ ବିଭେଦମୂଳକ ମନୋଭାବ ଲୋକଙ୍କ ମଧ୍ୟରେ ଦେଖାଯାଉଛି, ତା' ମୂଳରେ ଅଛି ସାମାଜିକ ଓ ଅର୍ଥନୈତିକ ଅନଟନ । ଦେଶର ଅନୁନ୍ନତ ଅବସ୍ଥା ଏଭଳି ମନୋଭାବର କାରଣ । ସମସ୍ତ ନାଗରିକ ଯଦି ଜୀବନଧାରଣର ନିର୍ଦ୍ଦିଷ୍ଟ ମାନବୋଚିତ ମାନ ଲାଭ କରନ୍ତି, ତେବେ ଆଜିର ଅନେକ ସଂଘର୍ଷର ଅବସାନ ହେବ । ଜୀବିକା-ନିର୍ବାହର ଉପଯୁକ୍ତ ସାଧନ ପାଇବାରେ ଅନିଶ୍ଚିତତା ଥିବାରୁ ଲୋକେ ଅନେକ ସମୟରେ ଜାତୀୟ ସମ୍ବଳ ଉପରେ ନିଜର ପ୍ରାପ୍ୟପାଇଁ ଜାତିଗତ, ସାଂପ୍ରଦାୟିକ, ଧର୍ମଗତ ବା ଭାଷାଗତ ସଂପର୍କ ଦେଖାଇ ଏହା ଉପରେ ସ୍ୱତ୍ୱ ଆରୋପ କରୁଛନ୍ତି । ସରକାରୀ ବା ବେସରକାରୀ ସଂସ୍ଥାରେ ଚାକିରୀକୁ ଲୋକେ ଅର୍ଥନୈତିକ

ଦୃଷ୍ଟିରୁ ବିଶେଷ ନିରାପଦ ମନେ କରୁଛନ୍ତି । ତେଣୁ ଏ କ୍ଷେତ୍ରରେ ମଧ୍ୟ ଲୋକେ ଜାତିଗତ ବା ସାଂପ୍ରଦାୟିକ ସଙ୍କୀର୍ଣ୍ଣତାର ଆଶ୍ରା ନେଇ ନିଜ ଦାବୀ ଉପସ୍ଥାପିତ କରୁଛନ୍ତି । ଏପରିକି ଶିକ୍ଷା-ପ୍ରତିଷ୍ଠାନମାନଙ୍କରେ ନାମ ଲେଖାଇବାବେଳେ ଜାତି, ସମ୍ପ୍ରଦାୟ ବା ଭାଷାଗତ ସ୍ୱାର୍ଥର ପ୍ରଶ୍ନ ଉଠୁଛି । କାରଣ ଅନେକ ପ୍ରାର୍ଥୀ ମନେ କରୁଛନ୍ତି ଯେ ଏଭଳି ସାହାଯ୍ୟ ନ ପାଇଲେ, ସେମାନେ ହୁଏତ ଶିକ୍ଷା ପ୍ରତିଷ୍ଠାନରେ ନିଜର ପ୍ରାପ୍ୟ ପାଇପାରିବେ ନାହିଁ ।

## ଭାରତର ସଂପୂର୍ଣ୍ଣ ଐତିହ୍ୟ

ଭାରତରେ ଖୁବ୍ କମ୍ ଲୋକ ଅଛନ୍ତି, ଯେଉଁମାନେ କି ଦେଶର ସଂପୂର୍ଣ୍ଣ ଐତିହ୍ୟକୁ ସ୍ୱୀକାର କରନ୍ତି । ଅଧିକାଂଶ ଲୋକ ଭାରତ ଇତିହାସ ଓ ଭାରତୀୟ ସଂସ୍କୃତିର କେତେକ ନିର୍ଦ୍ଦିଷ୍ଟ ଅଂଶ ପାଇଁ ଗର୍ବବୋଧ କରନ୍ତି । ଅତୀତରେ ଭାରତରେ ଅନେକ ରାଜ୍ୟ ଥିଲା ଏବଂ ଗୋଟିକର ଉତ୍‌ଥାନରେ ହୁଏତ ଅନ୍ୟର ପତନ ହେଉଥିଲା । ସମଗ୍ର ଭାରତପ୍ରତି ଆନୁଗତ୍ୟ ପ୍ରକାଶ ନ କରି କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳପ୍ରତି ଆନୁଗତ୍ୟ ଦେଖାଇବାର ଏହା ଏକ ଉଦାହରଣ । ଧର୍ମ ଓ ଭାଷାଗତ ବୈଷମ୍ୟ ଏଭଳି ମନୋଭାବକୁ ଆହୁରି ଉତ୍ସାହିତ କରିଛି । ଦୁର୍ଭାଗ୍ୟର କଥା ଯେ ଦେଶର କୌଣସି ଏକ ଅଞ୍ଚଳ, ଧର୍ମ, ଭାଷା ବା ସମ୍ପ୍ରଦାୟରେ ଯେଉଁମାନେ ଯଶସ୍ୱୀ ହୋଇଛନ୍ତି, ଅନେକ ସମୟରେ ସେମାନେ ଅନ୍ୟ ଅଞ୍ଚଳ, ଧର୍ମ, ଭାଷା ବା ସମ୍ପ୍ରଦାୟଭୁକ୍ତ ଲୋକଙ୍କଦ୍ୱାରା ଆଦରଣୀୟ ହେଉନାହାନ୍ତି । ଏ କ୍ଷେତ୍ରରେ ଚରମ ଦୃଷ୍ଟାନ୍ତ ହେଉଛି ଏହି ଯେ ଦେଶର ବହୁସଂଖ୍ୟକ ମୁସଲମାନ ପ୍ରାଚୀନ ଭାରତର ବୀର ଓ ମନୀଷୀମାନଙ୍କୁ ଗ୍ରହଣ କରି-ପାରିନାହାନ୍ତି ଏବଂ ଅନ୍ୟ ପକ୍ଷରେ ଭାରତୀୟ ସଂସ୍କୃତିର ନିର୍ମାଣରେ ଅହିନ୍ଦୁମାନଙ୍କର, ବିଶେଷତଃ ମୁସଲମାନମାନଙ୍କର ଯେଉଁ ଅବଦାନ ରହିଛି, ତାହା ଅନେକ ହିନ୍ଦୁ ଗ୍ରହଣ କରିପାରିନାହାନ୍ତି । ଦେଶଭା-ଗର ଏଭଳି ବିଭକ୍ତିକରଣହିଁ ଭାରତୀୟ ଜନସାଧାରଣଙ୍କ ମଧ୍ୟରେ ଗୋଟିଏ ଦଳକୁ ଅନ୍ୟଦଳ ବିରୁଦ୍ଧରେ ସହଜରେ ଉତ୍ତ୍ୟକ୍ତ କରିବାଭଳି ଯେଉଁ ମନୋଭାବ ଦେଖାଯାଉଛି, ତାହାର ଏକ ମୌଳିକ କାରଣ ।

## ବୈଷମ୍ୟକୁ ସ୍ୱୀକାର କରିବାକୁ ହେବ

ଭାରତର ଦୀର୍ଘ ଇତିହାସ ଏହା ଚୂଡ଼ାନ୍ତଭାବେ ପ୍ରମାଣିତ କରିଛି ଯେ ଏକପକ୍ଷରେ ଭାରତରେ ଥିବା ବୈଷମ୍ୟକୁ କଦାପି ସଂପୂର୍ଣ୍ଣଭାବେ ଦମନ କରାଯାଇ ନ ପାରେ ଏବଂ ଅନ୍ୟ ପକ୍ଷରେ ଇତିହାସରେ ଯେତେବେଳେ ଏହି ବୈଷମ୍ୟକୁ ସ୍ୱୀକାର କରାଯାଇଛି, ଭାରତର ଉନ୍ନତି ହୋଇଛି । ପ୍ରାଚୀନ ଭାରତରେ ଯେତେବେଳେ ଏକ ସଙ୍ଗରେ ବୌଦ୍ଧଧର୍ମ ଓ ବ୍ରାହ୍ମଣ୍ୟ ଧର୍ମର ବିକାଶ ହୋଇଥିଲା, ଭାରତ ଅପୂର୍ବ ସାଫଲ୍ୟ ଓ ଗୌରବର ଅଧିକାରୀ ହୋଇପାରିଥିଲା । ନୂତନ ବ୍ରାହ୍ମଣ୍ୟବାଦ ଯେତେବେଳେ ବୌଦ୍ଧଧର୍ମକୁ ଉପେକ୍ଷା ବା ଦମନ କଲା, ସେତେବେଳେ ଆରମ୍ଭ ହେଲା ଭାରତର ଅଧଃପତନ । ସେହିପରି ମୋଗଲ-ଯୁଗରେ ଆକବରଙ୍କର ସବୁ ସମ୍ପ୍ରଦାୟପ୍ରତି ସମାନ ବ୍ୟବହାର ନୀତି ଯୋଗୁ ଭାରତ ବହୁ ସାଫଲ୍ୟ ଅର୍ଜନ କରିଥିଲା । କିନ୍ତୁ ଏହି ନୀତିର ବିପରୀତ ପନ୍ଥା ଅବଲମ୍ବନ ଯୋଗୁ ପରେ ମୋଗଲ ସାମ୍ରାଜ୍ୟର ପତନ ହେଲା । ବର୍ତ୍ତମାନର ଗଣତାନ୍ତ୍ରିକ ବାତାବରଣ ମଧ୍ୟରେ ଦେଶର ବୈଷମ୍ୟକୁ ସ୍ୱୀକାର କରିବା ଓ ଏଥିପ୍ରତି ସମ୍ମାନ ପ୍ରଦର୍ଶନ କରିବା ଅଧିକ ଜରୁରୀ ହୋଇଛି ଏବଂ ଏହାହିଁ ବିଶ୍ୱ-ସମାଜକୁ ଭାରତର ମହନୀୟ ଅବଦାନର ମୂଳଭିତ୍ତି ହେବ ।

ଭାରତୀୟ ଜୀବନର ନାନାବିଧ ଉପାଦାନକୁ ସ୍ୱୀକାର କରିବାକୁ ହେବ । ଏଥିପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ହେବ । କେବଳ ସେତିକି ନୁହେଁ, ପ୍ରତ୍ୟେକ

ଉପାଦାନଙ୍କୁ ଅନୁଭବ କରିବାକୁ ହେବ ଯେ ଭାରତର ସର୍ବାଙ୍ଗୀନ କଲ୍ୟାଣସାଧନରେ ସେ ସାହାଯ୍ୟ କରୁଛନ୍ତି । ଭାରତର ଅଗ୍ରଗତିପାଇଁ ସଂଖ୍ୟାଗରିଷ୍ଠ ଦଳହିଁ ସର୍ବାଧିକ ଦାନ କରିବ । କିନ୍ତୁ ଏହି ଜାତୀୟ ପ୍ରଚେଷ୍ଟାରେ ସଂଖ୍ୟାଲଘୁ ଦଳ ଯଦି ନିଜକୁ ସମାନ ଭାଗୀଦାର ବୋଲି ଅନୁଭବ ନ କରେ, ତେବେ ଜାତୀୟ ଜୀବନ-ସ୍ରୋତରେ ସେମାନଙ୍କର ପୂର୍ଣ୍ଣ ମିଶ୍ରଣ ହୋଇପାରିବ ନାହିଁ ।

ଉକ୍ତ ପୃଷ୍ଠଭୂମିକାରେ ସମସ୍ୟାର ବିଚାର କଲେ ଦେଖାଯିବ ଯେ ଜାତୀୟ ଐକ୍ୟ ହାସଲପାଇଁ ଉଭୟ ଦୀର୍ଘ-ମିଆଦ ଓ ସ୍ୱଳ୍ପ-ମିଆଦ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରିବାକୁ ପଡ଼ିବ ।

## ସ୍କୁଲ ପାଠ୍ୟକ୍ରମର ପରିବର୍ତ୍ତନ

ଦୀର୍ଘ-ମିଆଦ କାର୍ଯ୍ୟକ୍ରମ ମଧ୍ୟରେ ଶିକ୍ଷାହିଁ ପ୍ରଧାନ । ଭାରତୀୟମାନେ ଯେପରି ଦେଶର ପୂର୍ଣ୍ଣ ଐତିହ୍ୟର ସ୍ୱୀକାର କରନ୍ତି, ସେ ଉଦ୍ଦେଶ୍ୟରେ ପିଲାଦିନରୁ ସେମାନଙ୍କୁ ତାଲିମ କରାଯିବା ଉଚିତ । ଏଥିପ୍ରତି ଦୃଷ୍ଟି ଦେଇ ସ୍କୁଲ ପାଠ୍ୟକ୍ରମ, ବିଶେଷତଃ ଇତିହାସ ପାଠ୍ୟ ନୂଆ ଛାଞ୍ଚରେ ପ୍ରସ୍ତୁତ କରିବାକୁ ହେବ । ଇତିହାସ ପାଠ୍ୟ ଅବଶ୍ୟ ସତ୍ୟ ଉପରେ ପ୍ରତିଷ୍ଠିତ ହେବା ଉଚିତ, କିନ୍ତୁ ଇତିହାସର ସମସ୍ତ ସତ୍ୟ ପଢ଼ାଇବାର କୌଣସି ଆବଶ୍ୟକତା ନାହିଁ । ତେଣୁ ନିର୍ଦ୍ଦିଷ୍ଟ ବିଷୟ ଉପଯୁକ୍ତଭାବେ ମନୋନୟନ କରି ଇତିହାସ ପାଠ୍ୟର ଅନ୍ତର୍ଭୁକ୍ତ କରାଯିବା ଉଚିତ । ଭାରତର ବିଭିନ୍ନ ଅଞ୍ଚଳ ମଧ୍ୟରେ, ସମ୍ପ୍ରଦାୟ ମଧ୍ୟରେ ବା ଧର୍ମ ମଧ୍ୟରେ ଯେଉଁ ସଂଘର୍ଷମାନ ହୋଇଛି, ସେ ସମ୍ପର୍କରେ କେତେକ କଥା ଏହି ପାଠ୍ୟରୁ ଉଠାଇ ଦେଇ ଭାରତୀୟ ଜୀବନ-ଧାରା ଓ ସଂସ୍କୃତି ମଧ୍ୟରେ ଯେଉଁ ସହଯୋଗ ପ୍ରକାଶ ପାଇଛି, ସେଥିପ୍ରତି ଅଧିକ ଗୁରୁତ୍ୱ ଦିଆଯିବା ଉଚିତ । ଜାତୀୟ ସ୍ୱାର୍ଥଦୃଷ୍ଟିରୁ ସ୍କୁଲ ପାଠ୍ୟକ୍ରମ ଏପରିଭାବେ ପ୍ରସ୍ତୁତ ହେବା ଉଚିତ, ଯେପରିକି ପିଲାମାନଙ୍କ ମନରେ ସଙ୍କୀର୍ଣ୍ଣତା ବା ଆଞ୍ଚଳିକ ଆନୁଗତ୍ୟ ପ୍ରକାଶ ନ ପାଏ । ଇତିହାସରେ ଦେଶର ଏକତା ସମ୍ପର୍କରେ ସେମାନେ ଶିକ୍ଷାଲାଭ କରିବା ଉଚିତ । ଅବଶ୍ୟ ଏହାଦ୍ୱାରା ଇତିହାସକୁ ବିକୃତ କରାଯାଇ ନ ପାରେ । ସେମାନେ କ୍ରମେ ବଡ଼ ହେଲେ, ଦେଶର ବୈଷମ୍ୟ ମଧ୍ୟ ନିରପେକ୍ଷତାସହକାରେ ଜାଣିବାର ସୁଯୋଗ ପାଇବେ । କେବଳ ଇତିହାସ ନୁହେଁ, ସାହିତ୍ୟ କ୍ଷେତ୍ରରେ ମଧ୍ୟ ଏହି ନୀତି ଅନୁସରଣ କରିବାକୁ ହେବ । ସାହିତ୍ୟ ପାଠ୍ୟକ୍ରମରେ ଏପରି କୌଣସି ବିଷୟ ରହିବା ଉଚିତ ନୁହେଁ; ଯାହାକି କୌଣସି ସମ୍ପ୍ରଦାୟ ବା ଦଳର ପିଲାଙ୍କ ମନରେ ଅଣସମ୍ପ୍ରଦାୟ ପିଲାଙ୍କପ୍ରତି ବିଦ୍ୱେଷ ସୃଷ୍ଟି କରିବ ।

ଇଉରୋପର ସ୍କାଣ୍ଡିନେଭିଆନ୍ ଦେଶମାନଙ୍କରେ ଏହିଭଳି ପାଠ୍ୟପୁସ୍ତକ ପ୍ରଣୟନରେ ବିଶେଷ ସାଫଲ୍ୟ ଦେଖାଯାଉଛି । ନରୱେ, ସୁଇଡେନ, ଫିନ୍‌ଲାଣ୍ଡ ଓ ଡେନମାର୍କର ଲୋକଙ୍କ ମଧ୍ୟରେ ଅତୀତରେ ଅନେକ ସଂଘର୍ଷ ହୋଇଛି ସତ; କିନ୍ତୁ ଏ ସମ୍ପର୍କୀୟ ଇତିହାସ ସେ ଦେଶର ପିଲାମାନଙ୍କୁ ନୂତନ ଛାଞ୍ଚରେ ଶିକ୍ଷା ଦିଆଯିବା ଫଳରେ ସଂକୀର୍ଣ୍ଣ ଜାତୀୟ ମନୋଭାବ ପରିବର୍ତ୍ତେ ବୃହତ୍ତର ସ୍କାଣ୍ଡିନେଭିଅନ୍ ଦୃଷ୍ଟିଭଙ୍ଗୀର ଉଦ୍ରେକ ହୋଇଛି । ସେ ଦେଶମାନଙ୍କରେ ପାଠ୍ୟ-ପୁସ୍ତକ ମନୋନୟନ କାର୍ଯ୍ୟ ମିଳିତ କମିଶନ୍‌ଦ୍ୱାରା ବହୁବର୍ଷର ତତ୍ତ୍ୱାବଧାନ କରାଯାଉଛି । ଭାରତରେ ମଧ୍ୟ ପିଲାଙ୍କ ମନରୁ ସାଂପ୍ରଦାୟିକ, ଭାଷାଗତ ଓ ଆଞ୍ଚଳିକ ସଂକୀର୍ଣ୍ଣତା ଦୂର କରିବା ଉଦ୍ଦେଶ୍ୟରେ ଏହିଭଳି ଏକ କାର୍ଯ୍ୟକ୍ରମ ଅନୁସରଣ କରାଯିବା ଉଚିତ ।

## ଭାଷାଗତ ପ୍ରତିଦ୍ୱନ୍ଦ୍ୱିତା

ଭାରତୀୟ ଜନସାଧାରଣଙ୍କ ମଧ୍ୟରେ ବିବାଦ ଓ ସଂଘର୍ଷର ଏକ ପ୍ରଧାନ କାରଣ ହେଉଛି ଭାଷାଗତ ପ୍ରତିଦ୍ୱନ୍ଦ୍ୱିତା । ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରବର୍ତ୍ତନ ପରେ ସରକାରୀ କାର୍ଯ୍ୟ ଆଞ୍ଚଳିକ ଭାଷାରେ କରାଯାଉ

ବୋଲି ଧାରଣା ହେଲା ଏବଂ ଏହା ହେବା ମଧ୍ୟ ସ୍ୱାଭାବିକ । ସେହିପରି ଭାଷାଭିତ୍ତିରେ ରାଜ୍ୟ ଗଠନର ଧାରା ମଧ୍ୟ ସ୍ୱାଭାବିକ ଏବଂ ଏହା ଏକପ୍ରକାର ଅବଶ୍ୟମ୍ଭାବୀ ହୋଇପଡ଼ିଲା । ହିନ୍ଦୀ ଭାରତର ସରକାରୀ ଭାଷାରେ ପରିଣତ ହେବାରୁ ଏଥିପ୍ରତି ଅଧିକ ଉତ୍ସାହ ମିଳିଲା । ଅବଶ୍ୟ ଦେଶର ଏକକ ସଂଖ୍ୟାଗରିଷ୍ଠ ଲୋକଙ୍କ ଭାଷା ହିନ୍ଦୀ ହୋଇଥିବାରୁ ଏହା ସରକାରୀ ଭାଷା ହେବା ସ୍ୱାଭାବିକ । କିନ୍ତୁ ଏହା ସଙ୍ଗେ ସଙ୍ଗେ ଅନ୍ୟ ଭାଷାଭାଷୀ ଲୋକଙ୍କ ମଧ୍ୟରେ ସନ୍ଦେହ ହେଲା ଯେ ସେମାନେ ଏହି ବ୍ୟବସ୍ଥା ଫଳରେ ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ହୁଏତ ହିନ୍ଦୀଭାଷୀ ଲୋକଙ୍କ ତୁଳନାରେ କମ୍ ସୁବିଧା ପାଇବେ । ହିନ୍ଦୀଭାଷୀ ଲୋକେ ଅନ୍ୟମାନଙ୍କ ତୁଳନାରେ ଅଧିକ ସୁବିଧା ପାଇବା ଆଶାରେ ହିନ୍ଦୀ କାର୍ଯ୍ୟକ୍ରମ ଜୋର୍‌ସୋରରେ ଚଳାଇବାକୁ ଜିଦ୍ କଲେ ଏବଂ ଅଣହିନ୍ଦୀ-ଭାଷୀ ଲୋକେ ଅନ୍ୟମାନଙ୍କ ତୁଳନାରେ କମ୍ ସୁବିଧା ପାଇବା ଭୟରେ ଏହି ଉଦ୍ୟମର ବିରୋଧ କଲେ । ଆଜି ଏକଥାକୁ ଅସ୍ୱୀକାର କରାଯାଇ ନ ପାରେ ।

## ଆଧୁନିକ ଭାଷାମାନଙ୍କର ବିକାଶ

ଅଣହିନ୍ଦୀ ଭାଷାଭାଷୀ ଲୋକଙ୍କ ମନରୁ ଏହି ଭୟ— ସେ ଯଥାର୍ଥ ହେଉ ବା ନ ହେଉ— ଯେପରି ଦୂର କରାଯିବ, ସେଥିପ୍ରତି ଦୃଷ୍ଟି ଦେଇ ହିନ୍ଦୀ କାର୍ଯ୍ୟକ୍ରମଟି ପ୍ରଚଳନ କରିବା ଆବଶ୍ୟକ । ଏହାର ଗୋଟିଏ ଉପାୟ ହେଉଛି ଏହି ଯେ ଭାରତ ସରକାର ସମସ୍ତ ଆଧୁନିକ ଭାରତୀୟ ଭାଷାର ବିକାଶ ସାଧନପାଇଁ ଦାୟିତ୍ୱ ଗ୍ରହଣ କରିବା ଉଚିତ । ଏଥିପାଇଁ କେନ୍ଦ୍ରର ପାଣ୍ଠି ଲୋକସଂଖ୍ୟା ଅନୁସାରେ ଯଦି ବଣ୍ଟନ କରାଯାଏ, ତା ହେଲେ ହିନ୍ଦୀ ତଥାପି ଅଧିକ ଟଙ୍କା ପାଇବ । କିନ୍ତୁ ଅନ୍ୟ ଭାଷାଭାଷୀ ଲୋକଙ୍କ ମନରେ ଆଉ ଆପତ୍ତି ରହିବ ନାହିଁ । ଗତ ତିନିବର୍ଷ ମଧ୍ୟରେ ଭାରତ ସରକାର ହିନ୍ଦୀ ଛଡ଼ା ଅନ୍ୟାନ୍ୟ ଭାଷାର ବିକାଶରେ ଅନେକ ସାହାଯ୍ୟ କରିଛନ୍ତି । ଦେଶର ଅଣହିନ୍ଦୀ ଭାଷାଭାଷୀ ଲୋକେ ଏଥିରେ ବିଶେଷ ଖୁସି ହୋଇଛନ୍ତି । ଉକ୍ତ ବ୍ୟବସ୍ଥା ଅନୁସାରେ ଦେଶର ଗୋଟିଏ ଭାଷାର ପ୍ରାଚୀନ ଗ୍ରନ୍ଥ ଅନ୍ୟ ଭାଷାରେ ଅନୁବାଦ କରିବାପାଇଁ ସରକାର ସାହାଯ୍ୟ କରିଛନ୍ତି । ଏହା ଏକ ସର୍ବ-ଭାରତୀୟ ଦୃଷ୍ଟିଭଙ୍ଗୀ ଗଠନରେ ସାହାଯ୍ୟ କରିବ । ନବଶିକ୍ଷିତ ବଂଶଧରମାନଙ୍କ ମଧ୍ୟରେ ଯେପରି ଏହି ଦୃଷ୍ଟିଭଙ୍ଗୀର ବିକାଶ ହୁଏ, ତାହାହିଁ ଶିକ୍ଷାର ଲକ୍ଷ୍ୟ ହେବା ଉଚିତ ।

## ସାଂସ୍କୃତିକ ବିନିମୟ

ଦୀର୍ଘମିଆଦି କାର୍ଯ୍ୟକ୍ରମ ମଧ୍ୟରେ ଆଉ ଦୁଇଟି ବିଷୟ ସଂକ୍ଷେପରେ ଉଲ୍ଲେଖ କରାଯାଇପାରେ । ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ଏଥିମଧ୍ୟରେ ଅନ୍ୟତମ । ଭାରତୀୟ ସଂସ୍କୃତି ମଧ୍ୟରେ ଐକ୍ୟ ରହିଥିବା ସତ୍ତ୍ୱେ ଦେଶର ଗୋଟିଏ ଅଞ୍ଚଳର ସାଂସ୍କୃତିକ ବିଶେଷତ୍ୱ ସମ୍ପର୍କରେ ଅନ୍ୟ ଅଞ୍ଚଳର ଲୋକେ ହୁଏତ କିଛି ଜାଣନ୍ତି ନାହିଁ ଅଥବା ଖୁବ୍ କମ୍ ଜାଣନ୍ତି । ଭାରତୀୟ ସଂସ୍କୃତିର ବିଭିନ୍ନତା ସମ୍ପର୍କରେ ଲୋକେ ଯେପରି ଅବଗତ ହେବେ, ସେ ଦୃଷ୍ଟିରୁ ଗତ ଦୁଇବର୍ଷ ହେଲା ବିଭିନ୍ନ ରାଜ୍ୟ ମଧ୍ୟରେ ସଙ୍ଗୀତଜ୍ଞ, ନୃତ୍ୟ-ଶିଳ୍ପୀ ଓ ନାଟ୍ୟଦଳ ଆଦି ବିନିମୟ କରାଯାଉଛି । ଏହି କାର୍ଯ୍ୟକ୍ରମ ଅଧିକ ସଂପ୍ରସାରିତ ହେବା ଉଚିତ ।

ଯାଦୁଘର ବା ସଂଗ୍ରହଶାଳୟ ମଧ୍ୟ ଜାତୀୟ ଐକ୍ୟ-ସାଧନ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିବ । ସାଧାରଣ ଭାରତୀୟ ସଂସ୍କୃତିର ବିକାଶପାଇଁ ବିଭିନ୍ନ ଅଞ୍ଚଳର କି ଅବଦାନ ରହିଛି, ଏହାଦ୍ୱାରା ଲୋକେ ଅନେକ କଥା ଜାଣିପାରିବେ । ଦେଶର ବିଭିନ୍ନ ସ୍ଥାନରେ ଜାତୀୟ ମିଉଜିଅମ ବା ଯାଦୁଘର ସ୍ଥାପନର ଏହାହିଁ ଏକ ପ୍ରଧାନ କାରଣ । ଏହାଛଡ଼ା ପ୍ରତ୍ୟେକ ରାଜ୍ୟ ଯାଦୁଘର ଓ ସ୍ଥାନୀୟ ଯାଦୁଘର ଏପରି ସଙ୍ଗଠିତ ହେବା ଉଚିତ, ଯେପରିକି କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳର ବିଶେଷ ଅବଦାନ ଭାରତୀୟ ସଂସ୍କୃତିର ପୂର୍ଣ୍ଣତାର ପୃଷ୍ଠଭୂମିରେହିଁ ଦେଖାଯିବ ।

ଉଲ୍ଲିଖିତ ଦୀର୍ଘମିଆଦି କାର୍ଯ୍ୟକ୍ରମଗୁଡ଼ିକ ମୌଳିକ କାର୍ଯ୍ୟକ୍ରମ । ଅନ୍ତତଃ କୋଡ଼ିଏ ପଚିଶ ବର୍ଷ ପର୍ଯ୍ୟନ୍ତ ଏହାର ଫଳ ଜଣାପଡ଼ିବ ନାହିଁ । ତେଣୁ ସ୍ୱଳ୍ପମିଆଦି ଓ ଆଶୁ କାର୍ଯ୍ୟକ୍ରମ ଏକାନ୍ତ ଆବଶ୍ୟକ । ତେବେ ଦୀର୍ଘ ହେଉ ବା କ୍ଷୁଦ୍ର ହେଉ, ସବୁ କାର୍ଯ୍ୟକ୍ରମ ଉକ୍ତ ଚାରୋଟି ସର୍ତ୍ତ ପୂରଣ କରିବା ଉଚିତ; ଯଥା:— (୧) ଭାରତର ବୈଷମ୍ୟକୁ ସ୍ୱୀକାର କରିବାକୁ ହେବ । (୨) ପ୍ରତ୍ୟେକ ଭାରତୀୟ ନାଗରିକକୁ ସମ୍ପୂର୍ଣ୍ଣ ଭାରତୀୟ ଐତିହ୍ୟ ଗ୍ରହଣ କରିବାକୁ ହେବ । (୩) ଯେତେ କ୍ଷୁଦ୍ର ହେଲେ ମଧ୍ୟ ଭାରତୀୟ ସଂସ୍କୃତିର ପୂର୍ଣ୍ଣତାପାଇଁ ପ୍ରତ୍ୟେକ ସଂଖ୍ୟାଲଘୁ ସଂପ୍ରଦାୟର ରଚନାତ୍ମକ ଅବଦାନ ରହିଛି, ଏହା ଅନୁଭବ କରିବାକୁ ହେବ । (୪) ସମସ୍ତଙ୍କ ପାଇଁ ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ସୁଯୋଗ ଦେବାକୁ ହେବ ।

## ଶିକ୍ଷା ସୁଯୋଗର ସଂପ୍ରସାରଣ

ଶିକ୍ଷାର ସଂପ୍ରସାରଣ କ୍ଷେତ୍ରରେ ଭାରତର ଅପେକ୍ଷାକୃତ ଅନୁନ୍ନତ ଲୋକଙ୍କୁ, ବିଶେଷତଃ ବୃତ୍ତିଗତ ଓ ଟେକ୍‌ନିକାଲ ତାଲିମରେ ଅଧିକ ସୁବିଧା ଦେବାକୁ ହେବ । ଆଧୁନିକ ସମାଜ-ବିଜ୍ଞାନ ଓ ଶିଳ୍ପବିଦ୍ୟା ଉପରେ ଅଧିକ ନିର୍ଭରଶୀଳ ବ୍ୟକ୍ତି ଓ ସଂପ୍ରଦାୟର ପ୍ରଗତିପାଇଁ ଆଜି ଶିକ୍ଷାହିଁ ପ୍ରଧାନ ସାଧନ । ତେବେ ବିଶେଷ ରିଆତି ଦେବାର ବ୍ୟବସ୍ଥା ଯେପରି ସ୍ଥାୟୀ ନ ହୁଏ, ତାର ବ୍ୟବସ୍ଥା ହେବା ଉଚିତ । କାରଣ ଅଯଥା ସୁରକ୍ଷାମୂଳକ ବ୍ୟବସ୍ଥା କରିବାଦ୍ୱାରା ଉଭୟ ବ୍ୟକ୍ତିବିଶେଷ ଓ ସଂପ୍ରଦାୟ କ୍ଷତିଗ୍ରସ୍ତ ହୁଅନ୍ତି ।

ନିଖିଳ ଭାରତ ଟେକ୍‌ନିକାଲ୍ ଶିକ୍ଷା ପରିଷଦ ଅପେକ୍ଷାକୃତ ଅନୁନ୍ନତ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସୁବିଧା ଦେବାପାଇଁ ଏକ ବ୍ୟବସ୍ଥା କରିଛନ୍ତି । ଏହି ବ୍ୟବସ୍ଥା ଅନୁସାରେ ଇଞ୍ଜିନିଅରିଂ ଓ ଟେକ୍‌ନିକାଲ ପ୍ରତିଷ୍ଠାନମାନଙ୍କରେ ଶତକଡ଼ା ୨୫ଭାଗ ପର୍ଯ୍ୟନ୍ତ ସ୍ଥାନ ଅପେକ୍ଷାକୃତ ଅନୁନ୍ନତ ଶ୍ରେଣୀ ଛାତ୍ରଛାତ୍ରୀଙ୍କପାଇଁ ସଂରକ୍ଷିତ ହେବ । ତେବେ ଏହି ସୁବିଧା ମାତ୍ର ୧୦ବର୍ଷ ପାଇଁ ରହିବ । କେତେକ ଶ୍ରେଣୀର ଲୋକ, ବିଶେଷତଃ ସଂଖ୍ୟାଲଘୁ ସଂପ୍ରଦାୟର କେତେକ ଲୋକ ସରକାରୀ ଚାକିରି, ଶିଳ୍ପକାରଖାନା ବା ବ୍ୟବସାୟ ପ୍ରତିଷ୍ଠାନରେ ଯଥାର୍ଥ ସ୍ଥାନ ପାଉ ନ ଥିବାରୁ ସେମାନଙ୍କ ମଧ୍ୟରେ ବ୍ୟର୍ଥତାଭାବ ପ୍ରକାଶ ପାଇଛି । ଭାରତରେ ସରକାରୀ ଚାକିରିର ବିଶେଷ ଆକର୍ଷଣ ରହିଛି । କେନ୍ଦ୍ରୀଭୂତ ଯୋଜନାମାନ କାର୍ଯ୍ୟକାରୀ ହେବାଦ୍ୱାରା ଏହି ଆକର୍ଷଣ ଆହୁରି ବଢ଼ିଯାଇଛି । ଆଜି ଏପରିକି ଶିଳ୍ପ ବାଣିଜ୍ୟ ମଧ୍ୟ ସମ୍ବଳ ଓ ସୁବିଧାପାଇଁ କେନ୍ଦ୍ରୀଭୂତ ସଂସ୍ଥା ଉପରେ ନିର୍ଭର କରୁଛି । ଏହିସବୁ ସଂସ୍ଥାରେ ସରକାରୀ କର୍ମଚାରୀମାନେହିଁ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରନ୍ତି । ଏହି କାରଣରୁ ଧର୍ମ, ଭାଷା ବା ଜାତିଗତ ସଂଖ୍ୟାଲଘୁ ସଂପ୍ରଦାୟର ଲୋକେ ନିଜ ନିଜ ପ୍ରାର୍ଥୀଙ୍କପାଇଁ ଚାକିରି-ବାକିରିରେ ଉପଯୁକ୍ତ ସ୍ଥାନ ଚାହାନ୍ତି । ସରକାରୀ ଚାକିରିର ନିର୍ଦ୍ଦିଷ୍ଟ ମାନ ଅବ୍ୟାହତ ରଖିବା ସଙ୍ଗେ ସଙ୍ଗେ ବ୍ୟକ୍ତିବିଶେଷ ଓ ସଂପ୍ରଦାୟକୁ ଯେପରି ନ୍ୟାୟ ମିଳେ, ସେଥିପାଇଁ ବ୍ୟବସ୍ଥା କରିବାକୁ ହେବ । ଏ ବିଷୟଟି ସହୃଦୟସହକାରେ ବିଚାର କରାଯିବା ଉଚିତ ।

ଅବଶ୍ୟ ଉଚ୍ଚ ସରକାରୀ ଚାକିରିଗୁଡ଼ିକ ପ୍ରତିଯୋଗିତାମୂଳକ ପରୀକ୍ଷା ମାଧ୍ୟମରେ ପୂରଣ କରାଯାଏ । ଏହା ସମସ୍ତଙ୍କପ୍ରତି ନିରପେକ୍ଷ ବ୍ୟବସ୍ଥା ବୋଲି ଆଖିକୁ ଦେଖାଯାଏ । କିନ୍ତୁ ପରୀକ୍ଷା ସମ୍ପର୍କରେ ଅଭିଜ୍ଞତା ଅର୍ଜନ କରିଥିବା ଲୋକେ ଜାଣନ୍ତି ଯେ ବିଭିନ୍ନ ବିଷୟ ଓ ବିଭିନ୍ନ ପରୀକ୍ଷକଙ୍କୁ ସମାନ କରିବା ସର୍ବଦା ସମ୍ଭବ ହୁଏ ନାହିଁ । ବିଶେଷତଃ ସାକ୍ଷାତ୍‌କାର (ଇଣ୍ଟରଭ୍ୟୁ) ବେଳେ ପରୀକ୍ଷକଙ୍କ ବ୍ୟକ୍ତିଗତ ରୁଚି-ଅରୁଚି ପ୍ରକାଶ ପାଇବା ବିଷୟ ସଂପୂର୍ଣ୍ଣ ଅସ୍ୱୀକାର କରାଯାଇ ନ ପାରେ । ଆହୁରି ମଧ୍ୟ କେତେକ ଐତିହାସିକ କାରଣରୁ କେତେକ ସଂପ୍ରଦାୟର ପ୍ରାର୍ଥୀଙ୍କର ଭାଷାଗତ ଜ୍ଞାନ ଉନ୍ନତ ଥିବାରୁ ଲଗିତ

ପରୀକ୍ଷାରେ ଖୁବ୍ ଭଲ କରନ୍ତି । ପ୍ରତିଯୋଗିତା ପରୀକ୍ଷା ମାଧ୍ୟମରେ ଆସିଥିବା ଦୁଇଜଣ ଅଫିସରଙ୍କ ମଧ୍ୟରୁ ଅଧିକ ନମ୍ବର ରଖିଥିବା ପ୍ରାର୍ଥୀ ସବୁକ୍ଷେତ୍ରରେ ଅଧିକ ଦକ୍ଷ ଅଫିସର ହୋଇ ନ ପାରନ୍ତି ବୋଲି ଅଭିଜ୍ଞତାରୁ ଜଣାଯାଇଛି । ତେଣୁ ନିଯୁକ୍ତି ସମ୍ବନ୍ଧୀୟ ନୀତିର କେତେକ ପରିବର୍ତ୍ତନ ଆବଶ୍ୟକ । ନିର୍ଦ୍ଦିଷ୍ଟ ମାନରୁ ନିମ୍ନରେ ଥିବା ପ୍ରାର୍ଥୀଙ୍କୁ ବଛାଯିବା ଉଚିତ ନୁହେଁ । ପୁଣି ଯେଉଁମାନେ ଯୋଗ୍ୟ ବିବେଚିତ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଦେଶର ସବୁ ଶ୍ରେଣୀର ପ୍ରାର୍ଥୀ ରହନ୍ତି, ସେଥିପ୍ରତି ଦୃଷ୍ଟି ଦେବା ଉଚିତ । କର୍ମସଂସ୍ଥାନ ସୁଯୋଗର ଅଭାବ ଯୋଗୁଁ ପ୍ରତିଯୋଗିତା ଓ ମନୋନୟନର ସମସ୍ୟାମାନ ସୃଷ୍ଟି ହେଉଛି । ବର୍ଦ୍ଧିଷ୍ଣୁ ଅର୍ଥନୀତିରେ ଏ ସମସ୍ୟା ଏପରି ଜଟିଳଭାବେ ଅନୁଭୂତ ହୁଏ ନାହିଁ । ଆଜି ଭାରତରେ ଅର୍ଥନୈତିକ ସ୍ଥିତି ସମ୍ପ୍ରସାରିତ ହୋଇଚାଲିଛି । ପ୍ରତ୍ୟେକ ଲୋକପାଇଁ ଯଦି ଯଥେଷ୍ଟ ସୁଯୋଗ ମିଳେ, ତେବେ ନିଜର ଭାଷାଗତ, ଜାତିଗତ, ଧର୍ମଗତ ବା ପ୍ରାଦେଶିକ ବିଶେଷତ୍ୱ ଦେଖାଇ କେହି ସୁବିଧା ଦାବି କରିବ ନାହିଁ ।

ଦେଶରେ କର୍ମସଂସ୍ଥାନର ନୂଆ ନୂଆ ସୁଯୋଗ ଖୋଲୁଥିବାସ୍ଥଳେ ସୁଯୋଗ, ଅଭାବ, ବ୍ୟର୍ଥତା ଆଦିର ଆପତ୍ତି କାହିଁକି ଉଠୁଛି, ସେ ବିଷୟ ଆନ୍ତରିକତା-ସହକାରେ ବିଚାର କରିବା ଉଚିତ । ଏହାର ଗୋଟିଏ କାରଣ ହେଉଛି ଏହି ଯେ ସମଗ୍ର ଦେଶର ନୂଆ ସୁଯୋଗର ସମବଣ୍ଟନ ହେଉ ନାହିଁ ଏବଂ କେତେକ ଶ୍ରେଣୀର ଲୋକ ନିଜ ବିଶେଷ ଅଧିକାରର ସୁଯୋଗ ନେଇ ହୁଏତ ନିଜ ଦଳ ବା ସମ୍ପ୍ରଦାୟର ଲୋକଙ୍କ ପାଇଁ କେତେକ ସ୍ଥାନ ସଂରକ୍ଷିତ କରି ରଖୁଛନ୍ତି । ଅନୁସନ୍ଧାନଦ୍ୱାରା ଯଦି ଏହା ସତ୍ୟ ପ୍ରମାଣିତ ହୁଏ, ତେବେ ଉକ୍ତ ବୈଷମ୍ୟ ଦୂର କରି ସମସ୍ତଙ୍କପାଇଁ ସମାନ ସୁଯୋଗର ବ୍ୟବସ୍ଥା କରାଯିବା ଉଚିତ । ଏହି ଅର୍ଥନୈତିକ ସମ୍ପ୍ରସାରଣରେ ଯଦି ସବୁ ଶ୍ରେଣୀର ଲୋକଙ୍କର ଶକ୍ତି ଓ ଉତ୍ସାହ ବିନିଯୋଗ କରାଯାଏ, ତେବେ ଜାତୀୟ ଐକ୍ୟ ସାଧନପାଇଁ ଏକ ଦୁର୍ନିବାର ଅନ୍ତର୍ନିହିତ ଶକ୍ତିର ଆବିର୍ଭାବ ହେବ । କାରଣ ମହତ୍ ଲକ୍ଷ୍ୟର ସମ୍ମିଳିତ ପ୍ରଚେଷ୍ଟାରେ ଜନସାଧାରଣଙ୍କ ପାରସ୍ପରିକ ସାହଚର୍ଯ୍ୟହିଁ ଜାତିକୁ ଏକତାବଦ୍ଧ କରିବାରେ ପ୍ରଧାନ ସହାୟକ ।





ଗତ ସେପ୍ଟେମ୍ବର ୨୮ ତାରିଖରେ ନୂଆ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ସଂହତିରକ୍ଷା ସମ୍ମିଳନୀରେ ଭାରତର ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର-ମନ୍ତ୍ରୀ



ଜାତୀୟ ସଂହତିରକ୍ଷା ସମ୍ମିଳନୀରେ ଯୋଗଦେଇଥିବା ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, କେନ୍ଦ୍ର ମନ୍ତ୍ରୀ ଓ ପାର୍ଲାମେଣ୍ଟର ସଦସ୍ୟବୃନ୍ଦ



ମୁଖ୍ୟମନ୍ତ୍ରୀ ସୁଷ୍ଠର ଓଡ଼ିଶା ଜାତୀୟ ବ୍ୟାୟାମ କ୍ରୀଡ଼ା ପରିଷଦର ଛାତ୍ରମାନଙ୍କ କ୍ରୀଡ଼ା କସରତ ଦେଖୁଛନ୍ତି

# ଓଡ଼ିଶାର ପଲ୍ଲୀ ଉନ୍ନୟନ ଯୋଜନା

ବିଶୁଦ୍ଧ ପିଇବା ପାଣି ଯୋଗାଇ ଗ୍ରାମବାସୀମାନଙ୍କର ସ୍ୱାସ୍ଥ୍ୟସମ୍ପଦ ରକ୍ଷା କରିବା ହେଲା ପ୍ରତ୍ୟେକ ସରକାରର କର୍ତ୍ତବ୍ୟ । ଏହି ଦୃଷ୍ଟିକୋଣରୁ ଓଡ଼ିଶା ସରକାର ଯେଉଁ ନୀତି ଗ୍ରହଣ କରିଅଛନ୍ତି, ତାହା ପ୍ରଶଂସନୀୟ । ପୋଖରୀ, ନଦୀ ଏବଂ ଖୋଲା କୂଅ ହେଲା ଗ୍ରାମବାସୀମାନଙ୍କର ପିଇବା ପାଣିର ଉତ୍ସ । କିନ୍ତୁ ଏହିଗୁଡ଼ିକରୁ ବିଶୁଦ୍ଧ ପାଣି ମିଳିପାରି ନ ଥାଏ । ହଇଜା, ଆମାଶୟ, ଟାଇଫଏଡ଼ ଏବଂ କୃମି ପ୍ରଭୃତି ରୋଗର ଜୀବାଣୁ ଏଥିରେ ପର୍ଯ୍ୟାପ୍ତ ପରିମାଣରେ ପରିଲକ୍ଷିତ ହୁଏ ଓ ଜନସ୍ୱାସ୍ଥ୍ୟ ହାନି ଘଟାଏ । ବରପାଲି ପଲ୍ଲୀ ଉନ୍ନୟନ ସେବା ସମିତି ଭୂଗର୍ଭସ୍ଥ ଜଳଭଣ୍ଡାରରୁ ନଳକୂପଦ୍ୱାରା ପଲ୍ଲୀର ଲୋକମାନଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦେବାରେ କୃତକାର୍ଯ୍ୟ ହୋଇପାରିଛନ୍ତି । ଓଡ଼ିଶାର ପଲ୍ଲୀ ଉନ୍ନୟନ ପରିକଳ୍ପନା କିପରି ବ୍ୟାପକଭାବରେ ପ୍ରସାରଲାଭ କରୁଛି, ବରପାଲି ଏହାର ସାକ୍ଷୀ ।

ସମ୍ବଲପୁରର ଉତ୍ତର-ପଶ୍ଚିମ ଦିଗରେ ବରପାଲି । ଗାଁଟିର ଜନସଂଖ୍ୟା ୬୦୦୦ । ବରପାଲି ଥାନାର ଆଖପାଖ ୩୪ ଖଣ୍ଡି ଗାଁକୁ ନେଇ ଓଡ଼ିଶା ସରକାର ପାଇଲଟ୍ ଯୋଜନା କାର୍ଯ୍ୟକାରୀ କରୁଅଛନ୍ତି । ବରପାଲି ପଲ୍ଲୀ ଉନ୍ନୟନ ସେବାସମିତି ଆମେରିକାନ୍ ଫ୍ରେଣ୍ଡସ୍ ସର୍ଭିସ କମିଟିର ଆନୁକୂଲ୍ୟରେ ଓ ଓଡ଼ିଶା ସରକାରଙ୍କର ସହଯୋଗିତାରେ ପରିଚାଳିତ ହେଉଅଛି । ବରପାଲିର ଭୂମି ସାଧାରଣତଃ ସମତଳ । ହୀରାକୁଦ ଜଳଭଣ୍ଡାରରୁ ଗ୍ରୀଷ୍ମକାଳରେ ପାଣି ବ୍ୟବହାର କରି ଗ୍ରୀଷ୍ମକାଳୀନ ଫସଲ ଉତ୍ପାଦନ କରିବାରେ ଏଠାକାର ଗ୍ରାମବାସୀମାନେ ଏକ ବିରାଟ ଅଗ୍ରଗତି ଆଣାଇଛନ୍ତି । ବରପାଲି ଓ ଏହାର ପାଖଆଖ ଗାଁରେ ପ୍ରାୟ ୬୫୦ଟିରୁ ଉର୍ଦ୍ଧ୍ୱ ନଳକୂପ ବସିଥିଲା ୧୯୫୪ ମସିହାରେ । ଏହିଗୁଡ଼ିକର ବ୍ୟୟ ଅଧିକାଂଶ ଓଡ଼ିଶା ସରକାର ସର୍ବସାଧାରଣଙ୍କ ବ୍ୟବହାର ପାଇଁ ମଞ୍ଜୁର କରିଥିଲେ । ସର୍ବସାଧାରଣଙ୍କ ବ୍ୟବହାରପାଇଁ ଯେଉଁ ପାଣିକଳ ବସିଛି, ତାହାର ୭୫ଭାଗ ଖର୍ଚ୍ଚ ବହନ କରନ୍ତି ଓଡ଼ିଶା ସରକାର । ସରକାରଙ୍କ ଉପରେ ଅଧିକ ନିର୍ଭରଶୀଳ ନ ହୋଇ ସ୍ୱାବଲମ୍ବୀ ହେବାଲାଗି ଲୋକମାନଙ୍କୁ ବୁଝାଇବା ହିଁ ହେଲା ବରପାଲି ପଲ୍ଲୀ ଉନ୍ନୟନ ସମାଜର ଅସଲ ଉଦ୍ଦେଶ୍ୟ । ଶ୍ରମଦାନ ଛଡ଼ା ଗ୍ରାମବାସୀମାନଙ୍କର ଉନ୍ନୟନ ପରିକଳ୍ପନାରେ ସାହାଯ୍ୟ କରିବାର କ'ଣ ଥାଇପାରେ ? ତେବେ ସୁଦ୍ଧା ସେମାନେ ୨୫ ଭାଗ ଖର୍ଚ୍ଚ ଏହି ଶ୍ରମଦାନଦ୍ୱାରା ବହନ କରିପାରିବେ ।

ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗଠାରୁ ବରପାଲି ପଲ୍ଲୀ ଉନ୍ନୟନ ସମାଜ ଆର୍ଥିକ ସାହାଯ୍ୟ ପାଏ । ସେଗୁଡ଼ିକ ମଧ୍ୟରୁ କାର୍ଯ୍ୟ ସମ୍ପ୍ରସାରଣ ସର୍ଭିସ, ଆଦିବାସୀ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ, ମତ୍ସ୍ୟ ବିଭାଗ, କୃଷି ଦପ୍ତର ଓ ସ୍ଥାନୀୟ ପଞ୍ଚାୟତ ସମିତିରୁ ଆସିଥାଏ ।

ନଳକୂପଗୁଡ଼ିକୁ ରକ୍ଷଣାବେକ୍ଷଣ କରିବା ହେଲା ବଡ଼ କଥା । ସବୁ ସମୟରେ ତ ସରକାରଙ୍କ ଉପରେ ନିର୍ଭର କରି ହେବ ନାହିଁ । ତେଣୁ ବରପାଲି ପଲ୍ଲୀ ଉନ୍ନୟନ ସମାଜ ଏକ ନୂଆ ଉପାୟ ବାହାର କରିଛି । ଏହା ହେଲା "ସ୍ୱଳ୍ପ ସଞ୍ଚୟ ଯୋଜନା ।" ଗ୍ରାମବାସୀମାନେ ସେମାନଙ୍କର ସ୍ୱଳ୍ପ ଆୟରୁ ଅଳ୍ପ ଅଳ୍ପ ସଞ୍ଚୟ କରି ପଲ୍ଲୀ ଉନ୍ନୟନର ତହବିଲରେ ଜମା ରଖନ୍ତି । ଏଥିରୁ ନଳକୂପ ମରାମତି କରିବା ଖର୍ଚ୍ଚ ଉଠିଯାଏ । ବରପାଲି ଗ୍ରାମବାସୀମାନଙ୍କ ସଞ୍ଚୟଶୀଳ ଅଭ୍ୟାସ କମ୍ ଗୌରବର ବିଷୟ ନୁହେଁ ।

ପଲ୍ଲୀ ବରପଦ ଗ୍ରାମବାସୀମାନେ ଉତ୍ସାହରେ ଆଗେଇ ଚାଲିଛନ୍ତି ଓଡ଼ିଶାରେ ଏକ ଆଦର୍ଶ ପଲ୍ଲୀ ପ୍ରତିଷ୍ଠାଲାଗି । ଏହା ପଛରେ ଅଛି ଆମେରିକାନ୍ ଫ୍ରେଣ୍ଡସ୍ ସର୍ଭିସ କମିଟିର ସକ୍ରିୟ ଅବଦାନ । ବରପାଲି ଓଡ଼ିଶାବାସୀଙ୍କର ପ୍ରେରଣାର ଉତ୍ସ ହୋଇ ରହିବ, ଏଥିରେ ସନ୍ଦେହ ନାହିଁ ।

# କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ହିନ୍ଦୀ ତାଲିମ ଦେବା ବ୍ୟବସ୍ଥା

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟଙ୍କଦ୍ୱାରା ତିଆରି କରାଯାଇଥିବା ପ୍ରସ୍ତୁତମୂଳକ ବ୍ୟବସ୍ଥା ଅନୁଯାୟୀ ୧୯୬୪ ମାର୍ଚ୍ଚ ମଧ୍ୟରେ ବିଭିନ୍ନ ମନ୍ତ୍ରାଳୟରେ ସଂଲଗ୍ନ ଅଫିସ, ଅଧସ୍ତନ ଓ ଆଞ୍ଚଳିକ ଅଫିସଗୁଡ଼ିକରେ ବର୍ତ୍ତମାନ କାର୍ଯ୍ୟ କରୁଥିବା ଅଣହିନ୍ଦୀଭାଷୀ କର୍ମଚାରୀମାନଙ୍କୁ ହିନ୍ଦୀରେ ଶିକ୍ଷାଦେବା କାର୍ଯ୍ୟ ଶେଷ ହୋଇଯାଇଥିବ ।

କେନ୍ଦ୍ର ସରକାରଙ୍କ ଶାଖା ଓ ସ୍ଥାନୀୟ ଅଫିସଗୁଡ଼ିକରେ ବର୍ତ୍ତମାନ ରହିଥିବା ଅଣହିନ୍ଦୀଭାଷୀ କର୍ମଚାରୀମାନେ ୧୯୬୭ ମାର୍ଚ୍ଚ ମଧ୍ୟରେ ହିନ୍ଦୀରେ ଶିକ୍ଷାଲାଭ କରିପାରିଥିବେ । କିନ୍ତୁ ନୂଆ କରି ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କପାଇଁ ଆବଶ୍ୟକୀୟ କାଳ ନିମନ୍ତେ ହିନ୍ଦୀରେ ଶିକ୍ଷାଦେବା କାର୍ଯ୍ୟ ଚାଲୁରହିବ ।

ହିନ୍ଦୀରେ ଟାଇପରାଇଟିଂ ଓ ସର୍ଟହ୍ୟାଣ୍ଡ ତାଲିମ କ୍ଷେତ୍ରରେ ବର୍ତ୍ତମାନ ମନ୍ତ୍ରାଳୟମାନଙ୍କରେ ସଂଲଗ୍ନ ଅଧସ୍ତନ ଓ ଆଞ୍ଚଳିକ ଅଫିସଗୁଡ଼ିକରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ୧୯୬୪ ଶେଷ ସୁଦ୍ଧା ତାଲିମ ଦିଆଯାଇଥିବ । କେନ୍ଦ୍ର ସରକାରଙ୍କର ଶାଖା ଓ ସ୍ଥାନୀୟ ଅଫିସଗୁଡ଼ିକରେ ଥିବା କର୍ମଚାରୀମାନେ ୧୯୬୩-୬୪ଠାରୁ ତାଲିମ ପାଇବେ । ୧୯୬୬-୬୭ ସୁଦ୍ଧା ଏହି ତାଲିମ ଶେଷ ହୋଇପାରେ । ନୂଆ ହୋଇ ନିଯୁକ୍ତ ହୋଇଥିବା କର୍ମଚାରୀମାନଙ୍କୁ ଆବଶ୍ୟକୀୟ କାଳ ପର୍ଯ୍ୟନ୍ତ ତାଲିମ ଦିଆଯିବ ।

ସମ୍ବିଧାନର ୩୫୧ ଧାରା ଅନୁଯାୟୀ ହିନ୍ଦୀ ଭାଷା ପ୍ରସାରକୁ ଉତ୍ସାହିତ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ସେହି ଅନୁଯାୟୀ କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କୁ ହିନ୍ଦୀ ଶିକ୍ଷା ଦେବାପାଇଁ ଗୋଟିଏ ପରିକଳ୍ପନା ପ୍ରସ୍ତୁତ ହୋଇଛି ।

ସରକାରୀ ଭାଷା ସମ୍ପର୍କରେ ରାଷ୍ଟ୍ରପତିଙ୍କର ନିର୍ଦ୍ଦେଶ ଅନୁଯାୟୀ ୧୯୬୧ ଜାନୁୟାରୀ ପହିଲା ତାରିଖରେ ୪୫ ବର୍ଷରୁ କମ୍ ବୟସ୍କ କେନ୍ଦ୍ର ସରକାରଙ୍କ ସମସ୍ତ ଶାସନ ବିଭାଗୀୟ କର୍ମଚାରୀ ହିନ୍ଦୀ ମାଧ୍ୟମରେ ଯେପରି ତାଲିମ ପାଆନ୍ତି, ସେଥିପାଇଁ ଆଦେଶ ଦିଆଯାଇଛି । ଏ କ୍ଷେତ୍ରରେ ୩ୟ ଶ୍ରେଣୀ-ଠାରୁ ନିମ୍ନସ୍ତରର ଶିଳ୍ପାନୁଷ୍ଠାନ ଓ ଅସ୍ଥାୟୀଭାବରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ ବାଦ ଦିଆଯାଇଛି । ନିର୍ଦ୍ଧାରିତ ମାନ ରକ୍ଷି ଉତ୍ତୀର୍ଣ୍ଣ ହୋଇ ନ ପାରିଲେ କୌଣସି ପ୍ରକାର ଶାସ୍ତି ଦିଆଯିବା ଉଚିତ ନୁହେଁ ବୋଲି ସ୍ଥିର କରାଯାଇଛି ।

ହିନ୍ଦୀରେ ତାଲିମ ଗ୍ରହଣ କରିବା ବାଧ୍ୟତାମୂଳକ ହୋଇଥିବାଦୃଷ୍ଟିରୁ ଯେଉଁ କର୍ମଚାରୀମାନେ ତାଲିମ ପାଇବେ, ସେମାନେ ଗୋଟିକ ପରେ ଗୋଟିଏ ଦଳ କିପରି ତାଲିମ ପାଇବେ, ତାର ତାଲିକା ତିଆରି କରିବାକୁ ସମସ୍ତ ମନ୍ତ୍ରାଳୟ ଓ ବିଭାଗକୁ ପଠାଯାଇଛି । ଏହାଦ୍ୱାରା ଗୋଟିଏ ନିୟମିତ କାର୍ଯ୍ୟକ୍ରମ ଅନୁଯାୟୀ ସୁବ୍ୟବସ୍ଥିତଭାବେ ତାଲିମ ଦିଆଯିବ । ଅଣହିନ୍ଦୀଭାଷୀ କର୍ମଚାରୀଙ୍କୁ ତାଲିମ ଦେବା ଉଦ୍ଦେଶ୍ୟରେ ଗୋଟିଏ ପର୍ଯ୍ୟାୟଧାରୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାପାଇଁ ସମସ୍ତ ମନ୍ତ୍ରାଳୟ ଓ ବିଭାଗକୁ ଅନୁରୋଧ କରାଯାଇଛି ।

୧୯୫୫ ଅକ୍ଟୋବରଠାରୁ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରାଳୟଙ୍କଦ୍ୱାରା ଅଫିସ ସମୟ ମଧ୍ୟରେ ହିନ୍ଦୀ ଶ୍ରେଣୀମାନ ଚାଲୁ କରାଯାଇଛି । ଏପର୍ଯ୍ୟନ୍ତ ୧୧୫ଟି ସ୍ଥାନରେ ଏହି ଶ୍ରେଣୀମାନ ସଂଗଠିତ କରାଯାଇଛି ଓ

ପ୍ରତିବର୍ଷ ୪୦,୦୦୦ ପ୍ରାର୍ଥୀଙ୍କୁ ଭର୍ତ୍ତି କରାଯାଉଛି । ପରୀକ୍ଷା ଦିବସଗୁଡ଼ିକପାଇଁ ବିଶେଷ ଛୁଟି ଦିଆଯାଏ ଓ ଯେଉଁମାନେ କୃତିତ୍ୱର ସହ ପାଶ କରନ୍ତି, ସେମାନଙ୍କୁ ନଗଦ ପୁରସ୍କାର ଦିଆଯାଏ । ହିନ୍ଦୀ ପରୀକ୍ଷାଗୁଡ଼ିକରେ ଯେଉଁ କର୍ମଚାରୀମାନେ ଉତ୍ତୀର୍ଣ୍ଣ ହୋଇଥାନ୍ତି, ସେମାନଙ୍କର ସର୍ଭିସ-ବହିରେ ଏହାର ଉଲ୍ଲେଖ କରାଯାଏ ।

ପ୍ରବୋଧ, ପ୍ରବୀଣ ଏବଂ ପ୍ରାଜ୍ଞ—ଏହି ୩ଟି ପାଠ୍ୟକ୍ରମ କର୍ମଚାରୀମାନଙ୍କ କମନ୍ତେ ଉଦ୍ଦିଷ୍ଟ । ଯେଉଁ କର୍ମଚାରୀମାନେ ଗୋଟିଏ ଦକ୍ଷିଣ-ଭାରତୀୟ ଭାଷା କିମ୍ବା ଇଂରାଜୀ କହନ୍ତି, ସେମାନଙ୍କପାଇଁ ପ୍ରଥମ ବା ମୌଳିକ ପାଠ୍ୟକ୍ରମରୂପେ 'ପ୍ରବୋଧ' ରଖାଯାଇଛି । ଯେଉଁ କର୍ମଚାରୀମାନଙ୍କର ମାତୃଭାଷା ସିନ୍ଧୀ, ମରାଠୀ, ଗୁଜରାଟୀ, ବଙ୍ଗଳା, ଅସାମୀ କିମ୍ବା ଅନ୍ୟାନ୍ୟ ସମ୍ପୃକ୍ତ ଭାଷା ହୋଇଥିବ, ସେମାନଙ୍କ କମନ୍ତେ ଦ୍ୱିତୀୟ ବା ମଧ୍ୟ-ପାଠ୍ୟକ୍ରମରୂପେ 'ପ୍ରବୀଣ' ରଖାଯାଇଛି । ପଞ୍ଜାବୀ, ଉର୍ଦ୍ଦୁ, କାଶ୍ମୀରୀ, ପୁସ୍ତୁ କିମ୍ବା ଅନ୍ୟାନ୍ୟ ସମ୍ପୃକ୍ତ ଭାଷା ମଧ୍ୟରୁ କୌଣସି ଭାଷା ଯେଉଁ କର୍ମଚାରୀମାନଙ୍କର ମାତୃଭାଷା ହୋଇଥିବ, ସେମାନଙ୍କପାଇଁ ମାଟ୍ରିକ ମାନ ଥିବା 'ପ୍ରାଜ୍ଞ' ପାଠ୍ୟକ୍ରମ ସ୍ଥିର କରାଯାଇଛି ।

## କେତୋଟି ଜାଣିବା କଥା

କ୍ଷୁଦ୍ରଶିଳ୍ପର ଉନ୍ନତି କରିବାର ଦାୟିତ୍ୱ ରାଜ୍ୟ ସରକାରମାନଙ୍କ ଉପରେ ନ୍ୟସ୍ତ ଅଛି । ତେବେ କ୍ଷୁଦ୍ରଶିଳ୍ପ ସମ୍ବନ୍ଧୀୟ ବିଭିନ୍ନ ଯୋଜନାରେ ସମନ୍ୱୟ ସାଧନ କରିବା, ଟେକ୍‌ନିକାଲ୍ ପରାମର୍ଶ ଦେବା ଏବଂ ବଜାରର ସୁବିଧା କରିଦେବା ଆଦି ବିଭିନ୍ନ କାର୍ଯ୍ୟ କେନ୍ଦ୍ର ସରକାରଙ୍କଦ୍ୱାରା କରାଯାଇଥାଏ । କ୍ଷୁଦ୍ରଶିଳ୍ପ ବୋର୍ଡ଼ ବିଭିନ୍ନ ଯୋଜନା ମଧ୍ୟରେ ସମନ୍ୱୟ ସାଧନ କରିଥାଏ । କେନ୍ଦ୍ର କ୍ଷୁଦ୍ରଶିଳ୍ପ ସଂସ୍ଥା ଟେକ୍‌ନିକାଲ୍ ସାହାଯ୍ୟ ଦିଏ ଏବଂ ଜାତୀୟ କ୍ଷୁଦ୍ରଶିଳ୍ପ କର୍ପୋରେସନ୍ ଭଡ଼ା-କିସ୍ତି ସୂତ୍ରରେ ଯନ୍ତ୍ରପାତି ଯୋଗାଇ ଦିଅନ୍ତି ।

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକାଳ ମଧ୍ୟରେ କ୍ଷୁଦ୍ରଶିଳ୍ପର ବିକାଶ ଦିଗରେ ୪୯ କୋଟି ୪୦ ଲକ୍ଷ ଟଙ୍କା ଖର୍ଚ୍ଚର ବରାଦ ହୋଇଥିଲା ।

# କୃଷିକ୍ଷେତ୍ରରେ ଓଡ଼ିଶାର ଅଗ୍ରଗତି

ଅଗଷ୍ଟ ମାସ ମଧ୍ୟରେ ଢେଙ୍କାନାଳ କୋଅପରେଟିଭ୍ ମିଶନ ଅନୁଷ୍ଠାନ ସାହାଯ୍ୟରେ ପ୍ରାୟ ୨୦ଖଣ୍ଡ ଗ୍ରାମର ଚାଷୀମାନଙ୍କୁ ଏକଜୁଟ କରି ଜମିଗୁଡ଼ିକର ହିଡ଼ ଭାଙ୍ଗି କରି ଧଣ୍ଡିରୁ ଚାଷ ଶିକ୍ଷା ଦିଆଯାଉଥିଲା । କୃଷି କଲେଜରେ ସମ୍ପ୍ରସାରଣ ଶାଖା ଛାତ୍ରମାନଙ୍କ ସହାୟତାରେ ସେମାନେ ଧାଡ଼ି ବାନ୍ଧି ଧାନ ରୋଇଥିଲେ । ନୂଆ କରି ୪ଟି ଗ୍ରାମରେ ଘାସ ଉପୁଡ଼ା ଯନ୍ତ୍ର (ୱିଲଡ୍ରମ୍)ର ବ୍ୟବହାର ପ୍ରଦର୍ଶନ କରାଯାଇଥିଲା ଏବଂ ବିଭିନ୍ନ ମକା ଓ ଧାନ କ୍ଷେତ୍ରରେ ଭିନ୍ନ ଭିନ୍ନ ସାରର ପ୍ରୟୋଗ ଦେଖାଇ ଦିଆଯାଇଥିଲା । ତା ୧-୮-୬୧ରିଖଠାରୁ ତା ୩୦-୮-୬୧ପର୍ଯ୍ୟନ୍ତ କୃଷି କଲେଜରେ ରାଜ୍ୟର ବିଭିନ୍ନ ଉନ୍ନୟନ ବ୍ଲକରେ ଥିବା କୃଷି ସମ୍ପ୍ରସାରଣ ଅଫିସରମାନଙ୍କପାଇଁ ପୁନସ୍ମୃତି ପାଠ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବିହନ ବଣ୍ଟନ

ଧାନ—ଅଗଷ୍ଟ ମାସରେ ବନ୍ୟା ହେତୁ ରାଜ୍ୟର କେତେକ ଅଞ୍ଚଳରେ ଉନ୍ନତ ଧାନ ବିହନ ବଣ୍ଟନ କାର୍ଯ୍ୟ ଚାଲୁ ରଖାଯାଇଥିଲା । ଏପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରୁ ମିଳିଥିବା ରିପୋର୍ଟରୁ ସୂଚିତ ହୁଏ ଯେ ପ୍ରାୟ ୫,୧୫୭ ମହଣ ଧାନ ବିହନ ବଣ୍ଟନ କରାଯାଇଥିଲା ଏବଂ ୧୦,୪୯୭ ମହଣ 'କ' ଶ୍ରେଣୀ ଓ 'ଖ' ଶ୍ରେଣୀ ବିହନ ଚାଷୀମାନଙ୍କ ମଧ୍ୟରେ ବିନିମୟ ସୂତ୍ରରେ କାରବାର କରାଯାଇଥିଲା । ବନ୍ୟାଗ୍ରସ୍ତ ଅଞ୍ଚଳମାନଙ୍କରେ ୩,୦୧୪ ମହଣ ଉନ୍ନତ ଧାନବିହନ ଓ ୧୨୩,୪୫,୬୮୨ ବିଡ଼ା ତଳି (୧,୯୧,୪୫୦ ବିଡ଼ା ସରକାରୀ ଫାର୍ମରୁ ଓ ୧,୨୧,୫୪,୨୩୨ ବିଡ଼ା ଚାଷୀମାନଙ୍କ ଜମିରୁ ) ବଣ୍ଟାଯାଇଥିଲା ।

## ଗହମ

ଅଗଷ୍ଟ ମାସ ମଧ୍ୟରେ ୪୦୦ ମହଣ ଗହମ ବିହନ ସଂଗୃହୀତ ହୋଇଥିଲା ଓ ଅଧିକରୁ ଅଧିକ ମଞ୍ଜି ସଂଗ୍ରହ କରିବା କାର୍ଯ୍ୟ ଚାଲୁ ରହିଥିଲା ।

## ବାଜରା

ଚାଷୀମାନଙ୍କ ମଧ୍ୟରେ ବୁଣିବାପାଇଁ ୫ମହଣ ବାଜରା ବିହନ ଯୋଗାଇ ଦିଆଯାଇଥିଲା । ରାଜ୍ୟର କେତେକ ଅଂଶରେ ରାଶି ଫସଲ ଅମଳ କରାଯାଉଥିଲା । ପ୍ରତିକୂଳ ପାଗ ଓ ଘନ ଘନ ବୃଷ୍ଟି ଯୋଗୁ ଫସଲର ଅବସ୍ଥା ସନ୍ତୋଷଜନକ ନ ଥିଲା ।

## ଡାଲି ଜାତୀୟ ଫସଲ

ଅଗଷ୍ଟ ମାସ ମଧ୍ୟରେ ଚାଷୀମାନଙ୍କୁ ପ୍ରାୟ ୧୦ ମହଣ ରବିବିହନ ଯୋଗାଇ ଦିଆଯାଇଥିଲା ।

## ଆଳୁ

ରାଜ୍ୟର ସବୁଆଡ଼େ ବର୍ଷାଦିନଆ ଆଳୁ ଫସଲର ଅବସ୍ଥା ସନ୍ତୋଷଜନକ ଥିବାର ରିପୋର୍ଟ ମିଳିଛି ।

## ତୈଳବୀଜ

ଉକ୍ତ ମାସ ମଧ୍ୟରେ ସରକାରୀ ଫାର୍ମରେ ଓ ବ୍ଲକ ଅଞ୍ଚଳର କୃଷକମାନଙ୍କ ଜମିରେ ଚାଷ ହେବାପାଇଁ ପ୍ରାୟ ୧୨୭ ମହଣ ଉନ୍ନତ ଚିନାବାଦାମ ମଞ୍ଜି ଯୋଗାଇ ଦିଆଯାଇଥିଲା । ୧୧,୩୨୭ ଏକର ଜମିରେ ଚିନାବାଦାମ, ତିଳ ଓ ଯବ ପ୍ରଭୃତି ବିଭିନ୍ନ ତୈଳବୀଜ ଫସଲ ଚାଷ କରାଯାଇଥିଲା । ଖରାପ ପାଗ ଓ ଲଗାଣ ବର୍ଷା ଯୋଗୁଁ ରାଜ୍ୟର କେତେକ ଅଞ୍ଚଳରେ ତୈଳବୀଜ ଫସଲ ଅବସ୍ଥା ସନ୍ତୋଷଜନକ ନ ଥିଲା ।

## ନଡ଼ିଆ

୮୭୬୭ଟି ନଡ଼ିଆ ଚାରା ସଂଗୃହୀତ ହୋଇଥିଲା । ଚାଷୀମାନଙ୍କଠାରେ ୭୦୭୭ଟି ଚାରା ଲଗାଯାଇଥିଲା ଓ ସେଥିରୁ ୩୨୭ଟିରେ ଗଜା ହୋଇଥିଲା । ୩୦୦ ନଡ଼ିଆ ଗଛମୂଳରେ ଖତ ଦିଆଗଲା । କୃଷକମାନଙ୍କୁ ୫୦% ରିହାତିରେ ୭ ଦରରେ ୭୮ ପାଉଣ୍ଡ ଆମୋନିୟମ୍ ସଲଫେଟ୍ ଓ ୮ ଦରରେ ୪ ପାଉଣ୍ଡ ହାଡ଼ଗୁଣ୍ଡ ଯୋଗାଇ ଦିଆଯାଇଥିଲା । ମାସ ମଧ୍ୟରେ ୨୭,୦୨୯ଟି ଚାରା ନଡ଼ିଆ ବିକ୍ରି କରାଯାଇଥିଲା ।

## ମାଳୀ ତାଲିମ

ଅଗଷ୍ଟ ମାସରେ ଭୁବନେଶ୍ୱର ଓ ଅନୁଗୁଳ କେନ୍ଦ୍ରରେ ୫୭ ଜଣ ଶିକ୍ଷାର୍ଥୀଙ୍କୁ ମାଳୀ କାର୍ଯ୍ୟରେ ତାଲିମ ଦିଆଯାଉଥିଲା ।

## ଫଳ ଉତ୍ପାଦନ ଅଭିଯାନ

ଅଗଷ୍ଟ ମାସରେ ଫଳ ଉତ୍ପାଦନ ଅଭିଯାନପାଇଁ ଆବଶ୍ୟକ ବୃକ୍ଷରୋପଣ ସମ୍ବନ୍ଧୀୟ ଉପକରଣ ସଂଗ୍ରହ କରାଯାଇଥିଲା । ଏପର୍ଯ୍ୟନ୍ତ ଜିଲ୍ଲାମାନଙ୍କରୁ ମିଳିଥିବା ରିପୋର୍ଟରୁ ଜଣାଯାଏ ଯେ ଭୁବନେଶ୍ୱର ଅଞ୍ଚଳରେ ବଣ୍ଟନ କରାଯାଇଥିବା ୨୫୦୦ ଚଳି ଛଡ଼ା ଆଗ୍ରହୀ ଫଳ-ଚାଷୀମାନଙ୍କୁ ୪୩,୯୮୭ଟି ବିଭିନ୍ନ ଧରଣର ବୃକ୍ଷ ବଣ୍ଟନ କରାଯାଇଥିଲା ।

## ପନିପରିବା ଚାଷ

ସମଗ୍ର ରାଜ୍ୟରେ ବର୍ଷାଦିନିଆ ପନିପରିବା ଫସଲର ଅବସ୍ଥା ସନ୍ତୋଷଜନକ ଥିଲା ବୋଲି ଖବର ମିଳିଛି । ଶୀତଦିନିଆ ପରିବା ମଞ୍ଜି କେତେ ଦରକାର, ତାହା ହିସାବ କରାଯାଇଥିଲା ଏବଂ କେଉଁଠିପାଇଁ କେତେ ପାଣ୍ଠି ଦିଆଯିବ, ତାହା ଜିଲ୍ଲା କୃଷି ବିଭାଗୀୟ ଅଫିସର ଓ କୃଷି ବିଭାଗ ଡେପୁଟି ଡିରେକ୍ଟରମାନଙ୍କୁ ଜଣାଇ ଦିଆଯାଇଥିଲା ।

## ସାର ଓ ଖତ ବଣ୍ଟନ

**ଯବକ୍ଷାରଜାନବହୁଳ ସାର:**—ଏପର୍ଯ୍ୟନ୍ତ ସବୁ ଜିଲ୍ଲାରେ କି ପରିମାଣରେ ଯବକ୍ଷାରଜାନ ସାର ଯୋଗାଇ ଦିଆଯାଇଛି, ତାର ହିସାବ ମିଳିନାହିଁ । କେବଳ କେତୋଟି ମାତ୍ର ଜିଲ୍ଲାରୁ ମିଳିଥିବା ରିପୋର୍ଟରୁ ଜଣାଯାଏ ଯେ ଚାଷୀମାନଙ୍କୁ ଉକ୍ତ ମାସରେ ୨୨୭୧ ଟନ୍ ଯବକ୍ଷାରଜାନ ସାର ଯୋଗାଇ ଦିଆଯାଉଛି ।

**ସୁପର ଫସ୍‌ଫେଟ୍ :**—ଏପର୍ଯ୍ୟନ୍ତ ମିଳିଥିବା ଖବରରୁ ଜଣାଯାଏ ଯେ ବିଭିନ୍ନ ଜିଲ୍ଲାରେ ୩୪ ଟନ୍ ସୁପର ଫସ୍‌ଫେଟ୍ ବଣ୍ଟାଯାଇଥିଲା ।

**ହାଡ଼ଗୁଣ୍ଡ:**—କୃଷି ବିଭାଗରେ ରଖାଯାଇଥିବା ହାଡ଼ଗୁଣ୍ଡ ସଂସ୍ଥାଦ୍ୱାରା ୧୦ ଟନ୍ ହାଡ଼ଗୁଣ୍ଡ ପ୍ରସ୍ତୁତ ହୋଇଥିଲା । ଯେଉଁସବୁ ଜିଲ୍ଲାରୁ ସମ୍ବାଦ ମିଳିଛି, ସେଠାରେ ଏପର୍ଯ୍ୟନ୍ତ କୃଷକମାନଙ୍କୁ ୫୪ ଟନ୍ ହାଡ଼ଗୁଣ୍ଡ ବଣ୍ଟାଯାଇଥିବା ଜଣାଯାଏ ।

**ସବୁଜସାର**—ମିଳିଥିବା ସଂବାଦରୁ ପ୍ରକାଶ ଯେ ଅଗଷ୍ଟ ମାସ ମଧ୍ୟରେ ପ୍ରାୟ ୫୯୭ ମହଣ ଓ ୬୩,୧୧୮ ପୁଡ଼ିଆ ସବୁଜସାର ବିହନ ବଣ୍ଟନ କରାଯାଇଛି ।

## ଉଠା ଜଳସେଚନ

### ଡିଜେଲଚାଳିତ ଦମ୍‌କଳଦ୍ୱାରା ଜଳସେଚନ

ଗଞ୍ଜାମ ଜିଲ୍ଲାରେ ଗୋଟିଏ ସେଟ୍ ଦମ୍‌କଳଦ୍ୱାରା ୧୫ ଏକର ଜମିରେ ଉଠା ଜଳସେଚନ କରାଯାଇଥିଲା । ଜଳନିଷ୍କାସନ ଉଦ୍ଦେଶ୍ୟରେ କଟକ ଜିଲ୍ଲାରେ ୨ଟି ଦମ୍‌କଳ ସେଟ୍ ୧୭ ଘଣ୍ଟା କାର୍ଯ୍ୟ କରିଥିଲା । ବାଲେଶ୍ୱର ଜିଲ୍ଲାରେ ଦମ୍‌କଳଗୁଡ଼ିକ ୬୦ଘଣ୍ଟା କାମ କରିଥିଲେ ।

କଟକ ଜିଲ୍ଲାର କେନ୍ଦ୍ରାପଡ଼ା, ବାଙ୍କି, ଆଠଗଡ଼ ଓ ବନ୍ୟାଳଗ ମୌଜା ପ୍ରଭୃତି ଉଠା ଜଳସେଚନ ଅଞ୍ଚଳରେ କ୍ରମାଗତ ବୃଷ୍ଟି ଯୋଗୁଁ କାର୍ଯ୍ୟରେ ଅଗ୍ରଗତି ହୋଇନାହିଁ ।

ସମ୍ବଲପୁର ଜିଲ୍ଲାର ଲଟ୍ଟୁହା ତଥା ଜଳସେଚନ ଅଞ୍ଚଳରେ ପାଣି-ମାଡ଼ାଗୁଡ଼ିକୁ ମଜବୁତ କରିବା ଓ ତାର କଡ଼କୁ କଂକ୍ରିଟରେ ବନାଇବା କାର୍ଯ୍ୟ ଚାଲୁ ରହିଥିଲା ।

## ଆଞ୍ଚଳିକ ସେବାକେନ୍ଦ୍ର

କଟକଠାରେ ଥିବା ଆଞ୍ଚଳିକ ସେବା କେନ୍ଦ୍ରରେ ୨ସେଟ୍ ଦମ୍କଳ ମରାମତି କରାଯାଇଥିଲା । ୧୨ଟି ଦମ୍କଳରେ ଖଣ୍ଡିଆ ଅଂଶର ଛୋଟ ଛୋଟ ମରାମତି କାମ ସମ୍ପୂର୍ଣ୍ଣ କରାଯାଇଥିଲା । ଦମ୍କଳଗୁଡ଼ିକର ୨ଟି ଖଣ୍ଡିଆ ଅଂଶ ମରାମତି କରାଯାଇଥିଲା ଏବଂ ଟ୍ରାକ୍ଟର ଓ ଅନ୍ୟାନ୍ୟ କୃଷି-ଯନ୍ତ୍ରପାତିର ମରାମତି କରାଯାଇଥିଲା । ସମ୍ବଲପୁରଠାରେ ଥିବା ଆଞ୍ଚଳିକ ସେବା କେନ୍ଦ୍ରରେ ୨ଟି ଦମ୍କଳ ଓ ୪୨ଟି ବିଭିନ୍ନ କୃଷି-ଯନ୍ତ୍ରପାତି ମରାମତି କରାଯାଇଥିଲା ।

## କେତୋଟି ଜାଣିବା କଥା

ଦ୍ୱିତୀୟ ଯୋଜନାକାଳ ମଧ୍ୟରେ ବିଭିନ୍ନ କ୍ଷୁଦ୍ରଶିଳ୍ପ ସଂସ୍ଥାର ବହୁଗୁଣ ବୃଦ୍ଧି ହୋଇଛି । ଅନେକ ସ୍ଥଳରେ ଉତ୍ପାଦନ ଶତକଡ଼ା ୨୫ରୁ ୫୦ ଭାଗ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । କେବଳ ସାଇକଲ-ଶିଳ୍ପରେ ଉତ୍ପାଦନ ପରିମାଣ ଶତକଡ଼ା ୪୦ରୁ ୧୫୦ ଭାଗ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ସିଲାଇକଳ ଶତକଡ଼ା ୩୫ରୁ ୭୫ ଭାଗ, ମେସିନ୍ ଟୁଲ୍ ଶତକଡ଼ା ୩୪ରୁ ୫୦ ଭାଗ, ବିଦ୍ୟୁତ୍ ମୋଟରରୁ ଶତକଡ଼ା ୬ରୁ ୭୪ ଭାଗ ଏବଂ ବିଦ୍ୟୁତ୍ ପଙ୍ଖା ଶତକଡ଼ା ୨୨ରୁ ୪୭ ଭାଗ ପର୍ଯ୍ୟନ୍ତ ଅଧିକ ଉତ୍ପାଦିତ ହୋଇଛି । ୧୯୫୭ରେ ୨୫ ହଜାର ୫ ଶହ ସାଇକଲ ଉତ୍ପାଦିତ ହୋଇଥିବାସ୍ଥଳେ, ୧୯୬୦ରେ ୨ ଲକ୍ଷ ୨୮ ହଜାର ସାଇକଲ ଉତ୍ପାଦିତ ହୋଇଛି । ସିଲାଇକଳ ୧୯୫୬ରେ ୨୩ ହଜାର ୭ ଶହଟି ଉତ୍ପାଦିତ ହୋଇଥିଲା । କିନ୍ତୁ ୧୯୬୦ରେ ଉତ୍ପାଦିତ ହୋଇଛି ୫୨ ହଜାରଟି ।

କ୍ଷୁଦ୍ରଶିଳ୍ପର ବିକାଶ ସାଧନ ଉଦ୍ଦେଶ୍ୟରେ ଏ ସଂକ୍ରାନ୍ତ ୨ ହଜାର କାର୍ଯ୍ୟକ୍ରମ ପ୍ରସ୍ତୁତି ପାଇଁ ୧୯୫୯ ମସିହାରେ ବ୍ୟବସ୍ଥା କରାଯାଇଛି । ୧୯୬୦ ମସିହା ଶେଷ ସୁଦ୍ଧା ୩୦୯ଟି କାର୍ଯ୍ୟକ୍ରମ ରୂପାୟିତ କରାଯାଇଛି । ୧୯୬୦-୬୧ ମଧ୍ୟରେ ୧୫ଟି କ୍ଷୁଦ୍ରଶିଳ୍ପ ସେବା ପ୍ରତିଷ୍ଠାନ, ୧୧ଟି ଶାଖା ପ୍ରତିଷ୍ଠାନ ଓ ୫୦ଟି ସଂପ୍ରସାରଣ କେନ୍ଦ୍ର ସ୍ଥାପିତ ହୋଇଥିଲା । ଉତ୍ପାଦନ କେନ୍ଦ୍ର ଓ ଗୋଟିଏ କୋଠା ଟ୍ରେନିଂ ପ୍ରତିଷ୍ଠାନ ଏହାର ଅନ୍ତର୍ଗତ । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକାଳ ମଧ୍ୟରେ ଶିଳ୍ପ ନଗରୀର ସ୍ଥାପନ ଦିଗରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଗଲା । ୧୯୬୦-୬୧ ମସିହା ସୁଦ୍ଧା ପ୍ରାୟ ୭୦ଟି ଶିଳ୍ପ ନଗରୀର ନିର୍ମାଣ ଶେଷ ହେଲା ଏବଂ ଏଥିମଧ୍ୟରୁ ୫୨ଟିରେ ଉତ୍ପାଦନ ଆରମ୍ଭ ହୋଇଗଲା । ଦ୍ୱିତୀୟ ଯୋଜନାକାଳ ମଧ୍ୟରେ ମଞ୍ଜୁରୀପ୍ରାପ୍ତ ଆଉରି ୭୦ଟି ଶିଳ୍ପ-ନଗରୀର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବା ଉପରେ ।

# ଓଡ଼ିଶା କ୍ଷୁଦ୍ର ଶିଳ୍ପ କରପୋରେସନ

ରାଜ୍ୟ ସରକାର ପ୍ରସ୍ତାବିତ "ଓଡ଼ିଶା କ୍ଷୁଦ୍ର ଶିଳ୍ପ କରପୋରେସନ ଲିମିଟେଡ୍"ର ଅଂଶ ମୂଳଧନରେ ପରିଯୋଗ କରିବାପାଇଁ ନିଷ୍ପତ୍ତି କରିଛନ୍ତି । ଏହି ସଂସ୍ଥା ଜରିଆରେ ରାଜ୍ୟର କ୍ଷୁଦ୍ର ଶିଳ୍ପଗୁଡ଼ିକର ବିକାଶପାଇଁ ସାହାଯ୍ୟ ଦିଆଯିବ ।

ଏହି କରପୋରେସନକୁ ଏକ "ପବ୍ଲିକ୍ କମ୍ପାନୀ" ଭାବେ ରେଜେଷ୍ଟ୍ରୀ କରାଯିବ ଓ କଟକରେ ଏହାର ଅଫିସ ରହିବ ।

ଶତକଡ଼ା ୬ ଭାଗ ନିର୍ଦ୍ଧାରିତ ଲାଭାଂଶ ଦିଆଯାଉଥିବା ପ୍ରତ୍ୟେକ ଟ ୫୦୦୲ ମୂଲ୍ୟବିଶିଷ୍ଟ ୪୦୦୦ଟି ଉଦ୍ଧାରଯୋଗ୍ୟ କ୍ରମବର୍ଦ୍ଧିଷ୍ଣୁ "ପ୍ରିଫରେନ୍ସ୍ ସେଆର୍" ଓ ପ୍ରତ୍ୟେକ ଟ ୧୦୦୲ ଅଙ୍କିତ ମୂଲ୍ୟ-ବିଶିଷ୍ଟ ୩୦,୦୦୦ ଇକ୍ୟୁଇଟି ସେଆର ସମେତ ଏହି କମ୍ପାନୀର କ୍ଷମତାପ୍ରାପ୍ତ ମୂଳଧନ ୫୦ ଲକ୍ଷ ଟଙ୍କା ହେବ ।

ଏହି କରପୋରେସନ୍ ପ୍ରଥମ ୩ ବର୍ଷରେ ଟ ୨,୫୦,୦୦୦୲ ମୂଲ୍ୟର ପ୍ରିଫରେନ୍ସ ସେଆର ଓ ଟ ୪,୦୦,୦୦୦୲ ମୂଲ୍ୟର ଇକ୍ୟୁଇଟି ସେଆର୍ ବିକ୍ରି କରି ମୂଳଧନ ସଂଗ୍ରହ କରିବ ।

ରାଜ୍ୟ ସରକାର ୬·୫୦ ଲକ୍ଷ ଟଙ୍କା ମୂଲ୍ୟର ସମସ୍ତ "ପ୍ରିଫରେନ୍ସ୍" ଓ "ଇକ୍ୟୁଇଟି" ସେଆର ଖରିଦ କରିବେ । ମୂଳଧନର ଅବଶିଷ୍ଟାଂଶ "ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂସ୍ଥା" ଓ ସେଗୁଡ଼ିକର ସଦସ୍ୟଗଣ, ଅନ୍ୟାନ୍ୟ ଶିଳ୍ପପତି ଏବଂ ଓଡ଼ିଶାର ଅନ୍ୟାନ୍ୟ ଶିଳ୍ପ ସଂସ୍ଥାଗୁଡ଼ିକଠାରୁ ସଂଗ୍ରହ କରାଯିବ ।

ଏହି କରପୋରେସନର ପରିଚାଳନା ଭାର ଗୋଟିଏ ଡିରେକ୍ଟର ବୋର୍ଡ଼ ଉପରେ ନ୍ୟସ୍ତ କରାଯିବ । ଏହି ବୋର୍ଡ଼ରେ ୧୦ରୁ ୧୨ ଜଣ ପର୍ଯ୍ୟନ୍ତ ସଭ୍ୟ ରହିବେ ଓ ତନ୍ମଧ୍ୟରୁ ୬ ଜଣଙ୍କୁ ରାଜ୍ୟ ସରକାର ମନୋନୀତ କରିବେ ।

ଜଣେ ସରକାରୀ କର୍ମଚାରୀଙ୍କୁ ଏହି କମ୍ପାନୀର ଜେନେରାଲ୍ ମେନେଜର ପଦରେ ନିଯୁକ୍ତ କରାଯିବ ।

---

## ଘୋଷଣା

ରାଜ୍ୟ ସରକାରଙ୍କ ଦାୟିତ୍ୱରେ ପ୍ରବର୍ତ୍ତିତ ନିମ୍ନଲିଖିତ ପଥପ୍ରଦର୍ଶକ ପରିଯୋଜନାମାନ ଯେଉଁ ସମସ୍ତ ଦ୍ରବ୍ୟ ଉତ୍ପାଦନ କରୁଛନ୍ତି, ସେଗୁଡ଼ିକ ଡାହାଣ ପାର୍ଶ୍ୱରେ ଦର୍ଶାଯାଇଛି । ବ୍ୟବସାୟ ସମ୍ପର୍କରେ ଯେଉଁମାନେ ଅନୁସନ୍ଧାନ କରିବାକୁ ଚାହାନ୍ତି, ସେମାନେ ଶିଳ୍ପ-ସଂସ୍ଥାର ପରିଚାଳନା ଡିରେକ୍ଟରଙ୍କ ସହିତ ସାକ୍ଷାତ୍ କିମ୍ବା ପତ୍ରାଳାପ କରିବାକୁ ଅନୁରୋଧ ।

| ଶିଳ୍ପ ସଂସ୍ଥାର ନାମ ଓ ଠିକଣା | ଉତ୍ପାଦିତ ଦ୍ରବ୍ୟ |
|---|---|
| ୧ । ମଧୁସୂଦନ କେମିକାଲ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଶିଳ୍ପାଞ୍ଚଳ, କଟକ | ଫିନାଇଲ, ସମସ୍ତ ପ୍ରକାର ଲେଖା କାଳି ଓ ବିଭିନ୍ନ ଧରଣର ଜୀବାଣୁନାଶକ ଦ୍ରବ୍ୟ । |

| | |
|---|---|
| ୨ । କଟକ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ପ୍ରୋଡକ୍ଟସ୍ ଲିମିଟେଡ୍, ଶିଳ୍ପାଞ୍ଚଳ, କଟକ | ସଂକୋଚନଶୀଳ ଫାଟକ, ଡବ୍ଲ୍ୟୁ.ଆଇ. ଗେଟ୍‌ସ୍, ଝରକା ଜାଲି, ବଗିସ୍ କୁରୁଶ ଓ ଅନ୍ୟାନ୍ୟ ଇସ୍ପାତ ଆସବାବପତ୍ର । |
| ୩ । ପ୍ରାର୍କ ବେଟେରୀ ମାନୁଫାକ୍‌ଚରିଂ ୱାର୍କସ୍ ଲିମିଟେଡ୍, ଶିଳ୍ପାଞ୍ଚଳ, କଟକ | ବିଭିନ୍ନ ଧରଣର ଷ୍ଟୋରେଜ୍ ବେଟେରୀ । |
| ୪ । କୋଣାର୍କ ପ୍ରୋସେସିଂ ୱାର୍କସ୍ ଲିମିଟେଡ୍, ଶିଳ୍ପାଞ୍ଚଳ, କଟକ | ବ୍ଲକ୍ ତିଆରି ଓ ରଙ୍ଗିନ୍ ଛପାକାମ । |
| ୫ । ଓଡ଼ିଶା ବୋଟ ବିଲ୍‌ଡର୍ସ ଲିମିଟେଡ୍, ମଣ୍ଡାପଡ଼ା, କଟକ | ଡଙ୍ଗା ଓ ଲଞ୍ଚ୍ |
| ୬ । କଳିଙ୍ଗ ଫ୍ରୁଟ୍ ପ୍ରଡକ୍ଟସ୍ ଲିମିଟେଡ୍, ପାରଳାଖେମୁଣ୍ଡି, ଗଞ୍ଜାମ | ସ୍କ୍ୱାସ୍, ଜାମ୍, ଜେଲି, ସିରପ୍, ଫଳରସ ଇତ୍ୟାଦି । |
| ୭ । ବାରବାଟୀ ଫ୍ରୁଟ୍ ପ୍ରଡକ୍ଟସ୍ ଲିମିଟେଡ୍, ରାଜାବଗିଚା, କଟକ | ,, |
| ୮ । ଓଡ଼ିଶା ଫ୍ରୁଟ୍ ପ୍ରଡକ୍ଟସ୍ ଲିମିଟେଡ୍, ଶିଳ୍ପାଞ୍ଚଳ, କଟକ | ,, |
| ୯ । କଳିଙ୍ଗ ଫାଉଣ୍ଡ୍ରେସ୍ ଲିମିଟେଡ୍, ଧାନମଣ୍ଡଳ, କଟକ | ରେଳବାଇ ଧାରଣା, ସଂଯୋଜକ ଲୁହା ଫଳକ, ରେଳବାଇ ନଳ ଓ ବ୍ରେକ୍, ପରିମଳ ବ୍ୟବସ୍ଥାପାଇଁ ଦରକାରୀ ଉପକରଣ, ବର୍ଷାଜଳ ନିଷ୍କାସନ ନଳ, ନଳକୂଅରୁ ପାଣି ଉଠା ଯାଉଥିବା କଳର ବିଭିନ୍ନ ଅଂଶ ଇତ୍ୟାଦି । |
| ୧୦ । ଓଡ଼ିଶା ଉଡ୍ ପ୍ରୋଡକ୍ଟସ୍ ଲିମିଟେଡ୍, ଶିଳ୍ପାଞ୍ଚଳ, କଟକ | କାଠର ଆସବାବପତ୍ର ଓ ବିଭିନ୍ନ ପ୍ରକାର କାଠ ତିଆରି ଦ୍ରବ୍ୟ । |
| ୧୧ । ଅରବିନ୍ଦ ଟିନ୍ ଫାକ୍ଟରୀ, ଶିଳ୍ପାଞ୍ଚଳ, କଟକ | ଟିଣରେ ତିଆରି ବିଭିନ୍ନ ପ୍ରକାର ପାତ୍ର ଓ ଡବା ଇତ୍ୟାଦି । |
| ୧୨ । ଚିଲିକା କାଜୁ ମ୍ୟାନୁଫାକ୍‌ଚରିଂ କୋ: ଲିମିଟେଡ୍, ବାଲୁଗାଁ, ପୁରୀ | କାଜୁବାଦାମ ମଞ୍ଜି । |
| ୧୩ । ହଂସନାଥ ସିରାମିକ୍ ଇଣ୍ଡଷ୍ଟ୍ରୀଜ୍, ବଡ଼ବାଟୀ, କଟକ | ରାଣୀଗଞ୍ଜ ଘର ଛପର ଟାଇଲ । |
| ୧୪ । ଓଡ଼ିଶା ଟ୍ରଙ୍କ୍ ଆଣ୍ଡ୍ ଏନାମେଲ ୱାର୍କସ୍, ଲିମିଟେଡ୍, କେନ୍ଦ୍ରାପଡ଼ା | ଇସ୍ପାତ୍ ତିଆରି ଟ୍ରଙ୍କ୍, ସୁଟ୍‌କେସ୍ ଓ ଥାକ ଇତ୍ୟାଦି । |

| | |
|---|---|
| ୧୫ । କଳିଙ୍ଗ ଷ୍ଟିଲ୍ ଓ୍ୱାର ପ୍ରୋଡ଼କ୍ଟସ୍ ଲିମିଟେଡ୍, ଶିଳ୍ପାଞ୍ଚଳ, କଟକ | ସବୁପ୍ରକାର ନଟ୍ ଓ ବୋଲ୍ଟ୍ । |
| ୧୬ । କୋକାକୋଲ୍ ( ଇଣ୍ଡିଆ ) ଲିମିଟେଡ୍, ପୁରୀ | କତାତିଆରି ଗଦି, ମସିଣା, ଚଟା, ଦଉଡ଼ି ଇତ୍ୟାଦି । |
| ୧୭ । ଇଷ୍ଟର୍ଣ୍ଣ ଆରୋମାଟିକ୍ ପ୍ରୋଡକ୍ଟସ୍ ଲିମିଟେଡ୍, ଶିଳ୍ପାଞ୍ଚଳ, ପୁରୀ | ନଗରମୋଥା ତେଲ । |
| ୧୮ । ମାନୁଫାକ୍ଚରର ଅଫ୍ ଇଲେକ୍ଟ୍ରୋ ( ଲିମିଟେଡ୍ ) ଶିଳ୍ପାଞ୍ଚଳ, କଟକ | କାଠତିଆରି ବେଟେନ୍ସ ବୋର୍ଡ୍ ଇତ୍ୟାଦି । |
| ୧୯ । ଓଡ଼ିଶା ସ୍ପୋର୍ଟସ୍ ମାନୁଫାକ୍ଚରସ୍ ଆଣ୍ଡ୍ ଫାବ୍ରିକେଟରସ୍ ଲିମିଟେଡ୍, କଟକ | ବିଭିନ୍ନ ଧରଣର ଖେଳ ସରଞ୍ଜାମ । |
| ୨୦ । ଜୋଧପୁର ଆଲ୍ମ୍ୟୁନିୟମ ପ୍ରୋଡକ୍ଟସ୍ ଲିମିଟେଡ୍, ଶିଳ୍ପାଞ୍ଚଳ, ରାଉରକେଲା | ଆଲ୍ମ୍ୟୁନିୟମ୍ ବାସନ ଇତ୍ୟାଦି । |
| ୨୧ । ରାଉରକେଲା ଫାବ୍ରିକେସନ୍ ଲିମିଟେଡ୍ | ପାଣିଟାଙ୍କି, ମଧ୍ୟମ ଧରଣର ଇସ୍ପାତ୍ ଆସବାବପତ୍ର, ହାଲୁକା ଧରଣର ଇସ୍ପାତ୍ ଫ୍ରେମ୍, ସାଇକେଲ୍ ଷ୍ଟାଣ୍ଡ୍ ଇତ୍ୟାଦି । |

## କେତୋଟି ଜାଣିବା କଥା

ତୃତୀୟ ଯୋଜନାକାଳ ମଧ୍ୟରେ କ୍ଷୁଦ୍ରଶିଳ୍ପର ବିକାଶପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଯୋଜନାମାନଙ୍କରେ ୬୨ କୋଟି ୭୦ ଲକ୍ଷ ଟଙ୍କା ଏବଂ କେନ୍ଦ୍ର ଯୋଜନାମାନଙ୍କରେ ୨୨ କୋଟି ଟଙ୍କା ଖର୍ଚ୍ଚର ବରାଦ କରାଯାଇଛି । ଫଳରେ କ୍ଷୁଦ୍ରଶିଳ୍ପ ବାବଦରେ ମୋଟ ଖର୍ଚ୍ଚ ହେବ ୮୪ କୋଟି ୭୦ ଲକ୍ଷ ଟଙ୍କା । ଆଗାମୀ ୫ ବର୍ଷ ମଧ୍ୟରେ ବିଭିନ୍ନ ଆକାରର ଆହୁରି ତିନି ଶହଟି ଶିଳ୍ପନଗରୀ ସ୍ଥାପନର ପ୍ରସ୍ତାବ ରହିଛି । ବଡ଼ ଶିଳ୍ପର ଆନୁଷଙ୍ଗିକ ଦ୍ରବ୍ୟ ଉତ୍ପାଦନପାଇଁ ମଧ୍ୟ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାନମାନ ସ୍ଥାପନ କରାଯିବ । କ୍ଷୁଦ୍ରଶିଳ୍ପର ବିକାଶ ଉଦ୍ଦେଶ୍ୟରେ ଋଣ ଯୋଗାଣ, ଯନ୍ତ୍ରପାତି ଯୋଗାଣ ଏବଂ ବିକ୍ରୟ ବ୍ୟବସ୍ଥାର ଉନ୍ନତିପାଇଁ ତୃତୀୟ ଯୋଜନାରେ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମମାନ ରହିଛି ।

# ଓଡ଼ିଶାରେ ଶ୍ରମ-ସମବାୟ ସମିତି

ଅଗଷ୍ଟ ୩୦ ତାରିଖ ୧୯୬୧ ମସିହାର ପ୍ରସ୍ତାବ ଅନୁଯାୟୀ ନିର୍ମାଣ କାର୍ଯ୍ୟ କମ ଖର୍ଚ୍ଚରେ ଦକ୍ଷତାସହକାରେ ଓ ଦ୍ରୁତବେଗରେ ହେବ ଏବଂ ଦକ୍ଷ ଓ ଅଦକ୍ଷ ଶ୍ରମିକମାନଙ୍କୁ କମରେ ଯଥାଯଥ ମଜୁରି ମିଳିବ, ସେଥିପାଇଁ ସରକାରଙ୍କ ନୀତି ଅନୁଯାୟୀ ସମବାୟ ପ୍ରଚେଷ୍ଟାର ବିକାଶ ଉଦ୍ଦେଶ୍ୟରେ ସରକାରଙ୍କ ସମସ୍ତ କାମ ଶ୍ରମ-ସମବାୟ ଜରିଆରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବା ନିମନ୍ତେ ସ୍ଥିର କରାଯାଇଛି ।

ବର୍ତ୍ତମାନ ଶ୍ରମିକ ସମବାୟ ସଂଖ୍ୟା ଖୁବ କମ୍ ଅଛି ଏବଂ ଯେଉଁ କେତୋଟି ଶ୍ରମିକ ସମବାୟ ଅନୁଷ୍ଠାନ ଗଠିତ ହୋଇଛି, ସେମାନଙ୍କ କାର୍ଯ୍ୟ ସେତେଦୂର ସନ୍ତୋଷଜନକ ନୁହେଁ ।

ବ୍ୟକ୍ତିଗତ ଓ ଆନୁଷ୍ଠାନିକ ଠିକାଦାରମାନଙ୍କ ପରିବର୍ତ୍ତେ ଯଥାସମ୍ଭବ ମଧ୍ୟରେ ଶ୍ରମିକ ସମବାୟ ଅନୁଷ୍ଠାନମାନଙ୍କୁ କାମ କରିବାପାଇଁ ଉପଯୁକ୍ତ ସୁବିଧା ଦେବା ଉଦ୍ଦେଶ୍ୟରେ ପୂର୍ତ୍ତ ବିଭାଗର କାମଗୁଡ଼ିକ ସମ୍ପାଦନ କରିବାରେ ବର୍ତ୍ତମାନ ଯେଉଁ ନିୟମମାନ ରହିଛି, ତାହାକୁ ବିଶେଷଭାବେ ସଂଶୋଧନ କରିବାକୁ ହେବ ।

ତେଣୁ ଓଡ଼ିଶାର ପୂର୍ତ୍ତ ବିଭାଗର ନିୟମାବଳୀ ଓ କାର୍ଯ୍ୟକାରୀ ପଦ୍ଧତି ଓ ପୂର୍ତ୍ତ ବିଭାଗ ଅଧୀନରେ ସମ୍ପାଦନ କରାଯାଉଥିବା କାର୍ଯ୍ୟଗୁଡ଼ିକସହିତ ଲାଗୁ ହେଉଥିବା ଅନ୍ୟାନ୍ୟ ନିୟମଗୁଡ଼ିକୁ ପରୀକ୍ଷା କରିବା ନିମନ୍ତେ ଏବଂ ଶ୍ରମିକ ସମବାୟ ଅନୁଷ୍ଠାନ ଯେପରି ଯଥାଶୀଘ୍ର ଓ ଦକ୍ଷତାସହକାରେ ଉନ୍ନୟନ କାର୍ଯ୍ୟ କରିବାରେ ସମର୍ଥ ହୋଇପାରିବେ, ସେଥିଲାଗି ଉଦ୍ଦେଶ୍ୟରେ ଆବଶ୍ୟକୀୟ ପରିବର୍ତ୍ତନ ଓ ସୁପାରିଶ କରିବା ନିମନ୍ତେ ସରକାର ନିମ୍ନଲିଖିତ ପ୍ରକାରେ ଗୋଟିଏ କମିଟି ଗଠନ କରିଛନ୍ତି । ଶ୍ରମିକ ସମବାୟ କାର୍ଯ୍ୟାନୁଷ୍ଠାନର ଅଭିବୃଦ୍ଧି ନିମନ୍ତେ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ କମିଟି ପ୍ରସ୍ତାବମାନ ସୁପାରିଶ କରିବେ ।

ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ନେଇ କମିଟି ଗଠନ କରାଯିବ :—

ଶ୍ରୀ ଏସ୍. ଏସ୍. ବେହେରା, ରାସ୍ତା ଓ ନିର୍ମାଣ ବିଭାଗର ମୁଖ୍ୟ ଇଞ୍ଜିନିୟର ... ଚେୟାରମ୍ୟାନ

ଶ୍ରୀ ଟି. ପି. ମହାପାତ୍ର, ବିଦ୍ୟୁତଶକ୍ତି ବିଭାଗର ମୁଖ୍ୟ ଇଞ୍ଜିନିୟର ... ସଭ୍ୟ

ଶ୍ରୀ ଲିଙ୍ଗରାଜ ଦାସ, ଓଡ଼ିଶାର ଜନସ୍ୱାସ୍ଥ୍ୟ ଇଞ୍ଜିନିୟର ... ... ସଭ୍ୟ

ଶ୍ରୀ ଏ. ବି. ମହାନ୍ତି, ସୁପରିନ୍‌ଟେଣ୍ଡିଂ ଇଞ୍ଜିନିୟର ସଭ୍ୟ

ଶ୍ରୀ ଏସ୍. ଷାଡ଼ୀ, ଓଡ଼ିଶାର ମୁଖ୍ୟ ଇଞ୍ଜିନିୟର ଓ ଜଳସେଚନ ଅଫିସର, ଏକାଉଣ୍ଟସ ଅଫିସର ... ସଭ୍ୟ

ଶ୍ରୀ ଏସ୍. ଏସ୍. ମିଶ୍ର, ଅର୍ଥ ପରାମର୍ଶଦାତା ତଥା ଡେପୁଟି ସେକ୍ରେଟେରୀ, ପୂର୍ତ୍ତ ବିଭାଗ ... ... ଆବାହକ

ଏହି ପ୍ରସ୍ତାବ ପ୍ରକାଶ ପାଇବା ତାରିଖଠାରୁ ମାସକ ମଧ୍ୟରେ କମିଟି ତାଙ୍କ ରିପୋର୍ଟ ସରକାରଙ୍କ ନିକଟରେ ଦାଖଲ କରିବେ ।

# ଅଖ୍ୟାତ ପଲ୍ଲୀର ନବଜାଗରଣ

ଆନ୍ଧ୍ର ପ୍ରଦେଶର ନର୍ସାପୁର ପଞ୍ଚାୟତ ମଧ୍ୟରେ ଗୁମାରଦଲା ଗୋଟିଏ କ୍ଷୁଦ୍ର ଗ୍ରାମ । ମାତ୍ର ଦୁଇଟି ବର୍ଷ ମଧ୍ୟରେ ଏହି କ୍ଷୁଦ୍ର ଗ୍ରାମଟି ବ୍ଲକର ସବୁଠାରୁ ପରିଷ୍କାର-ପରିଚ୍ଛନ୍ନ ଗ୍ରାମରେ ପରିଣତ ହୋଇଛି; କିନ୍ତୁ ଏହା ପୂର୍ବରୁ ଏହି ଗ୍ରାମଟି ହୁଏତ ବ୍ଲକର ସବୁଠାରୁ ଅପରିଷ୍କାର ଓ ଆବର୍ଜନାମୟ ଗ୍ରାମରୂପେ ପରିଚିତ ଥିଲା ।

ଗୁମାରଦଲାର ଗ୍ରାମବାସୀମାନେ ନିଜ ଗ୍ରାମର ଦୁରବସ୍ଥା ଅନୁଭବ କରିଥିଲେ । ବ୍ଲକ ସଂସ୍ଥାଠାରୁ ଅଳ୍ପ କିଛି ସହାୟତା ଲାଭ କରି ସେମାନେ ପାନୀୟ ଜଳପାଇଁ ତିନୋଟି କୂଅ ଖୋଳିଥିଲେ, ଗ୍ରାମର ଗଳି-ଗୁଡ଼ିକ ପକ୍କା କରାଇଥିଲେ ଏବଂ ଗ୍ରାମର ତିନି-ଚତୁର୍ଥାଂଶରେ ନାଳ ନିର୍ମାଣ କଲେ ।

ଗ୍ରାମବାସୀମାନେ ସେପରିଭାବେ ଏକ ମଳଶୋଧନ ପାଇଖାନା (ସେପ୍‌ଟିକ ଟ୍ୟାଙ୍କ୍ ଲାଟ୍ରିନ) ନିର୍ମାଣ କରିଛନ୍ତି, ତାହା ଦେଖି ପଞ୍ଚାୟତ ସମିତିର ସଦସ୍ୟ ଖୁବ୍ ପ୍ରୀତ ହୋଇଛନ୍ତି । ୧୮ ଶହ ଟଙ୍କା ଖର୍ଚ୍ଚରେ ନିର୍ମିତ ଏହି ପାଇଖାନାରୁ ମଇଳା ସଫା କରିବାପାଇଁ କୌଣସି ଲୋକର ଆବଶ୍ୟକତା ନାହିଁ । କେବଳ ମହିଳାମାନଙ୍କପାଇଁ ଏହା ନିର୍ମିତ ହୋଇଛି । ଏକାଥରକେ ୫ ଜଣ ଲେଖାଏଁ ସ୍ତ୍ରୀଲୋକ ଏହି ପାଇଖାନା ବ୍ୟବହାର କରିପାରିବେ । ପ୍ରତିଦିନ ପ୍ରାୟ ୫୦ ଜଣ ସ୍ତ୍ରୀଲୋକ ପାଇଖାନାଟି ବ୍ୟବହାର କରିଥାଆନ୍ତି । ପାଇଖାନା କାର୍ଯ୍ୟକ୍ରମଟି ସଫଳ ହୋଇଛି । ଏହାପରେ ଅଧିକ ପାଇଖାନା ନିର୍ମାଣର ଦାବି ହେଲାଣି । ପଞ୍ଚାୟତ ସମିତି ଆଉ ଦୁଇଟି ପାଇଖାନା ଯୋଗାଇଦେବାକୁ ରାଜି ହୋଇଛନ୍ତି ।

## ଶିକ୍ଷାରେ ଉନ୍ନତି

ଗୁମାରଦଲାର ଅଧିବାସୀମାନେ ଶିକ୍ଷା ଓ ସାମାଜିକ ଶିକ୍ଷାକ୍ଷେତ୍ରରେ ମଧ୍ୟ ଉଲ୍ଲେଖଯୋଗ୍ୟ ପ୍ରଗତି ହାସଲ କରିଛନ୍ତି । ସେମାନେ ଗୋଟିଏ ବିଦ୍ୟାଳୟ ନିର୍ମାଣ କରିଛନ୍ତି । ଏହି ବିଦ୍ୟାଳୟର ଛାତ୍ରସଂଖ୍ୟା ହେଉଛି ୨୦୦ । ଗତ ଦୁଇବର୍ଷ ମଧ୍ୟରେ କ୍ରମେ ଅଧିକ ପିଲା ଏଇ ସ୍କୁଲକୁ ଆସୁଛନ୍ତି । ଗତ ଦୁଇ ବର୍ଷ ମଧ୍ୟରେ ସ୍କୁଲପିଲାଙ୍କ ସଂଖ୍ୟା ପ୍ରାୟ ଦ୍ୱିଗୁଣିତ ହୋଇଗଲାଣି ।

ଗ୍ରାମବାସୀମାନେ ଦୁଇଟି ସାମାଜିକ କେନ୍ଦ୍ର ସ୍ଥାପନ କରିଛନ୍ତି । ସେମାନେ ହିନ୍ଦୀ ମଧ୍ୟ ପଢ଼ାଇବାର ବ୍ୟବସ୍ଥା କରିଛନ୍ତି । ହିନ୍ଦୀ କ୍ଲାସଟି ଖୁବ ଲୋକପ୍ରିୟ ହେଉଛି । ଏଥିପାଇଁ ଗୁମାରଦଲାର ଗ୍ରାମବାସୀମାନେ ଖୁବ ଗର୍ବ ଅନୁଭବ କରନ୍ତି । ସେମାନେ ଗୋଟିଏ "ମହିଳାମଣ୍ଡଳ" ଗୋଟିଏ "ଯୁବ କ୍ଲବ" ଓ ଗୋଟିଏ "ଗ୍ରନ୍ଥାଗାର" ମଧ୍ୟ ସ୍ଥାପନ କରିଛନ୍ତି ।

## ଆତ୍ମ-ବିଶ୍ୱାସ

ଏହିସବୁ ବିକାଶମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଫଳରେ ଗୁମାରଦଲା ଗ୍ରାମବାସୀଙ୍କ ମନରେ ଆତ୍ମବିଶ୍ୱାସ ଜାତ ହୋଇଛି । ବର୍ତ୍ତମାନ ସେମାନେ ବ୍ଲକର ଆର୍ଥିକ ସାହାଯ୍ୟ ଉପରେ ଆଉ ନିର୍ଭର କରୁନାହାନ୍ତି । କୌଣସି ନୂଆ କାର୍ଯ୍ୟକ୍ରମ କଥା ଉଠୁଛି ତ ଲୋକେ ଟଙ୍କା ଆକାରରେ ଅଥବା ଶ୍ରମ ଆକାରରେ ସାହାଯ୍ୟ ଦେବାପାଇଁ ସ୍ୱେଚ୍ଛାକ୍ରମେ ଆଗେଇ ଆସୁଛନ୍ତି । ସ୍କୁଲପିଲାଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ସେମାନଙ୍କପାଇଁ ଘର ତିଆରି କରିବା ଆବଶ୍ୟକ ହେଲା । ଗ୍ରାମବାସୀମାନେ ସଙ୍ଗେ ସଙ୍ଗେ ଛପର ଘର ତିଆରି କରି ଏ ଦିଗରେ ବ୍ୟବସ୍ଥା

କରିଦେଲେ । ପିଲାଙ୍କପାଇଁ ମଧ୍ୟାହ୍ନ-ଭୋଜନ ବ୍ୟବସ୍ଥା କରିବାର ପ୍ରସ୍ତାବ ଆସିଲା । ଲୋକେ କିନ୍ତୁ ପଶ୍ଚାତ୍‌ପଦ ହେଲେ ନାହିଁ; ଫଳରେ ମଧ୍ୟାହ୍ନ-ଭୋଜନ କାର୍ଯ୍ୟକ୍ରମ ସଫଳ ହେଲା ।

ଜଣେ ସ୍ଥାନୀୟ ଅବକାଶ କଣ୍ଟ୍ରାକ୍ଟର ୧୮୦୦ ଟଙ୍କା ଦାନ କରିଛନ୍ତି । ଏହି ଟଙ୍କାରେ ଏକ ପାଣ୍ଠି ଖୋଲାଯାଇଛି । ଗରିବ କୃଷକମାନଙ୍କୁ ସୁଲଭ ସୁଧ-ହାରରେ ଏହି ପାଣ୍ଠିରୁ ଋଣ ଦିଆଯାଉଛି ।

**ସମବାୟର ଅଗ୍ରଗତି**

ଗୁମାରବଲା ଗ୍ରାମରେ ସମବାୟର ମଧ୍ୟ ଅଗ୍ରଗତି ହୋଇଛି । ଗ୍ରାମ ସମବାୟ ସମିତିରେ ୧୩୦ ଜଣ ସଭ୍ୟ ଅଛନ୍ତି । ଖେଳଣା ତିଆରି କରୁଥିବା ଗ୍ରାମର ୩୨ଟି ପରିବାର ମଧ୍ୟ ଏକ ଶିଳ୍ପ ସମବାୟ ସମିତି ଗଠନ କରିଛନ୍ତି । ଏହି ଶିଳ୍ପପାଇଁ ବ୍ଲକରୁ କାରିଗରି ସାହାଯ୍ୟ ଦିଆଯାଇଥିଲା ଏବଂ ବାହାରୁ ଜଣେ ଶିକ୍ଷକଙ୍କୁ ଆଣି ଏଠାରେ ନିଯୁକ୍ତ କରାଯାଇଥିଲା । ବ୍ଲକ ତରଫରୁ ସମିତିକୁ ପ୍ରାୟ ୮ ହଜାର ୪ ଶହ ଟଙ୍କା ଋଣ ଦିଆଗଲାଣି । ସମିତିଦ୍ୱାରା ପ୍ରସ୍ତୁତ ଖେଳଣାର ଖୁବ୍ ଚାହିଦା ରହିଛି । ଏଥିରେ ଭଲ ଲାଭ ବି ହେଉଛି । ସମିତିର ଜଣେ ସଭ୍ୟ କହିଛନ୍ତି ସେ ସେମାନଙ୍କ ଲାଭ ଶତକଡ଼ା ୨୫ ଭାଗ ବୃଦ୍ଧି ପାଇଲାଣି ।

"ଗାଁ-ସ୍ୱରାଜ କହିଲେ ମୁଁ ବୁଝେଁ, ଗାଁ ଗୋଟିଏ ପୂର୍ଣ୍ଣାଙ୍ଗ ସାଧାରଣତନ୍ତ୍ର । ପ୍ରୟୋଜନୀୟ ଜିନିଷମାନଙ୍କପାଇଁ ଏହାର ଅନ୍ୟ କାହା ଉପରେ ନିର୍ଭର କରିବାର ନାହିଁ । ଅନ୍ୟ କେତେକ ଜିନିଷ ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭର ରହିବଣି ରହିବ । ତେଣୁ ପ୍ରତ୍ୟେକ ଗାଁ ନିଜର ଖାଦ୍ୟପାଇଁ ଫସଲ ଉତ୍ପନ୍ନ କରିବ, ଲୁଗାପଟା ପାଇଁ ତୂଳା ଉତ୍ପାଦନ କରିବ । ଏହାର ଗୃହପାଳିତ ପଶୁଙ୍କପାଇଁ ଆଶ୍ରୟ ଘର ଏବଂ ପିଲା ଓ ବଡ଼ଙ୍କପାଇଁ ଆମୋଦପ୍ରମୋଦ ଓ ଖେଳର ଉପଯୁକ୍ତ ପଡ଼ିଆ ରହିବ । ଅଧିକା ଜମି ଥିଲେ ତହିଁରେ ପଣ୍ୟ ଫସଲ ଉତ୍ପାଦନ ହୋଇପାରିବ; କିନ୍ତୁ କେବେହେଁ ଗଞ୍ଜେଇ, ଧୂଆଁପତ୍ର ଓ ଅଫିମ ପ୍ରଭୃତି ନିଶାଦ୍ରବ୍ୟ ଉତ୍ପାଦନ କରିବାକୁ ହେବ ନାହିଁ । ଗାଁରେ ଗୋଟିଏ ରଙ୍ଗମଞ୍ଚ ଏବଂ ସ୍କୁଲ ଓ ସଭାସମିତିପାଇଁ ଗୋଟିଏ ସାଧାରଣ ହଲ୍ ରହିବ । ପରିଷ୍କାର ପାନୀୟ ଜଳପାଇଁ ଗାଁର ସ୍ୱତନ୍ତ୍ର ବ୍ୟବସ୍ଥା ଥିବ । ମୌଳିକ ଶେଷ ଶ୍ରେଣୀପର୍ଯ୍ୟନ୍ତ ଗାଁରେ ଶିକ୍ଷା ବ୍ୟବସ୍ଥା ରହିବ । ଗାଁର ସବୁ କାମ ଯଥାସମ୍ଭବ ସହଯୋଗ ଭିତ୍ତିରେ ହେବ ।

—ଗାନ୍ଧୀଜୀ

# ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଜିଲା ଗସ୍ତ

ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୟାନନ୍ଦ ପଟ୍ଟନାୟକ ଗତ ୧୮ ତାରିଖ ଦିନ ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ସ୍ଥାନରେ ସାଧାରଣ ସଭାରେ ଭାଷଣ ଦେଇଥିଲେ । ବ୍ରହ୍ମପୁର ଯିବା ରାସ୍ତାରେ ରାସ୍ତାପାଖର ଗ୍ରାମବାସୀମାନେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ଛତ୍ରପୁର, ଲାଙ୍ଗୁଲେଶ୍ୱର, ଖଲ୍ଲିକୋଟ, ରମ୍ଭା, ଗଞ୍ଜାମ ପ୍ରଭୃତି ସ୍ଥାନରେ ସାଧାରଣ ସଭାରେ ସେ ଭାଷଣ ଦେଇଥିଲେ । ଗୋପାଳପୁରଠାରେ ବ୍ଲକ୍ ସ୍ତରର ସମବାୟ ତାଲିମ ପାଉଥିବା କର୍ମୀମାନଙ୍କୁ ସେ ଉଦ୍‌ବୋଧନ ଦେଇଥିଲେ ଓ ବ୍ରହ୍ମପୁରଠାରେ ବୈଷୟିକ ତାଲିମ ଅନୁଷ୍ଠାନ ଉଦ୍‌ଘାଟନ କରିଥିଲେ ।

## ଛତ୍ରପୁରଠାରେ ଭାଷଣ

ଗତ ସେପ୍ଟେମ୍ବର ୧୭ ତାରିଖରେ ଛତ୍ରପୁରଠାରେ ଏକ ସମ୍ବର୍ଦ୍ଧନା ସଭାରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ—ବର୍ତ୍ତମାନ ରାଜ୍ୟରେ ଗୋଟିଏ ନୂତନ ଯୁଗ ଆରମ୍ଭ ହୋଇଛି । ଆଜି ପ୍ରତ୍ୟେକ ଲୋକ ଉନ୍ନତ ଜୀବନଯାପନ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି । ଉନ୍ନତ ବାସଗୃହ, ପରିଷ୍କାର ପାନୀୟ ଜଳ, ଅଧିକା ବିଦ୍ୟାଳୟ, ଭଲ ରାସ୍ତା, ନିଜ ନିଜ ଜମିରେ ଉନ୍ନତ ତଥା ଅଧିକା ଶସ୍ୟ ଉତ୍ପାଦନ କରିବାପାଇଁ ଉନ୍ନତ ଧରଣର ଉପାୟ ଖୋଜୁଛନ୍ତି । ଏହା ରାଜ୍ୟର ଉନ୍ନତି ଦିଗରେ ଏକ ଶୁଭ ସଙ୍କେତ ।

ମାତ୍ର ୧୦ ବା ୧୫ ବର୍ଷ ପୂର୍ବେ ଅବସ୍ଥା ଏପରି ନ ଥିଲା । ସେତେବେଳେ ଲୋକେ ଅସହାୟଭାବରେ ଭାଗ୍ୟ ଉପରେ ନିର୍ଭର କରୁଥିଲେ । ଲୋକେ କିପରି ଉନ୍ନତ ଜୀବନଯାପନପାଇଁ (ଉପରକୁ ମୁଣ୍ଡ ଟେକି ଆଗକୁ ଚାହିଁବେ) ସାହସର ସହିତ ଭବିଷ୍ୟତକୁ ଦୃଷ୍ଟି ଦେବେ, ତହିଁର ବ୍ୟବସ୍ଥା କରିବା ନେତାମାନଙ୍କ ପକ୍ଷେ ଅତିଶୟ ଜରୁରୀ ବିଷୟ ହୋଇପଡ଼ିଛି ।

ଛୋଟ ଛୋଟ ଗାଁଗୁଡ଼ିକ ବଡ଼ ବଡ଼ ଗାଁରେ ପରିଣତ ହେବାପାଇଁ ଇଚ୍ଛା କରୁଛନ୍ତି । ବଡ଼ ଗ୍ରାମଗୁଡ଼ିକ ସହରର ସବୁ ସୁବିଧାସୁଯୋଗ ପାଇବାକୁ ଇଚ୍ଛା କରୁଛନ୍ତି । ସେହିପରି ସହରଗୁଡ଼ିକ ମଧ୍ୟ ବଡ଼ ବଡ଼ ନଗରରେ ପରିଣତ ହେବାକୁ ଇଚ୍ଛା କରୁଛନ୍ତି । ଏହା ଭଲ କଥା; କିନ୍ତୁ ଏହା କିପରି ସାଧିତ ହେବ ? ଲୋକମାନଙ୍କର ସମ୍ବଳ ଅତି ସୀମାବଦ୍ଧ । ରାଜ୍ୟରେ ଇଞ୍ଜିନିୟର ଓ ଡାକ୍ତରର ଅଭାବ ରହିଛି । ପାଣି ଅଭାବରୁ ଅଧିକ ଫସଲ ଉତ୍ପାଦନପାଇଁ ଉନ୍ନତସ୍ତରର ଜଳସେଚନ ସୁବିଧା କରାଯାଇ ପାରୁନାହିଁ । ସବୁକଥା ହଠାତ୍ ହାତକୁ ନିଆଯାଇ ପାରିବ ନାହିଁ । କେଉଁ କାମ ଆଗେ ହେବ ଓ କେଉଁ କାମ ପରେ ହେବ, ତାହା ସ୍ଥିର କରିବାକୁ ପଡ଼ିବ । ଏହି କାରଣରୁହିଁ ଯୋଜନାର ଆରମ୍ଭ । ପଞ୍ଚାୟତ ସ୍ତରରେ ଗୋଟିଏ ପଞ୍ଚାୟତ ସମିତି ହୁଏତ ବିଦ୍ୟାଳୟଟିଏ ଚାହିଁପାରେ, ଆଉ ଗୋଟିଏ ଜଳସେଚନର ସୁବିଧା ଏବଂ ଆଉ ଏକ ସମିତି ପାନୀୟ ଜଳର ସୁବିଧା ଚାହିଁପାରେ । ତେଣୁ କେଉଁ ସମିତିର କାର୍ଯ୍ୟ ଆଗେ କରାଯିବ, ତାହା ସେମାନଙ୍କୁ ସ୍ଥିର କରିବାକୁ ପଡ଼ିବ । ଏହାହିଁ ପଞ୍ଚାୟତ ସ୍ତରରେ ଯୋଜନା ବୋଲି ପରିଚିତ ।

ପଞ୍ଚାୟତ ସମିତିମାନଙ୍କୁ ଅଧିକ କ୍ଷମତା ଓ ଅଧିକା ଧନ ଦେବାପାଇଁ ସରକାର ସବୁ ବ୍ୟବସ୍ଥା କରୁଛନ୍ତି । ଏଣୁ ସେମାନଙ୍କର ଦାୟିତ୍ୱ ବଢ଼ିଯିବ । ପଞ୍ଚାୟତ ସମିତିର ପ୍ରତ୍ୟେକ ସଭ୍ୟଙ୍କୁ ଏ ନୂତନ ଦାୟିତ୍ୱ ବହନ କରିବାପାଇଁ ଓ ସନ୍ତୋଷଜନକଭାବେ ସେ ଦାୟିତ୍ୱ ତୁଲାଇବାପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ ।

ସେମାନଙ୍କର କଠିନ ପରିଶ୍ରମ ବିନା କୌଣସିଟି କାର୍ଯ୍ୟକାରୀ ହୋଇପାରିବ ନାହିଁ । ସେମାନେ ସେମାନଙ୍କ ରାଜ୍ୟକୁ ଶକ୍ତିଶାଳୀ ଓ ସମୃଦ୍ଧିଶାଳୀ କରି ଗଢ଼ିବାକୁ ଚାହାନ୍ତି । ସେହି କାରଣରୁ ଦେଶବାସୀ କଠିନ ପରିଶ୍ରମ କରିବା ଉଚିତ; ଯଦ୍ଦ୍ୱାରା ସେମାନଙ୍କ ସନ୍ତାନସନ୍ତତି ଏକ ସମୃଦ୍ଧିଶାଳୀ ରାଷ୍ଟ୍ରରେ ବସବାସ କରିପାରିବେ ।

## ଲିଙ୍ଗ୍‌ଲେଶ୍ୱରଠାରେ ଭାଷଣ

ମୁଖ୍ୟମନ୍ତ୍ରୀ ଲିଙ୍ଗ୍‌ଲେଶ୍ୱରଠାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ସେମାନଙ୍କର ଆଶା ଓ ଆକାଂକ୍ଷାକୁ ପୂରଣ କରିବାପାଇଁ ସେ ସତ୍‌ପରୋନାସ୍ତି ଚେଷ୍ଟା କରୁଛନ୍ତି । ଶିକ୍ଷା ଓ ସ୍ୱାସ୍ଥ୍ୟ ଉଭୟ ଦେଶର କାର୍ଯ୍ୟ । ଏଗୁଡ଼ିକୁ ସମସ୍ତଙ୍କୁ ଯୋଗାଇଦେବାକୁ ହେବ । ଗାଁଗହଳରେ ଟାଇଲ୍ ଗୃହ ନିର୍ମାଣ କରାଯିବ, ପାନୀୟ ଜଳ ଯୋଗାଇ ଦିଆଯିବ ଓ ବାଳକ-ବାଳିକାଙ୍କପାଇଁ ବିଦ୍ୟାଳୟ ଖୋଲାଯିବ । ଯଦି ଏ ସମସ୍ତ ସୁବିଧା କରାଯାଇ ପାରିବ, ତାହାହେଲେ ଆଗାମୀ ପାଞ୍ଚ ଦଶ ବର୍ଷ ମଧ୍ୟରେ ଦେଶର ପରିସ୍ଥିତି ସମ୍ପୂର୍ଣ୍ଣରୂପେ ବଦଳିଯିବ । କଠିନ ପରିଶ୍ରମ ବିନା କୌଣସିଟିକୁ ହାସଲ କରାଯାଇ ପାରିବ ନାହିଁ । ଦେଶର ବିକାଶମୂଳକ କ୍ଷେତ୍ରରେ ମହିଳାମାନଙ୍କୁ ଭାଗ ନେବାକୁ ହେବ ।

## ଖଲିକୋଟଠାରେ ଭାଷଣ

ଖଲିକୋଟଠାରେ ଏକ ସାଧାରଣ ସଭାରେ ଭାଷଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କହିଲେ ଯେ ଓଡ଼ିଶାରେ ବର୍ତ୍ତମାନ ଦେଶବାସୀଙ୍କ ସମ୍ମୁଖରେ ଦୁଇଟି ପଥ ଉନ୍ମୁକ୍ତ ରହିଛି । ତନ୍ମଧ୍ୟରୁ ଗୋଟିଏ ପଥ ସିଧା ଓ ସହଜ; କିନ୍ତୁ ଏ ପଥଟି ସ୍ଥାୟୀ ଦାରିଦ୍ର୍ୟ ଦିଗପ୍ରତି ପ୍ରସାରିତ । ଅନ୍ୟ ପଥଟି ଅତି କଷ୍ଟସାଧ୍ୟ ଓ ଏଥିରେ ବହୁ ଉତ୍‌ଥାନପତନ ରହିବା ସଙ୍ଗେ ସଙ୍ଗେ ଏ ପଥଟି ବିଭିନ୍ନ ବାଧାବିଘ୍ନରେ ପରିପୂର୍ଣ୍ଣ । କିନ୍ତୁ ଏ ପଥରେ ଆଗେଇଗଲେ ଦେଶର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ଓ ଦେଶର କେହି ହେଲେ ଦରିଦ୍ର ହୋଇ ରହିବେ ନାହିଁ । ଦେଶବାସୀଙ୍କପାଇଁ ସୁନ୍ଦର ବାସଗୃହ, ବାଳକବାଳିକାମାନଙ୍କପାଇଁ ବିଦ୍ୟାଳୟ ତଥା ସମସ୍ତଙ୍କପାଇଁ ବିଶୁଦ୍ଧ ପାନୀୟ ଜଳ ଓ ସୁନ୍ଦର ସ୍ୱାସ୍ଥ୍ୟଲାଭର ସୁବିଧାମାନ ମିଳିପାରିବ । ଓଡ଼ିଶାପାଇଁ ଏହି ଦୁର୍ଗମ ପଥକୁ ବାଛିବାପାଇଁ ମୁଖ୍ୟମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଜଣାଇଥିଲେ । ପଞ୍ଚାୟତ ହେଉଛି ଗୋଟିଏ ଉପାୟସ୍ୱରୂପ; ଯଦ୍ଦ୍ୱାରା ଏହି ସମୃଦ୍ଧିର ଦିଗପ୍ରତି ଆଗେଇ ଯାଇ ହେବ । ଦେଶକୁ କିପରି ସମୃଦ୍ଧିଶାଳୀ କରି ଗଢ଼ିବାକୁ ହେବ, ସମସ୍ତେ ଏ କଥା ଚିନ୍ତା କରୁଛନ୍ତି । ଏହାର ଏକମାତ୍ର ଉତ୍ତର ହେଉଛି—ପରିଶ୍ରମ ଏବଂ ଆହୁରି ପରିଶ୍ରମ ।

ସରକାରଙ୍କ ଉପରେ ନ୍ୟସ୍ତ ହୋଇଥିବା କ୍ଷମତାର ପ୍ରାୟ ଅର୍ଦ୍ଧେକ ପଞ୍ଚାୟତ ସମିତିମାନଙ୍କୁ ହସ୍ତାନ୍ତର କରାଯାଉଛି । ଏ ସମ୍ପର୍କରେ ଆବଶ୍ୟକୀୟ ଆଇନ ପ୍ରଣୟନ କରାଯାଉଛି । ପଞ୍ଚାୟତର ସଭ୍ୟମାନଙ୍କ ଉପରେ ନ୍ୟସ୍ତ ହୋଇଥିବା ଦାୟିତ୍ୱର ଯଦି ଉପଯୁକ୍ତ ପରିଚାଳନା କରା ନ ଯାଏ, ତାହାହେଲେ ବିକାଶର ଗତିବେଗ ମନ୍ଥର ହୋଇପଡ଼ିବ ।

## ରମ୍ଭାଠାରେ ଭାଷଣ

ମୁଖ୍ୟମନ୍ତ୍ରୀ ରମ୍ଭାଠାରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ଏଠାରେ ସ୍ଥାନୀୟ ହରିଜନମାନଙ୍କ ତରଫରୁ ଉପହାର ଦିଆଯାଇଥିବା ମାନପତ୍ରର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ସେମାନଙ୍କର ଉନ୍ନତି ସକାଶେ ବିଶେଷ ସୁବିଧା-ସୁଯୋଗର ବ୍ୟବସ୍ଥା କରାଯାଉଛି । ଗୋଟିଏ ସ୍ୱତନ୍ତ୍ର ବିଭାଗ ଉପରେ ଏ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ସେମାନଙ୍କର ଅବସ୍ଥାର ଉନ୍ନତି ଘଟାଇ ସେମାନଙ୍କୁ ଅନ୍ୟମାନଙ୍କର ସମାନ ସ୍ତରକୁ ଆଣିବାପର୍ଯ୍ୟନ୍ତ

ସରକାର ସେସମସ୍ତ ବିକାଶମୂଳକ କାର୍ଯ୍ୟକୁ ବୁଲ୍ ବୁଝିବେ ।

ସ୍ଥାନୀୟ ମାଛଧରାଳିଙ୍କ ତରଫରୁ ଦିଆଯାଇଥିବା ମାନପତ୍ରର ପ୍ରତ୍ୟୁତ୍ତରରେ ସେ କହିଲେ ଯେ ଚିଲିକା ହ୍ରଦ ଭିତରକୁ ଯେପରି ବହୁପରିମାଣରେ ମାଛ ଆସିବେ, ସେଥିସକାଶେ ଚିଲିକାମୁହାଣକୁ ଡ୍ରେଜର ସାହାଯ୍ୟରେ ଖୋଲାଯିବ । ଏ ସମ୍ପର୍କରେ ପ୍ରସ୍ତୁତ ଗୋଟିଏ ପରିକଳ୍ପନା ସରକାରଙ୍କ ବିଚାରାଧୀନ ଅଛି ।

### କାଞ୍ଚାମଠାରେ ଭାଷଣ

ରାଜ୍ୟ ବର୍ତ୍ତମାନ ଏକ ଅସୁବିଧାଜନକ ପରିସ୍ଥିତିରେ ଆସି ପଡ଼ିଅଛି । ଏହାର ଅର୍ଥ ସୀମାବଦ୍ଧ ଓ ରାଜ୍ୟର ଆୟରେ ବୃଦ୍ଧି ଘଟାଇବାପାଇଁ ଯଥେଷ୍ଟ ସମ୍ବଳର ବି ଅଭାବ ରହିଛି । ଉଦାହରଣସ୍ୱରୂପ ଜଳସେଚନର ସୁବିଧା ଯୋଗାଇଦିଆଗଲେ ଶସ୍ୟ ଉତ୍ପାଦନରେ ଯଥେଷ୍ଟ ବୃଦ୍ଧି ଘଟିବ ଓ ଚାଷୀମାନେ ଅଧିକା ଅର୍ଥ ଉପାର୍ଜ୍ଜନ କରିବାରେ ସକ୍ଷମ ହେବେ । କିନ୍ତୁ ଯେଉଁ ସମସ୍ତ ଅଞ୍ଚଳରେ ଏସମସ୍ତ ସୁବିଧା ଯୋଗାଇଦିଆଯିବାର ଆବଶ୍ୟକତା ରହିଛି, ଅର୍ଥାଭାବ ଯୋଗୁଁ ସେସବୁ ସମ୍ଭବ ହୋଇପାରୁନାହିଁ । ସେଥିପାଇଁ ସେମାନଙ୍କୁ ସୁଧ ଦେଇ ଋଣ ଉଠାଇବାକୁ ପଡ଼ିବ ।

ଏସମସ୍ତ ସମସ୍ୟାର ସମାଧାନ ସମୟସାପେକ୍ଷ ଓ ପରିଶ୍ରମର ମଧ୍ୟ ଆବଶ୍ୟକତା ରହିଛି; କିନ୍ତୁ ସେମାନଙ୍କୁ ଏହା କରିବାକୁ ପଡ଼ିବ । ରାଜ୍ୟକୁ ବିକାଶ-ପଥରେ କିପରି ଆଗେଇନେବାକୁ ହେବ, ଜନସାଧାରଣ ସେ କଥା ଚିନ୍ତା କରିବା ସଙ୍ଗେ ସଙ୍ଗେ ଉନ୍ନୟନ-ମୂଳକ କାର୍ଯ୍ୟରେ ସାହାଯ୍ୟ ପ୍ରଦାନ କରିବା ଉଚିତ ।

### ବ୍ଲକସ୍ତରୀୟ ସମବାୟ ତାଲିମ କେନ୍ଦ୍ରରେ ଭାଷଣ

ବ୍ଲକସ୍ତରୀୟ ସମବାୟ ତାଲିମ କେନ୍ଦ୍ରରେ ତାଲିମ-ପ୍ରାର୍ଥୀମାନଙ୍କୁ ଭାଷଣ ଦେଇ ସେ କହିଲେ ଯେ ସେମାନେ ସମବାୟ ଆନ୍ଦୋଳନର କେତେକ ତାତ୍ତ୍ୱିକ ବିଦ୍ୟା ଓ ପ୍ରଣାଳୀ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । କିନ୍ତୁ ଏହି ରାଜ୍ୟର ସାମାଜିକ କ୍ଷେତ୍ରରେ ବ୍ୟକ୍ତିବିଶେଷଙ୍କୁ ଅତି ଉଚ୍ଚ ସ୍ଥାନ ଦିଆଯାଉଛି । ଏପରି କି ୧୦୦ ଜଣ ଲୋକଙ୍କୁ ଏକାଠି କରାଇବା ମଧ୍ୟ କଷ୍ଟସାଧ୍ୟ । କେବଳ ଲାଭଖୋର ପ୍ରବୃତ୍ତି ସେମାନଙ୍କୁ ଏକାଠି କରନ୍ତା । ସମବେତ ପ୍ରଚେଷ୍ଟାର ଦାୟିତ୍ୱ ନେବାପାଇଁ ଯେଉଁ ମାନସିକ ଶକ୍ତି ଲୋଡ଼ା, ତାହା ସେମାନଙ୍କର ନାହିଁ । ବର୍ତ୍ତମାନ ଏହି ପଦ୍ଧତି ଉଠିଛି । କିନ୍ତୁ ସମବାୟ ଆନ୍ଦୋଳନକୁ ସଫଳ କରିବାକୁ ହେଲେ ସେସବୁ ତାଲିମ କେନ୍ଦ୍ରରୁ ଉତ୍ତୀର୍ଣ୍ଣ ହେଉଥିବା ଶିକ୍ଷାର୍ଥୀମାନଙ୍କୁ ଏହାର ସମ୍ମୁଖୀନ ହେବାକୁ ପଡ଼ିବ । ପ୍ରଶ୍ନ ହେଉଛି—ସେମାନେ ନେତୃତ୍ୱ ଦେଇପାରିବେ କି ନାହିଁ ଏବଂ ସେମାନଙ୍କର ଏଥିପାଇଁ ଆବଶ୍ୟକୀୟ ଦୃଷ୍ଟିକୋଣ ବିକାଶଲାଭ କରିଛି କି ନାହିଁ ।

ଉତ୍ତୀର୍ଣ୍ଣ ଶିକ୍ଷାର୍ଥୀମାନଙ୍କୁ ସରକାରୀ ଚାକିରି ଯୋଗାଇବା ସଂପର୍କରେ ମୁଖ୍ୟମନ୍ତ୍ରୀ କହିଲେ ଯେ ଏ ସମ୍ପର୍କରେ କ୍ଷେତ୍ର ଖୁବ ସୀମାବଦ୍ଧ ରହିଛି । କିନ୍ତୁ ଲୋକଙ୍କୁ ସମବାୟ ଭିତ୍ତିରେ ସଂଗଠିତ କରିବାପାଇଁ ସେମାନଙ୍କ ସମ୍ମୁଖରେ ବହୁତ ସୁବିଧା-ସୁଯୋଗ ରହିଛି । ସେମାନେ ଛୋଟ ଛୋଟ ଜମି-ମାଲିକଙ୍କୁ ଏକାଠି କରି ସମବାୟ କୃଷି ସଂଗଠିତ କରିପାରନ୍ତି । ସେମାନେ ଶ୍ରମିକ ସମବାୟ ମଧ୍ୟ ଆରମ୍ଭ କରିପାରନ୍ତି । ତୃତୀୟ ଯୋଜନାର ଶତକଡ଼ା ୭୫ ଭାଗ ଖର୍ଚ୍ଚ ନିର୍ମାଣ କାର୍ଯ୍ୟରେ ବ୍ୟୟିତ ହେବ । ଏସବୁଥିରୁ ମିଳୁଥିବା ଲାଭ ଠିକାଦାରମାନଙ୍କ ହାତକୁ ଚାଲିଯିବ । ଯଦି ବଡ଼ ବଡ଼ ଶ୍ରମିକ ସମବାୟ ଆରମ୍ଭ କରାଯାଏ, ତେବେ ସେମାନେ ସହଜରେ ଠିକାଦାରମାନଙ୍କ ସ୍ଥାନ ଗ୍ରହଣ କରିପାରିବେ । ଶିକ୍ଷାର୍ଥୀମାନେ ଏଭଳି ଧରଣର କାର୍ଯ୍ୟପାଇଁ ନେତୃତ୍ୱ ଦେଇପାରିବେ କି ନାହିଁ ତାହା ଚିନ୍ତା କରନ୍ତୁ । ସମବାୟ-ପନ୍ଥା ଦେଶର ଉନ୍ନୟନ କାର୍ଯ୍ୟକ୍ରମରେ ପ୍ରଧାନ ସ୍ଥାନ ଗ୍ରହଣ କରିଛି । ସମସ୍ତେ ବଡ଼ ହେବାକୁ ଚାହୁଁଛନ୍ତି; କିନ୍ତୁ କାର୍ଯ୍ୟରୁହିଁ

ଲୋକର ବଡ଼ପଣିଆ ବିଚାର କରାଯାଏ । ଏ ସଂପର୍କରେ ସେ କହିଥିଲେ ଯେ ଅଧିକ କାଳ କାର୍ଯ୍ୟ କରିଥିଲେ ମଧ୍ୟ ଜଣେ ଅମନୋଯୋଗୀ ଅଫିସର ତାଙ୍କଠାରୁ ଜଣେ ଦକ୍ଷ ଲୋକର ପଦବୀ ଓ ସୁବିଧା ପାଇବ, ତାହାର କାରଣ ସେ ଦେଖିପାରୁ ନାହାନ୍ତି । ଦକ୍ଷତା-ପାଇଁ ପ୍ରେରଣା ରହିବା ଆବଶ୍ୟକ; କିନ୍ତୁ ଶାସନକଳ ଏକ ବିରାଟ ଯନ୍ତ୍ର ହୋଇଥିବାରୁ କେବଳ ଆଇନବଳରେ ଦୁର୍ନୀତି ଦୂରକରିବା ସମ୍ଭବ ହେବ ନାହିଁ । ସରକାର ଏ ବିଷୟରେ ଗମ୍ଭୀରଭାବେ ବିଚାର କରୁଛନ୍ତି । ଜଣେ ସରକାରୀ ଅଫିସରଙ୍କ ମାନ ନିର୍ଦ୍ଧାରଣ କରିବା ମୁହୂର୍ତ୍ତିକର କାମ; କିନ୍ତୁ ସେମାନେ ଯେ ଏହି ପଦପାଇଁ ଉପଯୁକ୍ତ, ତାହା ତାଙ୍କୁ ପ୍ରମାଣ କରିବାକୁ ପଡ଼ିବ ।

"ଆପଣମାନେ ସମସ୍ତେ ଅନୁଭବ କରନ୍ତୁ ଯେ ଆପଣମାନେ ଗୋଟିଏ ବିରାଟ ପରୀକ୍ଷାର ଦ୍ୱାର-ଦେଶରେ ଉପସ୍ଥିତ । ଯଦି ସମସ୍ତେ ନିରାପଦ ଚାହାନ୍ତି, ତେବେ ଦୁଃସାହସିକ କାର୍ଯ୍ୟ କରିବ କିଏ ସେ ? ବିରାଟ ଦୁନିଆକୁ ଯାଆନ୍ତୁ । ଅଜଣା ପଥରେ ଯାତ୍ରା କରି ଦେଶର କଲ୍ୟାଣପାଇଁ କାର୍ଯ୍ୟ କରନ୍ତୁ ।"

### ବ୍ରହ୍ମପୁର ଶିଳ୍ପ ତାଲିମ ଅନୁଷ୍ଠାନ ଉଦ୍‌ଘାଟନ ଉପଲକ୍ଷେ

ମୁଖ୍ୟମନ୍ତ୍ରୀ ବ୍ରହ୍ମପୁରରେ ଭାଷଣ ଦେଇ କହିଥିଲେ, ସେ ନୂଆ କୋଠା ଘର ଦେଖିବାକୁ ଆସି ନାହାନ୍ତି । ଦେଶର ଭବିଷ୍ୟତ ଯେଉଁ ଛାତ୍ରମାନଙ୍କ ଉପରେ ନିର୍ଭର କରୁଛି, ସେମାନଙ୍କୁ ସେ ଦେଖିବାକୁ ଆସିଛନ୍ତି । ଓଡ଼ିଶାକୁ ଭାରତରେ ଶ୍ରେଷ୍ଠ ଉନ୍ନତ ରାଜ୍ୟ କରିବାକୁ ପଡ଼ିବ । କିନ୍ତୁ ଆମ୍ଭେମାନେ ପ୍ରାୟ ଏକ ଶତାବ୍ଦୀ ପଛରେ ପଡ଼ିଥାଏ । ତେଣୁ ଆମ୍ଭମାନଙ୍କୁ ଯେକୌଣସିମତେ ନିଜକୁ ଉଠାଇବାକୁ ପଡ଼ିବ ।

କୋଠାଘରଗୁଡ଼ିକ ଲୋକଙ୍କର ଗର୍ବର ବିଷୟ ନୁହେଁ । ଦେଶର ଯୁବକମାନେହିଁ ପ୍ରକୃତ ଗର୍ବର ବିଷୟ । ଯଦି ସେମାନେ ଯୋଗ୍ୟତା ଦେଖାଇପାରିବେ, ତେବେ ଯାଇ ଏଭଳି କୋଠାଘରଗୁଡ଼ିକର ଯାଥାର୍ଥ୍ୟ ପ୍ରତିପାଦିତ ହେବ । ଆମର କାରିଗର ଓ ଇଞ୍ଜିନିୟରମାନେ ଦେଶରେ ସର୍ବଶ୍ରେଷ୍ଠ ହେବା ଉଚିତ । ଛାତ୍ରମାନେ ବିଦ୍ୟାଳୟଗୁଡ଼ିକର ପରମ୍ପରା ରକ୍ଷା କରିବା ଆବଶ୍ୟକ ।

ବ୍ରହ୍ମପୁର ମେହେନ୍ତର ସଂଘର ଏକ ବୈଠକରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ମେହେନ୍ତର-ମାନଙ୍କ ଦରମା ବଢ଼ାଇଦିଆଯିବା ଉଚିତ । ଏଥିପାଇଁ ମ୍ୟୁନିସିପାଲିଟିକୁ ଦରକାର ପଡ଼ିଲେ ଅତିରିକ୍ତ ଟିକସ ବସାଇବାକୁ ପଡ଼ିବ । ସେମାନେ ସମାଜର ସ୍ୱାସ୍ଥ୍ୟ ଓ ସୁଖପାଇଁ ଅତ୍ୟାବଶ୍ୟକ କାର୍ଯ୍ୟ କରୁଛନ୍ତି । କିନ୍ତୁ ସେମାନଙ୍କୁ ନିମ୍ନତମ ମଜୁରି ଦିଆଯାଉଛି । ଏଥିରେ ସାମାଜିକ ନ୍ୟାୟ ରହିଲା କେଉଁଠି ?

ସମାଜର ପରିବର୍ତ୍ତନ ଘଟୁଛି । ଏ ପରିବର୍ତ୍ତନକୁ କ୍ଷିପ୍ରତର କରାଇବାକୁ ହେବ । ଗାଁଗହଳର ଗରିବ ଚାଷୀଠାରୁ ଧନ ଆଦାୟ କରି ସହରମାନଙ୍କରେ ବିଦ୍ୟାଳୟ, କଲେଜ ଓ ଅନ୍ୟାନ୍ୟ ସୁବିଧା ଯୋଗାଇବାର ପ୍ରଶ୍ନ ନାହିଁ । ସହରରୁ ଆଦାୟ ହେଉଥିବା ଟଙ୍କାରେହିଁ ସହରରେ ସୁବିଧା ଖଞ୍ଜିବାକୁ ହେବ । ସାମାଜିକ ନ୍ୟାୟର ନୀତିକୁ ସବୁଠାରେ ପ୍ରୟୋଗ କରିବାକୁ ହେବ । ଆମ୍ଭମାନଙ୍କୁ ଏ ବିଷୟ ପୁଣି ଥରେ ଚିନ୍ତା କରି ନୂଆ ମାନ ନିର୍ଦ୍ଧାରଣ କରିବାକୁ ପଡ଼ିବ ବୋଲି ସେ କହିଥିଲେ ।

ଗୋଟାଏ ଶ୍ରେଣୀର ଲୋକଙ୍କୁ ମେହେନ୍ତରଭାବେ ରଖାଯିବା ଅନୁଚିତ । ସବୁ ସହରରେ ସିଓରେଜ ବ୍ୟବସ୍ଥା ପ୍ରଚଳିତ ହେବା ଉଚିତ । ଉନ୍ନତ ଟ୍ରେଞ୍ଚମାନ ପ୍ରତିଷ୍ଠା କରାଯିବା ଆବଶ୍ୟକ । ଦରକାର ହେଲେ ଖୋଲା ବଜାରରୁ ଋଣ ସଂଗ୍ରହ କରାଯାଇପାରେ । ଏହି ଶ୍ରେଣୀର ଲୋକଙ୍କୁ ସାମାଜିକ ନ୍ୟାୟରୁ ଯେପରି ବଞ୍ଚିତ କରା ନ ଯାଏ, ତାହା ଦେଖିବା ତାଙ୍କର କର୍ତ୍ତବ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।



ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତବେଳେ ତାଙ୍କୁ ଗଞ୍ଜାମ ସୀମା ଲଙ୍ଗୁଳେଶ୍ୱରଠାରେ ଅଭ୍ୟର୍ଥନା କରାଯାଇଥିଲା ।
ମୁଖ୍ୟମନ୍ତ୍ରୀ ଅଭ୍ୟର୍ଥନାର ଉତ୍ତର ଦେଉଛନ୍ତି



ମୁଖ୍ୟମନ୍ତ୍ରୀ କଟକ-ଇଂଜିନିୟରିଂ ସ୍କୁଲରେ ଏକ ଶିଳ୍ପ-ପ୍ରଦର୍ଶନୀ ଉଦ୍‌ଘାଟନ କରୁଛନ୍ତି



ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟଠାରେ ଅନୁଷ୍ଠିତ ଲୋକସେବା ଏକ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀଙ୍କ ଭାଷଣ

# ଓଡ଼ିଆ କୃଷୀ ଗହଣରେ ରାଷ୍ଟ୍ରଦୂତ ଗାଲବ୍ରେଥ

କୁହୁଡା ଗ୍ରାମର ଉଦ୍ୟମମାନ କୃଷୀ ରତ୍ନାକର ପ୍ରଧାନ ନିଜ ଜମିରେ ଏକାଗ୍ର ମନରେ ଧାନଗଛ ପୋତୁଥାନ୍ତି । କେତେବେଳେ ତାଙ୍କ ନିକଟରେ କେତେ ଜଣ ଭାରତୀୟ ଓ ବିଦେଶୀ ପରିଦର୍ଶକମାନେ ଆସି ଛିଡ଼ାହେଲେଣି; ସେମାନଙ୍କପ୍ରତି ନଜର ନାହିଁ । ବିଦେଶୀ ପରିଦର୍ଶକମାନଙ୍କ ଦୃଷ୍ଟି ନିବଦ୍ଧ ଥିଲା ଶ୍ରୀ ପ୍ରଧାନଙ୍କ ଧାନଗଛ ରୋପଣ ଉପରେ ।

ଶ୍ରୀ ପ୍ରଧାନ ଭାବୁଥିଲେ, ଏପରି ଅନେକ ପରିଦର୍ଶକ ଆସନ୍ତି ଓ ସ୍ୱଳ୍ପକ୍ଷଣରେ ଟିକିଏ ଛିଡ଼ାହୋଇ ଚାଲିଯାନ୍ତି ! ଏମାନେ ମଧ୍ୟ ସେହିପରି ଯିବେ । ଶ୍ରୀ ପ୍ରଧାନଙ୍କ ସହିତ କୃଷିକାମ ସମ୍ବନ୍ଧରେ ଟିକିଏ ଖବର ନ ବୁଝି ଏମାନେ କିନ୍ତୁ ଚାଲିଯିବାର ପାତ୍ର ନୁହଁନ୍ତି । ସଙ୍ଗେ ସଙ୍ଗେ ଜଣେ ଦୀର୍ଘକାୟ ସୁଶ୍ରୀ ଯୁବକ ନିଜ ଗୋଡ଼ରୁ ଜୋତା ଖୋଲି କାଦୁଅ ଜମି ଆଡ଼କୁ ହସି ହସି ଆଗେଇ ଆସିଲେ ଓ ଜମି ମଝିରେ ପହଞ୍ଚି ଶ୍ରୀ ପ୍ରଧାନଙ୍କୁ ନମସ୍କାର ଜଣାଇଲେ ।

ଏହି ବନ୍ଧୁ ପରିଦର୍ଶକ ହେଉଛନ୍ତି ଭାରତସ୍ଥ ଆମେରିକାର ରାଷ୍ଟ୍ରଦୂତ ଜନ କେନେଥ ଗାଲବ୍ରେଥ । ସମ୍ପ୍ରତି ଓଡ଼ିଶା ପରିଦର୍ଶନବେଳେ ଏହି ଖ୍ୟାତନାମା ଅର୍ଥନୀତିବିତ୍ ଓଡ଼ିଆ କୃଷୀ ଶ୍ରୀ ପ୍ରଧାନଙ୍କ ସହିତ କଥାଭାଷା ହୋଇ ପ୍ରଚଳିତ ଧାନରୋପଣ ପଦ୍ଧତି, ବ୍ୟବହୃତ ହେଉଥିବା ସାର ଓ ଜମିରୁ ଉତ୍ପନ୍ନ ଦ୍ରବ୍ୟର ପରିମାଣ ଆଦି ବୁଝିଥିଲେ ।

ଶ୍ରୀ ପ୍ରଧାନ ଗଞ୍ଜର ହେଲେହେଁ ପ୍ରଗତିବାଦୀ । ନିକଟ ଭୁବନେଶ୍ୱର କୃଷିବିଦ୍ୟାଳୟର ସମ୍ପ୍ରସାରଣ ବିଭାଗଠାରୁ ଧାଡ଼ିରୁଆ ପଦ୍ଧତିର ଉପକାରିତା ହୃଦୟଙ୍ଗମ କରି ନିଜ ଜମିରେ ଏହି ପ୍ରଥାରେ ଧାନ ରୋଇବାକୁ ମନସ୍ଥ କଲେ ।

ଶ୍ରୀ ପ୍ରଧାନ ରାଷ୍ଟ୍ରଦୂତଙ୍କୁ କହିଲେ ଯେ ଏପରିକି ବିଚିତ୍ର ଜାପାନ ପ୍ରଣାଳୀଦ୍ୱାରା ଯେଉଁ ଶସ୍ୟ ଉତ୍ପନ୍ନ ହୁଏ, ତାହା ବର୍ଷକରୁ ୮ ମାସ ପର୍ଯ୍ୟନ୍ତ କୃଷୀମାନଙ୍କୁ ଖାଦ୍ୟ ଯୋଗାଏ । ବର୍ତ୍ତମାନ ଏହି ନୂଆ ପଦ୍ଧତି ଅନୁକରଣରେ ମୋର ଅଭିଜ୍ଞତା ହୋଇଛି ଯେ ବର୍ଷକର ଖାଦ୍ୟ ସ୍ୱଳ୍ପତା ପୂରଣ ହୋଇଯିବ ।

ଜମିକୁ ଉର୍ବର କରିବାକୁ ହେଲେ ଏଥିପାଇଁ ପ୍ରଥମେ ଧଣିଚା ବୁଣି ଓ ପରେ ଏହାକୁ କାଟି ଜମିରେ ପୋତିଦେଲେ ଉର୍ବରତା ବଢ଼ିଯାଏ । ଏହା କୃଷି ବିଶ୍ୱବିଦ୍ୟାଳୟ କୃଷୀମାନଙ୍କୁ ପୁନଃପୁନଃ ଉପଦେଶ ଦେଇଛି ବୋଲି ଶ୍ରୀ ପ୍ରଧାନ କହିଲେ ।

ରାଷ୍ଟ୍ରଦୂତ କହିଲେ ଯେ ଭାରତରେ ଆର୍ଥିକ ଉନ୍ନୟନ ଲାଗି ଆମେରିକା ପ୍ରଭୂତ ପରିମାଣରେ ବୈଦେଶିକ ସାହାଯ୍ୟ ଦେଇଛି ଓ ଭବିଷ୍ୟତରେ ଆହୁରି ଦେବ । ଶ୍ରୀ ପ୍ରଧାନଙ୍କ ପରି ପ୍ରଗତିଶୀଳ କୃଷୀ ଯଦି ପରମ୍ପରା ଲଙ୍ଘନ କରି ନୂଆ କୃଷି-ପଦ୍ଧତି ଅନୁସରଣ କରନ୍ତି, ତେବେ ସେମାନେ ଯେ କେବଳ ଲାଭବାନ ହେବେ ତାହା ନୁହେଁ, ଏହା ସମଗ୍ର ଜାତିକୁ ସମୃଦ୍ଧି-ପଥରେ ଆଗେଇନେବ ବୋଲି ରାଷ୍ଟ୍ରଦୂତ ଗାଲବ୍ରେଥ ଦୃଢ଼ ମତ ପ୍ରକାଶ କରିଥିଲେ ।

# ଆମ ରାଜ୍ୟ

## ଓଡ଼ିଶା ବିଧାନସଭାରେ ସଭ୍ୟମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ବିଭାଗୀୟ ମନ୍ତ୍ରୀମାନେ ଯେଉଁ ବିବରଣୀ ଉପସ୍ଥାପିତ କରିଥିଲେ ତହିଁରୁ ସଂଗୃହୀତ

### ସୁକିନ୍ଦା-ପାରାଦ୍ୱୀପ ରାସ୍ତା

ଲୁହାପଥର ପରିବହନ ନିମନ୍ତେ ସୁକିନ୍ଦାଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ ରାସ୍ତାର କାମ ୧୯୬୭ର ମଧ୍ୟଭାଗରେ ଶେଷ ହେବ ।

ଲୁହାପଥର ପରିବହନ ନିମନ୍ତେ ସୁକିନ୍ଦାଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଗୋଟିଏ ରାସ୍ତା ନିର୍ମାଣ କରିବା ନିମନ୍ତେ ସ୍ଥିର କରାଯାଇଛି । ଏକ ସଙ୍ଗରେ ଦୁଇଟି ମଟର ଯିବା ଓ ଦୁଇଟି ମଟର ଆସିପାରିବାଭଳି ସ୍ଥାନ ରଖି ଏହି ରାସ୍ତାଟି ଓସାର ହେବ ଓ ଏହା ସର୍ବଦା ଆଲକାତରା ରହିବ । ଏହି ରାସ୍ତାଟି ଦୈତାରୀଠାରୁ ଟମକା, କବାଟବନ୍ଧ, ଧାନମଣ୍ଡଳ, ବାଲିଚନ୍ଦ୍ରପୁର ଓ ମାର୍ଶାଘାଇ ଦେଇ ପାରାଦ୍ୱୀପ ପର୍ଯ୍ୟନ୍ତ ଯିବ । ଏହି ପରିଯୋଜନାରେ ଆନୁମାନିକ କେତେ ଟଙ୍କା ଖର୍ଚ୍ଚ ହେବ, ତାହାର ହିସାବ ପ୍ରସ୍ତୁତ କରାଯାଉଛି ।

---

### କ୍ଷୁଦ୍ରଶିଳ୍ପ କର୍ପୋରେସନ

ଓଡ଼ିଶା କ୍ଷୁଦ୍ରଶିଳ୍ପ କର୍ପୋରେସନ ନାମରେ ସରକାର ଚଳିତ ବର୍ଷ ଗୋଟିଏ କମ୍ପାନୀ ପ୍ରତିଷ୍ଠା କରିବାକୁ ସ୍ଥିର କରିଛନ୍ତି । କମ୍ପାନୀର ୫୦ ଲକ୍ଷ ଟଙ୍କା କ୍ଷମତା-ପ୍ରାପ୍ତ ମୂଳଧନ ରହିବ । କର୍ପୋରେସନର ପ୍ରଧାନ କାର୍ଯ୍ୟ ହେବ କଞ୍ଚାମାଲ ଉପାଦାନ ବ୍ୟବସ୍ଥା କରିବା । ଏହା ଜରିଆରେ କର୍ପୋରେସନ ଲୁହା, ଇସ୍ପାତ, ନନ୍‌ଫେରସ୍ ଧାତୁ ଆଦି ଶିଳ୍ପ ସଂପର୍କୀୟ କଞ୍ଚାମାଲ ସଂଗ୍ରହ କରିବ ଓ ସେଗୁଡ଼ିକ କ୍ଷୁଦ୍ରଶିଳ୍ପମାନଙ୍କୁ ବଣ୍ଟନ କରିବ । ସମୟକ୍ରମେ ଏହା ମଧ୍ୟ କ୍ଷୁଦ୍ରଶିଳ୍ପଗୁଡ଼ିକର ପ୍ରସ୍ତୁତ ଜିନିଷମାନ ବିକ୍ରୟ କରିବାକୁ ବିକ୍ରୟାଳୟମାନ ଖୋଲିପାରେ ଓ ସରକାରୀ ବିଭାଗଗୁଡ଼ିକୁ ଜିନିଷ ଯୋଗାଇବା ନିମନ୍ତେ ମୋଟା ଫର୍ମାସିମାନ ସଂଗ୍ରହ କରିବା ଓ କ୍ଷୁଦ୍ରଶିଳ୍ପ ସଂସ୍ଥାଗୁଡ଼ିକୁ ଅର୍ଡ଼ର ଦେବାପାଇଁ ଏଜେଣ୍ଟରୂପେ କାର୍ଯ୍ୟ କରିପାରେ ।

---

### ଓଡ଼ିଶାରେ ନିଶାନିବାରଣ

ନିଶାନିବାରଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣଭାବେ କାର୍ଯ୍ୟକାରୀ କରିବାକୁ ହେଲେ ଅବକାରୀ ଦ୍ରବ୍ୟର ବେଆଇନ ବ୍ୟବସାୟକୁ ବନ୍ଦ କରିବାକୁ ହେବ । ରାଜ୍ୟ ମଧ୍ୟରେ ଅବୈଧ ଅଫିମ ବିକ୍ରୟକୁ ନିୟନ୍ତ୍ରଣ କରିବାପାଇଁ ସରକାରୀ ବିକ୍ରୟ କେନ୍ଦ୍ର ଜରିଆରେ ଅଫିମ ବିକ୍ରୟ କରାଯାଉଛି ଏବଂ ତା ୧-୧୧-୬୦ଠାରୁ ତୋଳାପ୍ରତି ଅଫିମର ଦାମ ଟ୧୦ରୁ ଟ୬୦କୁ କମାଇ ଦିଆଯାଇଛି । ସୀମାନ୍ତବର୍ତ୍ତୀ ପ୍ରଦେଶମାନଙ୍କରୁ ଅବକାରୀ ଦ୍ରବ୍ୟର ଚୋରା ଚାଲାଣ ବନ୍ଦ କରିବାପାଇଁ କର୍ମଚାରୀ ନିଯୁକ୍ତ ହୋଇଛନ୍ତି । ବେଆଇନଭାବରେ ପ୍ରସ୍ତୁତ ଓ ବିକ୍ରୟ କରାଯାଉ-

ଥିବା ଅବକାରୀ ଦ୍ରବ୍ୟକୁ ବନ୍ଦ କରିବାପାଇଁ ଏବଂ ନିଶାନିବାରଣକୁ ଫଳପ୍ରଦ କରିବାରେ ସାହାଯ୍ୟ କରିବାପାଇଁ ଗଞ୍ଜାମ ଓ ବାଲେଶ୍ୱର ଜିଲ୍ଲାରେ ପୋଲିସ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ଏ ସମସ୍ତ ବ୍ୟକ୍ତି ଏପରି ବେଆଇନ କାର୍ଯ୍ୟକଳାପ ସଂପର୍କରେ ଖବର ସଂଗ୍ରହ କରିପାରିବା ସକାଶେ ଓ ଅପରାଧୀମାନଙ୍କୁ ଧରିବାପାଇଁ ଅବକାରୀ ଇଣ୍ଟେଲିଜେନ୍ସ ବ୍ୟୁରୋ ରହିଛି। ଏହି ବେଆଇନ ବ୍ୟବସାୟ ସଂପର୍କରେ ଅଧିକ ସଚେତନ ରହିବାପାଇଁ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ-ମାନଙ୍କୁ ବୋର୍ଡ଼ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂପର୍କରେ ନିଶାନିବାରଣ ତଦନ୍ତ କମିଟିର ସୁପାରିଶକୁ ଅପେକ୍ଷା କରାଯାଉଛି।

ଏହା ବ୍ୟତୀତ ବିହାର-ଓଡ଼ିଶା ଅବକାରୀ ଆଇନ ୧୯୧୫ର ୪୭ ଦଫା ଅନୁଯାୟୀ ବେଆଇନ ମଦ ତିଆରି କାର୍ଯ୍ୟ ଦଣ୍ଡନୀୟ ଅଟେ। ଗଞ୍ଜାମ ଜିଲ୍ଲାରେ ଏ ଧରଣର କାର୍ଯ୍ୟକୁ ଧରିବାପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରାଜ୍ୟ ମଧ୍ୟରେ ବିଦେଶୀ ମଦକୁ ନିଷେଧ କରିବାଭଳି କୌଣସି ପରିକଳ୍ପନା ପ୍ରସ୍ତୁତ ହୋଇନାହିଁ।

## ଓଡ଼ିଶାର ତୃତୀୟ ପଞ୍ଚବାର୍ଷିକ ଯୋଜନା

ଓଡ଼ିଶାର ତୃତୀୟ ପଞ୍ଚବାର୍ଷିକ ଯୋଜନା ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ରାଜ୍ୟପାଳଙ୍କ ଭାଷଣରେ ଯେଉଁ ସମସ୍ତ ସୂଚନା ଦିଆଯାଇଛି, ତଦନୁଯାୟୀ ଏହାର ପରୀକ୍ଷା କରାଯାଉଛି।

ଏହି ଯୋଜନାରେ ବିନିଯୋଗ କରାଯାଉଥିବା ସର୍ବମୋଟ ୧୬୦ କୋଟି ଟଙ୍କାରୁ ରାଜସ୍ୱ ବାବଦରେ ୫୭.୧୧ କୋଟି ଟଙ୍କା ଏବଂ ମୂଳଧନ ବାବଦରେ ୧୦୨.୮୯ କୋଟି ଟଙ୍କା ବ୍ୟୟ ହେବ। ଭାରତ ସରକାର ସର୍ବମୋଟ ୧୩୨ କୋଟି ଟଙ୍କା ଦେବାକୁ ସ୍ୱୀକୃତ ହୋଇଛନ୍ତି ଓ ଅବଶିଷ୍ଟ ୨୮ କୋଟି ଟଙ୍କା ରାଜ୍ୟ ସରକାର ବହନ କରିବେ। କେନ୍ଦ୍ର ସରକାର ଦେଉଥିବା ଅର୍ଥରୁ କେତେ ପରିମାଣରେ ସାହାଯ୍ୟ ଆକାରରେ ଓ କେତେ ପରିମାଣରେ ଋଣ ଆକାରରେ ଦେଉଛନ୍ତି, ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ବର୍ତ୍ତମାନ ସୁଦ୍ଧା ଏହା ଯୋଜନା କମିଶନଙ୍କ ବିଚାରାଧୀନ ଅଛି। ରାଜ୍ୟ ସରକାର ରାଜସ୍ୱ ବାବଦରୁ ଓ ମୂଳଧନ ବାବଦରୁ କେଉଁ ପରିମାଣରେ ଅର୍ଥ ସଂଗ୍ରହ କରିବେ କିମ୍ବା ଅନ୍ୟପକ୍ଷରେ ରାଜସ୍ୱ ଓ ଋଣ ଆକାରରେ କେତେ ଅର୍ଥ ଉଠାଇବେ, ତାହା ଯୋଜନା କମିଶନର ନିଷ୍ପତ୍ତି ଉପରେ ନିର୍ଭର କରୁଛି। ରାଜ୍ୟ ସରକାର ଟିକସ ଜରିଆରେ ଅଧିକା ରାଜସ୍ୱ ଆକାରରେ ୨୩ କୋଟି ଟଙ୍କା, ଋଣ ଆକାରରେ ୩୨.୫୦ କୋଟି ଟଙ୍କା, ଖୋଲା ବଜାରରୁ ଋଣ ଆକାରରେ ୨୫ କୋଟି ଟଙ୍କା ଓ ସ୍ୱଳ୍ପ ସଞ୍ଚୟ ଯୋଜନାରୁ ୮.୫ କୋଟି ଟଙ୍କା ଉଠାଇବେ ବୋଲି ଅସ୍ଥାୟୀ ଭାବେ ସ୍ଥିର କରାଯାଇଛି।

## ଅର୍ଥକରୀ ଫସଲ ପାଗେଇବା ନିମନ୍ତେ ଶିଳ୍ପ

ରାଜ୍ୟରେ ଉତ୍ପାଦିତ ହେଉଥିବା ଆଖୁ ତୁଳା ଏବଂ ତୈଳବୀଜକୁ ପାଗେଇବା ନିମନ୍ତେ ଶିଳ୍ପମାନ ପ୍ରତିଷ୍ଠା କରିବାପାଇଁ ଗୋଟିଏ ପ୍ରସ୍ତାବ ଅଛି। କେତେ ସଂଖ୍ୟାରେ ଏହି ଧରଣର ଶିଳ୍ପ କେଉଁ କେଉଁ ସ୍ଥାନରେ ପ୍ରତିଷ୍ଠା କରାଯିବ, ସେ ସଂପର୍କରେ ସରକାର ଗୁରୁତ୍ୱ-ସହକାରେ ବିଚାର କରୁଛନ୍ତି।

## ଗ୍ରାମ୍ୟ ଶିଳ୍ପାଞ୍ଚଳ

୧୯୬୧ ମଧ୍ୟରେ ରାଜ୍ୟରେ ଗ୍ରାମ୍ୟ ଶିଳ୍ପାଞ୍ଚଳମାନ ପ୍ରତିଷ୍ଠା କରିବାକୁ ସରକାର ସ୍ଥିର କରିଛନ୍ତି। ବାଇଦୋ ଓ ଢେଙ୍କାନାଳଠାରେ ଆରମ୍ଭ ହୋଇଥିବା ୨ଟି ଶିଳ୍ପାଞ୍ଚଳର କାର୍ଯ୍ୟ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଶେଷ ହେବ। ଯାଜପୁରରୋଡ଼, ସାକ୍ଷୀଗୋପାଳ, ଅସ୍କା,

ଭବାନୀପାଟଣା, ସମ୍ବଲପୁର, ରାୟଗଡ଼ା, ତାଳଚେର ଏବଂ ତିତିଲାଗଡ଼ଠାରେ ଅଥବା ୮ଟି ଶିଳ୍ପାଞ୍ଚଳ ପ୍ରତିଷ୍ଠା କରାଯିବ ।

---

## ବିକ୍ରି-କର

୧୯୬୦-୬୧ ଆର୍ଥିକ ବର୍ଷ ମଧ୍ୟରେ ଆଳୁ, ପିଆଜ, ଜାଳେଣି କାଠ ଏବଂ ଧାନ ବାବଦରୁ ନିମ୍ନ ପରିମାଣର ବିକ୍ରି-କର ଆଦାୟ କରାଯାଇଥିଲା :—

| | |
|---|---|
| ଆଳୁ ଓ ପିଆଜ | ଟ ୨,୨୧,୦୧୩.୭୫ ନୂ: ପ: |
| ଜାଳେଣି କାଠ | ଟ ୪୬,୦୮.୨୨ ନୂ: ପ: |
| | ଟ ୩୬୮.୦୦ ନୂ: ପ: (କେନ୍ଦ୍ର ବିକ୍ରି-କର) |
| ଚାଉଳ ଓ ଧାନ | ଟ ୧୦,୫୪,୯୩୬.୯୭ ନୂ: ପ: (କେନ୍ଦ୍ର ଟିକସ) |
| | ଟ ୮,୬୧,୬୩୬.୦୮ ନୂ: ପ: (କ୍ରୟ ଟିକସ) |

ଆଳୁ ଏବଂ ପିଆଜ କିମ୍ବା ଚାଉଳ ଓ ଧାନ ବାବଦରୁ ଅଲଗା ଅଲଗା କେତେ ବିକ୍ରି-କର ମିଳିଥିଲା, ତାର ହିସାବ ମିଳିନାହିଁ । ଟିକସ ଧାର୍ଯ୍ୟ ନିମନ୍ତେ ଖୁଦକୁ ମଧ୍ୟ ଚାଉଳର ଅନ୍ତର୍ଭୁକ୍ତ କରାଯାଇଛି ।

---

## ନୋଟିଫାଏଡ୍ ଏରିଆ କାଉନସିଲଗୁଡ଼ିକରେ ନିର୍ବାଚନ ପ୍ରବର୍ତ୍ତନ

ଓଡ଼ିଶାର ସ୍ୱାୟତ୍ତଶାସନ ଅନୁଷ୍ଠାନଗୁଡ଼ିକୁ ଦୃଢ଼ଭାବେ ପ୍ରତିଷ୍ଠା କରିବା ନିମନ୍ତେ ପ୍ରଥମ ଅବସ୍ଥାରେ ସରକାରୀ କର୍ମଚାରୀମାନଙ୍କର ସାହାଯ୍ୟ ଆବଶ୍ୟକ ବୋଲି ବିଚାର କରାଯାଉଥିବାରୁ ଏପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ସଭ୍ୟମାନଙ୍କୁ ନେଇ ନୋଟିଫାଏଡ୍ ଏରିଆ କାଉନ୍‌ସିଲ୍‌ମାନ ଗଠିତ ହୋଇଥିଲା । ୧୯୫୮ ମସିହାରେ ସ୍ୱାୟତ୍ତଶାସନ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ମନୋନୟନ କରିବା ମତର ସମାଲୋଚନା କରାଯାଇଥିଲା । ସେହି ଦିନଠାରୁ ଗଣତାନ୍ତ୍ରିକ ପଦ୍ଧତିରେ ପ୍ରତିନିଧି ବାଛିବା ସଂପର୍କ-ର ରାଜ୍ୟଗୁଡ଼ିକ ଏକ ମୋଟାମୋଟି ମତ ଗ୍ରହଣ କରିଥିଲେ । ଜିଲା ପରିଷଦ ଓ ପଞ୍ଚାୟତ ସମିତିମାନ ଗଣତାନ୍ତ୍ରିକ ପଦ୍ଧତିରେ ଗଠିତ ହୋଇଥିବାରୁ ବର୍ତ୍ତମାନ ନୋଟିଫାଏଡ୍ ଏରିଆ କାଉନ୍‌ସିଲ୍‌ଗୁଡ଼ିକୁ ସଭ୍ୟ ମନୋନୟନ କରିବା ସ୍ପୃହଣୀୟ ବୋଲି ବିବେଚିତ ହେଉନାହିଁ । ତେଣୁ ସରକାରଙ୍କର ସ୍ୱାସ୍ଥ୍ୟ (ସ୍ୱାୟତ୍ତ-ଶାସନ) ବିଭାଗ ସ୍ଥିର କରିଛନ୍ତି ଯେ ୧୯୫୦ ମସିହା ଓଡ଼ିଶା ମ୍ୟୁନିସିପାଲ ଆଇନର ବ୍ୟବସ୍ଥା ଅନୁଯାୟୀ ଯେତେ ଶୀଘ୍ର ସମ୍ଭବ ନୋଟିଫାଏଡ୍ ଏରିଆଗୁଡ଼ିକରେ ମନୋନୀତ ସଭ୍ୟମାନଙ୍କ ପରିବର୍ତ୍ତେ ନିର୍ବାଚିତ ସଭ୍ୟ ରହିବେ । ଆସନ୍ତା ନିର୍ବାଚନକୁ ଦୃଷ୍ଟି ସମ୍ମୁଖରେ ରଖି ନିର୍ବାଚନ ପଦ୍ଧତିର ଚୂଡ଼ାନ୍ତ ନିଷ୍ପତ୍ତି ପୂର୍ବରୁ ସରକାର ବର୍ତ୍ତମାନ ଅସ୍ଥାୟୀକାଳ ପର୍ଯ୍ୟନ୍ତ କେତେକ ନୋଟିଫାଏଡ୍ ଏରିଆ କାଉନ୍‌ସିଲ୍‌ର କାର୍ଯ୍ୟକାଳ ବୃଦ୍ଧି କରିଛନ୍ତି । ନୋଟିଫାଏଡ୍ ଏରିଆ କାଉନ୍‌ସିଲ୍‌ର କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଅପରନ୍ତୁ ପ୍ରତ୍ୟେକ ନୋଟିଫାଏଡ୍ ଏରିଆର ନିର୍ବାଚନ ସଂପର୍କୀୟ ଅତିରିକ୍ତ ବ୍ୟବସ୍ଥାମାନ ଲିପି କରି ଗୋଟିଏ ନୋଟିଫିକେସନ୍ ପ୍ରକାଶିତ ହେବ । ରାଜ୍ୟର ମ୍ୟୁନିସିପାଲିଟି କ୍ଷେତ୍ରରେ ଯେପରି ହୋଇଛି, ସେହିପରି ନୋଟିଫାଏଡ୍ ଏରିଆଗୁଡ଼ିକର ନିର୍ବାଚନ ସମ୍ପର୍କରେ ଆବଶ୍ୟକୀୟ ପ୍ରାଥମିକ କାର୍ଯ୍ୟମାନ କରିବା ପାଇଁ ଯଥେଷ୍ଟ ସମୟ ଦିଆଯିବ । ୧୯୬୧ ନଭେମ୍ବର ପରେ ଯେଉଁ ନୋଟିଫାଏଡ୍ ଏରିଆ କାଉନସିଲ-ଗୁଡ଼ିକର କାର୍ଯ୍ୟକାଳ ଶେଷ ହେଉଥିବ, ସେଠାରେ ନିର୍ବାଚନ କରାଇବା ସମ୍ଭବପର ହେବ । ବର୍ତ୍ତମାନ ରାଜ୍ୟରେ ୨୭ଟି ନୋଟିଫାଏଡ୍ ଏରିଆ କାଉନ୍‌ସିଲ ରହିଛି ଏବଂ ସେଥିମଧ୍ୟରୁ ୧୬ଟି କାଉନ୍‌ସିଲକୁ ପୁନର୍ଗଠନ କରିବାର ପ୍ରସ୍ତାବ ଅଛି ।

---

## ମୁଖ୍ୟମନ୍ତ୍ରୀଙ୍କ ବନ୍ୟାସାହାଯ୍ୟ ପାଣ୍ଠି

ଗତ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ବନ୍ୟାସାହାଯ୍ୟ-ପାଣ୍ଠିକୁ ଟ ୧,୬୯,୭୧୬.୮୭ ନ. ପ. ଓ ୭ ଗଣ୍ଠି ଲୁଗା ମିଳିଛି । ଏପର୍ଯ୍ୟନ୍ତ ବନ୍ୟାପ୍ରପୀଡ଼ିତ ଲୋକଙ୍କୁ ଟ ୭, ୭୮୬ ଦିଆଯାଇଛି ଓ ଅବଶିଷ୍ଟ ଟ ୧,୬୧,୯୩୦.୮୭ ନ. ପ. ମୁଖ୍ୟମନ୍ତ୍ରୀଙ୍କ ବନ୍ୟାସାହାଯ୍ୟ ପାଣ୍ଠିରେ ଜମା ଅଛି ।

---

## ଟିକରପଡ଼ା ନଦୀବନ୍ଧଦ୍ୱାରା ୨୦ଲକ୍ଷ କିଲୋୱାଟ ବିଦ୍ୟୁତ୍‌ଶକ୍ତି ଉତ୍ପାଦିତ ହେବ

୨୦୦ କୋଟି ଟଙ୍କା ବ୍ୟୟରେ ପ୍ରସ୍ତାବିତ ଟିକରପଡ଼ା ନଦୀବନ୍ଧଦ୍ୱାରା ୨୦ ଲକ୍ଷ କିଲୋୱାଟ ବିଦ୍ୟୁତ୍‌ଶକ୍ତି ଉତ୍ପାଦିତ ହେବ । ତାଦ୍ୱାରା ପ୍ରତି ୧୦୦ କିଲୋୱାଟ ବିଦ୍ୟୁତ୍‌ଶକ୍ତିର ମୂଲ୍ୟ ୩୦୦ ଟଙ୍କା ହିସାବରେ ଏହାଦ୍ୱାରା ବର୍ଷକୁ ୬୦ କୋଟି ଟଙ୍କା ଆୟ ହୋଇପାରିବ ।

---

## ଓଡ଼ିଶାରେ ସହାୟିକା ନର୍ସ-ଧାଈମାନଙ୍କୁ ତାଲିମ ଦେବା ବ୍ୟବସ୍ଥା

ତୃତୀୟ ଯୋଜନା କାଳ ମଧ୍ୟରେ ଓଡ଼ିଶାରେ ସ୍ଥାପିତ ହେବାକୁ ଯାଉଥିବା ବହୁଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ୧୨୨୮ ଜଣ ତାଲିମପ୍ରାପ୍ତ ସହାୟିକା-ନର୍ସ-ଧାଈ ନିଯୁକ୍ତ କରାଯିବାପାଇଁ ପ୍ରସ୍ତାବ ରଖାଯାଇଛି । ରାଜ୍ୟରେ ପ୍ରତିଷ୍ଠିତ ହୋଇଥିବା ବହୁଳ ତାଲିମ କେନ୍ଦ୍ରମାନଙ୍କରୁ ଆବଶ୍ୟକୀୟ ତାଲିମପ୍ରାପ୍ତ କର୍ମଚାରୀ ମିଳି ପାରିବେ । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଏହିଭଳି ଆଠଟି ତାଲିମ କେନ୍ଦ୍ର ଖୋଲାଯାଇଛି । ସେହି ତାଲିମ କେନ୍ଦ୍ରଗୁଡ଼ିକ ପୁରୀ, ବ୍ରହ୍ମପୁର, ବାରିପଦା, ବାଲେଶ୍ୱର, ବଲାଙ୍ଗୀର, କଟକ, ଭୁବନେଶ୍ୱର ଓ ହୁସକୁଦଠାରେ ସ୍ଥାପନ କରାଯାଇଛି । ପଞ୍ଚମ କିମ୍ବା ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିବା ସ୍ତ୍ରୀମାନେ ଏହି ତାଲିମ ପାଇବା ନିମନ୍ତେ ହକ୍‌ଦାର ଅଟନ୍ତି । ଷ୍ଟୋସ୍ଥିର ପଦ୍ଧତିରେ ପ୍ରଚାରଣ କ୍ରମେ ଏହି ତାଲିମ ନିମନ୍ତେ ଶିକ୍ଷାର୍ଥିନୀମାନଙ୍କୁ ବଛାଯିବ ।

ଏହା ଦୁଇବର୍ଷିଆ ତାଲିମ ପାଠ୍ୟକ୍ରମ ଅଟେ । ମନୋନୀତ ଶିକ୍ଷାର୍ଥିନୀମାନଙ୍କୁ ତାଲିମକାଳ ମଧ୍ୟରେ ମାସିକ ଟ ୪୦ଙ୍କା ହିସାବରେ ବୃତ୍ତି ଦିଆଯିବ । ପୋଷାକ ଓ ହଷ୍ଟେଲରେ ରହିବା ସୁବିଧା ମଧ୍ୟ ଯୋଗାଇ ଦିଆଯିବ । କୃତିତ୍ୱସହକାରେ ତାଲିମ ପାଠ୍ୟକ୍ରମ ସମ୍ପୂର୍ଣ୍ଣ କଲାପରେ ଶିକ୍ଷାର୍ଥୀନୀଙ୍କୁ ସହାୟିକା ନର୍ସ-ଧାଈରୂପେ ମାସିକ ଦରମା ଟ ୯୫-୩-୧୧୦-୧୨୦ ଦକ୍ଷତା ପ୍ରତିବନ୍ଧ-୫-୧୩୫ ଓ ମହଙ୍ଗା ଭତ୍ତା ଟ ୧୦୯ ଦିଆଯାଇ ନିଯୁକ୍ତ କରାଯିବ ।

---

## ଯୁଦ୍ଧଫେରନ୍ତା ସୈନିକ ସଂଗ୍ରହ ବ୍ୟବସ୍ଥା

ଦେଶରକ୍ଷା ନଗରପାଳ ବାହିନୀ ଓ ଲୋକସହାୟକ ସେନା ସଙ୍ଗେ ସଂଯୁକ୍ତଥିବା ସ୍ଥାୟୀ କର୍ମଚାରୀମାନଙ୍କ ମଧ୍ୟରେ ଯୁଦ୍ଧଫେରନ୍ତା ବ୍ୟକ୍ତି ମାନଙ୍କ ସ୍ୱଳ୍ପତା ବର୍ତ୍ତମାନ ସୁଦ୍ଧା ରହିଛି ।

ଅନ୍ୟୁନ ଦୁଇବର୍ଷ ସର୍ଭିସ କରିଥିବା ବୟସ ୪୦ ବର୍ଷ ହୋଇଥିବା ଓ ଉତ୍ତମ ସ୍ୱାସ୍ଥ୍ୟବାନ ହୋଇଥିବା ଯୁଦ୍ଧଫେରନ୍ତା ବ୍ୟକ୍ତିମାନେ ଉପର୍ଯ୍ୟୁକ୍ତ ସୈନ୍ୟବାହିନୀ ଓ ରେଜିମେଣ୍ଟରେ ନାମ ଲେଖାଇ ଯୋଗଦେବାପାଇଁ ହକ୍‌ଦାର ଅଟନ୍ତି । ସେମାନଙ୍କ କାର୍ଯ୍ୟକାଳ ୩ ବର୍ଷରୁ ୫ ବର୍ଷ । ଆହୁରି କାର୍ଯ୍ୟ ସମୟ ବୃଦ୍ଧି କରାଯାଇପାରେ । ସେମାନଙ୍କ ଶରୀରର ଉଚ୍ଚତା, ଛାତିର ମାପ ଏବଂ ଶରୀରର ଓଜନ ନିମ୍ନଲିଖିତ ମତେ ରହିବା ଆବଶ୍ୟକ:—

ଉଚ୍ଚତା—ଫୁ ୫-୦; ଛାତିରେ ମାପ—୩୧.୩୩ ଏବଂ ଓଜନ—୧୦୫ ପାଉଣ୍ଡ ।

---

## ତୃତୀୟ ଯୋଜନାକାଳରେ ଇଞ୍ଜିନିୟରିଂ କଲେଜ ବ୍ୟବସ୍ଥା

ତୃତୀୟ ଯୋଜନା କାଳରେ ଗୋଟିଏ ଇଞ୍ଜିନିୟରିଂ କଲେଜ ଓ ଦୁଇଟି ପଲିଟେକନିକ୍ ଅନୁଷ୍ଠାନ ଓଡ଼ିଶାରେ ସ୍ଥାପନ କରାଯିବ । କଲେଜଟି ଆଞ୍ଚଳିକ ଅନୁଷ୍ଠାନରୂପେ ସ୍ଥାପିତ ହେବ ।

ଦୁଇଟି ପଲିଟେକନିକ୍ ଏବଂ ଗୋଟିଏ ଆଞ୍ଚଳିକ ଇଞ୍ଜିନିୟରିଂ କଲେଜ ସ୍ଥାପନ କରିବା ନିମନ୍ତେ ଭାରତ ସରକାର ଅନୁମୋଦନ କରିଛନ୍ତି ।

---

## ସାଲିଆ ବନ୍ଧ ପରିକଳ୍ପନା

ସାଲିଆ ବନ୍ଧ ପରିକଳ୍ପନାରେ ମୋଟ ୭୯·୬୮ ଲକ୍ଷ ଟଙ୍କାରୁ ୧୩,୩୧,୭୬୭ ଟଙ୍କା ଖର୍ଚ୍ଚ ହୋଇସାରିଛି ଓ ଅବଶିଷ୍ଟ ୫୭,୫୭,୨୩୩ ଟଙ୍କା ଖର୍ଚ୍ଚ କରାଯିବାପାଇଁ ଗଚ୍ଛିତ ଅଛି ।

ତୃତୀୟ ପଞ୍ଚବାର୍ଷିକ ଯୋଜନା ଶେଷସୁଦ୍ଧା ଏ ପରିକଳ୍ପନାଟି ସମ୍ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି ।

---

## ଓଡ଼ିଶାରେ ବିଦ୍ୟାଳୟ ଉଦ୍ୟାନ ପ୍ରତିଯୋଗିତା

ସଂପ୍ରସାରିତ ପୁଷ୍ଟି କାର୍ଯ୍ୟକ୍ରମକୁ ରୂପାୟିତ କରାଯାଉଥିବା ୩୨ ଗୋଟି ବ୍ଲକରେ ବିଦ୍ୟାଳୟ ଉଦ୍ୟାନ ପ୍ରତିଯୋଗିତା ପରିକଳ୍ପନାକୁ ୧୯·୧·୬୨ରେ କାର୍ଯ୍ୟକାରୀ କରାଯିବ । ସଂପ୍ରସାରିତ ପୁଷ୍ଟି କାର୍ଯ୍ୟକ୍ରମ ଅନୁଯାୟୀ ଯେକୌଣସି ବିଦ୍ୟାଳୟ ଏହି ପ୍ରତିଯୋଗିତାରେ ଯୋଗଦେଇପାରିବେ ।

ସମ୍ପୃକ୍ତ ବ୍ଲକ୍‌ଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା:—

ସମ୍ବଲପୁର ଜିଲ୍ଲା—ବରପାଲି, ଝାରସୁଗୁଡ଼ା, ଲଇକେରା-୨, ଜୈନକଳସ, ପଦ୍ମପୁର ।

କଳାହାଣ୍ଡି ଜିଲ୍ଲା—କାଶୀପୁର, ଜଢ଼ଅଲ ।

ଗଞ୍ଜାମ ଜିଲ୍ଲା—ଖଲିକୋଟ, ଟିକାବାଲି, ଦିଗପହଣ୍ଡି ।

କୋରାପୁଟ ଜିଲ୍ଲା—ନବରଙ୍ଗପୁର, ବୋରିଗୁମା, ଉମରକୋଟ ।

ବଲାଙ୍ଗୀର ଜିଲ୍ଲା—ପାଟଣାଗଡ଼, ଟିଟିଲାଗଡ଼ ।

ମୟୂରଭଞ୍ଜ ଜିଲ୍ଲା—କପ୍ତିପଦା, ରାରୁଆଁ ।

କେନ୍ଦୁଝର ଜିଲ୍ଲା—ଆନନ୍ଦପୁର, ଘଟଗାଁ ।

କଟକ ଜିଲ୍ଲା—ବାଙ୍କି, ଧର୍ମଶାଳା, ସାଲେପୁର ।

ପୁରୀ ଜିଲ୍ଲା—ଭୁବନେଶ୍ୱର, ଦେଲାଙ୍ଗ ।

ବାଲେଶ୍ୱର ଜିଲ୍ଲା—ପିପିଲି, ନୀଳଗିରି, ସୋରୋ ।

ଢେଙ୍କାନାଳ ଜିଲ୍ଲା—ଆଠମଲ୍ଲିକ, କାମାକ୍ଷାନଗର ।

ସୁନ୍ଦରଗଡ଼ ଜିଲ୍ଲା—ଗଜନଗର, ପୂର୍ବ-ବଣାଇ ।

ଫୁଲବାଣୀ ଜିଲ୍ଲା—ଜି· ଉଦୟଗିରି ।

ଏହି ପ୍ରତିଯୋଗିତାରେ ଯୋଗଦେବାକୁ ଇଚ୍ଛା କରୁଥିବା ବିଦ୍ୟାଳୟ କିମ୍ବା ବ୍ୟକ୍ତିଗତଭାବେ କୌଣସି ଛାତ୍ର କିମ୍ବା ଛାତ୍ରଗୋଷ୍ଠୀ ନିର୍ଦ୍ଧାରିତ ଫର୍ମରେ ପ୍ରତିବର୍ଷ ଜୁଲାଇ ୧ ତାରିଖ ସୁଦ୍ଧା ସମ୍ପୃକ୍ତ ବ୍ଲକ୍ ଉନ୍ନୟନ ଅଫିସରଙ୍କ ନିକଟକୁ ଦରଖାସ୍ତ କରିବା ଆବଶ୍ୟକ । ଶୀତ ଓ ବର୍ଷା ଋତୁର ପନିପରିବା ଫସଲ ବିବରଣୀ ଦରଖାସ୍ତରେ ସ୍ପଷ୍ଟ ଦର୍ଶାଇବା ଉଚିତ । ଦରଖାସ୍ତ ସହିତ ବିଦ୍ୟାଳୟ ଉଦ୍ୟାନ ନକ୍ସାର ଏକ କପି ସଂଲଗ୍ନ କରାଯିବା ଉଚିତ ।

ଓଡ଼ିଶାରେ ବିଦ୍ୟାଳୟ ଉଦ୍ୟାନ ପ୍ରତିଯୋଗିତା ସମ୍ପର୍କରେ ବିସ୍ତୃତ ବିବରଣୀ ସମ୍ପୃକ୍ତ ବ୍ଲକ୍ ଉନ୍ନୟନ ଅଫିସର କିମ୍ବା ଜିଲ୍ଲା ସ୍କୁଲ ପରିଦର୍ଶକଙ୍କ ଅଫିସରେ ଦେଖିବାକୁ ମିଳିପାରିବ ।

---

## ନୂତନ ପ୍ରାଥମିକ ବିଦ୍ୟାଳୟ

ଚଳିତ ବର୍ଷ ନୂତନଭାବେ ଖୋଲାଯାଉଥିବା ୧,୦୦୦ ଗୋଟି ପ୍ରାଥମିକ ବିଦ୍ୟାଳୟପାଇଁ ୩,୦୦୦ ପ୍ରାଥମିକ ସ୍କୁଲ ଶିକ୍ଷକ ନିଯୁକ୍ତ କରାଯିବା ସକାଶେ ଓଡ଼ିଶା ସରକାର ମଞ୍ଜୁରି ପ୍ରଦାନ କରିଛନ୍ତି ।

---

## ଓଡ଼ିଶାରେ ଦ୍ୱିତୀୟ କୃଷି ମହାବିଦ୍ୟାଳୟ

ବର୍ତ୍ତମାନ ଭୁବନେଶ୍ୱରରେ ଥିବା କୃଷି ମହାବିଦ୍ୟାଳୟ ବ୍ୟତୀତ ଓଡ଼ିଶାରେ ଆଉ ଗୋଟିଏ କୃଷି ମହାବିଦ୍ୟାଳୟ ସ୍ଥାପନ କରାଯିବା ପ୍ରଶ୍ନ ସରକାରଙ୍କ ବିଚାରାଧୀନ ଅଛି ।

ଏ ବିଷୟରେ ନିଷ୍ପତ୍ତି ଗ୍ରହଣ କରାଯିବାପରେ ଏହି ପ୍ରସ୍ତାବିତ ମହାବିଦ୍ୟାଳୟଟି କେଉଁଠାରେ ସ୍ଥାପନ କରାଯିବ ଓ କେଉଁ ଦିନଠାରୁ ଆରମ୍ଭ କରାଯିବ, ସେ ସମ୍ପର୍କରେ ବିଚାର କରାଯିବ ।

---

## ଓଡ଼ିଶାରେ ମାଛଯାଆଁଳ ସଂଗ୍ରହ

୧୯୬୧ ଜୁଲାଇ ୧୨ ତାରିଖଠାରୁ ମହାନଦୀରେ ଯାଆଁଳମଛ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇ ୫ ଦିନ-ଚାଲୁରହିଥିଲା । ରାଜ୍ୟର ବିଭିନ୍ନ କେନ୍ଦ୍ରରୁ ଏ ବର୍ଷ ୨୫୦୦ ଗାଗ ଯାଆଁଳ ମିଳିବାର ଆଶା କରାଯାଉଥିବା ସ୍ଥଳେ ଏପର୍ଯ୍ୟନ୍ତ ମାତ୍ର ୭୦୦ ଗାଗ ମିଳିଛି । ନଦୀରେ ହଠାତ୍ ନୂଆ ଓ ଅଧିକ ପାଣି ଲାଗିରହିଥିବାଯୋଗୁଁ ଯାଆଁଳ ସଂଗ୍ରହ ପକ୍ଷେ ପ୍ରତିକୂଳ ଅବସ୍ଥା ସୃଷ୍ଟି ହୋଇଛି । ବ୍ରାହ୍ମଣୀ ନଦୀର ବନ୍ୟା ଯାଆଁଳ ସଂଗ୍ରହ କାର୍ଯ୍ୟ ମୋଟେ ହୋଇନାହିଁ କହିଲେ ଚଳେ ।

---

## ଜାତୀୟ ରାଜପଥର ଉନ୍ନୟନ

କଟକଠାରୁ ବିହାର ସୀମାପର୍ଯ୍ୟନ୍ତ ଯାଇଥିବା ୫ନମ୍ବର ଜାତୀୟ ରାଜପଥର ଯେଉଁତକ ଅଂଶ ଏ ରାଜ୍ୟ ମଧ୍ୟରେ ରହିଛି ତାହାର ଉନ୍ନୟନ କାର୍ଯ୍ୟ ୧୯୬୪ ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି । ଏଥିପାଇଁ ବିଶ୍ୱ-ବ୍ୟାଙ୍କରୁ ୮.୩୨ କୋଟି ଟଙ୍କା ଋଣ ଆକାରରେ ସାହାଯ୍ୟ ମିଳିବ ।

---

## ଓଡ଼ିଶାରେ ଗଭୀର ସମୁଦ୍ରରୁ ମାଛଧରା

ଓଡ଼ିଶାରେ ଗଭୀର ସମୁଦ୍ରରୁ ମାଛ ଧରିବାପାଇଁ ତୃତୀୟ ଯୋଜନାକାଳରେ ୫୭.୨୫ ଲକ୍ଷ ଟଙ୍କା ବ୍ୟୟର ବ୍ୟବସ୍ଥା ଅଛି । ପାରାଦୀପଠାରେ ଏହି କାର୍ଯ୍ୟ ୧୯୬୨ ନଭେମ୍ବର ମାସରୁ ଆରମ୍ଭ ହେବ । ବର୍ତ୍ତମାନ ଥିବା ମତ୍ସ୍ୟ ବିଭାଗର ୪ଟି ବୋଟ୍ ସାହାଯ୍ୟରେ କାମ ଆରମ୍ଭ କରାଯିବ । ଏହି ଉଦ୍ଦେଶ୍ୟରେ ଅଧିକ ୪ଟି ବୋଟ୍ ମଧ୍ୟ ତିଆରି କରାଯାଉଛି । ଆସନ୍ତା ବର୍ଷ ଚାନ୍ଦବାଲିଠାରେ କାମ ଆରମ୍ଭ ହୋଇ କ୍ରମେ ଅନ୍ୟ ନଦୀମୁହାଣରେ କାର୍ଯ୍ୟକାରୀ ହେବ ।

---

## ସ୍ୱଳ୍ପ ଆୟକାରୀ ବାସଗୃହ ନିର୍ମାଣ ପରିକଳ୍ପନା

୧୯୬୦-୬୧ ମସିହାଠାରୁ ବନ୍ୟାଗ୍ରସ୍ତ ବା ବନ୍ୟାବିଧ୍ୱସ୍ତ ନିର୍ଦ୍ଦିଷ୍ଟ ସବୁ ଗ୍ରାମାଞ୍ଚଳରେ ସ୍ୱଳ୍ପ ଆୟକାରୀ ବାସଗୃହ ପରିକଳ୍ପନା ଚାଲୁକରାଯାଇଛି । ୧୯୬୦ରେ ବେସରକାରୀ ବନ୍ୟା-ସାହାଯ୍ୟ କମିଟିର ପ୍ରଥମ ବୈଠକ ୨୧ । ୮ । ୧୯୬୦ ତାରିଖରେ ବସି ସ୍ଥିର କରାଗଲା ଯେ ବନ୍ୟାଗ୍ରସ୍ତ ଅଞ୍ଚଳରେ କାମ କରୁଥିବା ଶିଳ୍ପମଣ୍ଡଳମାନେ ସେସବୁ ଅଞ୍ଚଳରେ ଲୋକମାନେ ଯେପରି ଶୀଘ୍ର ବିଶେଷକରି ସ୍ୱଳ୍ପ ଆୟକାରୀ ଗୃହ ନିର୍ମାଣ ପରିକଳ୍ପନାରୁ ଋଣ ନେବେ, ସେଥିପାଇଁ ବ୍ୟାପକ ପ୍ରଚାର କରିବା ଦରକାର । ଉକ୍ତ କମିଟିର ସେକ୍ରେଟେରୀ ଏ ପର୍ଯ୍ୟନ୍ତ ବନ୍ୟାଗ୍ରସ୍ତ ଅଞ୍ଚଳରେ ଲୋକଙ୍କଠାରୁ କୌଣସି ଦରଖାସ୍ତ ପାଇ ନାହାନ୍ତି ।

---

## ସ୍ୱଦେଶୀ ମଦ ବିକ୍ରି ଓ ବ୍ୟବହାର

ନିଶାନିବାରଣ ହେବା ଦିନଠାରୁ ଓଡ଼ିଶାର କେତେକ ଜିଲ୍ଲାରେ ସ୍ୱଦେଶୀ ମଦର ବିକ୍ରି ଓ ବ୍ୟବହାର ତଥା ସେଥିରୁ ମିଳୁଥିବା ଅବକାରୀ ରାଜସ୍ୱ ବୃଦ୍ଧି ପାଇବାରେ ଲାଗିଛି । ୧୯୫୭-୫୮ଠାରୁ ଏହାର କ୍ରମାଗତ ବୃଦ୍ଧି ନିମ୍ନଲିଖିତ ହିସାବରୁ ଦେଖାଯିବ—

| ବର୍ଷ | କେତେ ଗ୍ୟାଲନ ମଦ ବ୍ୟବହାର କରାଯାଇଛି | ମିଳିଥିବା ରାଜସ୍ୱ (ଅବକାରୀ) |
|---|---|---|
| ୧୯୫୭-୫୮ | ୨,୧୦୫ | ଟ ୩୬,୨୩୯ |
| ୧୯୫୮-୫୯ | ୭,୨୭୫ | ଟ ୧,୦୩,୮୮୩ |
| ୧୯୫୯-୬୦ | ୯,୬୦୭ | ଟ ୧,୫୮,୪୭୪ |
| ୧୯୬୦-୬୧ | ୧୫,୪୩୦ | ଟ ୨,୫୮,୪୫୮ |

ନିଶାନିବାରଣ ବ୍ୟବସ୍ଥା ସତ୍ତ୍ୱେ ସ୍ୱଦେଶୀ ମଦର ବିକ୍ରି ବଢ଼ିବାର କାରଣ ଏହା ହୋଇପାରେ ଯେ ମୁଦ୍ରାସ୍ଫୀତି ଓ ଉନ୍ନୟନ ଯୋଜନାଗୁଡ଼ିକର ସମ୍ପାଦନଫଳରେ ଲୋକଙ୍କ ହାତକୁ ବିଶେଷତଃ ମୂଲିଆ ଶ୍ରେଣୀର ଲୋକଙ୍କ ହାତକୁ ଅଧିକା ପଇସା ଆସୁଥିବାରୁ ସେମାନେ ବେଶି ବେଶି ମଦ୍ୟପାନ କରୁଛନ୍ତି । ରାଜ୍ୟରେ ଥିବା ସ୍ୱଦେଶୀ ମଦ ଦୋକାନଗୁଡ଼ିକୁ ହାତକୁ ନେବା ପ୍ରଶ୍ନ ସରକାରଙ୍କ ବିବେଚନାଧୀନ ଅଛି ।

---

## ଖରସ୍ରୋତା ନଦୀର ବାଁ ପଟେ କେନାଲ ତିଆରି

ଖରସ୍ରୋତା ନଦୀର ବାମପଟେ ଗୋଟିଏ କେନାଲ ଖୋଳାଇବା ସମ୍ପର୍କରେ ଅନୁସନ୍ଧାନ କାର୍ଯ୍ୟ ଚାଲିଛି । ଏହି କେନାଲଟି ଗୋଟିଏ ସାଇଫନ୍ ବାଟେ ବେଙ୍ଗ ନାଳ ଉପର ଦେଇ ଯିବ । ଏଥିପାଇଁ ମୋଟାମୋଟି ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଅନୁମାନ କରାଯାଉଛି । ପାଣ୍ଠି ମିଳିଲେ ଓ ଏହାର ଯୋଜନା ପ୍ରସ୍ତୁତ ସରିଲେ କାମ ଆରମ୍ଭ ହେବ ।

---

## ଓଡ଼ିଶାରେ ମାଧ୍ୟମିକ ଶିକ୍ଷାର ଉନ୍ନୟନପାଇଁ କେନ୍ଦ୍ରର ସାହାଯ୍ୟ

ଓଡ଼ିଶାରେ ମାଧ୍ୟମିକ ଶିକ୍ଷାର ଉନ୍ନୟନ ଓ ପୁନର୍ଗଠନପାଇଁ ୧୯୬୧-୬୨ ମସିହାରେ କେନ୍ଦ୍ର ସରକାରଙ୍କଦ୍ୱାରା ୧୯ କୋଟି ଟଙ୍କା ଖର୍ଚ୍ଚର ବରାଦ କରାଯାଇଛି । ଏହାର ତିନି ଚତୁର୍ଥାଂଶ ଓଡ଼ିଶା ରାଜ୍ୟ ସରକାରଙ୍କୁ ମାସିକ କିସ୍ତିରେ କାମ ଚଳାଇବାପାଇଁ ଅଗ୍ରିମ ଆକାରରେ ଦିଆଯାଉଛି । କେଉଁ ଦିଗରେ କେତେ ଖର୍ଚ୍ଚ ହେବ ତାହାର ଏକ ପୁଙ୍ଖାନୁପୁଙ୍ଖ ତାଲିକା କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟରେ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ନାହିଁ । ତେବେ ଚଳିତ ଆର୍ଥିକ ବର୍ଷ ଶେଷରେ ଚୂଡ଼ାନ୍ତ ମଞ୍ଜୁରୀ ଦେବାବେଳେ ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ଏ ବାବଦ ହିସାବର ଆବଶ୍ୟକୀୟ କାର୍ଯ୍ୟାଦି ସଂପନ୍ନ କରାଯିବ ।

---

## ସ୍ୱଳ୍ପ ଆୟସଂପନ୍ନ ଲୋକଙ୍କପାଇଁ ଗୃହନିର୍ମାଣ

### ଓଡ଼ିଶାରେ ୫୬୧ଟି ଗୃହ ନିର୍ମିତ ହୋଇଛି

କେନ୍ଦ୍ର ପୂର୍ତ୍ତ, ଗୃହନିର୍ମାଣ ଓ ଯୋଗାଣ ଉପମନ୍ତ୍ରୀ ଶ୍ରୀ ଅନିଲକୁମାର ଚନ୍ଦା ଲୋକସଭାରେ ଏକ ପ୍ରଶ୍ନର ଉତ୍ତରରେ ଜଣାଇଥିଲେ ଯେ ସ୍ୱଳ୍ପ ଆୟସଂପନ୍ନ ଲୋକଙ୍କପାଇଁ ନିର୍ଦ୍ଦିଷ୍ଟ ଗୃହନିର୍ମାଣ ଯୋଜନା ଅନୁସାରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକାଳମଧ୍ୟରେ କେବଳ ଗୁଜୁରାଟ ଛଡ଼ା ଭାରତରେ ମୋଟ ୫୨ ହଜାର ୮ ଶହ ୧୮ଟି ଗୃହର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ଏହାଛଡ଼ା ୧୯୬୧ ମସିହା ଜୁନ୍ ୩୦ ତାରିଖ ସୁଦ୍ଧା

୧୭ ହଜାର ୭ ଶହ ୯୯ଟି ଗୃହର ନିର୍ମାଣ କାର୍ଯ୍ୟ ଚାଲୁଥିଲା ।

ଉକ୍ତ ଯୋଜନା ଅନୁସାରେ ଓଡ଼ିଶାରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ମଧ୍ୟରେ (୧୯୫୯ ଜୁଲାଇ ୩୧ ତାରିଖ ସୁଦ୍ଧା) ୫୬୧୬ଟି ଗୃହର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ଏହା ଛଡ଼ା ଓଡ଼ିଶାରେ ୧୯୫୯ ଜୁଲାଇ ୩୧ ତାରିଖ ସୁଦ୍ଧା ୧୯୩ଟି ଗୃହ ନିର୍ମାଣାଧୀନ ଅଛି ।

---

## ଓଡ଼ିଶାରେ ପଶୁସମ୍ପଦ

୧୯୬୧ ଅପ୍ରେଲ ୧୫ ତାରିଖରେ ଅନୁଷ୍ଠିତ ପଞ୍ଚବାର୍ଷିକ ପଶୁଗଣନାର ତଥ୍ୟ ଏବେ ଖାଦ୍ୟ ଓ କୃଷି ମନ୍ତ୍ରାଳୟର ଅର୍ଥନୀତି ଓ ପରିସଂଖ୍ୟାନ ଡିରେକ୍ଟରେଟରୁ ପ୍ରକାଶ ପାଇଛି । ସେଥିରୁ ଜଣାପାଇଛି ଯେ ଓଡ଼ିଶାରେ ବିଭିନ୍ନ ପଶୁସମ୍ପଦର ସଂଖ୍ୟା ଗତ ପାଞ୍ଚ ବର୍ଷ ମଧ୍ୟରେ ଶତକଡ଼ା ୧୮.୯ ବୃଦ୍ଧି ପାଇଛି ।

ଓଡ଼ିଶାରେ ମୋଟ ପଶୁସମ୍ପଦ ସଂଖ୍ୟା ୧୯୫୬ରେ ୧୧୬.୦୭ ଲକ୍ଷ ଥିଲା । ୧୯୬୧ରେ ତାହା ୧୩୭.୯୭ ଲକ୍ଷକୁ ବୃଦ୍ଧି ପାଇଛି । ସେଥିମଧ୍ୟରୁ ବିଭିନ୍ନ ଶ୍ରେଣୀର ପଶୁଙ୍କ ବୃଦ୍ଧି ବା ହ୍ରାସର ଅନୁପାତ ନିମ୍ନରେ ଦିଆଗଲା:—

| ପଶୁଙ୍କ ଶ୍ରେଣୀବିଭାଗ | ୧୯୫୬ରେ ଥିବା ସଂଖ୍ୟା | ୧୯୬୧ରେ ଥିବା ସଂଖ୍ୟା | ବୃଦ୍ଧି ବା ହ୍ରାସର ଅନୁପାତ |
|---|---|---|---|
| (୧) ଗୋରୁଗାଈ | ୭୮.୬୨ ଲକ୍ଷ | ୮୯.୮୨ ଲକ୍ଷ | ଶତକଡ଼ା ୧୫.୨ ବୃଦ୍ଧି |
| (୨) ୩ ବର୍ଷରୁ ଅଧିକ ବୟସର ଅଣ୍ଡିରା— | ୩୪.୦୭ ” | ୩୯.୬୭ ” | ” ୧୬.୪ ” |
| (୩) ୩ ବର୍ଷରୁ ଅଧିକ ବୟସର ଛତା (ଗାଈ)— | ୨୫.୬୨ ” | ୨୯.୨୯ ” | ” ୧୪.୩ ” |
| (୪) ବାଛୁରି | ୧୮.୯୩ ” | ୨୦.୮୭ ” | ” ୧୦.୨ ” |
| (୫) ମଇଁଷି | ୮.୨୯ ” | ୧୧.୧୬ ” | ” ୩୪.୬ ” |
| (୬) ମେଣ୍ଢା | ୧୦.୭୯ ” | ୯.୬୦ ” | ” ୧୧ ହ୍ରାସ |
| (୭) ଛେଳି | ୧୬.୪୩ ” | ୨୩.୧୦ ” | ” ୪୦.୬ ବୃଦ୍ଧି |
| (୮) ଘୋଡ଼ା ଓ ଟଟ୍ଟୁ ଘୋଡ଼ା | ୦.୬୩ ” | ୦.୪୩ ” | ” ୨୬.୭ ହ୍ରାସ |
| (୯) କୁକୁଡ଼ା ପ୍ରଭୃତି ପକ୍ଷୀ | ୪୭.୪୨ ” | ୬୧.୬୩ ” | ” ୩୦ ବୃଦ୍ଧି |

କଳ ଲଙ୍ଗଳ (ଟ୍ରାକ୍ଟର) ସଂଖ୍ୟା ୯୫ରୁ ୨୬୫କୁ ବୃଦ୍ଧି ପାଇଛି ।

## "ଉତ୍କଳ ପ୍ରସଙ୍ଗ" ନିୟମିତଭାବେ ପଢ଼ନ୍ତୁ

ଗତ ୧୨ ବର୍ଷ ହେଲା "ଉତ୍କଳ ପ୍ରସଙ୍ଗ" ନିୟମିତଭାବେ ଓଡ଼ିଶା ସରକାରଙ୍କ ମୁଖପତ୍ରରୂପେ ବାହାରି ଆସୁଛି । ଏ ରାଜ୍ୟରେ ଏପରି କୌଣସି ଦୈନିକ, ସାପ୍ତାହିକ, ମାସିକ ବା ତ୍ରୈମାସିକ ପତ୍ରିକା ନାହିଁ, ଯାହାର କି ଗ୍ରାହକସଂଖ୍ୟା "ଉତ୍କଳ ପ୍ରସଙ୍ଗ"-ଠାରୁ ବେଶି । ଏହାର କାରଣ, ପତ୍ରିକାଟି ସରକାରୀସ୍ତରରେ ବାହାରୁଥିବାରୁ ଏହାର ଉତ୍କୃଷ୍ଟ ବିଷୟବସ୍ତୁ ତୁଳନାରେ ମୂଲ୍ୟ ଅତି କମ୍ ନିର୍ଦ୍ଧାରିତ ହୋଇଛି । ପୁଣି ଯୁବ ଓ ବୁଦ୍ଧିଜୀବୀମାନେ ଏହାକୁ ବିଶେଷ ଆଦର କରନ୍ତି; କାରଣ ରାଜ୍ୟ ସରକାରଙ୍କ ନୀତି, ନୂଆ ଆଇନ, ଲୋକଙ୍କପାଇଁ ସୁବିଧା-ସୁଯୋଗ—ଏସବୁ ଏଥିରେ ପ୍ରକାଶିତ ହୁଏ । ପତ୍ରିକାଟି ନିୟମିତଭାବରେ ପ୍ରତି ମାସ ୧୫ ତାରିଖରେ ପ୍ରକାଶିତ ହୁଏ ।

### ଆପଣ "ଉତ୍କଳ ପ୍ରସଙ୍ଗ" କିପରି ପାଇବେ

ରାଜ୍ୟର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ପ୍ରଚାର-କର୍ମୀମାନେ ଅଛନ୍ତି । "ଉତ୍କଳ ପ୍ରସଙ୍ଗ" ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ତାହା ସେମାନଙ୍କ ପାଖକୁ ପଠାଇ ଦିଆଯାଏ । ସେମାନେ ସେମାନଙ୍କର ଗସ୍ତକାଳ ମଧ୍ୟରେ "ଉତ୍କଳ ପ୍ରସଙ୍ଗ" ସମସ୍ତଙ୍କୁ ଯୋଗାଇ ଦେଇଥାନ୍ତି । ତାହା ଛଡ଼ା ପ୍ରତି ଜିଲ୍ଲାର ସଦର ସବ୍‌ଡିଭିଜନ ମହକୁମାମାନଙ୍କରେ ଜିଲ୍ଲା ଲୋକସମ୍ପର୍କ ଅଫିସ ଓ ସହକାରୀ ଜିଲ୍ଲା ଲୋକସମ୍ପର୍କ ଅଫିସମାନ ଅଛି । ସେଠାରୁ ଆପଣ ଅତି ସୁବିଧାରେ "ଉତ୍କଳ ପ୍ରସଙ୍ଗ" ପାଇପାରିବେ । ଏସବୁ ଭିତରୁ ଯଦି କୌଣସି ଉପାୟରେ ଆପଣ "ଉତ୍କଳ ପ୍ରସଙ୍ଗ" ପାଇ ନ ପାରନ୍ତି, ତେବେ ଆପଣଙ୍କ ଜିଲ୍ଲା ଲୋକସମ୍ପର୍କ ଅଫିସକୁ ବା ଭୁବନେଶ୍ୱର ଲୋକସମ୍ପର୍କ ଅଫିସକୁ ମାତ୍ର ଦୁଇଟଙ୍କା ମନିଅର୍ଡରଯୋଗେ ପଠାନ୍ତୁ । ତାହାହେଲେ ଘରେ ବସି ଅତି ସୁବିଧାରେ ବର୍ଷସାରା "ଉତ୍କଳ ପ୍ରସଙ୍ଗ" ପାଇପାରିବେ ।

### ଟଙ୍କା ପଠାଇବା ଠିକଣା

(୧) ନିଜ ନିଜ ଜିଲ୍ଲାର
ଜିଲ୍ଲା ଲୋକସମ୍ପର୍କ ଅଫିସର

(୨) ଲୋକସମ୍ପର୍କ ଅଫିସର,
ପୋ: ଅ: ଭୁବନେଶ୍ୱର

# ସମସ୍ତଙ୍କ ଜାଣିବାପାଇଁ

## ଓଡ଼ିଶାରେ ମତ୍ସ୍ୟ ବିକ୍ରୟ କେନ୍ଦ୍ର

ଓଡ଼ିଶାର ମତ୍ସ୍ୟ ବିଭାଗର ଡିରେକ୍ଟର ଜଣାଇଛନ୍ତି :—ଗତ ମାସ ୫ ଓ ୬ ତାରିଖରେ କଲିକତା ମାନିକତଳା ବଜାରରୁ ଜଣାପଡ଼ିଲା ଯେ ସେଠା ବଜାରର ଭିତରେ ଓଡ଼ିଶାର ମତ୍ସ୍ୟଜୀବୀମାନେ ଯାଇ ନାହାନ୍ତି । ବଜାରର ବଡ଼ା ଦରର ମୁନାଫା କେବଳ ଖୁଚୁରା ବେପାରୀମାନେ ପାଉଛନ୍ତି । ଏଥିପୂର୍ବରୁ ଗତବର୍ଷ କଲିକତାରେ ଖାଉଟିମାନଙ୍କୁ ସିଧାସଳଖ ମାଛ ବିକ୍ରୟ କରିବାପାଇଁ ସୁବିଧା ଦେବାକୁ ବଙ୍ଗ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ଏବେ ମଧ୍ୟ ଏ ବିଷୟରେ ବଙ୍ଗଳାର ମତ୍ସ୍ୟ ମନ୍ତ୍ରୀ ଓ ମତ୍ସ୍ୟ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା ହୋଇଥିଲା ଏବଂ ବଙ୍ଗଳାର ମତ୍ସ୍ୟ ମନ୍ତ୍ରୀ ଏ ବିଷୟରେ ଧ୍ୟାନ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏ ବ୍ୟବସ୍ଥାଦ୍ୱାରା ଖାଉଟିମାନେ ସେର ଟ ୨୪ ଠାରୁ ଟ ୩୦ ମଧ୍ୟରେ ମାଛ ପାଇପାରିବେ ଏବଂ ଓଡ଼ିଶାର ମତ୍ସ୍ୟଜୀବୀମାନେ ମଧ୍ୟ ବର୍ତ୍ତମାନ ପାଉଥିବା ଦର ଉପରେ ମହଣପିଛା ଟ ୧୦ରୁ ଟ ୧୫ ଅଧିକ ପାଇବେ । ଓଡ଼ିଶାରୁ ବାହାରକୁ ମାଛ ରପ୍ତାନିରେ ଆଇନଗତ କୌଣସି କଟକଣା ନ ଥିବାରୁ ବ୍ୟବସାୟୀମାନେ ମତ୍ସ୍ୟଜୀବୀମାନଙ୍କୁ ପୂର୍ବରୁ ଟଙ୍କା ଋଣ ଦେଇ ସମସ୍ତ ମାଛ ଆଗରୁ ପଠାଇ ଦେଉଅଛନ୍ତି । ଉପଯୁକ୍ତ ବ୍ୟବସ୍ଥା ହେଲେ ଓଡ଼ିଶାର ଖାଉଟିମାନେ ସୁବିଧାରେ ମାଛ ପାଇପାରିବେ । ଓଡ଼ିଶାରୁ ରପ୍ତାନି ହେଉଥିବା ମାଛର ପରିମାଣ ଏକ ଲକ୍ଷରୁ ଦେଢ଼ ଲକ୍ଷ ମହଣ । ଏଥିରୁ ଶତକଡ଼ା ୭୦ ଭାଗ ମାଛପାଇଁ ଓଡ଼ିଶାରେ ବଜାର ନାହିଁ କହିଲେ ଚଳେ । ଓଡ଼ିଶାର ଉପଯୁକ୍ତ ବିକ୍ରୟ ବ୍ୟବସ୍ଥା ହେଲେ ଅନେକ ଅଞ୍ଚଳରେ ଲୋକେ ତାଜା ମାଛ ପାଇପାରିବେ । ସେଥିପାଇଁ ମତ୍ସ୍ୟ ବିଭାଗର ଉଦ୍ୟୋଗରେ କଟକରେ ୩ଟି ଓ ଭୁବନେଶ୍ୱରରେ ଗୋଟିଏ ବିକ୍ରୟ କେନ୍ଦ୍ର ଯଥାଶୀଘ୍ର ଖୋଲିବାର ବ୍ୟବସ୍ଥା ହେଉଛି । କ୍ରମଶଃ ଓଡ଼ିଶାର ଭିତରଆଡ଼େ ମଧ୍ୟ କେନ୍ଦ୍ର ଖୋଲାଯିବ । ସ୍ମରଣ ଥାଇପାରେ ଯେ ଯୁଦ୍ଧ ସମୟରେ ଓଡ଼ିଶାରେ ୫୨ଟି କେନ୍ଦ୍ର ଖୋଲାଯାଇଥିଲା, କିନ୍ତୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ମାଛ ରପ୍ତାନି ଉପରୁ କଟକଣା ଉଠିଯିବାରୁ ବ୍ୟବସାୟୀମାନେ ସବୁ ମାଛ ବାହାରକୁ ରପ୍ତାନି କରି-ନେଲେ ଓ କେନ୍ଦ୍ରଗୁଡ଼ିକ ବନ୍ଦ ହୋଇଗଲା । ବର୍ତ୍ତମାନ କୁଜଙ୍ଗ ମତ୍ସ୍ୟ ବ୍ୟବସାୟୀ ଓ ଚିଲିକା କୋ-ଅପରେଟିଭର ସହଯୋଗରେ ଏହି କେନ୍ଦ୍ର ଖୋଲାଯିବାର ବ୍ୟବସ୍ଥା ହୋଇଛି । ନଭେମ୍ବର ମାସର ଶେଷଆଡ଼କୁ ମଧ୍ୟ ମଦ୍ରାସରୁ ମାଛ ଯୋଗାଇବାର ବ୍ୟବସ୍ଥା କରାଯିବ ।

---

## ନୂଆ ପଥପ୍ରଦର୍ଶକ ପରିଯୋଜନା ସଂପର୍କରେ ସରକାରଙ୍କ ବିବୃତ୍ତି

ରାଜ୍ୟରେ କ୍ଷୁଦ୍ର ଶିଳ୍ପର ବାଣିଜ୍ୟ ସଂସ୍ଥାମାନ ସ୍ଥାପନ କରିବାନିମନ୍ତେ ସରକାର ୧୯୫୭-୫୮ ମସିହାର ଆର୍ଥିକ ବର୍ଷଠାରୁ ପଥପ୍ରଦର୍ଶକ ପରିଯୋଜନା (ପାଇଲଟ ପ୍ରୋଜେକ୍ଟ) ନାମକ ଏକ ପରିକଳ୍ପନା କାର୍ଯ୍ୟକାରୀ କରାଇଛନ୍ତି । ଏହି ପରିକଳ୍ପନା ଅନୁସାରେ ବେସରକାରୀ ଶିଳ୍ପପତିମାନଙ୍କ ସହଯୋଗରେ ଗଠିତ ଯୌଥ କମ୍ପାନୀଗୁଡ଼ିକର ( ଜଏଣ୍ଟ ଷ୍ଟକ କମ୍ପାନୀ ) ମୂଳଧନରେ ସରକାରଙ୍କର ସର୍ବାଧିକ ଭାଗ ରହିଛି । ୧୯୬୦-୬୧ ଶେଷ ସୁଦ୍ଧା ୪୨ଟି କମ୍ପାନୀ ରେଜିଷ୍ଟ୍ରୀକୃତ ହୋଇଛନ୍ତି । ସେଥିମଧ୍ୟରୁ ଅଧିକାଂଶ ଉତ୍ପାଦନ ଆରମ୍ଭ

କଲେଣି । ଅବଶିଷ୍ଟ କମ୍ପାନୀଗୁଡ଼ିକ ମୂଳଧନ, ଯନ୍ତ୍ରପାତି ଓ କାରଖାନାର ନକ୍‌ସା ଇତ୍ୟାଦିପାଇଁ ବନ୍ଦୋବସ୍ତ କରୁଛନ୍ତି ଏବଂ ନିର୍ଦ୍ଦେଶ ଅନୁସାରେ ଉତ୍ପାଦନ ଆରମ୍ଭ କରିବାର ସମ୍ଭାବନା ରହିଛି ।

ସରକାର ଅନୁଭବ କରୁଛନ୍ତି ଯେ ଉକ୍ତ ପରିକଳ୍ପନା ଅନୁସାରେ ଅନ୍ୟ କୌଣସି ନୂଆ ସଂସ୍ଥା ଆରମ୍ଭ କରାଯିବା ପୂର୍ବରୁ ଏସବୁ କମ୍ପାନୀର କାରବାର ଓ ସେଗୁଡ଼ିକର ପରିଚାଳନାକୁ ସୁଦୃଢ଼ କରାଯିବା ଉଚିତ । ତେଣୁ ସରକାର ପଥପ୍ରଦର୍ଶକ ପରିଯୋଜନା ସମ୍ପର୍କୀୟ ପରିକଳ୍ପନା ବନ୍ଦ ରଖିବାପାଇଁ ସ୍ଥିର କରିଛନ୍ତି; କିନ୍ତୁ କ୍ଷୁଦ୍ର ଶିଳ୍ପଗୁଡ଼ିକୁ ଅନ୍ୟ ଆକାରରେ ଦିଆଯାଉଥିବା ଆର୍ଥିକ ସାହାଯ୍ୟର ବ୍ୟବସ୍ଥାରେ ଚାଲୁରହିବ ।

## ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ

ବୌଦ୍, ଭଞ୍ଜନଗର, ଖପୁରିଆ, ବଲାଙ୍ଗୀର, କେନ୍ଦୁଝରଗଡ଼ ପଶୁପାଳନ ଫାର୍ମମାନଙ୍କରେ ଉତ୍ପନ୍ନ ହେଉଥିବା ଏହିଳି ଦ୍ରବ୍ୟଗୁଡ଼ିକର ପାଉଣ୍ଡପ୍ରତି ଦର ଧାର୍ଯ୍ୟ କରି ସର୍ବସାଧାରଣଙ୍କୁ ଜଣାଇ ଦେଇଛନ୍ତି । ଧାର୍ଯ୍ୟ ଦରର ତାଲିକା ତଳେ ଦିଆଗଲା ।

| ଫାର୍ମର ନାମ | ଦୁଗ୍ଧ | ସରକଢ଼ା ଦୁଗ୍ଧ | ସର | ଘିଅ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ବୌଦ୍ | ୦.୩୦ ନୂ.ପ. | ୦.୧୦ ନୂ.ପ. | ୨.୫୦ ନୂ.ପ. | ୩.୫୦ ନୂ.ପ. |
| ଭଞ୍ଜନଗର | ୦.୩୦ ନୂ.ପ. | ୦.୧୦ ନୂ.ପ. | ୨.୫୦ ନୂ.ପ. | ୩.୫୦ ନୂ.ପ. |
| ଖପୁରିଆ | ୦.୪୦ ନୂ.ପ. | ୦.୧୫ ନୂ.ପ. | ୨.୫୦ ନୂ.ପ. | ୩.୫୦ ନୂ.ପ. |
| ବଲାଙ୍ଗୀର | ୦.୩୫ ନୂ.ପ. | ୦.୧୫ ନୂ.ପ. | ୨.୫୦ ନୂ.ପ. | ୩.୫୦ ନୂ.ପ. |
| କେନ୍ଦୁଝର | ୦.୩୫ ନୂ.ପ. | ୦.୧୦ ନୂ.ପ. | ୨.୫୦ ନୂ.ପ. | ୩.୫୦ ନୂ.ପ. |

ପାଉଣ୍ଡପ୍ରତି ୫୩.୫୦ ନୂ. ପ. ଦରରେ ଘିଅ ବିକ୍ରି କରାଯାଉଛି । ଦୁଗ୍ଧଜାତ ଦ୍ରବ୍ୟମାନ ଗତ ସେପ୍‌ଟେମ୍ବର ୧୫ ତାରିଖଠାରୁ ଉପରୋକ୍ତ ହାରରେ ବିକ୍ରୀହେଉଛି । ଦୁଗ୍ଧ କୁପନଧାରୀ ଗ୍ରାହକମାନଙ୍କ ପାଖରେ ଥିବା କୁପନମାନ ସଂପୃକ୍ତ ଫାର୍ମ ମେନେଜରଙ୍କଦ୍ୱାରା ଚଳିତ ମାସ ୩୦ ତାରିଖ ଦିନ ଅଫିସ ସମୟ ମଧ୍ୟରେ ଅଧିକ ପଇସା ଦେଇ ବଦଳାଇନେବାକୁ ପଡ଼ିବ ।

## ଖଦୀହୁଣ୍ଡି କିଣି ଖଦୀର ପୃଷ୍ଠପୋଷକତା କରନ୍ତୁ

ଜନସାଧାରଣଙ୍କ ପ୍ରତି
ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିବେଦନ

'ଖଦୀ' ଶବ୍ଦଟି ସମସ୍ତଙ୍କର ଜଣାଶୁଣା । ତେଣୁ ଏହାର ପରିଚୟ ଦେବାର କୌଣସି ପ୍ରୟୋଜନ ନାହିଁ । ଗାନ୍ଧୀଙ୍କ ନାମ ସହିତ 'ଖଦୀ' ଶବ୍ଦଟି ଓତପ୍ରୋତ-ଭାବେ ଜଡ଼ିତ । ସ୍ୱାଧୀନତାର ବହୁ ପୂର୍ବରୁ ଏହାର ଗୁରୁତ୍ୱ ଉପଲବ୍ଧି କରାଯାଇଥିଲା । ସ୍ୱାଧୀନତା ପରଠାରୁ ଖଦୀର ଉତ୍ପାଦନ ଓ ବିକ୍ରୟ ଉପରେ ବିଶେଷ ଜୋର ଦିଆଯାଉଛି । ବର୍ତ୍ତମାନ ଏହି ଦେଶୀୟ ଶିଳ୍ପର ଦ୍ରୁତ ଅଗ୍ରଗତି ହେଉଛି । ଏଥିଯୋଗୁଁ ରାଜ୍ୟର ଅନେକ ଲୋକ, ବିଶେଷତଃ ମହିଳାମାନଙ୍କର କର୍ମସଂସ୍ଥାନ ହୋଇପାରିଛି ।

କିନ୍ତୁ ଏବେ ଖଦୀ-ଉତ୍ପାଦନ ତୁଳନାରେ ଖଦୀର ବିକ୍ରୟ ପଛେଇଯାଉଛି । ତେଣୁ ବହୁ ପରିମାଣରେ ହାତବୁଣା ଖଦୀ ଓ ହାତକଟା ସୂତା ଜମା ହୋଇ-ରହିଛି । ବର୍ତ୍ତମାନ ଏହି କାମରେ ନିଯୁକ୍ତ ରହିଥିବା ଲୋକଙ୍କମଧ୍ୟରୁ ଅନେକ ହୁଏ ତ ଏହାଫଳରେ କର୍ମଚ୍ୟୁତ ହୋଇପାରନ୍ତି । ତେଣୁ ଏହି ଗାନ୍ଧୀ-ଜୟନ୍ତୀ ଉପଲକ୍ଷେ ଆମେ ସମସ୍ତେ ପୁଣି ଥରେ ସେହି 'ସ୍ୱଦେଶୀ' ଭାବରେ ଅନୁପ୍ରାଣିତ ହୋଇ ଓ ସ୍ୱଦେଶୀ ଦ୍ରବ୍ୟପ୍ରତି ରୁଚି ପ୍ରକାଶ କରି ଖଦୀ ବ୍ୟବହାରକୁ ସମ୍ପ୍ରସାରିତ କରିବା ଆବଶ୍ୟକ ।

ଏଥିଲାଗି ସାଧାରଣଭାବେ ଜନସାଧାରଣଙ୍କୁ ଓ ବିଶେଷ କରି ସରକାରୀ କର୍ମଚାରୀମାନଙ୍କୁ ମୋର ଆନ୍ତରିକ ନିବେଦନ ଯେ ସେମାନେ 'ଖଦୀ-ହୁଣ୍ଡି' କିଣି ଖଦୀର ପୃଷ୍ଠପୋଷକତା କରନ୍ତୁ । ଟ୨, ଟ୫, ଟ୧୦ ଓ ଟ୧୦୦ ମୂଲ୍ୟର ଖଦୀହୁଣ୍ଡି ବିକ୍ରି କରାଯିବ । ଜନସାଧାରଣ ସେଗୁଡ଼ିକୁ କିଣି ଉତ୍ତରୋତ୍ତର ଖଦୀ-ଉତ୍ପାଦନବୃଦ୍ଧିରେ ସହାୟତା କରିବେ ବୋଲି ମୋର ଅନୁରୋଧ ।

## ସ୍ୱଳ୍ପ ଆୟକାରୀଙ୍କ ବାସଗୃହ ନିର୍ମାଣ ପରିକଳ୍ପନା ଅନୁଯାୟୀ ଋଣ ମଞ୍ଜୁର

୧୯୭୧-୭୨ ଆର୍ଥିକ ବର୍ଷ ମଧ୍ୟରେ "ସ୍ୱଳ୍ପ ଆୟକାରୀଙ୍କ ବାସଗୃହ ନିର୍ମାଣ ପରିକଳ୍ପନା" ଅନୁଯାୟୀ ରାଜ୍ୟର ସମସ୍ତ ସହର ଓ ମଫସଲ ଅଞ୍ଚଳରେ ବାସ-ଗୃହ ନିର୍ମାଣସକାଶେ ସଂପୃକ୍ତ କଲେକ୍ଟରଙ୍କ ଜରିଆରେ ଋଣ ମଞ୍ଜୁର କରାଯିବ; କିନ୍ତୁ ଭୁବନେଶ୍ୱର ନୋଟିଫାଏଡ୍ ଏରିଆରେ ବାସଗୃହ ନିର୍ମାଣ କରିବା-ସକାଶେ ଇଚ୍ଛୁକ ବ୍ୟକ୍ତିଙ୍କୁ ଇଷ୍ଟେଟ୍ ଅଫିସର ଆଣ୍ଡ୍ ଏକ୍ସ ଅଫିସିଓ, ଡେପୁଟି ସେକ୍ରେଟେରୀ, ପଲିଟିକାଲ୍ ଆଣ୍ଡ୍ ସର୍ଭିସେସ୍ (କ୍ୟାପିଟାଲ ଆଡ୍ମିନିଷ୍ଟ୍ରେସନ୍) ବିଭାଗ ଜରିଆରେ ଋଣ ସାହାଯ୍ୟ ମଞ୍ଜୁର କରାଯିବ ।

ରାଜ୍ୟ ସରକାରଙ୍କଦ୍ୱାରା ଏ ସମ୍ପର୍କରେ ନିର୍ଦ୍ଧାରିତ ହୋଇଥିବା ନିୟମାବଳୀ ଓ କାର୍ଯ୍ୟବିଧି ଅନୁଯାୟୀ ଯଦି କୌଣସି ବ୍ୟକ୍ତିଙ୍କର ନିଜର କୌଣସି ବାସଗୃହ ନ ଥାଏ ଓ ପ୍ରକୃତରେ ନିଜର ରହିବାପାଇଁ ବାସଗୃହ କରିବାକୁ ଇଚ୍ଛା କରୁଥାନ୍ତି ଏବଂ ସମସ୍ତ ବାଗରୁ ହେଉଥିବା ତାଙ୍କର ବାର୍ଷିକ ଆୟ ଟ୭୦୦୦ରୁ ଊର୍ଦ୍ଧ୍ୱ ହେଉ ନ ଥାଏ, ତାହା ହେଲେ ସେ ଏ ଋଣ ପାଇ-ପାରିବେ । ଯଦି କୌଣସି ବ୍ୟକ୍ତିଙ୍କର ବାସଗୃହ ଥାଏ କିନ୍ତୁ ବସବାସପାଇଁ ଯଥାର୍ଥରେ ତାଙ୍କର ଅଧିକା ଗୃହର ଆବଶ୍ୟକତା ପଡ଼ୁଥାଏ, ତେବେ ଏପରି କେତେକ ବିଶେଷ କ୍ଷେତ୍ରରେ ମଧ୍ୟ ଋଣ ଦିଆଯିବ । ଅସଂପୂର୍ଣ୍ଣ ଗୃହର ନିର୍ମାଣସକାଶେ କିମ୍ବା ବର୍ତ୍ତମାନ ରହିଥିବା ଗୃହର ମରାମତି ଓ ସଂପ୍ରସାରଣସକାଶେ କୌଣସି ଋଣ ମିଳିବ ନାହିଁ । ଏହି ପରିକଳ୍ପନା ଅନୁଯାୟୀ ସରଳ ସୁଧରେ ସର୍ବୋଚ୍ଚ ୩୦ ବର୍ଷପାଇଁ ଋଣ ମଞ୍ଜୁର କରାଯିବ । ସୁଧର ହାର ବାର୍ଷିକ ଶତକଡ଼ା ୬½ ଭାଗରୁ ଅଧିକ ହେବ ନାହିଁ । ସରକାର ଋଣ ପରିଶୋଧପାଇଁ ଯେଉଁ ବିଭିନ୍ନ ସମୟ ଧାର୍ଯ୍ୟ କରିଛନ୍ତି, ସେଥିମଧ୍ୟରୁ ଋଣଗ୍ରହୀତାମାନେ ଯେତେ ସମୟମଧ୍ୟରେ ଋଣ ପରିଶୋଧ କରିବାକୁ ଚାହିଁବେ, ତଦନୁସାରେ ସୁଧର ହାର ବେଶି ହୋଇପାରେ ।

୧୯୭୧-୭୨ ବର୍ଷ ମଧ୍ୟରେ ଭୁବନେଶ୍ୱର ନୋଟିଫାଏଡ୍ ଏରିଆ ବ୍ୟତୀତ ଅନ୍ୟ ସମସ୍ତ ସହର ଏବଂ ପଲ୍ଲୀ ଅଞ୍ଚଳରେ ବାସଗୃହ ନିର୍ମାଣ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିଗଣ ସଂପୃକ୍ତ କଲେକ୍ଟର କିମ୍ବା ତାଙ୍କଦ୍ୱାରା କ୍ଷମତାପ୍ରାପ୍ତ ଅନ୍ୟ କୌଣସି ଦାୟିତ୍ୱସଂପନ୍ନ ଅଫିସରଙ୍କ ସହିତ ସାକ୍ଷାତ ବା ପତ୍ରାଳାପ କରନ୍ତୁ । ବିନାମୂଲ୍ୟରେ ଦରଖାସ୍ତ ଫାରମ ସେମାନଙ୍କଠାରୁ ମିଳିପାରିବ । ସେହିପରି ଭୁବନେଶ୍ୱର ନୋଟିଫାଏଡ୍ ଏରିଆରେ ବାସଗୃହ ନିର୍ମାଣ କରିବାକୁ ଇଚ୍ଛା କରୁଥିବା ବ୍ୟକ୍ତିମାନେ ଇଷ୍ଟେଟ୍ ଅଫିସର ଆଣ୍ଡ୍ ଏକ୍ସ ଅଫିସିଓ

ଡେପୁଟି ସେକ୍ରେଟେରୀ, ପଲିଟିକାଲ୍ ଆଣ୍ଡ୍ ସର୍ଭିସେସ୍ (କ୍ୟାପିଟାଲ୍ ଆଡ୍‌ମିନିଷ୍ଟ୍ରେସନ୍) ଙ୍କଠାରୁ ବିନାମୂଲ୍ୟରେ ଦରଖାସ୍ତ ଫର୍ମ ପାଇପାରିବେ । ବାସଗୃହ ନିର୍ମାଣ ସଂପର୍କରେ ଗୃହର ନକ୍ସା, ମାପଚୁପ୍ ଓ ଅଟକଳ ବିଷୟରେ ଏବଂ ସେହି ନିୟମାବଳୀ ଓ କାର୍ଯ୍ୟଗତ ଅନୁଯାୟୀ ଋଣ ଦିଆଯାଉଛି ସେ ସଂପର୍କରେ ସମାନେ ଉପର୍ଯ୍ୟୁକ୍ତ କର୍ମଚାରୀଙ୍କ ସହିତ କଥାବାର୍ତ୍ତା କରିପାରିବେ । ଯେଉଁମାନେ ଗତବର୍ଷ ଋଣପାଇଁ ଦରଖାସ୍ତ କରିଥିଲେ କିନ୍ତୁ ଋଣ ପାଇ ନାହାନ୍ତି ସେମାନେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ କରିପାରିବେ । ଯେଉଁମାନଙ୍କର ଗତବର୍ଷ ଦେଇଥିବା ନକ୍ସା ଅନୁମୋଦିତ ହୋଇସାରିଛି, ସେମାନଙ୍କର ନୂତନ ନକ୍ସା ଦେବାର ଆବଶ୍ୟକତା ନାହିଁ ।

---

## ଓଡ଼ିଶା ଋଣବୃତ୍ତି ପାଣ୍ଠିକୁ ଦାନ କରିବା ନିମନ୍ତେ ଜନସାଧାରଣଙ୍କୁ ନିବେଦନ

ଉଚ୍ଚତର ତାଲିମ ଓ ଶିକ୍ଷା, ବିଶେଷତଃ ଇଞ୍ଜିନିୟରିଂ, ଶିଳ୍ପବିଜ୍ଞାନ, ବିଜ୍ଞାନ ଓ ଭେଷଜ-ବିଦ୍ୟା ଇତ୍ୟାଦିରେ ଉଚ୍ଚତର ତାଲିମର ବିକାଶ ଘଟାଇବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର "ଓଡ଼ିଶା ଋଣବୃତ୍ତି ପାଣ୍ଠି" ନାମରେ ଗୋଟିଏ ପାଣ୍ଠି ଖୋଲିଛନ୍ତି । ୧୯୪୭ ମସିହାଠାରୁ ଓଡ଼ିଶାର ଗରିବ କିନ୍ତୁ ମେଧାବୀ ଓ ଯୋଗ୍ୟ ଯୁବକମାନଙ୍କୁ ଭାରତରେ ତଥା ବିଦେଶରେ ଉଚ୍ଚଶିକ୍ଷା ଲାଭ ଉଦ୍ଦେଶ୍ୟରେ ବିନା ସୁଧରେ ଋଣ ପ୍ରଦାନ କରାଯାଉଛି । ଏପର୍ଯ୍ୟନ୍ତ ଏହି ପାଣ୍ଠିରୁ ୨୩୩୯ ଜଣ ଛାତ୍ରଙ୍କୁ ସାହାଯ୍ୟ ଦିଆଯାଇଛି ଏବଂ ସେଥିମଧ୍ୟରୁ ୧୦୩୯ ଜଣ ସେମାନଙ୍କର ଅଧ୍ୟୟନ ଶେଷ କରିଛନ୍ତି । ବର୍ଷ ଏହି ପାଣ୍ଠିରୁ ପ୍ରାୟ ୧୯୦୦ ଜଣ ଛାତ୍ରଙ୍କୁ ସାହାଯ୍ୟ ଦିଆଯିବ ଓ ସେଥିପାଇଁ ୧୮ ଲକ୍ଷରୁ ବେଶି ଟଙ୍କା ଦରକାର ପଡ଼ୁଛି । ଏ ପାଣ୍ଠିରୁ ଆର୍ଥିକ ସାହାଯ୍ୟ ପାଇବାପାଇଁ ଦରଖାସ୍ତର ଡାକ ବଢ଼ିଚାଲିଛି; କିନ୍ତୁ ପାଣ୍ଠିର ସୀମିତ ସମ୍ବଳ ଦୃଷ୍ଟିରୁ କଳାନୁରୂପ ସାହାଯ୍ୟ ଦେବା ସମ୍ଭବ ହୋଇ ନାହିଁ ।

୧ । ଦେଶରେ ଜନସଂଖ୍ୟାର ବେଗ ବଢ଼ୁଥିବା ସଙ୍ଗେ ସଙ୍ଗେ ବହୁସଂଖ୍ୟକ ମେଧାବୀ ଯୁବକଙ୍କୁ ଦେଶର ବାଣିଜ୍ୟ ଓ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ସମର୍ଥ କରିବାକୁ ହେବ । ସେଥିପାଇଁ ଭାରତ ଭିତରେ ଓ ବାହାରେ ସେମାନଙ୍କର ଉଚ୍ଚତର ଶିକ୍ଷା ଓ ବୈଷୟିକ ତାଲିମର ସୁବିଧା କରିଦେବା ଅତି ଆବଶ୍ୟକ ହୋଇପଡ଼ିଛି ।

୩ । ଆନ୍ତରିକ ଆଶା କରାଯାଉଛି ଯେ ବଦାନ୍ୟ ଜନସାଧାରଣ ତଥା ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠାନମାନେ "ଓଡ଼ିଶା ଋଣବୃତ୍ତି ପାଣ୍ଠିକୁ ଯଥେଷ୍ଟ ଅର୍ଥ ଦାନ" କରି ଉକ୍ତ ମହତ୍ କାର୍ଯ୍ୟରେ ଆମ୍ଭମାନଙ୍କୁ ସାହାଯ୍ୟ କରିବାପାଇଁ ଆଗେଇ ଆସିବେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ନୂଆଦିଲ୍ଲୀସ୍ଥ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରାଳୟଙ୍କ ( ରାଜସ୍ୱ ବିଭାଗ ) ୨୦-୮-୬୨ ତାରିଖର ୫୮ ନମ୍ବର ବିଜ୍ଞପ୍ତି ଅନୁସାରେ ଓଡ଼ିଶା ଋଣବୃତ୍ତି ପାଣ୍ଠିକୁ ଦିଆଯାଉଥିବା ଟଙ୍କା ଉପରେ ଆୟକର ଧାର୍ଯ୍ୟ କରାଯାଏ ନାହିଁ ।

୪ । (୧) ଯଦି ଜଣେ ଦାତା ( ଅନୁଷ୍ଠାନ ବା ବ୍ୟକ୍ତିବିଶେଷ ) ଏକାଥରକେ ବା ପାଞ୍ଚଟି ସମାନ ବାର୍ଷିକ କିସ୍ତିରେ ଏକ ଲକ୍ଷ ଟଙ୍କା ଦାନ କରନ୍ତି, ତେବେ ତାହାଙ୍କୁ "ପୃଷ୍ଠ ପୋଷକ"ରୂପେ (ପ୍ୟାଟ୍ରନ), (୨) ଯଦି ସେ ୨୦ ହଜାର ଟଙ୍କା ଦାନ କରନ୍ତି ତେବେ ତାହାଙ୍କୁ "ଆଜୀବନ ସଭ୍ୟ"ରୂପେ ଏବଂ (୩) ଯଦି ସେ ଗୋଟିଏ ବର୍ଷ ମଧ୍ୟରେ ୧୦ ହଜାର ଟଙ୍କା ଦାନ କରନ୍ତି, ତେବେ ତାହାଙ୍କୁ "ହିତଦାତା" (ବେନିଫାକ୍ଟର) ରୂପେ ପରିଗଣିତ କରାଯିବ ।

୫ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏହି ପାଣ୍ଠି ପରିଚାଳନା କମିଟିର ସଭାପତି । ଏହି ପାଣ୍ଠିପାଇଁ

ସମସ୍ତ ସୁବିଧା ଦେବା ତାହାଙ୍କ ନିକଟକୁ ପଠାଇବାପାଇଁ ଅନୁରୋଧ ।

---

## ଓଡ଼ିଶାରେ ଆୟୁର୍ବେଦୀୟ ଚିକିତ୍ସା ପଦ୍ଧତିର ବିକାଶପାଇଁ ବ୍ୟବସ୍ଥା

ରାଜ୍ୟରେ ଗୋଟିଏ ଆୟୁର୍ବେଦୀୟ ଅନୁଷ୍ଠାନ ଖୋଲିବାପାଇଁ ସରକାର ୧୯୫୩ ମସିହାରେ ସ୍ଥିର କରିଥିଲେ । ଏହି ଉଦ୍ଦେଶ୍ୟରେ ସରକାର କେତେକ ଆୟୁର୍ବେଦ-ବିଶେଷଜ୍ଞଙ୍କୁ ନେଇ ଗୋଟିଏ କମିଟି ନିଯୁକ୍ତ କଲେ । ଅନ୍ୟାନ୍ୟ ବିଷୟ ମଧ୍ୟରେ ଏ ଅନୁଷ୍ଠାନରେ କେଉଁ ଧରଣର ପାଠ୍ୟକ୍ରମ ପ୍ରବର୍ତ୍ତିତ କରାଯିବ, ସେ ସଂପର୍କରେ ସରକାରଙ୍କୁ ସୁପାରିଶ କରିବାପାଇଁ ଏହି କମିଟି ନିଯୁକ୍ତ ହୋଇଥିଲା । କମିଟି ମତ ଦେଇଥିଲେ ଯେ ଆୟୁର୍ବେଦ ପାଠ୍ୟକ୍ରମରେ ପଦାର୍ଥ-ବିଜ୍ଞାନ, ରସାୟନ-ଶାସ୍ତ୍ର, ପ୍ରାଣିବିଜ୍ଞାନ, ଶରୀର-ବ୍ୟବଚ୍ଛେଦବିଦ୍ୟା ଶରୀରତତ୍ତ୍ୱ ଓ ଅସ୍ତ୍ରୋପଚାର ଭଳି ଆଧୁନିକ ବିଜ୍ଞାନକୁ ଅନ୍ତର୍ଭୁକ୍ତ କରା ନ ଗଲେ ଆୟୁର୍ବେଦ ଶିକ୍ଷା ପୂର୍ଣ୍ଣାଙ୍ଗ ହେବ ନାହିଁ କି ସର୍ବସାଧାରଣଙ୍କର ଦରକାରରେ ଆସିବ ନାହିଁ । ତଦନୁଯାୟୀ ଆୟୁର୍ବେଦ-ଗ୍ରନ୍ଥମାନଙ୍କର ଜ୍ଞାନର ପରିସରକୁ ପ୍ରସାରିତ କରାଯିବା ଉଦ୍ଦେଶ୍ୟରେ ଉକ୍ତ କମିଟିର ସୁପାରିଶକ୍ରମେ ଆଧୁନିକ ବିଜ୍ଞାନ ସଂପର୍କରେ ଶିକ୍ଷାପ୍ରଦାନ ପ୍ରଣାଳୀ ପ୍ରବର୍ତ୍ତନ କରାଗଲା । ଆୟୁର୍ବେଦ ମଧ୍ୟରେ ରହିଯାଇଥିବା ଅସଂପୂର୍ଣ୍ଣ ଅଂଶଗୁଡ଼ିକ ପୂରଣ କରିବାପାଇଁ ଆଧୁନିକ ବିଜ୍ଞାନ ସଂପର୍କୀୟ ଶିକ୍ଷାଦାନ ପ୍ରବର୍ତ୍ତନ କରାଯାଇଥିଲେ ମଧ୍ୟ ନିର୍ଦ୍ଧାରିତ ପାଠ୍ୟକ୍ରମରେ ବିଭିନ୍ନ ତ୍ରୁଟିବିଚ୍ୟୁତି ରହିଥିବା ଦେଖାଗଲା । ତେଣୁ ପୁରୀସ୍ଥ ଗୋପବନ୍ଧୁ ଆୟୁର୍ବେଦ ବିଦ୍ୟାପୀଠରେ ଶୁଦ୍ଧ ଆୟୁର୍ବେଦୀୟ ପ୍ରଣାଳୀର ଔଷଧପତ୍ର ସଂପର୍କରେ ଶିକ୍ଷାଦାନ କରାଯିବାପାଇଁ ଏକ ପାଠ୍ୟକ୍ରମ ପ୍ରସ୍ତୁତ କରିବାପାଇଁ ସରକାର ଗୋଟିଏ କମିଟି ନିଯୁକ୍ତ କଲେ । ଇତିମଧ୍ୟରେ ଆୟୁର୍ବେଦୀୟ ପ୍ରଣାଳୀର ଚିକିତ୍ସା ରାଜ୍ୟରେ ଚଳାଇବା ଉଦ୍ଦେଶ୍ୟରେ ଗୋଟିଏ ସ୍ୱତନ୍ତ୍ର ଇନ୍‌ସପେକ୍ଟର-ଦପ୍ତର (ଇନ୍‌ସପେକ୍ଟରେଟ୍) ସୃଷ୍ଟି କରାଯାଇଛି । ଭାରତ ସରକାରଙ୍କଦ୍ୱାରା ନିଯୁକ୍ତ ବିଭିନ୍ନ କମିଟି ଏକାଧାରରେ ମତ ପ୍ରକାଶ କରିଛନ୍ତି ଯେ ଜାତୀୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାର ଆୟୁର୍ବେଦୀୟ ଚିକିତ୍ସା ପଦ୍ଧତିକୁ ସ୍ୱୀକୃତି ପ୍ରଦାନ କରିବା ଉଚିତ ଏବଂ ଏହି ପ୍ରାଚୀନ ଔଷଧ ପ୍ରଣାଳୀର ଉପାଦେୟତା ଯେପରି ବୃଦ୍ଧି ପାଇପାରିବ, ସେଥିପାଇଁ ଏହା ବୈଜ୍ଞାନିକ ଭିତ୍ତି ଉପରେ ପ୍ରତିଷ୍ଠିତ ହେବା ଉଚିତ ଓ ଏହାର ଅନୁସନ୍ଧାନ କରାଯିବା ଉଚିତ । ଏହି ଦେଶୀୟ ଚିକିତ୍ସା-ପଦ୍ଧତି, ଜନସାଧାରଣଙ୍କ ସଂସ୍କୃତି ସହିତ ଗଭୀରଭାବେ ଜଡ଼ିତ । ଦିନେ ଏହି ଚିକିତ୍ସା-ପଦ୍ଧତି ବ୍ୟାପକଭାବେ ବ୍ୟବହୃତ ହେଉଥିଲା ଓ ଯଥେଷ୍ଟ ଲୋକପ୍ରିୟତା ଅର୍ଜନ କରିଥିଲା । ସେହି ଔଷଧପତ୍ରପ୍ରତି ସର୍ବସାଧାରଣଙ୍କର ଆସକ୍ତି ଆଜିପର୍ଯ୍ୟନ୍ତ ରହିଛି । ତେଣୁ ରାଜ୍ୟ ମଧ୍ୟରେ ଆୟୁର୍ବେଦୀୟ ଔଷଧପତ୍ରର ଅଧ୍ୟୟନ ଓ ପ୍ରୟୋଗର ଅନୁସନ୍ଧାନ ଉଦ୍ଦେଶ୍ୟରେ ସରକାର ଗୋଟିଏ ସ୍ୱତନ୍ତ୍ର ଇନ୍‌ସପେକ୍ଟର-ଦପ୍ତର ସୃଷ୍ଟି କଲେ, ଯାହା କି ଏ ଦିଗରେ ଏକ ପିଣ୍ଡ-ଅନୁଷ୍ଠାନରୂପେ କାର୍ଯ୍ୟ କରିପାରିବ ।

୨—ବର୍ତ୍ତମାନ ରାଜ୍ୟ ମଧ୍ୟରେ ୧୫୯ ଗୋଟି ଆୟୁର୍ବେଦୀୟ ଚିକିତ୍ସାଳୟ ଓ ଔଷଧାଳୟ ରହିଛି । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଅଧିକା ୧୨ଗୋଟି ଔଷଧାଳୟର ବ୍ୟବସ୍ଥା ରଖାଯାଇଛି । ପୁରୀସ୍ଥ ଗୋପବନ୍ଧୁ ଆୟୁର୍ବେଦୀୟ ବିଦ୍ୟାପୀଠରେ ଦେଶୀୟ ଚିକିତ୍ସା ପଦ୍ଧତି ସଂପର୍କରେ ଗବେଷଣା ଚଳାଇବାପାଇଁ ମଧ୍ୟ ବ୍ୟବସ୍ଥା ରଖାଯାଇଛି । ରାଜ୍ୟରେ ବର୍ତ୍ତମାନ ଆୟୁର୍ବେଦୀୟ ଚିକିତ୍ସାଳୟ ଓ ଡାକ୍ତରଖାନା ସଂଖ୍ୟା ବଢ଼ିଯାଇଛି ଓ ଆୟୁର୍ବେଦୀୟ ଚିକିତ୍ସାପାଇଁ ଜନସାଧାରଣଙ୍କଠାରୁ ଅଧିକରୁ ଅଧିକ ଦାବି ହେଉଛି । ଏହି ଦାବି ପୂରଣ କରିବା ଏବଂ ଏସବୁ ଡାକ୍ତରଖାନା

ଓ ଚିକିତ୍ସାଳୟର ଉଦ୍ଦେଶ୍ୟରେ କାମ ତୁଲାଇବାପାଇଁ ଦେଶୀୟ ଚିକିତ୍ସା-ପଦ୍ଧତିରେ ଲୋକମାନଙ୍କୁ ତାଲିମ ଦେବା ଉଦ୍ଦେଶ୍ୟରେ ପୁରୀ ଗୋପବନ୍ଧୁ ଆୟୁର୍ବେଦୀୟ ବିଦ୍ୟାପୀଠହିଁ କେନ୍ଦ୍ରୀୟ ଅନୁଷ୍ଠାନ ହୋଇ ରହିବ । ଆୟୁର୍ବେଦୀୟ ଚିକିତ୍ସା-ପଦ୍ଧତିର ସଂପ୍ରସାରଣପାଇଁ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମ ଓ ଏହାର ବିକାଶପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମଦୃଷ୍ଟିରୁ ପୁରୀ ଗୋପବନ୍ଧୁ ଆୟୁର୍ବେଦୀୟ ବିଦ୍ୟାପୀଠକୁ ସେହି ସ୍ଥାନରେ ଗଢ଼ିବାକୁ ହେବ । ଆୟୁର୍ବେଦୀୟ ପଦ୍ଧତିର ଚିକିତ୍ସା କ୍ଷେତ୍ରରେ ରହିଥିବା ଉନ୍ନତି ବିଷୟକୁ ନେଇ ସରକାର ସ୍ଥିର କରିଛନ୍ତି ଯେ ସିଲବସ କମିଟୀ ଯେଉଁ ସୁପାରିଶ କରିଥିଲେ ତଦନୁଯାୟୀ ପୁରୀ ଗୋପବନ୍ଧୁ ଆୟୁର୍ବେଦୀୟ ବିଦ୍ୟାପୀଠରେ ୧୯୭୧ ଅଗଷ୍ଟ ପନ୍ଦରରୁ ଶୁଦ୍ଧ ଆୟୁର୍ବେଦୀୟ ପାଠ୍ୟକ୍ରମ ପ୍ରଚଳନ କରାଇବେ । ତେଣୁ ଚଳିତ ବର୍ଷ ଅଗଷ୍ଟ ମାସ ୧ ତାରିଖରୁ ଆରମ୍ଭ ହେଉଥିବା ପାଠ୍ୟ-ବର୍ଷଠାରୁ "ଶୁଦ୍ଧ ଆୟୁର୍ବେଦୀୟ ପାଠ୍ୟକ୍ରମ"ପାଇଁ ଛାତ୍ର ଗ୍ରହଣ କରାଯିବ । "ଅଧ୍ୟକ୍ଷ (ପ୍ରିନ୍‌ସିପାଲ) ଗୋପବନ୍ଧୁ ଆୟୁର୍ବେଦ ବିଦ୍ୟାପୀଠ, ପୁରୀ"ଙ୍କ ନିକଟରୁ ଏ ସଂପର୍କୀୟ ପାଠ୍ୟକ୍ରମ ଓ ଅନୁଷ୍ଠାନ-ପତ୍ର ମିଳିପାରିବ ।

---

## ଜନ୍ମମୃତ୍ୟୁ ସମ୍ପର୍କୀୟ ପରିସଂଖ୍ୟାନରେ ତାଲିମପାଇଁ ଅଧିଛାତ୍ର-ବୃତ୍ତି

ଓଡ଼ିଶା ସରକାରଙ୍କ ଯୋଜନା ଓ ସମନ୍ୱୟ ବିଭାଗ ଜଣାଇଛନ୍ତି:—

୧୯୭୨-୭୩ ମସିହା ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକାରେ ଜନ୍ମମୃତ୍ୟୁ ଗଣନା ସମ୍ପର୍କୀୟ ପରିସଂଖ୍ୟାନରେ (ଡେମୋଗ୍ରାଫି) ତାଲିମ ଦେବାନିମନ୍ତେ ନିଉୟର୍କସ୍ଥ ଜନସଂଖ୍ୟା ପରିଷଦ (ପପୁଲେସନ କାଉନ୍‌ସିଲ) ଅଧିବୃତ୍ତି (ଫେଲୋସିପ୍) ପ୍ରଦାନ କରୁଛନ୍ତି । ପ୍ରଥମାବସ୍ଥାରେ ବର୍ଷକପାଇଁ ଏହି ଅଧିବୃତ୍ତି ଦିଆଯିବ । ଯେଉଁମାନେ ଗଣିତ-ଶାସ୍ତ୍ର / ପରିସଂଖ୍ୟାନ / ଅର୍ଥଶାସ୍ତ୍ର/ ସମାଜତତ୍ତ୍ୱ କିମ୍ବା ସମାଜ-ବିଜ୍ଞାନରେ ସ୍ନାତକୋତ୍ତର ଉପାଧି ହାସଲ କରିଥିବେ ଏବଂ ଜନ୍ମମୃତ୍ୟୁ ଗଣନା ସମ୍ପର୍କୀୟ ପରିସଂଖ୍ୟାନରେ (ଡେମୋଗ୍ରାଫି) ବା ପରିବାର ନିୟନ୍ତ୍ରଣ ବିଷୟରେ ତିନିବର୍ଷ ଶିକ୍ଷକତା ଓ/ କିମ୍ବା ଗବେଷଣା କରି ଅଭିଜ୍ଞତା ଅର୍ଜନ କରିଥିବେ ଏବଂ ୪୦ ବର୍ଷରୁ କମ୍ ବୟସର ହୋଇଥିବେ, ସେହିଭଳି ବ୍ୟକ୍ତିମାନେ ଏହି ଅଧିଛାତ୍ର-ବୃତ୍ତି ପାଇବାପାଇଁ ହକ୍‌ଦାର ହେବେ । ଏହି କାଉନସିଲ ତାଙ୍କର ସମସ୍ତ ଖର୍ଚ୍ଚ ବହନ କରିବେ । ଏ ସମ୍ପର୍କରେ ନୂଆଦିଲ୍ଲୀସ୍ଥ ଡିରେକ୍ଟରେଟ୍ ଜେନେରାଲ ଅଫ୍ ହେଲଥ ସର୍ଭିସେସ୍‌ରେ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ହେଉଛି ୧୯୭୧ ମସିହା ଅକ୍ଟୋବର ୩୧ ତାରିଖ । "ସେକ୍ରେଟାରୀ, ଡେମୋଗ୍ରାଫିକ୍ ଏଡ୍‌ଭାଇଜରୀ କମିଟୀ, ଡିରେକ୍ଟରେଟ ଜେନେରାଲ ଅଫ୍ ହେଲ୍‌ଥ ସର୍ଭିସେସ୍, ନର୍ଥବ୍ଲକ ନୂଆଦିଲ୍ଲୀ"ଙ୍କ ନିକଟରୁ ଦରଖାସ୍ତ ଫର୍ମମାନ ମିଳିପାରିବ । ଓଡ଼ିଶାର ଶିକ୍ଷାର୍ଥୀମାନେ ଏହି ଅଧିବୃତ୍ତିର ସୁବିଧା ନେଇପାରିବେ ।

---

## ଓଡ଼ିଶାର ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଲୋକ ନିଯୁକ୍ତି

୧୩୮୦ଟି ରିପୋର୍ଟକାରୀ ଅନୁଷ୍ଠାନରୁ ମିଳିଥିବା ହିସାବରୁ ପ୍ରକାଶ ଯେ ସରକାରୀ କ୍ଷେତ୍ରରେ ନିଯୁକ୍ତି-ସଂଖ୍ୟା ୧୯୭୦ ଜୁନ ଶେଷରେ ୧୭୫୬୬୭ ଥିବା ସ୍ଥଳେ ୧୯୭୦ ସେପ୍ଟେମ୍ବର ଶେଷରେ ତାହା ୧୭୩୩୩୬ରୁ ହ୍ରାସ ପାଇଥିଲା; ଅର୍ଥାତ ମୋଟ ଉପରେ ନିଯୁକ୍ତି ପାଇଥିବା ଲୋକଙ୍କ ସଂଖ୍ୟା ୨୩୩୧ କମିଯାଇଥିଲା । ୧୯୭୦ ଜୁନ ଶେଷରେ ଯେତେ ଲୋକ କାମ ପାଇଥିଲେ ତାହା ଅପେକ୍ଷା ୧୯୭୦ ସେପ୍ଟେମ୍ବର ଶେଷରେ ଶତକଡ଼ା ୧.୩ କମ୍ ଲୋକ ନିଯୁକ୍ତି ପାଇଥିଲେ । ମୁଖ୍ୟତଃ ବର୍ଷାଋତୁ ଆସିଯିବାରୁ ଅନେକ ଶିଳ୍ପସଂସ୍ଥାରୁ

ଠିକା କର୍ମସ୍ଥଳୀ ଓ ସାମୟିକ ମୂଲିଆ ଛଟେଇ କରାଯିବା ଫଳରେ ନିଯୋଗ ଅନୁପାତ ଏଭଳିଭାବେ ହ୍ରାସ ପାଇଛି ।

---

## ତାଲଚେର ନିର୍ବାଚନ ମଣ୍ଡଳୀର ଭୋଟର ତାଲିକା ପ୍ରକାଶନ

ନିର୍ବାଚନ ରେଜେଷ୍ଟ୍ରୀକରଣ ଅଫିସର (ସବ୍-ଡିଭିଜନାଲ ଅଫିସର), ତହସିଲଦାର କିମ୍ବା ଅଞ୍ଚଳ ଅଧିକାରୀମାନଙ୍କର ଅଫିସ, ଗ୍ରାମପଞ୍ଚାୟତ, ଥାନା ଏବଂ ପ୍ରଧାନ ପ୍ରଧାନ ଗ୍ରାମ୍ୟ କେନ୍ଦ୍ରମାନଙ୍କରେ ତାଲଚେର ନିର୍ବାଚନ ମଣ୍ଡଳୀର ଭୋଟର ତାଲିକା ଖସଡ଼ା ଆକାରରେ ୯-୯-୭୧ ତାରିଖଠାରୁ ୩୦ ଦିନପର୍ଯ୍ୟନ୍ତ ପ୍ରକାଶିତ ହେବ । ଭୋଟଦାତା ହେବାପାଇଁ ହକ୍‌ଦାର ପ୍ରତ୍ୟେକ ନାଗରିକଙ୍କର ନାମ ଏହି ଭୋଟର ତାଲିକା ଅନ୍ତର୍ଭୁକ୍ତ ହୋଇଛି କି ନାହିଁ ତାହା ଯାଞ୍ଚ କରିବାପାଇଁ ସେମାନଙ୍କୁ ଅନୁରୋଧ କରାଯାଉଛି । ଯଦି କୌଣସି ବ୍ୟକ୍ତିଙ୍କର ନାମ ଏଥିମଧ୍ୟରେ ନ ଥାଏ, ତେବେ ତାଙ୍କର ନାମକୁ ଏହି ତାଲିକାଭୁକ୍ତ କରିବାପାଇଁ ନିର୍ଦ୍ଧାରିତ ଫାରମରେ ଗୋଟିଏ ଦରଖାସ୍ତ ଦେବାକୁ ହେବ । ନିର୍ବାଚନ ରେଜେଷ୍ଟ୍ରିକରଣ ଅଫିସରଙ୍କୁ (ସବ୍-ଡିଭିଜନାଲ ଅଫିସର) ସମ୍ବୋଧନ କରି ଏହି ଦରଖାସ୍ତ ଦାଖଲ କରିବାକୁ ପଡ଼ିବ କିମ୍ବା ରେଜେଷ୍ଟ୍ରୀ ଡାକଯୋଗେ ତାଙ୍କ ପାଖକୁ ପଠାଇବାକୁ ହେବ । ସବଡିଭିଜନାଲ ଅଫିସର, ତହସିଲଦାର କିମ୍ବା ଅଞ୍ଚଳ-ଅଧିକାରୀମାନଙ୍କ ଅଫିସରୁ ଏବଂ ଥାନାମାନଙ୍କରୁ ବିନା ମୂଲ୍ୟରେ ଫାରମର ନକଲମାନ ମିଳିପାରିବ ।

କୌଣସି ବ୍ୟକ୍ତିଙ୍କର ନାମ ଯଦି ଭୁଲରେ ବା ଭ୍ରମପୂର୍ଣ୍ଣଭାବରେ ଏହି ତାଲିକାର ଅନ୍ତର୍ଭୁକ୍ତ ହୋଇଥାଏ, ତେବେ ନିର୍ଦ୍ଧାରିତ ଫାରମରେ ଗୋଟିଏ ଅଭିଯୋଗ ଦରଖାସ୍ତ କରିବାକୁ ହେବ । ଏହି ଦରଖାସ୍ତମାନ ପାଇବା ବା ଦାଖଲ କରିବାବେଳେ ଉପର୍ଯ୍ୟୁକ୍ତ ପଦ୍ଧତି ଅନୁସରଣ କରିବା ଆବଶ୍ୟକ ।

୯।୯।୭୧ ତାରିଖଠାରୁ ୮।୧୦।୭୧ ତାରିଖ ମଧ୍ୟରେ ଏହି ଦରଖାସ୍ତମାନ ପଠାଯାଇପାରିବ ।

---

## ପାଞ୍ଚ ଶତ ଟଙ୍କା ପୁରସ୍କାର

କଟକ ଜିଲ୍ଲା କୃଷି ବିଭାଗ ଅଫିସର ଭୂତପୂର୍ବ କିରାଣୀ ଶ୍ରୀ ବିଦ୍ୟାଧର ନନ୍ଦ, ପି: ଦାଶରଥି ନନ୍ଦ, ଗ୍ରା: ହୁଲୁରସିଙ୍ଗା, ଥା: ଅନୁଗୁଳ, ଜି: ଢେଙ୍କାନାଳ ଉକ୍ତ ଅଫିସ ତହବିଲରୁ ପ୍ରାୟ ୧୦,୦୦୦ ଟଙ୍କା ଆତ୍ମସାତ୍ କରି ୧୯୬୧ ମସିହାରୁ ଫେରାର୍ ଅଛନ୍ତି ।

ସେହି ସମ୍ପର୍କରେ କଟକ ଲାଲବାଗ ଥାନାରେ ୩।୧୦।୬୧ ତାରିଖରେ ୩୭୯ ନମ୍ବର ମୋକଦ୍ଦମା ରୁଜୁ ହୋଇଅଛି । ଶ୍ରୀ ବିଦ୍ୟାଧର ନନ୍ଦଙ୍କୁ ଗିରଫ କରିବାପାଇଁ ସରକାର ୫୦୦ ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି । ଯେଉଁ ବ୍ୟକ୍ତି ଉକ୍ତ ଫେରାର ଆସାମୀକୁ ଗିରଫ କରିବେ ବା କରାଇଦେବେ କିମ୍ବା ଗିରଫ କରିବାପାଇଁ ସଠିକ ଖବର ଦେବେ, ସେ ଉପରୋକ୍ତ ୫୦୦ ଟଙ୍କା ପୁରସ୍କାର ପାଇବେ ।

ଫେରାର ଆସାମୀର ବିବରଣୀ:—

ବର୍ଣ୍ଣ ଶ୍ୟାମଳ, ଉଚ୍ଚତା ପ୍ରାୟ ୫ ଫୁ-୪ ଇଞ୍ଚ, ବୟସ ପ୍ରାୟ ୪୦ ବର୍ଷ । B.D.N. ବାମ ହାତରେ ଇଂରେଜୀରେ ଲେଖାଅଛି । ବାମପାଖ କପାଳ ଓ ବାମ ପାଖ ଚକ୍ଷୁ ଉପରେ କ୍ଷତଚିହ୍ନ ଅଛି ।

---

## କେସିଙ୍ଗାରେ ଲୋକସହାୟକ ସେନାଶିବିର

୧୯୭୧ ଅକ୍ଟୋବର ୨୫ ତାରିଖଠାରୁ ନଭେମ୍ବର ୨୩ ତାରିଖ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲାର କେସିଙ୍ଗାଠାରେ ଲୋକସହାୟକ ସେନାଶିବିର ଉଦ୍‌ଘାଟନ କରିବାପାଇଁ ଭାରତ ସରକାର ସ୍ଥିର କରିଛନ୍ତି । ଏଥିପାଇଁ ଅକ୍ଟୋବର ୨୩, ୨୪ ଓ ୨୫ ତାରିଖରେ ଶିବିର ନିକଟରେ ପ୍ରାର୍ଥୀ ଗ୍ରହଣ କରାଯିବେ

ଓ ମୋଟ ୫୨୫ଜଣ ପ୍ରାର୍ଥୀ ନିଆଯିବେ । ଯଥାସମ୍ଭବ ଅଧିକ ସଂଖ୍ୟକ ନାଗରିକଙ୍କ ମନରେ ଶୃଙ୍ଖଳା ଓ ଦାୟିତ୍ୱବୋଧ ସଞ୍ଚାର କରିବା ଉଦ୍ଦେଶ୍ୟରେ ସେମାନଙ୍କୁ ମୌଳିକ ସାମରିକତା ଶିକ୍ଷା ଦେବା ଏହି ଶିବିରର ଲକ୍ଷ୍ୟ । ଲୋକସହାୟକ ସେନା ଶିବିରରେ ଯୋଗ ଦେବାପାଇଁ ୧୮ ବର୍ଷରୁ ୪୦ ବର୍ଷ ବୟସ୍କ ସମସ୍ତ କାର୍ଯ୍ୟକ୍ଷମ ଭାରତୀୟ ପୁରୁଷ ନାଗରିକ ଉପଯୁକ୍ତ ବିବେଚିତ ହେବେ (ଯୁଦ୍ଧଫେରନ୍ତା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ସହାୟକ ସମର ଶିକ୍ଷାର୍ଥୀ ବାହିନୀ ଓ ପୁଲିସ ବ୍ୟତୀତ) । ଯେଉଁମାନେ ଶିବିର ନିକଟରେ କିମ୍ବା ଶିବିର ନିକଟରୁ ସହଜରେ ଯିବାଆସିବା କରିହେବା ଭଳି ଅଞ୍ଚଳରେ ବାସ କରୁଥିବେ, ସେମାନଙ୍କୁ ଶିବିରରେ ଯୋଗଦେବାପାଇଁ ପ୍ରଥମ ସୁବିଧା ଦିଆଯିବ । ଲୋକସହାୟକ ସେନାଶିବିରରେ ଯୋଗ ଦେଉଥିବା ପ୍ରତ୍ୟେକ ଲୋକ ଏକ ମାସପର୍ଯ୍ୟନ୍ତ ଉକ୍ତ ଶିବିରରେ ଦିଆଯାଉଥିବା ତାଲିମ ପାଇବାକୁ ବାଧ୍ୟ ରହିବେ । ତାଲିମ ସମୟ ମଧ୍ୟରେ ପ୍ରତ୍ୟେକ ଶିକ୍ଷାର୍ଥୀ ବିନା ମୂଲ୍ୟରେ ଖାଦ୍ୟ, ପୋଷାକ ଓ ତମ୍ବୁରେ ରହିବାର ସୁବିଧା ପାଇବାକୁ ହକ୍‌ଦାର ହେବେ । ଯେଉଁମାନେ ଏହି ତାଲିମ ଶିବିରରେ ଯୋଗଦେବାକୁ ଇଚ୍ଛା କରନ୍ତି, ସେମାନଙ୍କୁ ଘରୁ ଶିବିରକୁ ଆସିବା କିମ୍ବା ଶିବିରରୁ ଘରକୁ ଫେରିବାପାଇଁ ବାଟଖର୍ଚ୍ଚ ଦିଆଯିବ ନାହିଁ । କିନ୍ତୁ ସଫଳଭାବେ ତାଲିମ ସଂପୂର୍ଣ୍ଣ କଲାପରେ ପ୍ରତ୍ୟେକ ପ୍ରାର୍ଥୀ ୧୫ ଟଙ୍କା ହିସାବରେ ପକେଟ ଖର୍ଚ୍ଚ ପାଇବେ ।

---

## ଓଡ଼ିଶାରେ ବୈଜ୍ଞାନିକ ଓ ଶିଳ୍ପ-ଗବେଷଣାପାଇଁ ସାହାଯ୍ୟ

ଓଡ଼ିଶା ସରକାର ୧୯୫୮ ମସିହାଠାରୁ ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ବୋର୍ଡ ସ୍ଥାପନ କରିଛନ୍ତି । ଓଡ଼ିଶାର ସମ୍ବଳ ଓ ଆବଶ୍ୟକତାପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ସାଧାରଣତଃ ମୌଳିକ ଓ ବ୍ୟାବହାରିକ ବୈଜ୍ଞାନିକ ଗବେଷଣା ଏବଂ ବିଶେଷତଃ ଶିଳ୍ପ ଗବେଷଣାର ଅଭିବୃଦ୍ଧି ଘଟାଇବା ଲକ୍ଷ୍ୟରେ ଏହି ବୋର୍ଡ ସ୍ଥାପିତ ହୋଇଛି । ଉକ୍ତ ଗବେଷଣା ଫଳରେ ରାଜ୍ୟରେ ଶିଳ୍ପଗୁଡ଼ିକର ଯୋଜନାବଦ୍ଧ ବିକାଶକୁ ସାହାଯ୍ୟ କରାଯାଇପାରିବ ଏବଂ ରାଜ୍ୟରେ ଥିବା ବିଭିନ୍ନ ସରକାରୀ ବିଭାଗ ଓ ଅନୁଷ୍ଠାନରେ ଯେଉଁସବୁ ଗବେଷଣା କାର୍ଯ୍ୟ ଚାଲିଛି, ସେଗୁଡ଼ିକ ମଧ୍ୟରେ ସମନ୍ୱୟ ଆଣାଯାଇପାରିବ । ସରକାରଙ୍କଠାରୁ ବାର୍ଷିକ ୨୨,୫୭୦ ଟଙ୍କା ଗ୍ରାଣ୍ଟ ନେଇ ଏହି ବୋର୍ଡ ନିଜର କାର୍ଯ୍ୟ ଚଳାଉଛନ୍ତି । ଏପର୍ଯ୍ୟନ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ମତ୍ସ୍ୟ, ପଶୁଚିକିତ୍ସା ଓ ଶିଳ୍ପ ବିଭାଗର ଅଫିସରମାନଙ୍କଦ୍ୱାରା ପରିଚାଳିତ ଗବେଷଣା ସମ୍ପର୍କୀୟ ବିଭିନ୍ନ ପରିକଳ୍ପନାପାଇଁ ବୋର୍ଡ ଟ ୧,୨୯,୯୦୧.୪୬ ନ: ପ: ମଞ୍ଜୁର କରିଛନ୍ତି । ବର୍ତ୍ତମାନ ଏଭଳି ୩୭ଟି ପରିକଳ୍ପନା କାର୍ଯ୍ୟକାରୀ ହେଉଛି । ଓଡ଼ିଶାରେ ଖଣିଜ, ସାମୁଦ୍ରିକ, ବନ୍ୟ, ମତ୍ସ୍ୟ ଓ କୃଷିଜାତ ଦ୍ରବ୍ୟ ପ୍ରଭୃତି ବହୁବିଧ ପ୍ରାକୃତିକ ସମ୍ବଳ ପ୍ରଚୁର ପରିମାଣରେ ଥିବାରୁ ବ୍ୟାବହାରିକ ବିଜ୍ଞାନ ଓ ଶିଳ୍ପ ସମ୍ପର୍କୀୟ ଗବେଷଣାପାଇଁ ଏଠାରେ ପ୍ରଚୁର କ୍ଷେତ୍ର ରହିଛି । ସରକାରଙ୍କ ଅନୁସୃତ ବୃତ୍ତି ନୀତି ଫଳରେ ବର୍ତ୍ତମାନ ଏ ରାଜ୍ୟରେ ବହୁତ ଲୋକ ମିଳିବେ; ଯେଉଁମାନେ କି ଭାରତ ମଧ୍ୟରେ ଓ ଭାରତ ବାହାରେ ବିଜ୍ଞାନ, ଇଞ୍ଜିନିୟରିଂ ଓ ଫଳିତ ବିଦ୍ୟା (ଟେକ୍‌ନୋଲୋଜି) ବିଷୟରେ ତାଲିମ ପାଇଛନ୍ତି । ବୋର୍ଡଙ୍କର ଆନ୍ତରିକ ଆଶା ଯେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏହି ଯେଉଁ ଉଚ୍ଚ ତାଲିମପ୍ରାପ୍ତ ବୈଜ୍ଞାନିକ ଓ ବୈଷୟିକ କର୍ମଚାରୀମାନେ ଅଛନ୍ତି, ସେମାନେ ଆମ ରାଜ୍ୟର ଆର୍ଥିକ ବିକାଶ ସହ ସଂପୃକ୍ତ ବିଭିନ୍ନ ଗବେଷଣାରେ ବିଶେଷ ମନୋନିବେଶ କରିବେ । ଏପର୍ଯ୍ୟନ୍ତ ସେମାନଙ୍କଠାରୁ ଏ ଦିଗରେ ଯେଉଁ ମନୋଭାବ ଦେଖାଯାଇଛି, ତାହା ଆଶାନୁରୂପ ବୋଲି କୁହାଯାଇ ନ ପାରେ ।

ତେଣୁ ବ୍ୟାବହାରିକ ବିଜ୍ଞାନ ଓ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଗବେଷଣା କର୍ମୀମାନଙ୍କୁ ଅନୁରୋଧ ଯେ ସେମାନେ ଯଥାସମ୍ଭବ ଶୀଘ୍ର ନିଜ ନିଜର ଗବେଷଣା ସମ୍ପର୍କୀୟ ପରିକଳ୍ପନାମାନ ବୋର୍ଡ଼ ନିକଟକୁ ପଠାନ୍ତୁ । ତାହାହେଲେ ଏଥିପାଇଁ ପାଣ୍ଠି ବଣ୍ଟନ କଲାବେଳେ ବୋର୍ଡ଼ ଏସବୁ ପରିକଳ୍ପନା ବିଚାରକୁ ନେବେ । ବୋର୍ଡ଼ଙ୍କ ବିଚାରପାଇଁ ପରିକଳ୍ପନାମାନ ଦାଖଲ କରିବା ନିମନ୍ତେ ଆବଶ୍ୟକ ଫର୍ମ ଓ ଅନ୍ୟ ବିବରଣୀମାନ "ଆଡ଼ିସନାଲ ସେକ୍ରେଟେରି ଟୁ ଗଭର୍ଣ୍ଣମେଣ୍ଟ, ପ୍ଲାନିଂ ଏଣ୍ଡ କୋ-ଅର୍ଡ଼ିନେସନ୍ (ପ୍ଲାନିଂ) ଡ଼ିପାର୍ଟମେଣ୍ଟ, ଭୁବନେଶ୍ୱର-୧"ଙ୍କଠାରୁ ମିଳିପାରିବ ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ତୃତୀୟ ଯୋଜନାକାଳ ମଧ୍ୟରେ ୨୦ଟି ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓ ୪ଟି ବିଦ୍ୟାଳୟକୁ ବହୁମୁଖୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯିବାକୁ ନିଷ୍ପତ୍ତି କରାଯାଇଛି ।

## ସର୍ବସାଧାରଣ ପୁସ୍ତକାଗାରକୁ ପୁସ୍ତକ ପ୍ରଦାନ

ଓଡ଼ିଶାର ଯେ କୌଣସି ପ୍ରକାଶକ, ତାଙ୍କଦ୍ୱାରା ପ୍ରକାଶିତ ପୁସ୍ତକରୁ ଖଣ୍ଡିଏ ଲେଖା ପୁସ୍ତକ ଭାରତର ନିମ୍ନଲିଖିତ ୩ଟି ସର୍ବସାଧାରଣ ପୁସ୍ତକାଗାର ଯଥା :—(୧) ନେସନାଲ ଲାଇବ୍ରେରୀ, କଲିକତା, (୨) କନ୍‌ନେମେରା ପବ୍ଲିକ ଲାଇବ୍ରେରୀ, ମାଡ୍ରାସ, ଓ (୩) ସେଣ୍ଟ୍ରାଲ ପବ୍ଲିକ ଲାଇବ୍ରେରୀ, ଟାଉନ୍ ହଲ୍, ବମ୍ବେକୁ ମାଗଣାରେ ଯୋଗାଇ ନ ଦେଲେ "ଡେଲିଭରୀ ଅଫ୍ ବୁକସ (ପବ୍ଲିକ ଲାଇବ୍ରେରୀଜ୍) ଆକ୍ଟ, ୧୯୫୦"ର ପଞ୍ଚମ ଦଫା ଓ ଡେଲିଭରୀ ଅଫ୍ ବୁକସ (ପବ୍ଲିକ ଲାଇବ୍ରେରୀଜ୍) ରୁଲସ'ର ଚତୁର୍ଥ ଦଫା ଅନୁଯାୟୀ ଦଣ୍ଡିତ ହେବେ । ସପ୍ତମ ଦଫା ଅନୁଯାୟୀ ଅଫିସ ବ୍ୟବହୃତ ବ୍ୟତୀତ ଅନ୍ୟ ସମସ୍ତ ସରକାରୀ ପ୍ରକାଶନ ପ୍ରତି ଏହି ଆଇନ୍‌ଟି ଲାଗୁହେବ । ଯେଉଁ ବିଭାଗୀୟ ଅଧିପଙ୍କ କର୍ତ୍ତୃତ୍ୱରେ ପୁସ୍ତକଟି ପ୍ରକାଶିତ ହୋଇଥିବ, ସେ ସେଥିରୁ ଖଣ୍ଡିଏ ଲେଖା ପୁସ୍ତକ ଉପରୋକ୍ତ ୩ଟି ପୁସ୍ତକାଗାରକୁ ପଠାଇବା ପାଇଁ ଦାୟୀ ହେବେ ।

ପ୍ରତ୍ୟେକ ପ୍ରକାଶକ ନିଜ ପ୍ରକାଶିତ ପୁସ୍ତକରୁ ମାଗଣାରେ ଖଣ୍ଡିଏ ଲେଖା ବହି ଉପରୋକ୍ତ ୩ଟି ସର୍ବସାଧାରଣ ପୁସ୍ତକାଗାରକୁ ଯୋଗାଇଦେବା ଏକ ବୈଧାନିକ ଦାୟିତ୍ୱ ଓ ଏହି ଆଇନ୍ ବଳରେ ପ୍ରତ୍ୟେକ ପ୍ରକାଶକଙ୍କ ଉପରେ ଏହି ଦାୟିତ୍ୱଟି ନ୍ୟସ୍ତ କରାଯାଇଛି ।

# ତୃତୀୟ ଯୋଜନାର କେତୋଟି ବିଶିଷ୍ଟ ଶିଳ୍ପ

## କୋଇଲା

ଦେଶର ବହୁତ ଶିଳ୍ପରେ କୋଇଲା ଇନ୍ଧନରୂପେ ବ୍ୟବହୃତ ହୁଏ । ଏହିସବୁ ଶିଳ୍ପରେ କୋଇଲାର ବୃଦ୍ଧିକୁ ହିସାବ କରି ଓ ଆମ ରେଳବାଇରେ କେତେ କୋଇଲା ବୁହାଯାଇପାରିବ, ତାକୁ ଦେଖି ସ୍ଥିର କରାଯାଇଛି ଯେ ତୃତୀୟ ଯୋଜନାର ଶେଷ ବର୍ଷରେ ୯୭୦ ଲକ୍ଷ ଟନ କୋଇଲା ଆମର ଆବଶ୍ୟକ ହେବ । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ମଧ୍ୟରେ ୬୦୦ ଲକ୍ଷ ଟନ କୋଇଲା ଉତ୍ପାଦନ କରିବାର କଥା ଥିଲା । ଏ ଯୋଜନାକାଳ ମଧ୍ୟରେ ତା'ଠାରୁ ୩୭୦ ଲକ୍ଷ ଟନ୍ ଅଧିକା କୋଇଲା ଉତ୍ପାଦନ କରାଯାଇ ବ୍ୟବହାର କରାଯିବ ।

ଏହି ୩୭୦ ଲକ୍ଷ ଟନ୍ ମଧ୍ୟରୁ ୨୦୦ ଲକ୍ଷ ଟନ୍ ସରକାରୀଭାବରେ ଓ ୧୭୦ ଲକ୍ଷ ଟନ ବେସରକାରୀ ଭାବରେ ଉତ୍ତୋଳନ କରାଯିବ ବୋଲି ସ୍ଥିର ହୋଇଛି ।

## ବିଦ୍ୟୁତଶକ୍ତି

ଦ୍ୱିତୀୟ ଯୋଜନା ଶେଷସୁଦ୍ଧା ବାର୍ଷିକ ୪,୫୦,୦୦୦ କିଲୋୱାଟ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ହେଉଛି । ତୃତୀୟ ଯୋଜନାକାଳ ମଧ୍ୟରେ ଏହାକୁ ବଢ଼ାଇ ବାର୍ଷିକ ୧୪,୫୦,୦୦୦ କିଲୋୱାଟ କରାଯିବାର ପ୍ରସ୍ତାବ ଅଛି । ତୃତୀୟ ଯୋଜନାର ଶେଷବେଳକୁ ଦେଶରେ ବିଦ୍ୟୁତ୍ ଉତ୍ପାଦନପାଇଁ ଯେତେ ସଂସ୍ଥା ଥିବ ସେଥିରୁ ୨୩୪ ଲକ୍ଷ କିଲୋୱାଟ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇପାରିବ । ଏହି ଉତ୍ପାଦିତ ଶକ୍ତି ମଧ୍ୟରୁ କେବଳ କଳକାରଖାନା ଚଳେଇବାପାଇଁ ୧୨୭.୯ ଲକ୍ଷ କିଲୋୱାଟ ବ୍ୟବହୃତ ହେବ । ବାକି ଅଂଶ ଅଧିକ ଗ୍ରାମ ଓ ସହରମାନଙ୍କରେ ବିଦ୍ୟୁତ୍‌ଶକ୍ତି ଯୋଗାଇବାରେ ବ୍ୟବହୃତ ହେବ ।

ପ୍ରଥମ ଯୋଜନାର ପ୍ରାରମ୍ଭରେ ଭାରତରେ ମୁଣ୍ଡପିଛା ବିଦ୍ୟୁତଶକ୍ତିର ବ୍ୟବହାର ୧୮ କିଲୋୱାଟ ଥିଲା । ତୃତୀୟ ଯୋଜନା ଶେଷ ସୁଦ୍ଧା ଅର୍ଥାତ୍ ୧୯୬୬ ମସିହା ଶେଷବେଳକୁ ଜଣପିଛା ବାର୍ଷିକ ୯୫ କିଲୋୱାଟ ବିଦ୍ୟୁତ୍‌ଶକ୍ତି ବ୍ୟବହାରପାଇଁ ଯୋଗାଇ ଦିଆଯାଇପାରିବ ବୋଲି ଠିକ୍ ହୋଇଛି ।

ବାଷ୍ପ ଓ ଜଳସ୍ରୋତରୁ ବିଦ୍ୟୁତ୍ ଉତ୍ପାଦନ ଛଡ଼ା ଆଣବିକଶକ୍ତି ସାହାଯ୍ୟରେ ମଧ୍ୟ ବିଦ୍ୟୁତ୍ ଉତ୍ପାଦନର ବ୍ୟବସ୍ଥା ତୃତୀୟ ଯୋଜନାକାଳ ମଧ୍ୟରେ ହେବାର ବ୍ୟବସ୍ଥା କରାଯାଉଛି । ଏ ଅନୁସାରେ ବମ୍ବେ ନିକଟସ୍ଥ ତାରାପୁରଠାରେ ୩୦୦ କିଲୋୱାଟ ବିଦ୍ୟୁତ୍‌ଶକ୍ତି ଉତ୍ପାଦନକ୍ଷମ ଏକ ସଂସ୍ଥା ତିଆରି କରାଯାଉଛି ।

୧୯୬୧ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଯେତେ ଗ୍ରାମ ଓ ଛୋଟ ସହରରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ହୋଇଛି, ତୃତୀୟ ଯୋଜନାର ଶେଷ ଅର୍ଥାତ୍ ୧୯୬୬ ମସିହା ମାର୍ଚ୍ଚ ଶେଷ ସୁଦ୍ଧା ଆହୁରି ୨୦,୦୦୦ଟି ଗ୍ରାମ ଓ ସହରରେ ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା କରାଯାଇପାରିବ ।

## ଲୌହ ଓ ଇସ୍ପାତ୍

ତୃତୀୟ ଯୋଜନାରେ ୧୦.୨ ନିୟୁତ ଟନ୍ ଇସ୍ପାତ ଓ ୧.୫ ନିୟୁତ ଟନ ଲୁହା ବଜାରପାଇଁ ଯୋଗାଇ ଦିଆଯାଇପାରିବାର ବ୍ୟବସ୍ଥା ହୋଇଛି ।

ତୃତୀୟ ଯୋଜନାର ପ୍ରଥମ ବର୍ଷରେ ସରକାରୀ ଉଦ୍ୟମରେ ସ୍ଥାପିତ ହୋଇଥିବା ଇସ୍ପାତ୍ କାରଖାନାଗୁଡ଼ିକରେ ସେମାନଙ୍କର ଶକ୍ତି ଅନୁଯାୟୀ ଉତ୍ପାଦନ ଆରମ୍ଭ କରାଯିବାର ବ୍ୟବସ୍ଥା କରାଯାଇଛି । ଉପର୍ଯ୍ୟୁକ୍ତ କାରଖାନାଗୁଡ଼ିକର ତିଆରି କାମ ଦ୍ୱିତୀୟ ଯୋଜନାକାଳ ମଧ୍ୟରେ ଶେଷ ହୋଇଛି । ତୃତୀୟ ଯୋଜନାରେ ମଧ୍ୟ ଭିଲାଇ, ରାଉରକେଲା, ଦୁର୍ଗାପୁର କାରଖାନାଗୁଡ଼ିକର ସଂପ୍ରସାରଣ କରାଯିବ । ମହୀଶୂର ଲୌହ-ଇସ୍ପାତ୍ କାରଖାନାର ମଧ୍ୟ ଉନ୍ନତିବିଧାନ କରାଯିବ । ବିହାରର ବୋକାରୋଠାରେ ଚତୁର୍ଥ ଲୌହ-ଇସ୍ପାତ୍ କାରଖାନା ବସାଯିବ । ନେଭେଲିଠାରୁ

ମିଳୁଥିବା କୋଇଲା ସାହାଯ୍ୟରେ ଗୋଟିଏ ଲୌହ ଉତ୍ପାଦନ କାରଖାନା ଗଢ଼ାଯିବ ।

ବୋକାରୋଠାରେ ସେଉଁ ଲୌହ ଓ ଇସ୍ପାତର କାରଖାନା ବସୁଛି, ତାହାର ଉତ୍ପାଦନଶକ୍ତି ବାର୍ଷିକ ୨୦ ଲକ୍ଷ ଟନ ହେବାର କଥା; କିନ୍ତୁ ପ୍ରାରମ୍ଭିକ ଅବସ୍ଥାରେ ଏଥିରୁ ୧୦ ଲକ୍ଷ ଟନ ଆମଦାନୀ କରାଯାଇ ପାରିବ ବୋଲି ସ୍ଥିର ହୋଇଛି ।

ଦ୍ୱିତୀୟ ଯୋଜନାକାଳ ମଧ୍ୟରେ ସ୍ଥାପିତ ହୋଇଥିବା ଲୌହ-ଇସ୍ପାତ କାରଖାନାର ସମ୍ପ୍ରସାରଣ ଓ ନୂଆ କାରଖାନାର ଗଠନ କାର୍ଯ୍ୟରେ ୫୨୫ କୋଟି ଟଙ୍କା ଖର୍ଚ୍ଚର ବରାଦ କରାଯାଇଛି ।

ସରକାରୀ କାରଖାନା ତଥା ବେସରକାରୀ କାରଖାନାରୁ ୩୨ ଲକ୍ଷ ଟନ୍ ଲୌହ ଓ ଇସ୍ପାତ ଉତ୍ପାଦନ ହେବ ବୋଲି ସ୍ଥିର ହୋଇଛି । ଭଙ୍ଗା ବା ଅକାମୀ ଲୁହାକୁ ଇଲେକ୍ଟ୍ରିକ ଚୁଲ୍ଲୀ ସାହାଯ୍ୟରେ ପୁଣି ଲୌହଖଣ୍ଡରେ ପରିଣତ କରାଯିବାର ବ୍ୟବସ୍ଥା ହେଉଛି । ଏହାଫଳରେ ଲୁହାଛଡ଼ ଓ ଅନ୍ୟାନ୍ୟ ପଦାର୍ଥ ଏହି ଲୁହାରୁ କରାଯାଇପାରିବ ।

ଦୁର୍ଗାପୁରଠାରେ ନିର୍ଦ୍ଦିଷ୍ଟ କାର୍ଯ୍ୟପାଇଁ ବ୍ୟବହାର ହେଉଥିବା ନିର୍ଦ୍ଦିଷ୍ଟ ପ୍ରକାର ଲୌହ ଉତ୍ପାଦନର ବ୍ୟବସ୍ଥା ଏହି ତୃତୀୟ ଯୋଜନାକାଳ ଭିତରେ କରାଯାଉଛି । ଇସ୍ପାତ ସହିତ ଭିନ୍ନ ଭିନ୍ନ ଧାତୁର ମିଶ୍ରଣରେ ଭିନ୍ନ ଭିନ୍ନ ପ୍ରକାର ଲୌହ ଉତ୍ପାଦନର ବ୍ୟବସ୍ଥା ହେଉଛି । ବାର୍ଷିକ ଏପ୍ରକାର ଲୁହା ୪୮,୦୦୦ ଟନ ଆମଦାନୀ ହୋଇପାରିବ ବୋଲି ସ୍ଥିର ହୋଇଛି । ଏଥିରୁ ୨୦,୦୦୦ ଟନ୍ ସରକାରୀ କାରଖାନାରୁ ଓ ବାକିତକ ବେସରକାରୀ ଉଦ୍ୟମରେ ମିଳିବ ବୋଲି ଆଶା କରାଯାଉଛି ।

## ରାସାୟନିକ ସାର

ଖାଦ୍ୟ ଉତ୍ପାଦନର ପରିମାଣ ବଢାଇବାପାଇଁ ରାସାୟନିକ ସାରର ବ୍ୟବହାର ମଧ୍ୟ କୃଷୀମାନଙ୍କ ମଧ୍ୟରେ ବଢ଼ିଛି । ତେଣୁ ତୃତୀୟ ଯୋଜନାକାଳ-ମଧ୍ୟରେ ନାଇଟ୍ରୋଜେନ ସାର ରୂପରେ ୧୦ ଲକ୍ଷ ଟନ୍ ଏବଂ ଫସଫେଟ ସାର ହିସାବରେ ୪ ଲକ୍ଷ ଟନ୍ ଯୋଜନାର ଶେଷ ବର୍ଷ ଅର୍ଥାତ୍ ୧୯୬୫ ୬୬ ମସିହା ଶେଷ ସୁଦ୍ଧା ଉତ୍ପାଦିତ ହେବାର ଆଶା । ସରକାରୀ କାରଖାନାମାନଙ୍କରୁ ତୃତୀୟ ଯୋଜନାର ଶେଷ ବର୍ଷ ବେଳକୁ ୭,୩୦,୦୦୦ ଟନ ସାର ମିଳିପାରିବ ବୋଲି ଅଟକଳ ହୋଇଛି । ବେସରକାରୀ ଶିଳ୍ପପତିମାନଙ୍କୁ ଆଉ ପାଞ୍ଚଗୋଟି ସାର କାରଖାନା ନୂଆ ଖୋଲିବାକୁ ମଞ୍ଜୁରି ଦିଆଯାଇଛି । ସେମାନେ ମଧ୍ୟ ପୁରୁଣା ସାର-କାରଖାନାଗୁଡ଼ିକର ଉତ୍ପାଦନଶକ୍ତି ବଢ଼ାଇ ତୃତୀୟ ଯୋଜନାକାଳ ମଧ୍ୟରେ ୪ ଲକ୍ଷ ଟନ୍ ନାଇଟ୍ରୋଜେନ ସାର ଆମଦାନୀ କରିବାର ବ୍ୟବସ୍ଥା ରହିଛି ।

## ସିମେଣ୍ଟ

ଦ୍ୱିତୀୟ ଯୋଜନା ଶେଷ ସୁଦ୍ଧା ଦେଶରେ ଥିବା ସମସ୍ତ ସିମେଣ୍ଟ କାରଖାନାରୁ ୮୫ ଲକ୍ଷ ଟନ୍ ସିମେଣ୍ଟ ଉତ୍ପାଦିତ ହେଉଥିଲା । ତୃତୀୟ ଯୋଜନାକାଳ ମଧ୍ୟରେ ଆଉ କେତୋଟି ନୂତନ ସିମେଣ୍ଟ କାରଖାନା ସ୍ଥାପନ କରାଯାଇ ଯୋଜନାର ଶେଷବର୍ଷ ଅର୍ଥାତ୍ ୧୯୬୫-୬୬ ଶେଷକୁ ମୋଟ ସିମେଣ୍ଟ ଆମଦାନୀର ପରିମାଣ ୧୩୦ ଲକ୍ଷ ଟନ୍ ହେବ ବୋଲି ଆଶା କରାଯାଉଛି ।

## ରେଲବାଇ ଇଂଜିନ

ଭାରତର ଆବଶ୍ୟକୀୟ ସମସ୍ତ ରେଲବାଇ ଇଞ୍ଜିନ ଆଗେ ବିଦେଶରୁ ଆମଦାନୀ କରାଯାଉଥିଲା । ଚିତ୍ତରଞ୍ଜନ ରେଲବାଇ କାରଖାନା ସ୍ଥାପନ ହେବା ପରଠାରୁ ଭାରତରେ ରେଲ ଇଞ୍ଜିନ ତିଆରି ଆରମ୍ଭ ହେଲା । ଏହି କାରଖାନାଟି ପ୍ରଥମ ଯୋଜନାକାଳ ମଧ୍ୟରେ ଆରମ୍ଭ କରାଯାଇ ଦ୍ୱିତୀୟ ଯୋଜନାକାଳ ଶେଷ ସୁଦ୍ଧା ବାର୍ଷିକ ଇଞ୍ଜିନ ୨୯୫ଟି ତିଆରି କରାଯାଉଥିଲା ।



କୋଇଲା
ଦଶଲକ୍ଷ ଟନ
୧୦୦
୯୭
୮୦
୬୦
୫୬
୪୦
୨୦
୦
୧୯୬୦-୬୧
ପୂର୍ଣ୍ଣ ହୋଇଥିବା
ଲକ୍ଷ୍ୟ
୧୯୬୫-୬୬
ଲକ୍ଷ୍ୟ


ବିଦ୍ୟୁତଶକ୍ତି
ଦଶଲକ୍ଷ କିଲୋୱାଟ
୧୩
୧୨.୭
୧୨
୧୧
୧୦
୯
୮
୭
୬
୫.୭
୫
୪
୩
୨
୧
୦
୧୯୬୦-୬୧
ଧାର୍ଯ୍ୟ ହୋଇଥିବା ଲକ୍ଷ
୧୯୬୫-୬୬
ଲକ୍ଷ


ଇସ୍ପାତ STEEL
୧୯୫୦-୫୧
୧୯୫୪-୫୫

# ରାସାୟନିକ ସାର




ସିମେଣ୍ଟ
ଦଶଲକ୍ଷ ଟନ
୧୩
୧୨
୧୧
୧୦
୯
୮
୭
୬
୫
୪
୩
୨
୧
୦
୧୯୬୦-୬୧
ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ
୧୯୬୫-୬୬
ଲକ୍ଷ୍ୟ



ରେଳବାଇ ଇଂଜିନ
ସଂଖ୍ୟା
୧୨୦୦
୧୧୬୫
୧୧୦୦
୧୦୦୦
୯୦୦
୮୦୦
୭୦୦
୬୦୦
୫୦୦
୪୦୦
୩୦୦
୨୯୫
୨୦୦
୧୦୦
୦
୧୯୫୦-୫୧
୧୯୬୫-୬୬
ଲକ୍ଷ୍ୟ
ଲକ୍ଷ୍ୟ



# ଆକାଶବାଣୀ, କଟକ

## ୧୯୭୧ ମସିହା ନଭେମ୍ବର ମାସର ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ସୂଚୀ

**ସକାଳ** ( ପ୍ରଥମ ଅଧିବେଶନ ):

ମାଙ୍ଗଳିକ ... ଘ ୭-୦୦ ମିନିଟ୍
ଓଡ଼ିଆ ସମ୍ବାଦ ... ଘ ୭-୧୫ ,,
କାର୍ଯ୍ୟକ୍ରମ ପରିଚୟ ... ଘ ୭-୩୦ ,,
ହିନ୍ଦୀଶିକ୍ଷା (ଶୁକ୍ରବାର ଓ ରବିବାର ବ୍ୟତୀତ) ... ଘ ୭-୩୫ ,,
ଇଂରାଜୀ ସମ୍ବାଦ ... ଘ ୮-୦୦ ,,
ହିନ୍ଦୀ ସମ୍ବାଦ ... ଘ ୮-୧୫ ,,
ଗାନ୍ଧୀ ପ୍ରାର୍ଥନା ଓ ଚର୍ଚ୍ଚା (ପ୍ରତି ଶୁକ୍ରବାର) ଘ ୭-୩୫ ,,
ଶିଶୁ-ସଂସାର (ଛୋଟ ପିଲାମାନଙ୍କପାଇଁ ପ୍ରତି ରବିବାର ) ଘ ୮-୩୦ ମି: ଠାରୁ ଘ ୯-୩୦ ମିନିଟ୍

**ମଧ୍ୟାହ୍ନ** ( ଦ୍ୱିତୀୟ ଅଧିବେଶନ ):

ମହିଳାମହଲ (ରବିବାର, ମଙ୍ଗଳବାର, ଶୁକ୍ରବାର ) ... ଘ ୧-୨୦ ମି: ଠାରୁ ଘ ୨-୦୦ ମିନିଟ୍
ଓଡ଼ିଆ ସମ୍ବାଦ ... ଘ ୧-୧୦ ମିନିଟ୍
କିଶୋର-ଚକ୍ର (ବଡ଼ ପିଲାମାନଙ୍କପାଇଁ ପ୍ରତି ଶନିବାର) ଘ ୧-୩୦ ମିନିଟ୍
ବିବିଧ ଘରଣୀ (ରବିବାର) ଘ ୨-୦୦ ଠାରୁ ଘ ୩-୦୦ ମିନିଟ୍
ସ୍କୁଲ ବ୍ରଡକାଷ୍ଟ (ସୋମବାର, ବୁଧବାର, ଶୁକ୍ରବାର) ଘ ୧୨-୩୦ ମି: ଠାରୁ ଘ ୧-୦୦ ମିନିଟ୍
ପାଣିପାଗ (ରବିବାର) ଘ ୩-୦୦ ମିନିଟ୍ ଓ (ଅନ୍ୟାନ୍ୟ ଦିନ) ଘ ୨-୦୦ ମିନିଟ୍

**ସନ୍ଧ୍ୟା** ( ତୃତୀୟ ଅଧିବେଶନ ):

ସ୍ଥାନୀୟ ଘୋଷଣାବଳୀ ... ଘ ୬-୦୦ ମିନିଟ୍
ହିନ୍ଦୀ ସମ୍ବାଦ ... ଘ ୬-୦୫ ,,
ଆଞ୍ଚଳିକ ସମ୍ବାଦ ... ଘ ୬-୨୦ ,,
ଓଡ଼ିଆ ସମ୍ବାଦ ... ଘ ୭-୧୫ ,,
'ଗାଁଗହଳିପାଇଁ' ଦୈନିକ ଘ ୭-୪୫ ମି: ଠାରୁ ଘ ୮-୦୦ ମିନିଟ୍

ଇଂରାଜୀ ସମ୍ବାଦ ... ଘ ୯-୦୦ ମିନିଟ୍

ଶ୍ରୋତାମାନଙ୍କ ଅନୁରୋଧରେ ଗୀତ
(ରବିବାର, ଗୁରୁବାର) ରାତି ଘ ୮-୦୦ମି: ଠାରୁ
ଘ ୮-୩୦ ମିନିଟ୍

ଶାସ୍ତ୍ରୀୟ ସଂଗୀତ ଶିକ୍ଷା ( ସୋମବାର,
ବୁଧବାର, ଶୁକ୍ରବାର )
ସନ୍ଧ୍ୟା ଘ ୬-୩୦ ମି: ଠାରୁ
ଘ ୬-୪୫ ମିନିଟ୍

ସୁଗମ ସଂଗୀତ ଶିକ୍ଷା
(ମଙ୍ଗଳବାର, ଗୁରୁବାର)
ସନ୍ଧ୍ୟା ଘ ୬-୩୦ ମି: ଠାରୁ
ଘ ୬-୪୫ ମିନିଟ୍

କଥାଚିତ୍ର ଗୀତ (ସୋମବାର)ମଧ୍ୟାହ୍ନ ଘ୧ ୩୦ ମି:
ଓ (ଶନିବାର) ରାତି ଘ ୮-୧୫ ମିନିଟ୍

ଶ୍ରୋତାଙ୍କ ଚିଠିପତ୍ରର ଉତ୍ତର
(ବୁଧବାର) ରାତି ଘ ୮-୦୦ ,,

ସମାଚାର ଦର୍ପଣ
(ସୋମବାର) ରାତି ଘ ୯-୧୫ ,,

ପଲ୍ଲୀଶ୍ରୋତାମଣ୍ଡଳୀ ମଙ୍ଗଳବାର)
ରାତି ଘ ୭-୩୦ ମି: ଠାରୁ
ଘ ୮-୧୫ ମିନିଟ୍

ସାହିତ୍ୟ ସଂସଦ ( ମାସ ଶେଷ ଶୁକ୍ରବାର )
ରାତି ଘ ୮-୦୦ ମିନିଟ୍

ନାଟକ (ସୋମବାର) ରାତି ଘ ୮-୦୦ ମି:
ଓ (ଶନିବାର) 'ଗାଁଗହଳି କାର୍ଯ୍ୟକ୍ରମ-ମଧ୍ୟରେ ।

## ୧୯୬୧ ମସିହା ନଭେମ୍ବର ମାସର କାର୍ଯ୍ୟକ୍ରମରୁ କେତୋଟି

ତା ୧।୧୧।୬୧ ବୁଧବାର—

ସକାଳ ଘ ୭-୫୦ମି:, ସନ୍ଧ୍ୟା ଘ ୫-୪୫ ମି:, ରାତି ଘ ୯-୫୦ ମି: ଶେଫାଳି ଘୋଷ (ଓଡ଼ିଶୀ, ଭଜନ, ଆଧୁନିକ) । ମଧ୍ୟାହ୍ନ ଘ ୧-୦୦ମି:, ସନ୍ଧ୍ୟା ୬-୧୦, ରାତି ଘ ୭-୩୦ ମି: ଧରଣୀଧର ଦାସ ( ଆଧୁନିକ, ଭଜନ, ପଲ୍ଲୀସ୍ୱର ଗୀତ । ରାତି ଘ ୯-୧୫ ମି: ରାଷ୍ଟ୍ରପତିଙ୍କ ଭାଷଣ ( ଓଡ଼ିଆ ଅନୁବାଦ କାର୍ଯ୍ୟକ୍ରମ) । ରାତି ଘ ୯.୩୦ ମି: ଅଖିଳ ଭାରତୀୟ ଆଲୋଚନା କାର୍ଯ୍ୟକ୍ରମ (ଦିଲ୍ଲୀରୁ) ।

ତା ୨।୧୧।୬୧ ଗୁରୁବାର—

ସକାଳ ଘ ୭-୫୦ ମି:, ମଧ୍ୟାହ୍ନ ଘ ୧-୦୦ ମି:, ସନ୍ଧ୍ୟା ଘ ୫-୪୫ ମି:, ରାତି ଘ୭-୩୦ମି: ମନୋରଞ୍ଜନ ମୁଣ୍ଡ (ଭଜନ, ଆଧୁନିକ, ପଲ୍ଲୀସ୍ୱର ଗୀତ) । ରାତି ଘ ୯-୩୦ ମି: ଅଖିଳ ଭାରତୀୟ ସମସାମୟିକ ସାହିତ୍ୟ ଆଲୋଚନା କାର୍ଯ୍ୟକ୍ରମ ।

ତା ୩।୧୧।୬୧ ଶୁକ୍ରବାର—

ସକାଳ ଘ ୭-୪୫ ମି:, ରାତି ଘ ୮-୩୦ ମି:, ରାତି ଘ ୯-୧୫ ମି: ସୁନନ୍ଦା ପଟ୍ଟନାୟକ (ଖେୟାଲ) । ସନ୍ଧ୍ୟା ଘ ୬-୧୦ ମି:, ରାତି ଘ ୭-୩୦ ମି: ବୀଣାପାଣି ମହାନ୍ତି (ପଲ୍ଲୀସ୍ୱର ଗୀତ, ଓଡ଼ିଶୀ, ଭଜନ) । ରାତି ଘ ୮-୦୦ ମି: ଜାତୀୟ ନାଟକ 'ଉତ୍କଳ ଦର୍ଶନ' ପ୍ରାଦେଶିକ ( ତଥ୍ୟସମ୍ବଳିତ ଓଡ଼ିଆ ରୂପକ କାର୍ଯ୍ୟକ୍ରମ) ।

ତା ୪।୧୧।୬୧ ଶନିବାର—

ସକାଳ ଘ ୭-୫୦ ମି:, ମଧ୍ୟାହ୍ନ ଘ ୧-୦୦ ମି:, ସନ୍ଧ୍ୟା ଘ୫-୪୫ମି: ରାତି ଘ୭-୧୦ ମି: ରଘୁନାଥ ନନ୍ଦ (ଜଣାଣ, ଓଡ଼ିଶୀ ଚମ୍ପୂ, ଭଜନ) । ରାତି ଘ୯-୩୦ମି: ଦେବିପ୍ରସନ୍ନ ପାଣି—'ରଙ୍ଗସଭା' (ଓଡ଼ିଆ ଅପେରା କାର୍ଯ୍ୟକ୍ରମ) । ରାତି ୮-୦୫ ମି: ରାଧାକୃଷ୍ଣ ଭଞ୍ଜ ଓ ସୋଣାଲିଆ ରଚିତ 'ସଜଫୁଲ' ( ଏ ମାସର ନୂତନ ସଙ୍ଗୀତ କାର୍ଯ୍ୟକ୍ରମ) । ରାତି ଘ୮-୩୦ ମି: ୧୯୬୧ ମସିହା ରେଡ଼ିଓ ସଙ୍ଗୀତ ସମ୍ମିଳନୀର ଉଦ୍‌ଘାଟନ ଉତ୍କଳୀୟ ସମ୍ବନ୍ଧୀୟ ରେଡ଼ିଓ ସମାଚାର ଦର୍ପଣ (ଦିଲ୍ଲୀରୁ) । ରାତି ଘ୯-୧୫ ମି: 'ଚଲନ୍ତିକା' (ତତ୍ତ୍ୱ

ଆନ୍ତର୍ଜାତିକ ପରିସ୍ଥିତି ସମ୍ବନ୍ଧୀୟ ଓଡ଼ିଆ ଆଲୋଚନା କାର୍ଯ୍ୟକ୍ରମ)। ରାତ୍ରି ଘ ୯-୩୦ ମି: ଅଖିଳ ଭାରତୀୟ ସଙ୍ଗୀତ କାର୍ଯ୍ୟକ୍ରମ (ଦିଲ୍ଲୀ ରିଲେ)।

ତା ୫।୧୧।୭୧ ରବିବାର—

ସକାଳ ଘ ୭-୫୦ ମି:, ମଧ୍ୟାହ୍ନ ଘ ୧-୦୦ ମି:, ସନ୍ଧ୍ୟା ଘ ୬-୧୦ ମି:, ରାତ୍ରି ଘ ୭-୩୦ ମି:, ରାତ୍ରି ଘ ୯-୧୫ ମି: ବାଳକୃଷ୍ଣ ଦାସ (ଓଡ଼ିଶୀ, ଜଣାଣ, ଗୀତ, ଆଧୁନିକ, ଭଜନ)। ସକାଳ ଘ ୯-୧୫ ମି: ରାତ୍ରି ଘ ୯-୩୦ ମି: ରେଡ଼ିଓ ସଙ୍ଗୀତ ସମ୍ମେଳନ (ଦିଲ୍ଲୀ ରିଲେ)।

ତା ୬।୧୧।୭୧ ସୋମବାର—

ସକାଳ ଘ ୭-୫୦ ମି:, ସନ୍ଧ୍ୟା ଘ ୫-୪୫ ମି:, ରାତ୍ରି ଘ ୭-୩୦ ମି:, ରାତ୍ରି ଘ ୮-୩୦ ମି: କାଶୀନାଥ ପ୍ରଜାପତି (ଓଡ଼ିଶୀ, ଭଜନ, ଛାନ୍ଦ, ଜଣାଣ) ଓ ଦୟାନିଧି ତ୍ରିପାଠୀ (ପଖୋଜ ସହଯୋଗୀ)। ରାତ୍ରି ୮-୦୦ ମି: ନିରଞ୍ଜନ ଷଡ଼ଙ୍ଗୀ ଉପସ୍ଥାପିତ—'ନାନା ଫଡ଼ନବିସ୍' (ରାମକୁମାର ବର୍ମାଙ୍କ ମୂଳ ହିନ୍ଦୀ ନାଟକର ଓଡ଼ିଆ ଅନୁବାଦିତ ବେତାର ନାଟକ କାର୍ଯ୍ୟକ୍ରମ)। ରାତ୍ରି ଘ ୯-୩୦ମି: ରେଡ଼ିଓ ସଙ୍ଗୀତ ସମ୍ମେଳନର ପୁରସ୍କାରପ୍ରାପ୍ତ ଶିଳ୍ପୀମାନଙ୍କର ସମବେତ ଯନ୍ତ୍ର-ସଙ୍ଗୀତ କାର୍ଯ୍ୟକ୍ରମ (ଦିଲ୍ଲୀ ରିଲେ)।

ତା ୭।୧୧।୭ ମଙ୍ଗଳବାର—

ସକାଳ ଘ ୭-୫୦ ମି:, ମଧ୍ୟାହ୍ନ ଘ ୧-୨୦ ମି:, ସନ୍ଧ୍ୟା ଘ ୫-୪୫ ମି:, ରାତ୍ରି ଘ ୬-୧୦ ମି: ଶାନ୍ତିଲତା ବାରିକ (ଆଧୁନିକ, ଭଜନ, ପଲ୍ଲୀସ୍ୱର ଗୀତ)। ରାତ୍ରି ଘ ୮-୩୦ ମି: ଜୟେନ୍ଦ୍ରକୁମାର ଦାସଙ୍କଦ୍ୱାରା ରଚିତ ଓ ଭୁବନେଶ୍ୱର ମିଶ୍ରଙ୍କ ସଙ୍ଗୀତ ପରିକଳ୍ପନା—'ଗୀତାବଳୀ' (ସଙ୍ଗୀତ ରୂପକ କାର୍ଯ୍ୟକ୍ରମ)। ରାତ୍ରି ଘ ୯-୩୦ ମି: ରେଡ଼ିଓ ସଙ୍ଗୀତ ସମ୍ମେଳନ (ଦିଲ୍ଲୀ ରିଲେ)।

ତା ୮।୧୧।୭୧ ବୁଧବାର—

ସକାଳ ଘ ୭-୫୦ ମି:, ମଧ୍ୟାହ୍ନ ୧-୨୦ ମି:, ସନ୍ଧ୍ୟା ଘ ୫-୪୫ ମି:, ରାତ୍ରି ଘ ୯-୫୦ ମି: ନବକିଶୋର ମିଶ୍ର (ଓଡ଼ିଶୀ, ଜଣାଣ, ଭଜନ, ଆଧୁନିକ)। ମଧ୍ୟାହ୍ନ ଘ ୧-୦୦ମି:, ସନ୍ଧ୍ୟା ଘ ୬-୧୦ମି:, ରାତ୍ରି ଘ ୭-୩୦ମି: ମୀନାକ୍ଷୀ ପାଣି (ଆଧୁନିକ, ଭଜନ, ପଲ୍ଲୀସ୍ୱର ଗୀତ)। ସକାଳ ଘ ୯-୧୫ ମି: ରେଡ଼ିଓ ସଙ୍ଗୀତ ସମ୍ମେଳନ (ଦିଲ୍ଲୀ ରିଲେ)। ରାତ୍ରି ଘ ୯-୧୫ ମି: ଡକ୍ଟର ପି. ପରିଜା—'ବିଶ୍ୱବିଦ୍ୟାଳୟର କର୍ମପନ୍ଥା' ଶାସନଗତ କାର୍ଯ୍ୟକ୍ରମ (ଓଡ଼ିଆ ଆଲୋଚନା କାର୍ଯ୍ୟକ୍ରମ)। ରାତ୍ରି ଘ ୯-୩୦ ମି: ଅଖିଳ ଭାରତୀୟ ଆଲୋଚନା କାର୍ଯ୍ୟକ୍ରମ (ଦିଲ୍ଲୀ ରିଲେ)।

ତା ୯।୧୧।୭୧ ଗୁରୁବାର—

ସକାଳ ଘ ୭-୫୦ ମି:, ମଧ୍ୟାହ୍ନ ଘ ୧-୦୦ ମି:, ସନ୍ଧ୍ୟା ଘ ୫-୪୫ ମି:, ରାତ୍ରି ଘ ୭-୩୦ ମି: ଅଶ୍ୱିନୀକୁମାର ମଜୁମଦାର (ଆଧୁନିକ, ଭଜନ, ପଲ୍ଲୀସ୍ୱର ଗୀତ। ରାତ୍ରି ଘ ୯-୧୫ ମି: ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ 'ମାଳଦାସଙ୍କ ରଚନାର ଓଡ଼ିଆ ଅନୁବାଦ' (ଓଡ଼ିଆ ଆଲୋଚନା କାର୍ଯ୍ୟକ୍ରମ)। ରାତ୍ରି ଘ ୯-୩୦ ମି: ରେଡ଼ିଓ ସଙ୍ଗୀତ ସମ୍ମେଳନ (ଦିଲ୍ଲୀ ରିଲେ)।

ତା ୧୦।୧୧।୭୧ ଶୁକ୍ରବାର—

ମଧ୍ୟାହ୍ନ ଘ ୧-୦୦ମି:, ସନ୍ଧ୍ୟା ଘ ୬।୧୦ମି:, ରାତ୍ରି ଘ ୭।୩୦ମି: ନାରାୟଣ ଦେବ (ଓଡ଼ିଶୀ, ଚମ୍ପୂ, ଭଜନ)। ସକାଳ ଘ ୭।୪୫ମି:, ରାତ୍ରି ଘ ୮।୩୦ମି: ରାତ୍ରି ଘ ୯।୧୫ମି: ବୀଣାପାଣି ମହାନ୍ତି (ବୀଣାର ବାଦନ)। ମଧ୍ୟାହ୍ନ ଘ ୧।୨୦ମି:, ସନ୍ଧ୍ୟା ଘ ୫।୪୫ମି:, ରାତ୍ରି ଘ ୮-୪୫ମି: ଅଙ୍ଗୁରବାଳା ରାଉ (ଓଡ଼ିଶୀ—ଗୋପାଳକୃଷ୍ଣଙ୍କ ରଚନାରୁ, ଆଧୁନିକ, ଭଜନ)। ରାତ୍ରି ଘ ୮। ମି: ଯୁବବାଣୀ (ଯୁବକମାନଙ୍କପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ)। ରାତ୍ରି ଘ ୯-୩୦ମି: ରେଡ଼ିଓ ସଙ୍ଗୀତ ସମ୍ମେଳନ (ଦିଲ୍ଲୀ ରିଲେ)।

ତା ୧୧।୧୧।୬୧ ଶନିବାର:—

ସକାଳ ଘ୭।୫୦ମି:, ମଧ୍ୟାହ୍ନ ଘ୧।୦ମି:, ସନ୍ଧ୍ୟା ଘ୬।୪୫ମି:, ରାତି ଘ୭।୧୦ମି, ବୀଣା ଦେବୀ (ଓଡ଼ିଶୀ, ପଲ୍ଲୀସ୍ୱର ଗୀତ, ଆଧୁନିକ, ଭଜନ) । ସକାଳ ଘ୧୦-୪୦ମି:, ମଧ୍ୟାହ୍ନ ଘ୨।୦ମି:, ଅପରାହ୍ନ ଘ୪।୫ମି:, ଭାରତ ଓ ଏମ୍. ସି. ସି. ମଧ୍ୟରେ ପ୍ରଥମ କ୍ରିକେଟ ପ୍ରତିଯୋଗିତା (ବମ୍ବେ ରିଲେ) । ରାତି ଘ୭।୪୫ମି: ନନ୍ଦିଆ ବିହାରୀ-ମହାନ୍ତି — 'ସ୍ୱପ୍ନ' (ଓଡ଼ିଆ ନାଟକ କାର୍ଯ୍ୟକ୍ରମ) । ରାତି ଘ୮।୦୦ମି: ଗ୍ଲୋରିଆ ସରକାର ଓ ରାଧାକୃଷ୍ଣ ଭଞ୍ଜ— 'ସଜଫୁଲ୍' (ଏ ମାସର ନୂତନ ସଙ୍ଗୀତ କାର୍ଯ୍ୟକ୍ରମ) । ରାତି ଘ୯।୩୦ମି: ରେଡ଼ିଓ ସଙ୍ଗୀତ ସମ୍ମେଳନ (ଦିଲ୍ଲୀ ରିଲେ) ।

ତା ୧୨।୧୧।୬୧ ରବିବାର: --

ସକାଳ ଘ୭।୫୦ମି:, ରାତି ଘ୭।୧୦ମି:, ରାତି ଘ୭।୩୦ମି, ଘ୯।୧୫ମି: ମହମ୍ମଦ ସିକନ୍ଦର ଆଲମ୍ (ଆଧୁନିକ, ଗଜଲ, ପଲ୍ଲୀସ୍ୱର ଗୀତ, ନାରାୟଣ ପ୍ରସାଦ ସିଂହଙ୍କ ରଚନାରୁ) । ସକାଳ ଘ୯।୧୫ମି:, ରାତି ଘ୯-୩୦ମି:, ରେଡ଼ିଓ ସଙ୍ଗୀତ ସମ୍ମେଳନ (ଦିଲ୍ଲୀ ରିଲେ) । ମଧ୍ୟାହ୍ନ ଘ୨।୦ମି, ଅପରାହ୍ନ ଘ୪।୦୫ମି: ଭାରତ ଓ ଏମ୍. ସି.ସି. ମଧ୍ୟରେ ପ୍ରଥମ କ୍ରିକେଟ ପ୍ରତିଯୋଗିତା (ବମ୍ବେ ରିଲେ) ।

ତା ୧୩।୧୧।୬୧ ସୋମବାର:—

ସକାଳ ଘ୭।୫୦ମି:, ସନ୍ଧ୍ୟା ଘ୬।୪୫ମି:, ରାତି ଘ୭।୧୦ମି:, ରାତି ଘ୭।୩୦ମି: ମାର୍କଣ୍ଡେୟ ମହାରାଣା (ଓଡ଼ିଶୀ, ଚମ୍ପୂ, ଜଣାଣ, ଛାନ୍ଦ) ଓ ପଦ୍ମନାଭ ପଣ୍ଡା (ପଖୋଉଜ ସହଯୋଗୀ) । ରାତି ଘ୮।୦୦ମି: ସାମୁଏଲ-ନାୟକ 'ଶୃଙ୍ଖଳ' (ଓଡ଼ିଆ ନାଟକ କାର୍ଯ୍ୟକ୍ରମ) ।

ତା ୧୪।୧୧।୬୧ ମଙ୍ଗଳବାର:—

ସକାଳ ଘ୭।୫୦ମି:, ମଧ୍ୟାହ୍ନ ଘ୧।୨୦ମି: ରାତି ଘ୭-୧୦ମି:, ରାତି ଘ୯।୪୫ମି: ସ୍ନେହଲତା ପ୍ରଧାନ (ଓଡ଼ିଶୀ ଜଣାଣ, ଭଜନ) । ମଧ୍ୟାହ୍ନ ଘ୧।୦୦ମି:, ସନ୍ଧ୍ୟା ଘ୫-୪୫ମି:, ରାତି ଘ୮।୧୫ମି: ଗୋପାଳ ଚନ୍ଦ୍ର ମହାନ୍ତି (ଆଧୁନିକ, ଭଜନ) । ସକାଳ ଘ୧୦।୪୦ମି: ମଧ୍ୟାହ୍ନ ଘ୨।୦ମି: ଅପରାହ୍ନ ଘ୪।୦୫ମି: ଭାରତ ଓ ଏମ୍. ସି. ସି: ମଧ୍ୟରେ ପ୍ରଥମ କ୍ରିକେଟ ପ୍ରତିଯୋଗିତା (ବମ୍ବେ ରିଲେ) ।

ତା ୧୫।୧୧।୬୧ ବୁଧବାର—

ସକାଳ ଘ ୭-୫୦ ମି:, ସନ୍ଧ୍ୟା ଘ ୫-୪୫ ମି:, ରାତି ଘ୭-୩୦ମି:, ରାତି ଘ୯-୫୦ମି: କଲ୍ୟାଣୀ ମୁଖାର୍ଜି ( ଆଧୁନିକ, ଓଡ଼ିଶୀ, ଭଜନ, ପଲ୍ଲୀସ୍ୱର ଗୀତ ) । ସକାଳ ଘ ୧୦-୪୦ ମି:, ମଧ୍ୟାହ୍ନ ଘ ୨-୦୦ ମି:, ଅପରାହ୍ନ ଘ ୪-୦୫ ମି: ଭାରତ ଓ ଏମ୍.ସି.ସି. ମଧ୍ୟରେ ପ୍ରଥମ କ୍ରିକେଟ ପ୍ରତିଯୋଗିତା (ବମ୍ବେ ରିଲେ) ରାତି ଘ ୯-୧୫ ମି: 'ବିଶ୍ୱବିଦ୍ୟାଳୟର କର୍ମପନ୍ଥା'— ପାଠ୍ୟକ୍ରମ ଓ ପରୀକ୍ଷା (ଓଡ଼ିଆ ଆଲୋଚନା କାର୍ଯ୍ୟକ୍ରମ) ରାତି ଘ ୯-୩୦ ମି: ଅଖିଳ ଭାରତୀୟ ଆଲୋଚନା କାର୍ଯ୍ୟକ୍ରମ (ଦିଲ୍ଲୀ ରିଲେ ।

ତା ୧୬।୧୧।୬୧ ଗୁରୁବାର—

ସକାଳ ଘ ୭-୫୦ ମି:, ମଧ୍ୟାହ୍ନ ଘ ୧-୦ମି:, ସନ୍ଧ୍ୟା ଘ୫-୪୫ମି:, ରାତି ଘ୭-୩୦ ମି: ବିଶ୍ୱନାଥ ଗୁପ୍ତ (ଆଧୁନିକ, ଭଜନ. ପଲ୍ଲୀସ୍ୱର ଗୀତ) । ସକାଳ ୧୦-୪୦ ମି:, ମଧ୍ୟାହ୍ନ ଘ ୨-୦୦ ମି:, ଅପରାହ୍ନ ଘ୪-୦୫ ମି: ଭାରତ ଓ ଏମ୍. ସି. ସି. ମଧ୍ୟରେ ପ୍ରଥମ କ୍ରିକେଟ ପ୍ରତିଯୋଗିତା (ବମ୍ବେ ରିଲେ) । ରାତି ଘ ୯-୧୫ ମି: ଅମଳକୃଷ୍ଣ ବସୁ—'ଖେଳ ଓ ଖେଳାଳି' (କ୍ରୀଡ଼ା ସମ୍ବନ୍ଧୀୟ ଓଡ଼ିଆ ଆଲୋଚନା କାର୍ଯ୍ୟକ୍ରମ) । ରାତି ଘ ୯-୩୦ ମି: ଅଖିଳ ଭାରତୀୟ ଅପେରା କାର୍ଯ୍ୟକ୍ରମ (ଦିଲ୍ଲୀ ରିଲେ) ।

ତା ୧୭।୧୧।୬୧ ଶୁକ୍ରବାର:—

ମଧ୍ୟାହ୍ନ ଘ ୧-୨୦ ମି:, ରାତି ଘ୭-୧୦ ମି:, ରାତି ଘ୯-୫୦ ମି:, ଭୃଗୁ ଦୋଳ (ଆଧୁନିକ, ଭଜନ,

କୀର୍ତ୍ତନ) । ସନ୍ଧ୍ୟା ଘ ୫-୪୫ ମି:, ରାତି ଘ ୭-୩୦ ମି:, ରାତି ଘ ୭-୩୦ ମି:, ସିଂହାରି ଶ୍ୟାମସୁନ୍ଦର କର (ଓଡ଼ିଶୀ, ଭଜନ, ଜଣାଣ, ଛାନ୍ଦ) । ରାତି ଘ ୮-୦୦ ମି:, 'ସେବା' (ଓଡ଼ିଶା ରେଡ଼କ୍ରସ ସୋସାଇଟିର ରୌପ୍ୟ ଜୟନ୍ତୀ ଉତ୍ସବ ଉପଲକ୍ଷେ ଓଡ଼ିଆ ରୂପକ କାର୍ଯ୍ୟକ୍ରମ) । ରାତି ଘ ୮-୩୦ ମି:, ଭି. କୃଷ୍ଣମେନନ୍ । ଆଞ୍ଚଳିକ ସୈନ୍ୟବାହିନୀ ଓ ଆକାଶ ବାହିନୀ ଦିବସ ଉପଲକ୍ଷେ ଇଂରାଜୀ ଆଲୋଚନା କାର୍ଯ୍ୟକ୍ରମ । ରାତି ଘ ୯-୩୦ ମି: ରବୀନ୍ଦ୍ରନାଥ ଠାକୁରଙ୍କ ଉପରେ କାଳିଦାସଙ୍କ ପ୍ରଭାବ- (ମହାକବି . କାଳିଦାସଙ୍କ ଜୟନ୍ତୀ ଉପଲକ୍ଷେ ଓଡ଼ିଆ ଆଲୋଚନା କାର୍ଯ୍ୟକ୍ରମ) ।

ତା ୧୮।୧୧।୬୧ ଶନିବାର—

ସକାଳ ଘ ୭-୫୦ ମି:, ମଧ୍ୟାହ୍ନ ଘ ୧-୦୦ ମି:, ସନ୍ଧ୍ୟା ଘ ୫-୪୫ ମି:, ରାତି ଘ ୭-୧୦ ମି:, ସୁମନ୍ତ ଦେଓ (ଓଡ଼ିଶୀ, ଭଜନ, ପଲ୍ଲୀସ୍ୱର ଗୀତ) । ରାତି ଘ ୭-୪୫ ମି: ସାରଦା ପ୍ରସନ୍ନ ନାୟକ—'କୌଟିଲ୍ୟଙ୍କ ସନ୍ନ୍ୟାସ' (ରତନଲାଲ ଯୋଶୀଙ୍କ ମୂଳ ହିନ୍ଦୀ ରଚନାର ଓଡ଼ିଆ ନାଟକ କାର୍ଯ୍ୟକ୍ରମ) । ରାତି ଘ ୮-୦୦ ମି:, ପ୍ରୋଢ଼ିଆ ଗଉଡ଼ ଓ ରାଧାକୃଷ୍ଣ ଭଞ୍ଜ—'ସଜଫୁଲ' (ଏ ମାସର ନୂତନ ସଙ୍ଗୀତ କାର୍ଯ୍ୟକ୍ରମ) । ରାତି ଘ ୯-୧୫ ମି: ଚଳନ୍ତିକା' (ବର୍ତ୍ତମାନର ବିଶ୍ୱ ପରିସ୍ଥିତି ସମ୍ବନ୍ଧରେ ଓଡ଼ିଆ ଆଲୋଚନା କାର୍ଯ୍ୟକ୍ରମ) । ରାତି ଘ ୯-୩୦ ମି: ଅଖିଳ ଭାରତୀୟ ସଙ୍ଗୀତ କାର୍ଯ୍ୟକ୍ରମ (ଦିଲ୍ଲୀ ରିଲେ) ।

ତା ୧୯।୧୧।୬୧ ରବିବାର—

ସକାଳ ଘ ୭-୩୫ ମି:, ରାତି ଘ ୭-୩୦ ମି:, ଘ ୯-୪୫ ମି:, ଅଭିରାମ ରାୟ (ସିତାର ବାଦନ) । ସକାଳ ଘ ୭-୫୦ ମି:, ସନ୍ଧ୍ୟା ଘ ୬-୧୦ ମି:, ରାତି ଘ ୭-୩୦ ମି:, ରାତି ଘ ୯-୧୫ ମି:, ପ୍ରଣବକିଶୋର ପଟ୍ଟନାୟକ (ଆଧୁନିକ, ଗୀତ, ଭଜନ ) ।

ତା ୨୦।୧୧।୬୧ ସୋମବାର—

ସକାଳ ଘ ୭-୫୦ ମି:, ମଧ୍ୟାହ୍ନ ଘ ୧-୦୦ ମି:, ସନ୍ଧ୍ୟା ଘ ୫-୪୫ ମି:, ରାତି ଘ ୭-୩୦ ମି:, କିଶୋର ଚନ୍ଦ୍ର ପଟ୍ଟନାୟକ (ଓଡ଼ିଶୀ, ଭଜନ, ଚମ୍ପୂ, ଛାନ୍ଦ) । ମଧ୍ୟାହ୍ନ ଘ ୧-୨୦ ମି:, ରାତି ଘ ୮-୨୦ ମି:, ରାତି ଘ ୯-୩୦ ମି:, ଭୁବନେଶ୍ୱର ମିଶ୍ର (ବେହେଲା ବାଦନ) । ରାତି ଘ ୮-୦୦ ମି:, ଗୋପାଳ ଛୋଟରାୟ—'ବଦ୍ଧରୁଗୀ' (ହାସ୍ୟରସାତ୍ମକ ଓଡ଼ିଆ ନାଟକ କାର୍ଯ୍ୟକ୍ରମ) ।

ତା ୨୧।୧୧।୬୧ ମଙ୍ଗଳବାର:—

ସକାଳ ଘ ୭-୫୦ ମି:, ମଧ୍ୟାହ୍ନ ଘ ୧-୨୦ ମି:, ସନ୍ଧ୍ୟା ଘ ୬-୧୦ ମି:, ରାତି ଘ ୮-୧୫ ମି:, ଶ୍ୟାମାମଣି ପଟ୍ଟନାୟକ (ଓଡ଼ିଶୀ, ପଲ୍ଲୀସ୍ୱର ଗୀତ, ଆଧୁନିକ, ଭଜନ) । ମଧ୍ୟାହ୍ନ ଘ ୧-୦୦ ମି:, ସନ୍ଧ୍ୟା ଘ ୫-୪୫ ମି:, ରାତି ଘ ୯-୩୦ ମି:, ଶୁକଦେବ ପତି (ଛାନ୍ଦ, ଓଡ଼ିଶୀ, ଭଜନ) ।

ତା ୨୨।୧୧।୬୧ ବୁଧବାର:—

ସକାଳ ଘ ୭-୫୦ ମି:, ସନ୍ଧ୍ୟା ଘ ୫-୪୫ ମି:, ରାତି ଘ ୭-୩୦ ମି:, ରାତି ଘ ୯-୫୦ ମି: କମଳ ଚରଣ ହରିଚନ୍ଦନ (ଓଡ଼ିଶୀ, ଚମ୍ପୂ, ଛାନ୍ଦ) ଓ ମହାଦେବ ରାଉତ(ସଙ୍ଗୀତ ସହଯୋଗ) । ରାତି ଘ ୮-୧୫ ମି:, 'କୃଷ୍ଣଗାଥା' (ରାହାସ ପୂର୍ଣ୍ଣିମା ଉପଲକ୍ଷେ ସଙ୍ଗୀତ ରୂପକ କାର୍ଯ୍ୟକ୍ରମ) ରାତି ଘ ୯ ୧୫ ମି:, ରାମଚନ୍ଦ୍ର ଦାସ—'ସାଂସ୍କୃତିକ ସମାଲୋଚନା' (ହସ୍ତଶିଳ୍ପ ସମ୍ବନ୍ଧୀୟ ଓଡ଼ିଆ ଆଲୋଚନା କାର୍ଯ୍ୟକ୍ରମ) । ରାତି ଘ ୯-୩୦ ମି: ଅଖିଳ ଭାରତୀୟ ଆଲୋଚନା କାର୍ଯ୍ୟକ୍ରମ (ଦିଲ୍ଲୀ ରିଲେ) ।

ତା ୨୩।୧୧।୬୧ ଗୁରୁବାର:—

ସକାଳ ଘ ୭-୫୦ ମି:, ମଧ୍ୟାହ୍ନ ଘ ୧-୦୦ ମି:, ସନ୍ଧ୍ୟା ଘ ୫-୪୫ ମି:, ରାତି ଘ ୭-୩୦ ମି: ଶୈଳ ମହାପାତ୍ର (ଓଡ଼ିଶୀ, ଆଧୁନିକ, ଭଜନ, ପଲ୍ଲୀସ୍ୱର

ଗୀତ)। ରାତି ଘ ୯-୧୫ ମି:, ନାରାୟଣ ରଥ—'ସଂସ୍କୃତରେ ଐତିହାସିକ ଗ୍ରନ୍ଥ' (ଓଡ଼ିଆ ଆଲୋଚନା କାର୍ଯ୍ୟକ୍ରମ)। ରାତି ଘ ୯-୩୦ ମି: ଅଖିଳ ଭାରତୀୟ ରୂପକ କାର୍ଯ୍ୟକ୍ରମ (ଦିଲ୍ଲୀ ରିଲେ)

ତା ୨୪।୧୧।୬୧ ଶୁକ୍ରବାର:—

ମଧ୍ୟାହ୍ନ ଘ ୧-୦୦ ମି:, ସନ୍ଧ୍ୟା ଘ ୫-୪୫ ମି:, ସନ୍ଧ୍ୟା ଘ ୭-୧୦ ମି:, ରାତି ଘ ୭-୩୦ ମି:, ରାଧାଗୋବିନ୍ଦ ପଟ୍ଟନାୟକ (ଆଧୁନିକ, ଭଜନ, ଗୀତ, ପଲ୍ଲୀସ୍ୱର ଗୀତ)। ରାତି ଘ ୮-୩୦ ମି:, ବୈଦ୍ୟନାଥ ଶର୍ମା ଓ ଦଳଙ୍କ—'ଅଞ୍ଜଳି' (ସ୍ୱତନ୍ତ୍ର ଆଧ୍ୟାତ୍ମିକ ସଙ୍ଗୀତ କାର୍ଯ୍ୟକ୍ରମ)।

ତା ୨୫।୧୧।୬୧ ଶନିବାର:—

ସକାଳ ଘ ୭।୫୦ ମି:, ମଧ୍ୟାହ୍ନ ଘ ୧।୦୦ ମି:, ସନ୍ଧ୍ୟା ଘ ୫।୪୫ ମି:, ରାତି ଘ ୭।୧୦ ମି: ରାଧାମଣି ମହାପାତ୍ର (ଓଡ଼ିଶୀ, ଜଣାଣ, ଭଜନ, ପଲ୍ଲୀସ୍ୱରଗୀତ), ରାତି ଘ ୭।୪୫ ମି: ଭରତଚନ୍ଦ୍ର କୁମାର ଦାସ 'ଅଥଚ' (ଓଡ଼ିଆ-ନାଟକ କାର୍ଯ୍ୟକ୍ରମ)। ରାତି ଘ ୮।୦୦ ମି: ରାଧାକୃଷ୍ଣ ଭଞ୍ଜ ଓ ଗୋଲାପ ରାଉତ—'ସଜଫୁଲ' (ଏ ମାସର ନୂତନ ସଙ୍ଗୀତ କାର୍ଯ୍ୟକ୍ରମ)। ରାତି ଘ ୯।୧୫ ମି: 'ସର୍ବ-ସାଧାରଣ ଶ୍ରୋତାମଣ୍ଡଳୀ' (ଜ୍ଞାନବର୍ଦ୍ଧନମୂଳକ କାର୍ଯ୍ୟ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ)। ରାତି ଘ ୯।୩୦ ମି: ଅଖିଳ ଭାରତୀୟ ସଙ୍ଗୀତ କାର୍ଯ୍ୟକ୍ରମ (ଦିଲ୍ଲୀ ରିଲେ)।

ତା ୨୬।୧୧।୬୧ ରବିବାର:—

ସକାଳ ଘ ୭।୫୦ ମି:, ସନ୍ଧ୍ୟା ଘ ୭।୧୦ ମି:, ରାତି ଘ ୯।୧୫ ମି: ଅକ୍ଷୟ କୁମାର ମହାନ୍ତି (ଆଧୁନିକ ଗୀତ)। ସକାଳ ଘ ୯।୩୦ ମି: ମଧ୍ୟାହ୍ନ ଘ ୧।୦୦ ମି: ରାତି ଘ ୭।୩୦ ମି: କୃଷ୍ଣପ୍ରିୟା ଦାସ (ଓଡ଼ିଶୀ, ଭଜନ, ପଲ୍ଲୀସ୍ୱର ଗୀତ)।

ତା ୨୭।୧୧।୬୧ ସୋମବାର:—

ସକାଳ ଘ ୭।୫୦ ମି:, ସନ୍ଧ୍ୟା ଘ ୫।୪୫ ମି:, ରାତି ଘ ୭।୩୦ ମି:, ରାତି ଘ ୮।୩୦ ମି: ନୃସିଂହ ନାଥ ଖୁଣ୍ଟିଆ (ଓଡ଼ିଶୀ, ଭଜନ, ଛାନ୍ଦ, ଜଣାଣ)। ମଧ୍ୟାହ୍ନ ଘ ୧।୨୦ ମି: ରାତି ଘ ୬।୩୦ ମି: ହରପ୍ରସାଦ ଚୌରସିଆ (ବଂଶୀ-ବାଦନ)। ରାତି ଘ ୮।୦୦ ମି: ନରସିଂହ ମହାପାତ୍ର 'ନବାବ୍ ବାହାଦୁର' (ଓଡ଼ିଆ ନାଟକ କାର୍ଯ୍ୟକ୍ରମ)।

ତା ୨୮।୧୧।୬୧ ମଙ୍ଗଳବାର:—

ସକାଳ ଘ ୭।୫୦ ମି:, ମଧ୍ୟାହ୍ନ ଘ ୧।୨୦ ମି:, ରାତି ଘ ୮।୧୫ ମି: ନନ୍ଦିତା ପାଲିତ (ଆଧୁନିକ, ଭଜନ, ପଲ୍ଲୀସ୍ୱର ଗୀତ)। ମଧ୍ୟାହ୍ନ ଘ ୧।୦୦ ମି:, ସନ୍ଧ୍ୟା ଘ ୫।୪୫ ମି: ରାତି ଘ ୯।୩୦ ମି: ଲୋକନାଥ ରଥ (ଓଡ଼ିଶୀ, ଜଣାଣ—କବିସୂର୍ଯ୍ୟଙ୍କ ରଚନାରୁ)।

ତା ୨୯।୧୧।୬୧ ବୁଧବାର:—

ସକାଳ ଘ ୭।୫୦ ମି:, ସନ୍ଧ୍ୟା ଘ ୫।୪୫ ମି:, ରାତି ଘ ୭।୩୦ ମି:, ରାତି ଘ ୯।୫୦ ମି: ବୀଣାପାଣି ମିଶ୍ର (ଓଡ଼ିଶୀ ଭଜନ, ଜଣାଣ, କୀର୍ତ୍ତନ)। ମଧ୍ୟାହ୍ନ ଘ ୧।୨୦ ମି: ରାମାନନ୍ଦ କାନୁନଗୋ (ତବଲା) ଓ ଆର. ହରିହରନ (ମୃଦଙ୍ଗ) (ଦ୍ୱୈତ ଯନ୍ତ୍ରସଙ୍ଗୀତ କାର୍ଯ୍ୟକ୍ରମ)। ରାତି ଘ ୮।୩୦ ମି: ରାମାନନ୍ଦ କାନୁନଗୋ, ଧ୍ରୁବଚରଣ ରଥ, ଶ୍ରୀବତ୍ସ ପଟ୍ଟନାୟକ ଓ ଆର. ହରିହରନ ('ଲୟ ବିଚିତ୍ରା' କାର୍ଯ୍ୟକ୍ରମ)। ରାତି ଘ ୯।୧୫ ମି: ଅନନ୍ତ-ପଟ୍ଟନାୟକ—'ମନ୍ଦିର କାହାଣୀ' ଅନନ୍ତ ବାସୁଦେବ ଓଡ଼ିଆ ଆଲୋଚନା କାର୍ଯ୍ୟକ୍ରମ)। ରାତି ଘ ୯।୩୦ ମି: ଅଖିଳ ଭାରତୀୟ ଆଲୋଚନା କାର୍ଯ୍ୟକ୍ରମ)। (ଦିଲ୍ଲୀ ରିଲେ)।

ତା ୩୦।୧୧।୬୧ ଗୁରୁବାର:—

ସକାଳ ଘ ୭।୫୦ ମି:, ମଧ୍ୟାହ୍ନ ଘ ୧।୦୦ ମି: ସନ୍ଧ୍ୟା ଘ ୫।୪୫ ମି: ରାତି ଘ ୭।୩୦ ମି: ପଦ୍ମାଳୟା ମହାପାତ୍ର (ଓଡ଼ିଶୀ, ଭଜନ, ଆଧୁନିକ, ପଲ୍ଲୀସ୍ୱର ଗୀତ)। ରାତି ଘ ୯।୧୫ ମି: ବିଶ୍ୱନାଥ ରଥ 'ଭଜନପ୍ରବାହ' (ଭଜନ-ସମ୍ବନ୍ଧୀୟ ଓଡ଼ିଆ ଆଲୋଚନା କାର୍ଯ୍ୟକ୍ରମ)।

## "ଗାଁଗହଳପାଇଁ କାର୍ଯ୍ୟକ୍ରମ ସୂଚୀ"

ତା୧।୧୧।୬୧ ବୁଧବାର

ବାନାମ୍ବର ଆଚାର୍ଯ୍ୟ (ଭାଗବତ ପାଠ)। ଖଞ୍ଜଣି ଭଜନ। କଣା ନିବାରଣ। ଧରଣୀଧର ବୃନ୍ଦ (ପଲ୍ଲୀସ୍ବର ଗୀତ)। ପଞ୍ଚବାର୍ଷିକ ଯୋଜନାର ଅଗ୍ରଗତି। ବଜାର ପରିସ୍ଥିତି। ପାଣିପାଗ, କାଲି କଅଣ କରିବା।

ତା୨।୧୧।୬୧ ଗୁରୁବାର

କେ. ମି. ମହାନ୍ତି (କୃଷି ପଞ୍ଜିକା)। ଗଳ୍ପ। ମନୋରଞ୍ଜନ ମୁଣ୍ଡି (ପଲ୍ଲୀସ୍ବର ଗୀତ)। ସ୍ବଳ୍ପସଞ୍ଚୟ। ଫସଲ ରୋଗ। ବଜାର ପରିସ୍ଥିତି। ପାଣିପାଗ। କାଲି କଅଣ କରିବା।

ତା୩।୧୧।୬୧ ଶୁକ୍ରବାର

ଉନ୍ନୟନ ଯୋଜନାରେ ପଲ୍ଲୀମହିଳାଙ୍କ ସ୍ଥାନ (ଆଲୋଚନା)। କେଦାରଗୀତ। ଶଶୀପାଣି ମହାପାତ୍ର (ଓଡ଼ିଶୀ ଓ ଭଜନ)। ଚିଠିପତ୍ରର ଉତ୍ତର। ଗାନ୍ଧୀକଥା। ବଜାର ପରିସ୍ଥିତି। ପାଣିପାଗ। କାଲି କଅଣ କରିବା।

ତା୪।୧୧।୬୧ ଶନିବାର

ବୈରାଗୀ ଚରଣ ମିଶ୍ର (ରାମାୟଣ ପାଠ)। ବଜାର ପରିସ୍ଥିତି। ପାଣିପାଗ। କାଲି କଅଣ କରିବା। ୯ଟେଷ୍ଟର ଗାଣି—'ରଙ୍ଗସଭା' (ଓଡ଼ିଆ ଅପେରା କାର୍ଯ୍ୟକ୍ରମ)।

ତା୫।୧୧।୬୧ ରବିବାର

ବାହାର ଦୁନିଆ। ଚନ୍ଦ୍ରମଣି ସାହୁ ଓ ଦଳ 'ପାଲା'। ବାଳକୃଷ୍ଣ ଦାସ (ଓଡ଼ିଶୀ)। ଖେତ ଖମାର। ସପ୍ତାହର ଷ୍ଟୋକ ଦର। ପାଣିପାଗ। ଆସନ୍ତା ସପ୍ତାହର କାର୍ଯ୍ୟକ୍ରମ।

ତା୬।୧୧।୬୧ ସୋମବାର

ଲିଙ୍ଗରାଜ ମିଶ୍ର—ଧ୍ୱଜ ଶୋଭା। ଅନାଦି ଚରଣ ପାଲ୍ ଓ ଦଳ—ଓଡ଼ିଶୀ ଭଜନ। କାଶୀନାଥ ମହାପାତ୍ର—ଗ୍ରୁଦ। ଚିଠି ପତ୍ରର ଉତ୍ତର। ସ୍ବଳ୍ପସଞ୍ଚୟ। ବଜାର ପରିସ୍ଥିତି। ପାଣିପାଗ। କାଲି କଅଣ କରିବା।

ତା୭।୧୧।୬୧ ମଙ୍ଗଳବାର

ପ୍ରଭାକର ଜେନା ଓ ଦଳ—ନଟସଂକୀର୍ତ୍ତନ। ବଜାର ପରିସ୍ଥିତି। ପାଣିପାଗ। କାଲି କଅଣ କରିବା। ପଲ୍ଲୀଶ୍ରୋତାମଣ୍ଡଳୀ।

ତା୮।୧୧।୬୧ ବୁଧବାର

ପ୍ରାଣକୃଷ୍ଣ ଦାସ ଶର୍ମା—ଭାଗବତ ପାଠ। ନିହାରିକା ଦାସ—ଭଜନ, ପଲ୍ଲୀସ୍ବର ଗୀତ। ବଜାର ପରିସ୍ଥିତି। ପାଣିପାଗ। କାଲି କଅଣ କରିବା।

ତା ୯।୧୧।୬୧ ଗୁରୁବାର

ଫକୀର ଗୋପବନ୍ଧୁ ଓ ଦଳ (ଚଡ଼ାଙ୍ଗିବାଜା) ଆମେ ଚାଷୀ। କଣା ନିବାରଣ। ଅଶୋକ କୁମାର ମଜୁମଦାର (ପଲ୍ଲୀସ୍ବର ଗୀତ)। ଗୋଖାଦ୍ୟ। ବଜାର ପରିସ୍ଥିତି। ପାଣିପାଗ। କାଲି କଅଣ କରିବା।

ତା ୧୦।୧୧।୬୧ ଶୁକ୍ରବାର

ଗିରଧର ଦାସ (ଧୂଡ଼ୁକି ଗୀତ)। ଡାଃ କୃଷ୍ଣମୋହନ ସାହୁ (କଲେରା)। ନାରାୟଣ ବେହେରା (ଭଜନ)। ଚିଠିପତ୍ରର ଉତ୍ତର। ଗାନ୍ଧୀ କଥା। ବଜାର ପରିସ୍ଥିତି। ପାଣିପାଗ। କାଲି କଅଣ କରିବା।

ତା ୧୧।୧୧।୬୧ ଶନିବାର

ଦେବଆନନ୍ଦ ମହାନ୍ତି—'ସ୍ବପ୍ନ' (ଓଡ଼ିଆ ନାଟକ କାର୍ଯ୍ୟକ୍ରମ)। ଅଗଣି ତ୍ରିପାଠୀ (ରାମାୟଣ ପାଠ)। ନୂଆ ଧାନ। ବଜାର ପରିସ୍ଥିତି। ପାଣିପାଗ। କାଲି କଅଣ କରିବା।

ତା ୧୨।୧୧।୬୧ ରବିବାର

ବାହାର ଦୁନିଆ। ମୁରଲୀଧର ବିଶୋଇ ଓ ଦଳ (ଦାସକାଠିଆ ଗୀତ)। ମହମ୍ମଦ ସିକନ୍ଦର ଆଲମ (ପଲ୍ଲୀସ୍ବର ଗୀତ)। ଖେତ ଖମାର। ସ୍ବଳ୍ପସଞ୍ଚୟ। ସପ୍ତାହର ଷ୍ଟୋକ ଦର। ପାଣିପାଗ। ଆସନ୍ତା ସପ୍ତାହର କାର୍ଯ୍ୟକ୍ରମ।

# ଉତ୍କଳ ପ୍ରସଙ୍ଗ



ତା ୧୦।୧୧।୬୯ ସୋମବାର

ଭୂଗର୍ଭସ୍ଥ ଯୋଜନାରେ ସମବାୟ କୃଷି (ଆଲୋଚନା) । ମତ୍ସ୍ୟ । ପରିବାର ନିୟନ୍ତ୍ରଣ । ମାର୍କଣ୍ଡେୟ ମହାପାତ୍ର (ଗଳ୍ପ) । ଚିଠିପତ୍ରର ଉତ୍ତର । ବଜାର ପରିସ୍ଥିତି । ପାଣିପାଗ । କାଲି କଣ କରିବା ।

ତା ୧୧।୧୧।୬୯ ମଙ୍ଗଳବାର

ଶ୍ରୀଧର ରଥ ଓ ଦଳ (ଖଞ୍ଜଣୀ ଭଜନ) । କାନ ଓ ଗାନଆ ଖିଆଲ । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା । ପଲ୍ଲୀଶ୍ରୋତାମଣ୍ଡଳୀ ।

ତା ୧୨।୧୧।୬୯ ବୁଧବାର

କୃଷ୍ଣ ଚନ୍ଦ୍ର ମିଶ୍ର (ଭାଗବତ ପାଠ) । ଘୋଡ଼ାନାଚ ଗୀତ । ନିଶାନିବାରଣ । କଲ୍ୟାଣୀ ମୁଖାର୍ଜି (ପଲ୍ଲୀସ୍ୱରଗୀତ) ପଞ୍ଚବାର୍ଷିକ ଯୋଜନାର ଅଗ୍ରଗତି । ସୁଷମ ଖାଦ୍ୟ । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୧୩।୧୧।୬୯ ଗୁରୁବାର

ମାୟାଧର ପଣ୍ଡା ଓ ଦଳ (ପାଲା) । ଆମ କୃଷି । ଅସ୍ପୃଶ୍ୟତା । ବୈଦ୍ୟନାଥ ଗୁରୁ (ପଲ୍ଲୀସ୍ୱର ଗୀତ) ଜଳସେଚନ ବ୍ୟବସ୍ଥା । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୧୪।୧୧।୬୯ ଶୁକ୍ରବାର

ଓଡ଼ିଶୀ କୀର୍ତ୍ତନ । ସିଂହାରି ଶ୍ୟାମସୁନ୍ଦର କର (ଗଳ୍ପ) । ଚିଠିପତ୍ରର ଉତ୍ତର । ଗାନ୍ଧୀ କଥା । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୧୫।୧୧।୬୯ ଶନିବାର

ଶାରଦା ପ୍ରସନ୍ନ ନାୟକ—'କେତିଲଙ୍କ ସନ୍ନ୍ୟାସ (ରତନଲାଲ ଯୋଶୀଙ୍କ ହିନ୍ଦୀ ନାଟକର ଓଡ଼ିଆ ବେତାର ନାଟକ କାର୍ଯ୍ୟକ୍ରମ) । ଅଦ୍ୱୈତ ରଥ (ରାମାୟଣ ପାଠ) । ଆଞ୍ଚଳିକ ସେନାବାହିନୀ ଓ ଆକାଶବାଣୀ ଦିବସ । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୧୬।୧୧।୬୯ ରବିବାର

ବାହାର ଦୁନିଆ । ଉଦୟନାଥ ମହାନ୍ତି ଓ ଦଳ (ଦାସକାଠିଆ) । ଯୁବକ ସଙ୍ଘ (ରୂପକ କାର୍ଯ୍ୟକ୍ରମ) । ଶ୍ରୀଶିବ କିଶୋର ପଟ୍ଟନାୟକ (ଭଜନ) । କାଶ୍ମୀର କଥା । ଖେତ ଖମାର । ସପ୍ତାହର ଝୋଟ ଦର । ପାଣିପାଗ । ଆସନ୍ତା ସପ୍ତାହର କାର୍ଯ୍ୟକ୍ରମ ।

ତା ୧୭।୧୧।୬୯ ସୋମବାର

ବସନ୍ତ ପ୍ରିୟା ସାମନ୍ତ (ପଲ୍ଲୀସ୍ୱର ଗୀତ ଓ ଜଣାଣ) । ଓଡ଼ିଶାରେ କପାଚାଷର ଉନ୍ନୟନ—ଅନ୍ୟ ରାଜ୍ୟ ସହିତ ତୁଳନା । ସୁଷମ ଖାଦ୍ୟ । ସୁସ୍ଥ ସନ୍ତାନ । ଚିଠିପତ୍ରର ଉତ୍ତର । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା । କିଶୋର ଚନ୍ଦ୍ର ପଟ୍ଟନାୟକ (ଗଳ୍ପ) ।

ତା ୧୮।୧୧।୬୯ ମଙ୍ଗଳବାର

ଗୁରୁଚରଣ ସ୍ୱାଇଁ ଓ ଦଳ (ଖଞ୍ଜଣୀ ଭଜନ) । ନିଶାନିବାରଣ । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା । ପଲ୍ଲୀଶ୍ରୋତାମଣ୍ଡଳୀ ।

ତା ୧୯।୧୧।୬୯ ବୁଧବାର

ଗୋବର୍ଦ୍ଧନ ପାତ୍ର (ଧୁଡ଼ୁକି ଗୀତ) । ଆନନ୍ଦ ଚନ୍ଦ୍ର ମିଶ୍ର [ଭାଗବତ ପାଠ] । ମଣ୍ଡୁବେଗ । ନିମାଇଚରଣ ହରିଚନ୍ଦନ [ଗଳ୍ପ] । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୨୦।୧୧।୬୯ ଗୁରୁବାର

ବ୍ରଜମୋହନ ଦାସ ଓ ଦଳ (ପାଲା) । କ୍ଷୁଦ୍ରଶିଳ୍ପ । ଆମେ କୃଷି । ଶୈଳ ମହାପାତ୍ର [ପଲ୍ଲୀସ୍ୱର ଗୀତ] । ଅସ୍ପୃଶ୍ୟତା । ପରିବାର ନିୟନ୍ତ୍ରଣ । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୨୧।୧୧।୬୯ ଶୁକ୍ରବାର

ବୈଦ୍ୟନାଥ ଶର୍ମା ଓ ଦଳ (ଦାସକାଠିଆ) । ଗୋଜାତି ଓ ତାର ଉନ୍ନୟନ (ଭାରତ ତୁଳନାରେ ଓଡ଼ିଶାର ଅବସ୍ଥା) । ଗାନ୍ଧୀକଥା । ଚିଠିପତ୍ରର ଉତ୍ତର । ରାଧାଗୋବିନ୍ଦ ପଟ୍ଟନାୟକ (ଭଜନ ଓ ପଲ୍ଲୀସ୍ୱର ଗୀତ) ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୨୫।୧୧।୬୧ ଶନିବାର

ଉପେନ୍ଦ୍ର କୁମାର ଦାସ-'ପ୍ରଥର'.(ଓଡ଼ିଆ ନାଟକ କାର୍ଯ୍ୟକ୍ରମ) । ନୂଆ ମାପ । କୃଷ୍ଣମୋହନ ପଣ୍ଡା (ସ୍ୱମ ସୃଣ ପାଠ) । କୃଷକ-ବନ୍ଧୁଙ୍କ ପଥ । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୨୬।୧୧।୬୧ ରବିବାର

ଜନତା । ବନ୍ଧୁପ୍ରିୟା ଦାସ (ପଲ୍ଲୀସ୍ୱର ଗୀତ) । ବାହାର ଦୁନିଆ । ଖେତ-ଖମାର । ସମ୍ବାଦର ସ୍ଥୋଟପଦର । ପାଣିପାଗ । ଆସନ୍ତା ସମ୍ବାଦର କାର୍ଯ୍ୟକ୍ରମ ।

ତା ୨୭।୧୧।୬୧ ସୋମବାର

ମଦନମୋହନ ନାଥ (କେନ୍ଦାଗୀତ) । ସାର ପ୍ରୟୋଗ । ପଶୁବାର ନସୁବ୍ଧଣ । ନୃସିଂହନାଥ ଖୁଣ୍ଟିଆ (ଗ୍ରନ୍ଥ) । ଶଠପଥର ଉତ୍ତର । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୨୮।୧୧।୬୧ ମଙ୍ଗଳବାର

ବାବାଜୀ ଧରଣୀଧର ଦାସ ଓ ଦଳ (ଖଞ୍ଜଣୀ ଭଜନ) । ଗୋ-ଖାଦ୍ୟ । ବଜାର ପରିସ୍ଥିତି । ପାଣି-ପାଗ । କାଲି କଅଣ କରିବା । ପଲ୍ଲୀଶ୍ରୋତା ମଣ୍ଡଳୀ ।

ତା ୨୯।୧୧।୬୧ ବୁଧବାର

ବଳଭଦ୍ର ମିଶ୍ର (ଭାଗବତ ପାଠ) । ଖୋଲ ଓ ଖଞ୍ଜଣୀ । ପଞ୍ଚାୟତ ବ୍ୟବସ୍ଥା । ବୀଣାପାଣୀ ମିଶ୍ର (ଜଣାଣ) । ପଞ୍ଚବାର୍ଷିକ ଯୋଜନାର ଅଗ୍ରଗତି । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୩୦।୧୧।୬୧ ଗୁରୁବାର

ଦ୍ୱିଜବର ପଣ୍ଡା ଓ ଦଳ (ପାଲା) । ଗ୍ରାମ୍ୟଦର୍ଶନ—'ସ୍ୱଇଟ୍‌ହୋମ୍' । ପଦ୍ମାଳୟା ମହାପାତ୍ର (ପଲ୍ଲୀସ୍ୱର ଗୀତ) । ଅସ୍ପୃଶ୍ୟତା । କାଇଞ୍ଚ କନକ ଖଆଣ୍ଡ । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

## ଚତୁର୍ଥ ପ୍ରାଇଜ୍ ବଣ୍ଡ ଲଟେରୀ ଫଳାଫଳ

ଗତ ଚତୁର୍ଥ ପ୍ରାଇଜବଣ୍ଡ ଲଟେରୀରେ ଓଡ଼ିଶାରୁ ନିମ୍ନଲିଖିତ ତିନିଜଣ ବ୍ୟକ୍ତି ପୁରସ୍କାର ଲାଭକଲେ ।

| ନାମ ଓ ଠିକଣା | ବଣ୍ଡ ନମ୍ବର | ପୁରସ୍କାରର ପରିମାଣ |
|---|---|---|
| ୧ । ଶ୍ରୀ ବ୍ରଜକିଶୋର ପାଇକରାୟ<br>C/o ଶ୍ରୀ ସୁରେଶଚନ୍ଦ୍ର ରାୟ<br>କଓ୍ୱାଲ ଜୋର<br>ଜି: ସମ୍ବଲପୁର, ଓଡ଼ିଶା | ଆଇ· ବି· ୦୨୩୮୩୧ | ୧୦୦୦ ଟଙ୍କା |
| ୨ । ଶ୍ରୀ କେ: ଏମ ଖେଲିଆ<br>ଗଭର୍ଣ୍ଣମେଣ୍ଟ ଫାର୍ଷ୍ଟ୍ୟାର ହାଉସ୍<br>ପୋ: ଅ: ବୌଦ, ଜିଲ୍ଲା ଫୁଲବାଣୀ | ଏ:ଡ଼ ୮୮୫୩୩୫ | ୫୦୦ ଟଙ୍କା |
| ୩ । ଶ୍ରୀ ବସନ୍ତ କୁମାର ପ୍ରଧାନ<br>କେନ୍ଦୁଝର ଖଣିବିଦ୍ୟା ଶିକ୍ଷାନୁଷ୍ଠାନ<br>କେନ୍ଦୁଝରଗଡ଼, ଓଡ଼ିଶା | ଏ:ଜେ ୩୪୭୭୨୨ | ୧୦୦୦ ଟଙ୍କା |

# ମାସ-ପଞ୍ଜି

## ସେପ୍ଟେମ୍ବର—୧୯୬୧

❊ ୧ । ୯ । ୬୧ ❊

ପ୍ରେସିଡେଣ୍ଟ ଟିଟୋ ବେଲଗ୍ରେଡଠାରେ ଐତିହାସିକ ନିରପେକ୍ଷ ରାଷ୍ଟ୍ରସମ୍ମିଳନୀ ଉଦ୍‌ଘାଟନ କରିଥିଲେ । ଏଥିରେ ୨୪ଟି ରାଷ୍ଟ୍ର ଯୋଗଦାନ କରିଥିଲେ ।

କେନ୍ଦ୍ରପରିବହନ ଓ ଯୋଗାଯୋଗ ମନ୍ତ୍ରୀ ଶ୍ରୀ ରାଜବାହାଦୁର ଲୋକସଭାରେ ପ୍ରକାଶ କଲେ ଯେ ପାରାଦ୍ୱୀପ ବନ୍ଦର ଉନ୍ନୟନକାର୍ଯ୍ୟ ବିଭିନ୍ନ ମନ୍ତ୍ରାଳୟରେ ବିଚାର କରାଯାଉଛି ।

❊ ୨ । ୯ । ୬୧ ❊

ବ୍ରାଜିଲ ରାଜ୍ୟର ସିନେଟ୍ ବହୁ ଅଧିକ ଭୋଟରେ ବ୍ରାଜିଲରେ ପାର୍ଲିଆମେଣ୍ଟ ଶାସନ ପ୍ରଚଳନପାଇଁ ସ୍ଥିର କଲେ ।

❊ ୩ । ୯ । ୬୧ ❊

ସୋଭିଏଟ୍ ସରକାର ବର୍ଲିନରେ ଚତୁଃଶକ୍ତି ଆଧିପତ୍ୟକୁ ପାଶ୍ଚାତ୍ୟ ଶକ୍ତିମାନେ ଅବମାନନା କରିଛନ୍ତି ବୋଲି ଦୋଷାରୋପ କରିଥିଲେ ।

ଓଡ଼ିଶା ଶିଳ୍ପ ବଣିକ ସଂଘର ତ୍ରିଂଶତ୍ତମ ସାଧାରଣ ସଭା ବାରବାଟୀ ଷ୍ଟାଡ଼ିୟମରେ ହୋଇଥିଲା ।

❊ ୪ । ୯ । ୬୧ ❊

ପୃଥ୍ୱୀ-ପୃଷ୍ଠରୁ ଯୁଦ୍ଧଭୟ ଦୂର କରିବାପାଇଁ ବେଲଗ୍ରେଡ୍‌ରେ ବସିଥିବା ନିରପେକ୍ଷ ରାଷ୍ଟ୍ରସମ୍ମିଳନୀ ଆମେରିକାର ରାଷ୍ଟ୍ରପତି କେନେଡ଼ି ଓ ରୁଷର ପ୍ରଧାନମନ୍ତ୍ରୀ କ୍ରୁଶ୍ଚେଭଙ୍କ ସହିତ ଆଲୋଚନା କରିବାର ସ୍ଥିର କଲେ ।

ରାଉରକେଲାରେ ଶ୍ରମିକ ଆଇନ ପ୍ରଚଳନ କରିବାକୁ କେନ୍ଦ୍ର ସରକାର ଦେଇଥିବା ସୁପାରିଶକୁ ଓଡ଼ିଶା ସରକାର ଅଗ୍ରାହ୍ୟ କଲେ ବୋଲି ମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ବିଧାନସଭାରେ ପ୍ରକାଶ କଲେ ।

❊ ୫ । ୯ । ୬୧

ଆମେରିକା ସୈନ୍ୟ ପ୍ରଥମ ଥରପାଇଁ ପୂର୍ବ-ବର୍ଲିନ ପୋଲିସବାହିନୀ ଉପରେ ଲୁହବୁହା ଗ୍ୟାସ ପ୍ରୟୋଗ କଲେ ।

ଶିକ୍ଷାମନ୍ତ୍ରୀ ଶ୍ରୀ ପବିତ୍ରମୋହନ ପ୍ରଧାନ ବିଧାନସଭାରେ ପ୍ରକାଶ କଲେ ଯେ ଭୁବନେଶ୍ୱରଠାରେ ତୃତୀୟ ପଞ୍ଚବାର୍ଷିକ ଯୋଜନାକାଳ ମଧ୍ୟରେ ଗୋଟିଏ ବୈଷୟିକ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯିବ ।

❊ ୬ । ୯ । ୬୧ ❊

ଭାରତର ପ୍ରଧାନମନ୍ତ୍ରୀ ବେଲଗ୍ରେଡ୍‌ରୁ ଯାଇ ମସ୍କୋରେ ପହଞ୍ଚିଲେ ।

❊ ୭ । ୯ । ୬୧ ❊

ସେନେଟର ଗୁଲାର୍ଟ ବ୍ରାଜିଲର ପ୍ରେସିଡେଣ୍ଟରୂପେ ଶପଥ ଗ୍ରହଣ କଲେ ।

❊ ୮ । ୯ । ୬୧ ❊

ବିହାର ବିଧାନସଭାରେ ଏକ ଅବିଶ୍ୱାସ ପ୍ରସ୍ତାବ ଆଗତ କରାଯାଇଥିଲା ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ରାଜ୍ୟ ବିଧାନସଭାରେ ପ୍ରକାଶ କଲେ ଯେ ଗତ ବନ୍ୟା ଓ ବୃଷ୍ଟିରେ ଓଡ଼ିଶାର ୧୦ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି ।

ଭଦ୍ରକ ଓ ଖୋର୍ଦ୍ଧା ରୋଡ଼ ମଧ୍ୟରେ ପୂର୍ବପରି ରେଳ ଚଳାଚଳ ଆରମ୍ଭ ହେଲା ।

❊ ୯ । ୯ । ୬୧ ❊

ଦିଲ୍ଲୀଠାରେ ବସିଥିବା ଦୁଃସ୍ଥ ରାଜନୈତିକ କର୍ମୀ-ସମ୍ମିଳନୀରେ ଏହି କର୍ମୀମାନଙ୍କର ସାହାଯ୍ୟ ଓ ପୁନର୍ବସତିପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଆଇନ ପ୍ରଣୟନ କରନ୍ତୁ ବୋଲି ଅନୁରୋଧ କରାଗଲା ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ସାକ୍ଷୀଗୋପାଳ ନଡ଼ିଆ ସମବାୟ ସମିତିରେ ଭାଷଣ ଦେଇଥିଲେ ।

❊ ୧୦ । ୯ । ୬୧ ❊

ହାଇଦ୍ରାବାଦଠାରେ ହୋଇଥିବା ସ୍ୱାସ୍ଥ୍ୟ କାଉନସିଲର ନବମ ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ କର୍ମରକାର ପ୍ରକାଶ କଲେ ଯେ ତୃତୀୟ ଯୋଜନା-କାଳ ମଧ୍ୟରେ ଅର୍ଥାଭାବର ବାହାନା ଦେଇ କୌଣସି ରାଜ୍ୟର ସ୍ୱାସ୍ଥ୍ୟ-ଯୋଜନାକୁ ବନ୍ଦ କରିଦିଆଯିବ ନାହିଁ ।

✻ ୧୧ । ୯ । ୬୧ ✻

ପାଶ୍ଚାତ୍ୟ ଭ୍ରମଣରୁ ଫେରି ପ୍ରଧାନମନ୍ତ୍ରୀ ଶ୍ରୀ ନେହେରୁ ନୂଆଦିଲ୍ଲୀରେ ଆସି ପହଞ୍ଚିଲେ ।

ପୂର୍ବ ଗସ୍ତକାଳରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପୁଣାରେ ଟେଲିଟେକ୍ନିକ୍ ବିଦ୍ୟାଳୟପାଇଁ ନିର୍ଦ୍ଦିଷ୍ଟ ହୋଇଥିବା ସ୍ଥାନଟିକୁ ପରିଦର୍ଶନ କରିଥିଲେ ।

ଶିକ୍ଷାମନ୍ତ୍ରୀ ଶ୍ରୀ ବେଦମୋହନ ପ୍ରଧାନ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ଭୁବନ୍ତ ନିଖିଳଭାରତ କେନ୍ଦ୍ର ସମାଜ କଲ୍ୟାଣ ବୋର୍ଡର ଶସ୍ୟ ଅଞ୍ଚଳର ଶିଶୁ ସମିତି ଉଦ୍‌ଘାଟନ କଲେ ।

✻ ୧୨ । ୯ । ୬୧ ✻

୧୨ଟି ରାଷ୍ଟ୍ରର ରାଜ୍ୟଗୋଷ୍ଠୀ ଅର୍ଥମନ୍ତ୍ରୀମାନଙ୍କର ସମ୍ମିଳନୀ ଆକ୍ରାଠାରେ ଆରମ୍ଭ ହେଲା ।

ଫ୍ରାନ୍ସ୍ ଓ ଭାରତର ତୈଳ ସଂସ୍ଥାମାନଙ୍କର ଏକ ଚୁକ୍ତି ରାଜସ୍ଥାନର ଜଇସଲମିର ଅଞ୍ଚଳରେ ତୈଳ ଅନୁସନ୍ଧାନ କାର୍ଯ୍ୟ କରିବାକୁ ନୂଆଦିଲ୍ଲୀରେ ସ୍ୱାକ୍ଷରିତ ହେଲା ।

✻ ୧୩ । ୯ । ୬୧ ✻

ଭୁଟାନରୁ ବାହାରି ପଶ୍ଚିମ ବଙ୍ଗରେ ପ୍ରବାହିତ ହେଉଥିବା ଜଲଢ଼ାକ ନାମକ ନଦୀଜଳର ବ୍ୟବହାର ସମ୍ପର୍କରେ ଏକ ଚୁକ୍ତି ଭୁଟାନ ଓ ଭାରତ ମଧ୍ୟରେ ନୂଆଦିଲ୍ଲୀଠାରେ ସ୍ୱାକ୍ଷରିତ ହେଲା ।

✻ ୧୪ । ୯ । ୬୧ ✻

ରାଉରକେଲା କାରଖାନାର ବ୍ଲୁମିଙ୍ଗ ଓ ସ୍ଲାବିଂ ମିଲ୍ ଭାଙ୍ଗିଯିବାର କାରଣ ଅନୁସନ୍ଧାନ କରିବାକୁ ନିଯୁକ୍ତ ହୋଇଥିବା ତିନିଜଣିଆ କମିଟିର ପ୍ରଥମ ପର୍ଯ୍ୟାୟର ଅନୁସନ୍ଧାନ କାର୍ଯ୍ୟ ଶେଷ କରିଗଲେ ।

✻ ୧୫ । ୯ । ୬୧ ✻

କାଟାଙ୍ଗାର ପ୍ରେସିଡେଣ୍ଟ ସୋମ୍ବେ ଘୋଷଣା କଲେ ଯେ ସେ ମିଳିତ ଜାତିସଂଘ ବିରୁଦ୍ଧରେ ଏକ ସମ୍ପୂର୍ଣ୍ଣ ଯୁଦ୍ଧ ଆରମ୍ଭ କରିଛନ୍ତି ।

✻ ୧୬ । ୯ । ୬୧ ✻

ତୁର୍କି ଶାସନ ପରିଷଦରେ ଥିବା ଜାତୀୟ ଇଉନିଟ୍ କମିଟୀ ତୁର୍କିର ପୂର୍ବତନ ପ୍ରଧାନମନ୍ତ୍ରୀ ମେଣ୍ଡେରେସ ଓ ଅନ୍ୟାନ୍ୟ ଦୁଇଜଣ ମନ୍ତ୍ରୀଙ୍କ ମୃତ୍ୟୁଦଣ୍ଡକୁ ଅନୁମୋଦନ କଲେ ।

ଆମେରିକା ନେଭାଡ଼ାଠାରେ ମାଟିତଳେ ଆଣବିକ ଅସ୍ତ୍ର ପରୀକ୍ଷା ଆରମ୍ଭ କଲା ।

✻ ୧୭ । ୯ । ୬୧ ✻

ପଶ୍ଚିମ ଜର୍ମାନୀର ଚାନ୍ସେଲର ଆଡେନାଓର ଚତୁର୍ଥ ଥରପାଇଁ ତାଙ୍କର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହେଲେ; କିନ୍ତୁ ତାଙ୍କ ଦଳ ସଂଖ୍ୟାଗରିଷ୍ଠତା ହାସଲ କରିପାରିଲେ ନାହିଁ ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ କଟକର ଇଂଜିନିୟରିଂ ସ୍କୁଲଠାରେ ଜାତୀୟ ବୈଦ୍ୟୁତିକ ଚାଳନ ସପ୍ତାହ ଉଦ୍‌ଘାଟନ କରିଥିଲେ ।

✻ ୧୮ । ୯ । ୬୧ ✻

ନାଡୋଲାର ମାତ୍ର ଛଅ ସାତମାଇଲ ଦୂରରେ ଜାତି-ସଂଘର ସେକ୍ରେଟେରୀ ଜେନେରାଲ ଡାଗହାମର ସୋଲ୍ଡ୍ ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଲେ ।

✻ ୧୯ । ୯ । ୬୧ ✻

ହାମରସୋଲଡ୍‌ଙ୍କୁ ନେଇଯାଉଥିବା ବିମାନର ଏକମାତ୍ର ଉଦ୍ଧାର ପାଇଥିବା ଆମେରିକାର ଗୁଇଡା ବିଭାଗର ସର୍ଜେଣ୍ଟ ଜୁଲିଆନ ପ୍ରକାଶ କଲେ ଯେ ବିମାନ ଧକ୍କା ଖାଇ ଭସ୍ମ ହୋଇଯିବା ପୂର୍ବରୁ ବିମାନରେ ବିସ୍ଫୋରଣ ହୋଇଥିଲା ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ବରହମପୁରଠାରେ ଯୁବମଙ୍ଗଳ ସମିତି ଉଦ୍‌ଘାଟନ କରିଥିଲେ ।

✻ ୨୦ । ୯ । ୬୧ ✻

କାଟାଙ୍ଗାରେ ସୋମ୍ବେ ଓ ଇଉଏନ୍‌ଓ ପ୍ରତିନିଧିମାନଙ୍କ ମଧ୍ୟରେ ଯୁଦ୍ଧ ବିରତିପାଇଁ ଚୁକ୍ତି ସ୍ୱାକ୍ଷରିତ ହେଲା ।

ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଶ୍ରୀ ସଂଜୀବାୟ୍ୟ ପ୍ରକାଶ କଲେ ଯେ ଡୁଣ୍ଡିଗଲ୍‌ଠାରେ ଗୋଟିଏ ବୈମାନିକ ବିଦ୍ୟାଳୟ ୧୬ କୋଟି ଟଙ୍କା ବ୍ୟୟରେ ସ୍ଥାପନ କରାଯିବ ।

୨୦ ଜଣ ବୈଦ୍ୟୁତିକ କୃତୀ ଇଂଜିନିୟରଙ୍କ ମଧ୍ୟରୁ ୭ ଜଣଙ୍କୁ ରାଉରକେଲା କାରଖାନାରେ ରକ୍ଷଣାବେକ୍ଷଣ ଓ ପରିଚାଳନାପାଇଁ ନିଯୁକ୍ତ କରାଗଲେ।

୧୯୬୧ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ରାଜ୍ୟ ଅର୍ଥ କର୍ପୋରେସନ ୧,୬୨,୩୬୪ ଟଙ୍କା ଲାଭ ଆୟ କରି-ଥିବାର ଚତୁର୍ଥ ବାର୍ଷିକ ବିବରଣୀ ପ୍ରକାଶ କରାଗଲା।

✻ ୨୧ । ୯ । ୬୧ ✻

୨୧ଜଣ ଭାରତୀୟ ଶିଶୁ ପୋଲାଣ୍ଡର ବିଶ୍ୱ ଅଙ୍କନ ପ୍ରତିଯୋଗିତାରେ ପଦକପ୍ରାପ୍ତ ହେଲେ।

ନାଗାଲାଣ୍ଡର ଡକ୍ଟର ଆଓଙ୍କ ମୃତ୍ୟୁପରେ ଟି.ଏନ୍. ଅଙ୍ଗାମୀ ଅସ୍ଥାୟୀ ପରାମର୍ଶଦାତାରୂପେ ନିର୍ବାଚିତ ହେଲେ।

କଲିକତାର ଯାଦବପୁର ବିଶ୍ୱବିଦ୍ୟାଳୟର କେତେକ ବୈଜ୍ଞାନିକ ବୃଷ୍ଟି ଜଳରେ ଆଣବିକ ତେଜସ୍କ୍ରିୟତା ରହିଥିବାର ପରୀକ୍ଷାଦ୍ୱାରା ଜାଣିପାରିଥିଲେ।

✻ ୨୨ । ୯ । ୬୧ ✻

ବ୍ରିଟିଶ ସମ୍ବାଦପତ୍ର ଓ ରେଡ଼ିଓ ସାହାଯ୍ୟରେ କାଟାଙ୍ଗାରେ ଥିବା ଭାରତୀୟ ସୈନ୍ୟଙ୍କଦ୍ୱାରା ହୋଇଥିବା ଅମାନୁଷିକ ଅତ୍ୟାଚାରର ଦାବୀକୁ ଭାରତ ସରକାର ପ୍ରତିବାଦ କରିଥିଲେ।

ଚଳିତ ବର୍ଷର ଶେଷଆଡ଼କୁ ଭାରତୀୟ ଆକାଶ-ବାଣୀରେ ଆଉ ୫୨ଟି ନୂଆ ରେଡ଼ିଓ ଟ୍ରାନ୍ସମିଟର କାର୍ଯ୍ୟକାରୀ କରାଯିବ ବୋଲି ଘୋଷଣା କରାଗଲା।

ବ୍ରିଟିଶ ରେଡ଼ିଓରେ ଭାରତ ସରକାରଙ୍କ ବିରୁଦ୍ଧରେ ପ୍ରଚାରପାଇଁ ରାଜ୍ୟଗୋଷ୍ଠୀ ସମ୍ପର୍କ ଦପ୍ତର ଅଫିସ୍ ଦୁଃଖ ପ୍ରକାଶ କରିଛନ୍ତି।

ଭାରତ ସରକାରଙ୍କଦ୍ୱାରା ୧୨୫ କୋଟି ଟଙ୍କା ବ୍ୟୟରେ ଆଉ ୭ଟି ବୃହତ୍ ଶିଳ୍ପ ପ୍ରତିଷ୍ଠାନର କାର୍ଯ୍ୟ ଆରମ୍ଭ ହେବ ବୋଲି ଘୋଷଣା କରାଗଲା।

କ୍ଷୁଦ୍ର ଶିଳ୍ପପାଇଁ ଗୋଟିଏ ଯୌଥ କମ୍ପାନୀ ଗଠନ କରିବାର ନୀତି ଓଡ଼ିଶା ସରକାର ଗ୍ରହଣ କଲେ।

✻ ୨୩ । ୯ । ୬୧ ✻

କାଟାଙ୍ଗାରେ ଥିବା ଦୁଇଶତ ଭଡ଼ାଟିଆ ବିଦେଶୀ ସୈନ୍ୟଙ୍କ ଉପରୁ ଜାତିସଂଘ କଟକଣା କୋହଳ କରିବେ ନାହିଁ ବୋଲି ସ୍ଥିର କଲେ।

ଭାରତ ସରକାର କାଟାଙ୍ଗାରେ ଥିବା ଭାରତୀୟ ବିମାନ-ବାହିନୀର ଆବଶ୍ୟକତା ପର୍ଯ୍ୟବେକ୍ଷଣ କରିବାଲାଗି ଭାଇସ୍ ମାର୍ଶାଲ୍ ପିଣ୍ଟୋଙ୍କ ନେତୃତ୍ୱାଧୀନରେ ଏକ ତିନିଜଣିଆ ପ୍ରତିନିଧିଦଳଙ୍କୁ କାଟାଙ୍ଗା ପଠାଇଲେ।

ପୃଥିବୀର ନଡ଼ିଆ ଉତ୍ପାଦନକାରୀ ଦେଶମାନଙ୍କ ମଧ୍ୟରେ ୪,୧୫,୦୦୦ ଲକ୍ଷ ନଡ଼ିଆ ଆମଦାନୀ କରି ଭାରତ ପୃଥିବୀରେ ଦ୍ୱିତୀୟ ସ୍ଥାନ ଅଧିକାର କଲା।

✻ ୨୪ । ୯ । ୬୧ ✻

ଶ୍ରୀ ବି. କେ. ନେହରୁ ଆମେରିକାରେ ପ୍ରେସିଡେଣ୍ଟ କେନେଡିଙ୍କୁ ଭାରତୀୟ ରାଷ୍ଟ୍ରଦୂତ ହିସାବରେ ପରିଚୟ-ପତ୍ର ପ୍ରଦାନ କରିଥିଲେ।

ଚିତ୍ତରଞ୍ଜନଠାରେ ପ୍ରଥମ ବିଦ୍ୟୁତ୍‌ଚାଳିତ ଇଂଜିନ ତିଆରି ହେଲା। ୧୪ ଅକ୍ଟୋବରରେ ଶ୍ରୀ ନେହରୁ ଏହାକୁ ଚାଲୁ କରିବେ।

କଟକରେ ଅତ୍ୟଧିକ ବର୍ଷାଯୋଗୁ ୧୬୦ଟି ପକାଘର ଓ ୫,୮୩୫ଟି କଚ୍ଚାଘର ଭୁଶୁଡ଼ି ପଡ଼ିଥିଲା। ୬୦୦୦ ଲୋକଙ୍କୁ ସ୍କୁଲ୍, କଲେଜ ଓ ବାରବାଟି ଷ୍ଟାଡିୟମରେ ଆଶ୍ରୟ ଦିଆଯାଇଥିଲା।

✻ ୨୫ । ୯ । ୬୧ ✻

ପ୍ରେସିଡେଣ୍ଟ କେନେଡ଼ି ଜାତିସଂଘ ସାଧାରଣ ଅଧିବେଶନରେ ପ୍ରଥମ ଥରପାଇଁ ଦେଖାଦେଇ କହିଲେ ଯେ ଆକ୍ରମଣର ପ୍ରତିରୋଧପାଇଁ ଯୁକ୍ତରାଷ୍ଟ୍ରର ଯଥେଷ୍ଟ ଶକ୍ତି ଏବଂ ଅଧିକାର ଅଛି। ସେ ଋଷକୁ 'ଅସ୍ତ୍ରପ୍ରତିଯୋଗିତା' ସ୍ଥଳେ 'ଶାନ୍ତିପ୍ରତିଯୋଗିତା' ପାଇଁ ଆହ୍ୱାନ କରିଥିଲେ।

୧୯୬୨-୬୩ ମସିହାରେ ଦକ୍ଷିଣାଞ୍ଚଳପାଇଁ ଗୋଟିଏ ଆଞ୍ଚଳିକ ଟ୍ରେନିଂ କଲେଜ ଭୁବନେଶ୍ୱରଠାରେ ଖୋଲିବାପାଇଁ କେନ୍ଦ୍ର ସରକାର ସ୍ଥିର କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ୧୦୦ ଏକର ଜମି ଯୋଗାଇ

# ଉତ୍କଳ ପ୍ରସଙ୍ଗ

ହେଉଅଛନ୍ତି । ଏ କଲେଜଟି ରାଜ୍ୟ ସରକାରଙ୍କ ନିୟନ୍ତ୍ରଣାଧୀନରେ ରହିବ ।

✲ ୨୬ । ୯ । ୬୧ ✲

ସୋଭିଏଟ୍ ବୈଦେଶିକମନ୍ତ୍ରୀ ଗ୍ରୋମିକୋ ଘୋଷଣା କଲେ ଯେ ଏବର୍ଷ ଶେଷ ପୂର୍ବରୁ ଜର୍ମାନ ସହିତ ଯେକୌଣସି ମତରେ ଶାନ୍ତି ଚୁକ୍ତି ସମ୍ପାଦନ କରିବାକୁ ହେବ ।

ଓଡ଼ିଶାର ଅତିରିକ୍ତ ଡେଭଲପମେଣ୍ଟ କମିସନରଙ୍କର ସଭାପତିତ୍ୱରେ ୧୧ଜଣ ସଭ୍ୟଙ୍କୁ ନେଇ ଗୋଟିଏ କମିଟି ଓଡ଼ିଶାରେ ଗୁଆ ଓ ନଡ଼ିଆ ବୃକ୍ଷର ଉନ୍ନୟନ କାର୍ଯ୍ୟ ଦେଖିବାପାଇଁ ଗଠନ କରାଗଲା ।

ଉତ୍କଳ ରାଜ୍ୟ କୃଷାନ ସଙ୍ଘର ନେତୃତ୍ୱରେ ୨୦୦୦ କୃଷକ ଓଡ଼ିଶାରେ ପ୍ରଗତିମୂଳକ ଭୂସଂସ୍କାର ଦାବୀ କରି ଓଡ଼ିଶା ବିଧାନସଭା ସମ୍ମୁଖରେ ଏକତ୍ରିତ ହୋଇଥିଲେ ।

✲ ୨୭ । ୯ । ୬୧ ✲

କେନ୍ଦ୍ର ଖାଦ୍ୟମନ୍ତ୍ରୀ ଶ୍ରୀ ପାଟିଲ୍ ଘୋଷଣା କଲେ ଯେ ଧାନ ଖରିଦ, ବିକ୍ରି, ବଣ୍ଟନ ତଥା ଏକରାଜ୍ୟରୁ ଅନ୍ୟ ରାଜ୍ୟକୁ ନେବାପାଇଁ ଥିବା ଯାବତୀୟ କଟକଣା ଉଠାଇ ନିଆଗଲା ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଓ ବିରୋଧୀଦଳର ନେତା ଶ୍ରୀ ସିଂହ ଦେଓ ନୂଆଦିଲ୍ଲୀଠାରେ ଜାତୀୟ ସଂହତିରକ୍ଷା କାଉନସିଲରେ ଯୋଗ ଦେବାକୁ ବିମାନଯୋଗେ ଭୁବନେଶ୍ୱରରୁ ଯାତ୍ରାକଲେ ।

ଭୁବନେଶ୍ୱରରୁ ଦୁଇମାଇଲ ଦୂର ଏକସ୍ଥାନରେ ଓଡ଼ିଶାର ଆଇନମନ୍ତ୍ରୀ ଶ୍ରୀ ସାରେନ୍ ମିଶ୍ର ଗାଡ଼ି-ଦୁର୍ଘଟଣାରେ ପଡ଼ିଥିଲେ । ମନ୍ତ୍ରୀଙ୍କ ଡାହାଣହାତ ଏହାଫଳରେ ଭାଙ୍ଗିଗଲା ।

କଟକରେ ଶ୍ରୀ ବିଜୟାନନ୍ଦ ପଟ୍ଟନାୟକଙ୍କ ବିରୁଦ୍ଧରେ ହୋଇଥିବା ନିର୍ବାଚନ ମକଦ୍ଦମାର ଶୁଣାଣି ଆରମ୍ଭ ହେଲା ।

✲ ୨୮ । ୯ । ୬୧ ✲

ନୂଆଦିଲ୍ଲୀରେ ଜାତୀୟ ସଂହତିରକ୍ଷା କାଉନସିଲର ବୈଠକ ଆରମ୍ଭ ହେଲା ।

ଜାତିସଂଘ କାଟାଙ୍ଗାରୁ ଭଡାଟିଆ ଇଉରୋପୀୟ ସୈନ୍ୟଙ୍କୁ ବହିଷ୍କାର କରିବାପାଇଁ କାଟାଙ୍ଗାର ପ୍ରେସିଡେଣ୍ଟଙ୍କୁ କେତେକ ଦିନ ମାତ୍ର ସମୟ ଦେଲେ ।

✲ ୨୯ । ୧୧ । ୬୧ ✲

ସିରିଆରେ ଶ୍ରୀ କୁଜେରୀଙ୍କ ଅଧିନାୟକତ୍ୱରେ ଗୋଟିଏ ମନ୍ତ୍ରିମଣ୍ଡଳ ଗଠନ କରାଗଲା ।

ସିରିଆ ବିରୁଦ୍ଧରେ ଯୁଦ୍ଧ ଅଭିଯାନକୁ ପ୍ରେସିଡେଣ୍ଟ ନାସେର ପ୍ରତ୍ୟାହାର କରିନେଲେ ।

ପ୍ରଧାନମନ୍ତ୍ରୀ ନେହରୁ ଦିଲ୍ଲୀଠାରେ ଗାନ୍ଧୀମେଳା ଉଦ୍‌ଘାଟନ କଲେ ।

ଓଡ଼ିଶାରେ ଗୋଟିଏ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସ୍ଥାପନପାଇଁ ଗୋଟିଏ ଗଠା ଆଇନ ଓଡ଼ିଶା ବିଧାନସଭାରେ ଗୃହୀତ ହେଲା । ଏହା ଭାରତର ଦ୍ୱିତୀୟ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ହେବ । ପ୍ରଥମଟି ଉତ୍ତର ପ୍ରଦେଶର ରୁଦ୍ରପୁରଠାରେ ସ୍ଥାପିତ ହୋଇଛି ।

✲ ୩୦ । ୯ । ୬୧ ✲

ଆଜ ଜାତୀୟ ସଂହତିରକ୍ଷା କାଉନସିଲରେ ପ୍ରଧାନମନ୍ତ୍ରୀ ନେହରୁଙ୍କର ସଭାପତିତ୍ୱରେ ଗୋଟିଏ ୩୬ ଜଣିଆ ସମିତି ଗଢ଼ାଯିବାର ସ୍ଥିର ହେଲା ।

ଚୀନ କମ୍ୟୁନିଷ୍ଟ ପାର୍ଟିର ଚେୟାରମ୍ୟାନ ଶ୍ରୀ ମାଓ ସେ-ତୁଙ୍ଗଙ୍କ ସହିତ ନେପାଳର ରାଜା ଓ ରାଣୀ ଦେଖା କରିଥିଲେ ।

ରାଷ୍ଟ୍ରପତି ଓଗଲ ଆଜଠାରୁ ତାଙ୍କ ହାତରେଥିବା ବିଶେଷ କ୍ଷମତାଗୁଡ଼ିକୁ ପ୍ରତ୍ୟାଖାନ କଲେ ।

ସିରିଆକୁ ପୁଣି ଥରେ ଜାତିସଂଘରେ ସଭ୍ୟ କରିନେବାକୁ ସିରିଆର ନୂତନ ସରକାର ଅନୁରୋଧ ଜଣାଇଲେ ।